# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ମେ' ୧୦/୨୦୨୩ (୧୬ ପୃଷ୍ଠା) | Bhubaneswar, Wednesday, May 10/2023 | Page 16 | ₹ 7.00 | SAMBALPUR

୪୯ଶ ଭାଗ ୧୬୪ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 164 | ମୂଲ୍ୟ ₹୭/-







ଦିଲ୍ଲୀର ବହୁଚର୍ଚ୍ଚିତ ଶ୍ରଦ୍ଧା ୱାଲ୍‌କର ହତ୍ୟା ମାମଲାରେ ମଙ୍ଗଳବାର ଅତିରିକ୍ତ ସେସନ୍ସ ଜଜ୍ କୋର୍ଟ ଅଭିଯୁକ୍ତ ଆଫତାବ୍ ପୁନାୱାଲାଙ୍କ ବିରୋଧରେ ଚାର୍ଜଫ୍ରେମ୍ କରିଛନ୍ତି। ତାଙ୍କ ବିରୋଧରେ ହତ୍ୟା ଓ ପ୍ରମାଣ ଲୁଚାଇବା ଅଭିଯୋଗ ହୋଇଛି। ଆଫତାବ ତାଙ୍କ ଲିଭ୍-ଇନ୍ ପାର୍ଟନର ଶ୍ରଦ୍ଧାଙ୍କୁ ହତ୍ୟା କରିବା ପରେ ପ୍ରମାଣ ଲୁଚାଇବାକୁ ଯାଇ ମୃତଦେହକୁ ୧୮ ଖଣ୍ଡ କରି ବିଭିନ୍ନ ସ୍ଥାନରେ ଫିଙ୍ଗିଥିଲେ। ତଦନ୍ତକାରୀ ଅଧିକାରୀ ଦାଖଲ କରିଥିବା ପ୍ରମାଣ ଓ ବୟାନକୁ ଅନୁଧ୍ୟାନ କରି ଅଭିଯୁକ୍ତଙ୍କ ବିରୋଧରେ ଆଇପିସିର ଧାରା ୩୦୨ ଏବଂ ୨୦୧ରେ ଚାର୍ଜଫ୍ରେମ୍ ହୋଇଛି।



## ସଂକ୍ଷେପରେ

### କୁନୋ ଜାତୀୟ ଉଦ୍ୟାନରେ ତୃତୀୟ ଚିତାର ମୃତ୍ୟୁ

**ଭୋପାଳ, ୯।୫:** ମଧ୍ୟପ୍ରଦେଶର କୁନୋ ଜାତୀୟ ଉଦ୍ୟାନରେ ମଙ୍ଗଳବାର ଦୁଇ ଦକ୍ଷିଣ ଆଫ୍ରିକୀୟ ଅଣ୍ଡିରା ଚିତାଙ୍କ ଆକ୍ରମଣରେ ଦକ୍ଷ ନାମକ ମାଈ ଚିତା ପ୍ରାଣ ହରାଇଛି। ଦକ୍ଷ ସହ ବାୟୁ ଏବଂ ଅଗ୍ନି ନାମକ ଦୁଇ ଅଣ୍ଡିରା ଚିତାଙ୍କର ହିଂସାତ୍ମକ ସଂଘର୍ଷ ହୋଇଥିଲା। ଏହି ସଂଘର୍ଷରେ ଦକ୍ଷ ପ୍ରାଣ ହରାଇଥିଲା ବୋଲି ଟାଇଗର ପ୍ରୋଜେକ୍ଟ ସହ ସମ୍ପୃକ୍ତ ଅଧିକାରୀ କହିଛନ୍ତି। ପୁରୁଷ ଚିତାମାନେ ସାଧାରଣତଃ ପରସ୍ପର ପ୍ରତି ଏବଂ ମାଈ ଚିତା ପ୍ରତି ଆକ୍ରମଣାତ୍ମକ ଆଚରଣ ଦେଖାଇଥାନ୍ତି। ଏଥିପାଇଁ ଦକ୍ଷିଣ ଆଫ୍ରିକାରେ ୮ ପ୍ରତିଶତ ଚିତାଙ୍କ ମୃତ୍ୟୁ ଘଟୁଛି। ୨୦୨୨ ସେପ୍ଟେମ୍ବରରେ ପ୍ରଥମ ବ୍ୟାଚ୍ ଚିତାଙ୍କୁ କୁନୋ ଜଙ୍ଗଲ ମଧ୍ୟରେ ଛଡ଼ାଯିବା ପରେ ଗତ ୩ ମାସରେ ୩ଟି ଚିତାଙ୍କ ମୃତ୍ୟୁ ଘଟିଲାଣି।

### ମମତାଙ୍କୁ ଲିଗାଲ ନୋଟିସ ପଠାଇଲେ ବିବେକ ଅଗ୍ନିହୋତ୍ରୀ

**ମୁମ୍ବାଇ/କୋଲକାତା, ୯।୫(ପି.ଟି.):** 'ଦି କଶ୍ମୀର ଫାଇଲ୍ସ' ଚଳଚ୍ଚିତ୍ର ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିବା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ପ୍ରଯୋଜକ ବିବେକ ରଞ୍ଜନ ଅଗ୍ନିହୋତ୍ରୀ ଲିଗାଲ ନୋଟିସ୍ ପଠାଇଥିବା ମଙ୍ଗଳବାର କହିଛନ୍ତି। ତେବେ ଏନେଇ ସେମାନଙ୍କ ପାଖରେ କୌଣସି ସୂଚନା ନ ଥିବା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଅଧିକାରୀମାନେ କହିଛନ୍ତି। ସୋମବାର ମମତା ରାଜ୍ୟରେ 'ଦି କେରଲା ଷ୍ଟୋରି' ପ୍ରଦର୍ଶନକୁ ନିଷେଧ କରିବା ପାଇଁ ନିର୍ଦ୍ଦେଶ ଦେବା ଅବସରରେ 'ଦି କଶ୍ମୀର ଫାଇଲ୍ସ' ଚଳଚ୍ଚିତ୍ର ସମାଜର ଗୋଟିଏ ଗୋଷ୍ଠୀଙ୍କୁ ଅପମାନିତ କରିଥିବା ନେଇ ସମାଲୋଚନା କରିଥିଲେ। ଅଗ୍ନିହୋତ୍ରୀଙ୍କ ସହ ତାଙ୍କ ଅଭିନେତ୍ରୀ ସ୍ତ୍ରୀ ପଲ୍ଲଭି ଜୋଷୀ ଏବଂ ନିର୍ମାତା ଅଭିଷେକ ଅଗ୍ରୱାଲ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କୁ ଲିଗାଲ ନୋଟିସ ପଠାଇଛନ୍ତି। ସେ ଏହାର ଏକ ନକଲ ଟୁଇଟରରେ ପୋଷ୍ଟ କରିଛନ୍ତି।



ମମତା ବାନାର୍ଜୀ

### ୟୁପିରେ 'ଦି କେରଲା ଷ୍ଟୋରି' ଟିକସମୁକ୍ତ

**ଲକ୍ଷ୍ନୌ/ନୂଆଦିଲ୍ଲୀ, ୯।୫:** ପଶ୍ଚିମବଙ୍ଗ ସରକାର ବିବାଦୀୟ ଫିଲ୍ମ 'ଦି କେରଲା ଷ୍ଟୋରି'କୁ ବ୍ୟାନ୍ କରିବା ପରେ ମଙ୍ଗଳବାର ଉତ୍ତର ପ୍ରଦେଶରେ ଫିଲ୍ମକୁ ଟିକସମୁକ୍ତ ଘୋଷଣା କରାଯାଇଛି। ପଶ୍ଚିମବଙ୍ଗରେ ଫିଲ୍ମ ପ୍ରସାରଣକୁ ରୋକିବା ପାଇଁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନିର୍ଦ୍ଦେଶକୁ ବିରୋଧକରି ଚଳଚ୍ଚିତ୍ର ନିର୍ମାତା ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଦକ୍ଷିଣ ଭାରତରେ ଫିଲ୍ମର ସ୍କ୍ରିନିଂ ନେଇ ସୁରକ୍ଷା ଯୋଗାଇଦେବାକୁ ସେ ଦାବି କରିଛନ୍ତି।



ମସ୍କୋର ରେଡ୍ ସ୍କୋୟାରରେ ୭୮ତମ ଭିକ୍ଟ୍ରି ଡେ' ପାଳନ ଅବସରରେ ରୁଷିଆ ପକ୍ଷରୁ ଆନ୍ତଃ ମହାଦେଶୀୟ ଦୂରଗାମୀ କ୍ଷେପଣାସ୍ତ୍ର ବ୍ୟବସ୍ଥା ପ୍ରଦର୍ଶନ କରାଯାଇଛି।

# ପାଶ୍ଚାତ୍ୟ କରୁଛି ଅସଲ ଯୁଦ୍ଧ: ପୁଟିନ୍

**ମସ୍କୋ, ୯।୫**

ରୁଷିଆ ବିରୋଧରେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକ 'ଅସଲ ଯୁଦ୍ଧ' ଆରମ୍ଭ କରିଦେଇଛନ୍ତି ବୋଲି ବିଜୟ ଦିବସ ପରେଡ୍ ଅବସରରେ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ପ୍ରକାଶ କରିଛନ୍ତି। ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଜର୍ମାନୀର ନାଜିଙ୍କ ପରାଜୟକୁ ମନେପକାଇ ରୁଷିଆ ପ୍ରତିବର୍ଷ ମେ' ୯ରେ ଭିକ୍ଟ୍ରି ଡେ' ପାଳନ କରିଥାଏ। ଚଳିତବର୍ଷ ମସ୍କୋର ରେଡ୍ ସ୍କୋୟାରରେ କଡ଼ା ସୁରକ୍ଷା ବନ୍ଦୋବସ୍ତ ମଧ୍ୟରେ 'ଭିକ୍ଟ୍ରି ଡେ' ପାଳନ କରାଯାଇଛି। ପରେଡ୍ ଅଭିବାଦନ ଗ୍ରହଣ କରିବା ପରେ ପୁଟିନ୍ ନିଜ ସେନା ଓ ଦେଶବାସୀଙ୍କୁ ସମ୍ବୋଧିତ କରି କହିଛନ୍ତି, ମାନବ ସଭ୍ୟତା ପୁଣି ଥରେ ଏକ ନିର୍ଣ୍ଣାୟକ ମୋଡ଼ରେ ପହଞ୍ଚିଛି।



ଭ୍ଲାଡିମିର ପୁଟିନ୍

ୟୁକ୍ରେନ୍ ବିରୋଧରେ ରୁଷିଆ ସ୍ୱତନ୍ତ୍ର ସାମରିକ ଅଭିଯାନ କରୁଥିବାବେଳେ କିଭ୍‌ର ସହଯୋଗୀ ପାଶ୍ଚାତ୍ୟ ଆମ ଦେଶ ମାତୃକା ବିରୋଧରେ ଚଳାଇଥିବା ଛାୟାଯୁଦ୍ଧ ଏବେ ବାସ୍ତବ ଯୁଦ୍ଧରେ ପରିଣତ ହୋଇଛି। ଏହି ଅବସରରେ ପୁଟିନ୍ ୟୁକ୍ରେନ୍ ବିରୋଧରେ ଲଢୁଥିବା

## ବିଜୟ ଦିବସରେ ରୁଷୀୟ ସେନାର ଶକ୍ତି ପ୍ରଦର୍ଶନ

ସୈନ୍ୟମାନଙ୍କୁ ସ୍ୱାଗତ କରିଛନ୍ତି। ରେଡ୍ ସ୍କୋୟାରରେ ବିଜୟ ଦିବସ ପାଳନ ବେଳେ ରୁଷୀୟ ସେନା ପକ୍ଷରୁ କ୍ଷେପଣାସ୍ତ୍ର ମୁତୟନ କରି ସାମରିକ ଶକ୍ତି ପ୍ରଦର୍ଶନ କରାଯାଇଥିଲା। ଏହି ଦିବସକୁ ରୁଷିଆ ବଡ଼ ଧୁମଧାମରେ ପାଳନ କରିଥାଏ। କିନ୍ତୁ ନିକଟରେ ପୁଟିନ୍‌ଙ୍କୁ ଟାର୍ଗେଟ କରି ଡ୍ରୋନ୍ ଆକ୍ରମଣ କରାଯାଇଥିବାରୁ ସୁରକ୍ଷା ଦୃଷ୍ଟିରୁ ଏହାକୁ ଛୋଟ ଆକାରରେ ପାଳନ କରାଯାଇଛି। ପରେଡ୍‌ରେ ପ୍ରାୟ ୮,୦୦୦ ସୈନ୍ୟ ଭାଗନେଇଥିଲେ, ଯାହାକି ୨୦୦୮ ପରଠୁ ସର୍ବନିମ୍ନ। ପୁଟିନ୍ ଏଥର ୧୦ ମିନିଟ୍ ଭାଷଣ ଦେଇଥିଲେ।

## ୟୁକ୍ରେନ୍ ଉପରେ ରାତି ସାରା ମିଶାଇଲ୍ ମାଡ଼

ବିଜୟ ଦିବସର ଅବ୍ୟବହିତ ପୂର୍ବରୁ ସୋମବାର ରାତିସାରା କ୍ରେମ୍‌ଲିନ୍ ବଳ ୟୁକ୍ରେନ୍ ଉପରେ ୨୫ଟି କ୍ଷେପଣାସ୍ତ୍ର ମାଡ଼ କରିଛନ୍ତି। ସେଥିରୁ ୨୩ଟିକୁ ସଫଳତାର ସହ ଧ୍ୱସ୍ତ କରାଯାଇଥିବା ୟୁକ୍ରେନୀୟ ବାୟୁସେନା ପକ୍ଷରୁ କୁହାଯାଇଛି। ୟୁକ୍ରେନ୍ ଏୟାରଫୋର୍ସ ଏକ ଟେଲିଗ୍ରାମ୍ ପୋଷ୍ଟରେ କହିଛି, କୃଷ୍ଣସାଗରରେ ଯୁଦ୍ଧଜାହାଜରୁ ୮ଟି ଏବଂ ଷ୍ଟ୍ରାଟେଜିକ୍ ଏୟାରକ୍ରାଫ୍ଟରୁ ୧୭ଟି କାଲିବର କ୍ରୁଜ୍ ମିଶାଇଲ ଛଡ଼ାଯାଇଥିଲା।

# ମୁସଲମାନ କୋଟା ରଦ୍ଦ: ଶାହାଙ୍କ ବିବୃତିରେ ସୁପ୍ରିମକୋର୍ଟ କ୍ଷୁବ୍ଧ

**ନୂଆଦିଲ୍ଲୀ, ୯।୫(ପି.ଟି.)**

ବିଧାନସଭା ନିର୍ବାଚନ ପୂର୍ବରୁ କର୍ଣ୍ଣାଟକରେ ୪ ପ୍ରତିଶତ ମୁସଲମାନ କୋଟା ଉଚ୍ଛେଦ ଉପରେ ରାଜନୈତିକ ବିବୃତିକୁ ନେଇ ସୁପ୍ରିମକୋର୍ଟ ମଙ୍ଗଳବାର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଅଦାଲତରେ ବିଚାରାଧୀନ ଥିବା ମାମଲା ଉପରେ ରାଜନୈତିକ ମନ୍ତବ୍ୟ ଦେବା ଠିକ୍ ନୁହେଁ ବୋଲି ସର୍ବୋଚ୍ଚ ନ୍ୟାୟାଳୟ କହିବା ସହିତ ପବିତ୍ରତା ରକ୍ଷା କରାଯିବା ଆବଶ୍ୟକ ବୋଲି ମତ ଦେଇଛନ୍ତି। କର୍ଣ୍ଣାଟକ ବିଧାନସଭା ନିର୍ବାଚନର କିଛିଦିନ ପୂର୍ବରୁ ୪ ପ୍ରତିଶତ ମୁସଲିମ୍ କୋଟା ପ୍ରତ୍ୟାହାର କରିନେଇ ରାଜନୈତିକ ଦୃଷ୍ଟିରୁ ପ୍ରଭାବଶାଳୀ ଲିଙ୍ଗାୟତ ଏବଂ ଭୋକାଲିଗା ସମ୍ପ୍ରଦାୟକୁ ପ୍ରଦାନ କରାଯିବାରୁ ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ନିର୍ବାଚନ ପୂର୍ବରୁ ଉକ୍ତ ପ୍ରସଙ୍ଗ ଉଠାଇ ତାଙ୍କ ଦଳ ମୁସଲମାନ କୋଟା ପ୍ରତ୍ୟାହାର କରିନେଇଛି ବୋଲି ଗର୍ବର ସହ କହିଥିଲେ। ସ୍ୱରାଷ୍ଟ୍ର ମନ୍ତ୍ରୀ କ'ଣ ପାଇଁ ଏଭଳି ମନ୍ତବ୍ୟ ଦେଉଛନ୍ତି ବୋଲି ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଦୁଷ୍ୟନ୍ତ ଡାଭେ ପ୍ରଶ୍ନ କରିଥିଲେ। ଅଦାଲତରେ ବିଚାରାଧୀନ ଥିବା ମାମଲା ଏବଂ ମୁସଲମାନ କୋଟା ଉପରେ କୋର୍ଟ ନିର୍ଦ୍ଦେଶ ଥିବାରୁ ଉକ୍ତ ପ୍ରସଙ୍ଗରେ ରାଜନୈତିକ ବିବୃତି ଦିଆଯିବା ଉଚିତ ନୁହେଁ ବୋଲି ଜଷ୍ଟିସ୍ କେ.ଏମ୍. ଜୋସେଫ୍, ବି.ଭି. ନାଗରତ୍ନା ଏବଂ ଅହସାନୁଦ୍ଦିନ ଅମାନୁଲ୍ଲାଙ୍କ ଖଣ୍ଡପୀଠ କହିଛନ୍ତି। ରାଜ୍ୟର ଭାଜପା ସରକାର ମୁସଲମାନ କୋଟା ପ୍ରତ୍ୟାହାର କରିବା ନିଷ୍ପତ୍ତିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା।

# ବ୍ରିଜ୍‌ରୁ ବସ୍ ଖସି ୨୨ ମୃତ



**ଖରଗୋନ୍, ୯।୫**

ମଧ୍ୟପ୍ରଦେଶର ଖରଗୋନ୍ ଜିଲାରେ ମଙ୍ଗଳବାର ସକାଳେ ଏକ ବସ୍ ବ୍ରିଜ୍‌ରୁ ନଦୀକୁ ଖସିପଡ଼ିବାରୁ ୨୨ ଜଣଙ୍କ ମୃତ୍ୟୁ ଘଟିବା ସହ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୩ ଶିଶୁ ଓ ୧୦ ମହିଳା ଯାତ୍ରୀ ଅଛନ୍ତି। ଦୁର୍ଘଟଣାର ମାଜିଷ୍ଟ୍ରେଟ୍ ସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିବା ରାଜ୍ୟ ଗୃହମନ୍ତ୍ରୀ ନରୋତ୍ତମ ମିଶ୍ରା କହିଛନ୍ତି। ମର୍ମନ୍ତୁଦ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯାତ୍ରୀମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକବ୍ୟକ୍ତ କରିବା ସହ ସେମାନଙ୍କ ପରିବାରକୁ ୨ ଲକ୍ଷ ଟଙ୍କା ଲେଖାଏ ସହାୟତା ଘୋଷଣା କରିଛନ୍ତି।

ଡୋଙ୍ଗରଗାଁଓ ଗ୍ରାମ ନିକଟ ବୋରାଦ ନଦୀରେ ଏହି ଦୁର୍ଘଟଣା ଘଟିଛି। ୫୦ ଜଣ ଯାତ୍ରୀଙ୍କୁ ନେଇ ଯାଉଥିବା ବସ୍‌ଟି ଦାସଙ୍ଗ ବ୍ରିଜ୍ ରେଲିଂ ଭାଙ୍ଗି ଶୁଷ୍କ ନଦୀଶଯ୍ୟାରେ ଖସିପଡ଼ିଥିଲା। ଆହତ ଯାତ୍ରୀଙ୍କୁ ଖରଗୋନ୍ ଜିଲା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ମୃତକଙ୍କ ପରିବାର ପାଇଁ ୪ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ସେହିପରି ଗୁରୁତର ଆହତଙ୍କ ପାଇଁ ୫୦ ହଜାର ଏବଂ ସାମାନ୍ୟ ଆହତଙ୍କୁ ୨୫ ହଜାର ଟଙ୍କା ଯୋଗାଇ ଦିଆଯିବ ବୋଲି ମିଶ୍ରା କହିଛନ୍ତି। ଆହତମାନଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ସରକାର ବହନ କରିବେ। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ବସ୍‌ରୁ ଯାତ୍ରୀମାନଙ୍କୁ ବାହାର କରି ଚିକିତ୍ସା ପାଇଁ ପଠାଇଥିଲେ। ବସ୍ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ଡ୍ରାଇଭରଙ୍କ ଆଖି ଲାଗିଯିବାରୁ ଦୁର୍ଘଟଣା ଘଟିଲା ବୋଲି କୁହାଯାଉଛି।

# କର୍ଣ୍ଣାଟକ ନିର୍ବାଚନ: ୩୭୫ କୋଟି ଟଙ୍କା ଜବତ

**ନୂଆଦିଲ୍ଲୀ, ୯।୫:** କର୍ଣ୍ଣାଟକ ବିଧାନସଭା ନିର୍ବାଚନ ବୁଧବାର ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ଉକ୍ତ ରାଜ୍ୟରୁ ଏପର୍ଯ୍ୟନ୍ତ ମୋଟ ୩୭୫ କୋଟି ଟଙ୍କା ଜବତ ହୋଇଥିବା ନିର୍ବାଚନ କମିଶନ ମଙ୍ଗଳବାର ସୂଚନା ଦେଇଛନ୍ତି। ରାଜ୍ୟରେ ଆଦର୍ଶ ଆଚରଣ ବିଧି ଲାଗୁ ହେବା ପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ୨୮ କୋଟି ଟଙ୍କା ମୂଲ୍ୟର ସମ୍ପତ୍ତି ବାଜ୍ୟାପ୍ତ କରିଛି। ୨୦୧୮ ବିଧାନସଭା ନିର୍ବାଚନ

## ୨୦୧୮ ତୁଳନାରେ ୪.୫ ଗୁଣ ଅଧିକ

ତୁଳନାରେ ଏଥର ୪.୫ ଗୁଣ ଅଧିକ ଅର୍ଥ ଜବତ ହୋଇଥିବା ଇସି କହିଛି। ଭୋଟରଙ୍କୁ ପ୍ରଭାବିତ କରିବା ଲାଗି ଏହି ଅର୍ଥ ଉଦ୍ଦିଷ୍ଟ ଥିବା କୁହାଯାଉଛି। କଡ଼ାକଡ଼ି ଯାଞ୍ଚ ସାଙ୍ଗକୁ ପଡୋଶୀ ରାଜ୍ୟ ସହ ଯୋଗାଯୋଗ ଓ ଗୋଇନ୍ଦା ସଂସ୍ଥାଗୁଡ଼ିକ ମଧ୍ୟରେ ସମନ୍ୱୟ ଯୋଗୁ ଏତେ ପରିମାଣରେ ଟଙ୍କା ଜବତ ହୋଇପାରିଛି। ଜବତ ନଗଦ ଅର୍ଥ ପରିମାଣ ୧୪୭.୪୬ କୋଟି ଟଙ୍କା ହୋଇଥିବାବେଳେ ୮୩.୬୬ କୋଟି ଟଙ୍କାର ମଦ ଜବତ ହୋଇଛି। ଏହାବ୍ୟତୀତ ୨୩.୬ କୋଟି ଟଙ୍କାର ଡ୍ରଗ୍ସ, ୯୬.୬ କୋଟି ଟଙ୍କା ମୂଲ୍ୟବାନ ଧାତୁ ଏବଂ ୨୪.୨୧ କୋଟି ଟଙ୍କା ମୂଲ୍ୟର ଉପହାର ଜବତ ହୋଇଥିବା ନିର୍ବାଚନ କମିଶନ ସୂଚନା ଦେଇଛନ୍ତି।

## ଖସୁଛି ୧,୩୬୦ କିଲୋ ଓଜନର ସାଟେଲାଇଟ୍

**ନୂଆଦିଲ୍ଲୀ, ୯।୫:** ୟୁରୋପୀୟ ମହାକାଶ ସଂସ୍ଥା ୫ ବର୍ଷ ପୂର୍ବରୁ ପଠାଇଥିବା ୧,୩୬୦ କିଲୋଗ୍ରାମ ଓଜନର ସାଟେଲାଇଟ୍ ଏଓଲସ୍ ପୃଥିବୀ ପୃଷ୍ଠକୁ ଖସିବାକୁ ଯାଉଛି। ଇତିମଧ୍ୟରେ ଏହାର ଇନ୍ଧନ ଶେଷ ହୋଇଯାଇଛି। ବାୟୁମଣ୍ଡଳର ଆକର୍ଷଣ ଏବଂ ସୂର୍ଯ୍ୟଙ୍କଠାରୁ ଆସୁଥିବା ପ୍ଲାଜ୍ମା ତରଙ୍ଗ ପ୍ରଭାବରେ ଏହା ପୃଥିବୀ ଆଡକୁ ଖସୁଛି।

# ଗାଜାରେ ଇସ୍ରାଏଲ୍ ଆକ୍ରମଣ: ୧୩ ମୃତ

**ଜେରୁଜେଲମ, ୯।୫**

ଇସ୍ରାଏଲ୍ ଆକ୍ରମଣରେ ଗାଜାରେ ୧୩ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ପାଲେଷ୍ଟିନୀୟ ଇସ୍‌ଲାମିକ୍ ଜିହାଦ (ପିଆଇଜେ) ଗ୍ରୁପ୍‌ର ୩ ନେତା, ଜିହାଦ ଅଲ-ଘାମନ, ଖାଲିଲ ଅଲ- ବାହଟିନି ଏବଂ ତାରିକ ଇଜ୍ ଅଲ-ଦିମ ଅଛନ୍ତି। ଆକ୍ରମଣରେ ୨୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି। ସୋମବାର ରାତି ୨ଟାବେଳେ ଗାଜା ଉପରେ ଇସ୍ରାଏଲ୍ ଆକ୍ରମଣ କରିଥିଲା। ଏଥିରେ ୪୦ରୁ ଊର୍ଦ୍ଧ୍ୱ ଯୁଦ୍ଧ ବିମାନ ବ୍ୟବହାର କରାଯାଇଥିଲା।

# ଆସାମରେ ବହୁବିବାହ ପ୍ରଥା ବନ୍ଦ ଲାଗି ଯୋଜନା

**ଗୁଆହାଟୀ, ୯।୫:** ଆସାମ ସରକାର ବହୁବିବାହ ପ୍ରଥା ଉପରେ ନିଷିଦ୍ଧାଦେଶ ଲଗାଇବାକୁ ଯାଉଛନ୍ତି। ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଏହି ସୂଚନା ଦେଇଛନ୍ତି। ଉକ୍ତ ନିଷ୍ପତ୍ତି କେତେଦୂର ଆଇନସଙ୍ଗତ ତାହା ଅନୁଧ୍ୟାନ କରିବା ଲାଗି ସରକାର ଏକ ବିଶେଷଜ୍ଞ କମିଟି ଗଠନ କରିବେ। ବହୁବିବାହ ପ୍ରଥା ବନ୍ଦ କରିବା କ୍ଷମତା ରାଜ୍ୟ ସରକାରଙ୍କର ରହିଛି କି ନାହିଁ ତାହା ବିଶେଷଜ୍ଞ କମିଟି ଅନୁଧ୍ୟାନ କରିବ। ଉକ୍ତ କମିଟି ମୁସଲମାନ ପର୍ସନାଲ ଲ' (ଶାରିଆତ୍) ଆଇନ, ୧୯୩୭ ଏବଂ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୨୫ ସମେତ ରାଷ୍ଟ୍ର ନୀତି ନିର୍ଦ୍ଧାରକ ସିଦ୍ଧାନ୍ତର ଅନୁଧ୍ୟାନ କରି ରିପୋର୍ଟ ଦେବ ବୋଲି ମୁଖ୍ୟମନ୍ତ୍ରୀ ଟୁଇଟ୍ କରିଛନ୍ତି।

# ଡିଆର୍‌ଡିଓ ବୈଜ୍ଞାନିକଙ୍କ ହାଜତ ମିଆଦ ୧୫ ଯାଏ ବଢ଼ିଲା

## ପାକିସ୍ତାନ ଲିଙ୍କ୍ ଅଭିଯୋଗରେ ଗିରଫ ହୋଇଥିଲେ

**ନୂଆଦିଲ୍ଲୀ, ୯।୫**

ପାକିସ୍ତାନକୁ ଗୁପ୍ତ ତଥ୍ୟ ଯୋଗାଉଥିବା ଅଭିଯୋଗରେ ଗତ ୩ ତାରିଖରେ ପୁଣେରୁ ଗିରଫ ହୋଇଥିବା ଡିଆର୍‌ଡିଓ ବୈଜ୍ଞାନିକ ପ୍ରଦୀପ କୁରୁଲ୍‌କର(୫୯)ଙ୍କ ହାଜତ ମିଆଦକୁ ମେ' ୧୫ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ନଭେମ୍ବରରେ ଅବସର ନେବାକୁ ଥିବା ପ୍ରଦୀପ ହନିଟ୍ରାପ୍‌ରେ ଫସି କେତେଜଣ ପାକିସ୍ତାନୀଙ୍କ ସହ ଯୋଗାଯୋଗରେ ଥିଲେ ବୋଲି ଅଭିଯୋଗ ହୋଇଛି। ଅତିରିକ୍ତ ସେସନ୍ସ ଜଜ୍ ଏସ୍.ଆର୍. ନଭନ୍ଦରଙ୍କ ଅଦାଲତ ପ୍ରଦୀପଙ୍କ ହାଜତ ମିଆଦକୁ ୭ ଦିନ ବଢ଼ାଇଛନ୍ତି। ତାଙ୍କୁ ମହାରାଷ୍ଟ୍ର ଆଣ୍ଟି ଟେରୋରିଜମ୍ ସ୍କ୍ୱାଡ୍ ହାଜତରେ ରଖାଯାଇଛି। ତାଙ୍କଠାରୁ ଜବତ ହୋଇଥିବା ଇଲେକ୍ଟ୍ରୋନିକ୍ ଉପକରଣର ତଥ୍ୟ ଅନୁଶୀଳନ କରାଯାଉଥିବାରୁ ଅଧିକ ଦିନ ହାଜତରେ ରଖିବା ଲାଗି ଏଟିଏସ୍ ପକ୍ଷରୁ କୋର୍ଟଙ୍କୁ ଅନୁରୋଧ କରାଯାଇଥିଲା। ଗିରଫ ହେବା ପରେ ପ୍ରଦୀପଙ୍କୁ ଡିଆରଡିଓ ଚାକିରିରୁ ନିଲମ୍ବନ କରିଥିଲା। ଗୁପ୍ତଚର ବୃତ୍ତି ଏବଂ ଭୁଲ୍ ଯୋଗାଯୋଗ ପାଇଁ ତାଙ୍କ ବିରୋଧରେ ସରକାରୀ ଗୋପନୀୟତା ଆଇନ (ଓଏସ୍ଏ) ଅନୁଯାୟୀ ମାମଲା ରୁଜୁ ହୋଇଛି।



ପ୍ରଦୀପ କୁରୁଲ୍‌କର



# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ମେ ୧୦/୨୦୨୩ | Bhubaneswar, Wednesday, May 10/2023 | ପୃଷ୍ଠା-୧




**ଚାଇୱ୍ରାଇ ପ୍ଲେୟର ଅଫ୍ ଦି ମନ୍ଥ**

ଥାଇଲାଣ୍ଡ ମହିଳା କ୍ରିକେଟ ଦଳର ଅଧିନାୟିକା ନାରୁଏମଲ ଚାଇୱ୍ରାଇ ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ ବିବେଚିତ ହୋଇଛନ୍ତି।

୦୯

୧୨

**୭.୮ କୋଟି ଟଙ୍କାର ଘର କିଣିଲେ ସାମନ୍ଥା**

ସାଉଥ୍ ଅଭିନେତ୍ରୀ ସାମନ୍ଥା ରୁଥ ପ୍ରଭୁ ମଙ୍ଗଳବାର ୭.୮ କୋଟି ଟଙ୍କାରେ ହାଇଦ୍ରାବାଦର ଜୟାଭେରି ଅରେଞ୍ଜ କଣ୍ଟ୍ରିରେ ଏକ ଘର କିଣିଛନ୍ତି।





ଯାଜପୁର ଜିଲା ଧର୍ମଶାଳା ବ୍ଲକ ଦଣ୍ଡସଣାରେ ବରିଷ୍ଠ ନାଗରିକମାନେ ବାର୍ଦ୍ଧକ୍ୟ ଭତ୍ତା ପାଇବା ପାଇଁ ବ୍ୟାଙ୍କର ବ୍ୟବସାୟିକ ପ୍ରତିନିଧିଙ୍କୁ ଅପେକ୍ଷା କରି ରହିଛନ୍ତି।

# ବୃଦ୍ଧାବୃଦ୍ଧଙ୍କୁ ଡିଜିଟାଲ ଯନ୍ତ୍ରଣା

***ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଡିଜିଟାଲ ମାଧ୍ୟମରେ ଭତ୍ତା ପ୍ରଦାନ କରିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଜାରି କରିଛନ୍ତି। ଭତ୍ତା ପ୍ରଦାନରେ ଅନିୟମିତତା ଏବଂ ଦୁର୍ନୀତିକୁ ନିୟନ୍ତ୍ରଣ କରିବାକୁ ଯାଇ ସରକାର ଏଭଳି ପଦକ୍ଷେପ ନେଇଛନ୍ତି। କିନ୍ତୁ ଉପଯୁକ୍ତ ଭିତ୍ତିଭୂମି ସାଙ୍ଗକୁ ଅଧିକାରୀ ଓ କର୍ମଚାରୀଙ୍କ ଆନ୍ତରିକତାର ଅଭାବ ଯୋଗୁ ଏହି ଯୋଜନାର ଓଲଟା ଫଳ ଦେଖିବାକୁ ମିଳୁଛି। ଗ୍ରାମାଞ୍ଚଳରେ ବୃଦ୍ଧାବୃଦ୍ଧଙ୍କୁ ଡିଜିଟାଲ ମାଧ୍ୟମରେ ସହଜରେ ଭତ୍ତା ମିଳିବ ବୋଲି ଯେଉଁ ଆଶା କରାଯାଉଥିଲା ତାହା ଦୁର୍ଦ୍ଦଶା ପାଲଟିଛି। ଫିଙ୍ଗରପ୍ରିଣ୍ଟ ଓ ଇଣ୍ଟରନେଟ୍ ଭଳି ସମସ୍ୟା ଯୋଗୁ ପ୍ରାପ୍ତ ବୟସରେ ଏହି ହିତାଧିକାରୀମାନେ ବହୁ ହଇରାଣ ହେବା ସହ ୩ରୁ ୪ ମାସ ହେବ ଭତ୍ତା ପାଇ ନ ଥିବା ଅଭିଯୋଗ ହୋଇଛି।***

**ଯାଜପୁର ଅଫିସ,୯।୫**

ଯାଜପୁର ଜିଲା ଜେନାପୁର ଅଞ୍ଚଳର ହିତାଧିକାରୀ କ୍ଷେତ୍ରବାସୀ ରାଉତ କୁହନ୍ତି, ସେ ଦୈନିକ ବ୍ୟାଙ୍କ ଦୌଡ଼ି ଦୌଡ଼ି ନିରାଶ ହୋଇ ଖାଲି ହାତରେ ଫେରୁଛନ୍ତି। ବ୍ୟାଙ୍କ ବାଲା କହୁଛନ୍ତି ଟଙ୍କା ଆସିନାହିଁ। ଏହାସହ ବ୍ଲକ ଅଫିସ୍‌କୁ ଯାଇ ନିରାଶ ହୋଇଛନ୍ତି। ପରିଣତ ବୟସରେ ଏଭଳି ଅବସ୍ଥା ଭୋଗିବାକୁ ପଡୁଛି। ଔଷଧ ଖାଇବା ମଧ୍ୟ ଜଟିଳ ହୋଇଗଲାଣି। ଅନ୍ୟଜଣେ ହିତାଧିକାରୀ ନଟବର ଦଳାଇ କୁହନ୍ତି, ବ୍ୟାଙ୍କ, ପଞ୍ଚାୟତ, ବ୍ଲକ କାର୍ଯ୍ୟାଳୟକୁ ଗଲେ ଅଫିସରମାନେ କିଛି ସ୍ପଷ୍ଟ ଉତ୍ତର ଦେଉନାହାନ୍ତି। ବ୍ୟାଙ୍କରେ ଜମା ହୋଇଛି, ସେଠାକୁ ଯାଅ କହି ସେମାନେ ଫେରାଇ ଦେଉଛନ୍ତି। ପୂର୍ବ ଭଳି ପଞ୍ଚାୟତ ମାଧ୍ୟମରେ ଭତ୍ତା ଦେଲେ ଆମେ ଏତେ ଅସୁବିଧାର ସମ୍ମୁଖୀନ ହୁଅନ୍ତୁ ନାହିଁ। ବରିଷ୍ଠ ନାଗରିକ ସତ୍ୟଭାମା ଭୁୟାଁ କହିଛନ୍ତି, ବ୍ୟାଙ୍କ ଜମା ଖାତାରେ ଟଙ୍କା ଆସିଲା ଦିନରୁ ବହୁତ ହଇରାଣ ହେବାକୁ ପଡୁଛି। କାରଣ ବ୍ୟାଙ୍କରେ କେତେବେଳେ ଲିଙ୍କ୍ ନାହିଁ ତ ପୁଣି କେବେ ଟିପ ଚିହ୍ନ ମେସିନ କାମରେ ଲାଗୁ ନାହିଁ। ଘଣ୍ଟା ଘଣ୍ଟା ଧରି ଏହି ବୟସରେ ଛିଡ଼ା ହେବାକୁ ପଡୁଛି। ପୂର୍ବଭଳି ପଞ୍ଚାୟତରେ ଭତ୍ତା ଦେଲେ ସହଜରେ ଉପକୃତ ହୋଇପାରନ୍ତେ ବୋଲି ସେ କହିଛନ୍ତି।

ଗ୍ରାମାଞ୍ଚଳରେ ବୃଦ୍ଧାବୃଦ୍ଧଙ୍କୁ ଭତ୍ତା ପାଇବା ପାଇଁ ୪ରୁ ୫ କିମି ଚାଲିବାକୁ ପଡୁଛି। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଭତ୍ତା ଟଙ୍କା ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ଜମା କରିବା ବ୍ୟବସ୍ଥା କରାଯାଉଛି। ସହଜରେ ଟଙ୍କା ମିଳିଲେ ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କୁହାଯାଉଛି। କିନ୍ତୁ ଅଧିକାଂଶ ହିତାଧିକାରୀ ବହୁ ଦିନ ହେଲା ଭତ୍ତା ଟଙ୍କା ପାଇ ପାରି ନ ଥିବା ଅଭିଯୋଗରୁ ଜଣାପଡ଼ିଛି। ବ୍ୟାଙ୍କ, ପଞ୍ଚାୟତ ଓ ବ୍ଲକ କାର୍ଯ୍ୟାଳୟକୁ ସେମାନେ ବାରମ୍ବାର ଯାଇ ଆଧାର କାର୍ଡ, ଭତ୍ତା ବହି, ବ୍ୟାଙ୍କ ପାସ୍‌ବୁକ୍ ଜେରକ୍ସ ଦେଉଛନ୍ତି। ହେଲେ ଭତ୍ତା ଟଙ୍କା ପାଇପାରୁନାହାନ୍ତି। ଏହା ସରକାରୀ ବ୍ୟବସ୍ଥା ପ୍ରତି ବିତୃଷ୍ଣାଭାବ ସୃଷ୍ଟି କରିବା ସହ ଭତ୍ତା ଅର୍ଥ ବାଟମାରଣା ହେଉଥିବା ସନ୍ଦେହକୁ ଦୃଢ଼ୀଭୂତ କରୁଛି। ଭତ୍ତା ପାଉଥିବା ଅଧିକାଂଶ ହିତାଧିକାରୀ ୬୦ ବର୍ଷ ବୟସରୁ ଅଧିକ ହୋଇଥିବାରୁ ପଞ୍ଚାୟତରେ ବ୍ୟାଙ୍କ ତରଫରୁ ନିୟୋଜିତ ଥିବା ବ୍ୟବସାୟିକ ପ୍ରତିନିଧି (ବିସି)ଙ୍କ ପିଓସି ମେଶିନରେ ଫିଙ୍ଗରପ୍ରିଣ୍ଟ ସଫଳ ହେଉନାହିଁ। ଏଥିଯୋଗୁ ସେମାନଙ୍କୁ ବ୍ୟାଙ୍କକୁ ଯିବାକୁ ପଡୁଛି, ଯାହାକି ସେମାନଙ୍କ ପାଇଁ କଷ୍ଟସାଧ୍ୟ ହୋଇପଡୁଛି। କିଏ ଆଶା ବାଡ଼ି ତ କିଏ ଅଟୋରେ ଯାଇ ୫୦୦ ଟଙ୍କା ଭତ୍ତା ପାଇଁ ୨୦୦ ଟଙ୍କା ଭଡ଼ା ଦେଉଛନ୍ତି। ଏହି ସମସ୍ୟାର ତ୍ୱରିତ ସମାଧାନ ପାଇଁ ସେମାନେ ନିବେଦନ କରିଛନ୍ତି। ଯାଜପୁର ଜିଲାରେ ୬୧,୨୧୧ ଜଣ ବ୍ୟକ୍ତି ବାର୍ଦ୍ଧକ୍ୟ ଭତ୍ତା, ୧୯,୬୪୪ ବିଧବା ଭତ୍ତା ଓ ☞ପୃଷ୍ଠା-୨

# ଦୁର୍ନୀତି ମାମଲାରେ ଇମ୍ରାନ୍ ଗିରଫ

**ଇସ୍‌ଲାମାବାଦ/ଲାହୋର,୯।୫**



ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ମଙ୍ଗଳବାର ଏକ ଜମି ଦୁର୍ନୀତି ମାମଲାରେ ଗିରଫ ହୋଇଛନ୍ତି। ଉକ୍ତ ମାମଲାର ଶୁଣାଣି ପାଇଁ ସେ ଇସ୍‌ଲାମାବାଦ ହାଇକୋର୍ଟରେ ହାଜର ହେବା ପାଇଁ ଯାଉଥିବାବେଳେ ସେଠାରେ ଅର୍ଦ୍ଧସାମରିକ ରେଞ୍ଜର୍ସ ତାଙ୍କୁ କାବୁ କରିଛନ୍ତି। ଦେଶର ଶକ୍ତିଶାଳୀ ସେନା ତାଙ୍କୁ ହତ୍ୟା ପାଇଁ ଷଡ଼ଯନ୍ତ୍ର ରଚିଥିବା ଅଭିଯୋଗ ଆଣିବାର ଦିନକ ପରେ ଇମ୍ରାନ୍‌ଙ୍କୁ ଗିରଫ କରାଯାଇଛି। ଏହାର ପ୍ରତିବାଦରେ ଇମ୍ରାନ୍‌ଙ୍କ ସମର୍ଥକମାନେ ରାସ୍ତାକୁ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ ସହ ଦଙ୍ଗା ସ୍ଥିତି ସୃଷ୍ଟି କରିଛନ୍ତି। ଇସ୍‌ଲାମାବାଦ ସମେତ ଆଉ କେତେକ ସହରରେ ୧୪୪ ଧାରା ଜାରି କରାଯାଇଛି।

କ୍ରିକେଟରରୁ ରାଜନେତା ସାଜିଥିବା ୭୦ ବର୍ଷୀୟ ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ (ପିଟିଆଇ) ଅଧ୍ୟକ୍ଷ ଇମ୍ରାନ୍ ମଙ୍ଗଳବାର ଲାହୋରରୁ ରାଜଧାନୀ ଇସ୍‌ଲାମାବାଦକୁ ଯାଇଥିଲେ। ସେ ହାଇକୋର୍ଟରେ ବାୟୋମେଟ୍ରିକ୍ ପ୍ରକ୍ରିୟା ଦେଇ ଗତିକରୁଥିବାବେଳେ ରେଞ୍ଜର୍ସ ଝରକା କାଚ ଭାଙ୍ଗି ଇମ୍ରାନ୍‌ଙ୍କ ସୁରକ୍ଷା କର୍ମୀଙ୍କୁ ମାଡ଼ ମାରିବା ସହ ତାଙ୍କୁ ଗିରଫ କରିଥିବା ଦଳର ବରିଷ୍ଠ ନେତା ଶିରିନ୍ ମଜାରି କହିଛନ୍ତି। ରେଞ୍ଜରମାନେ ଇମ୍ରାନ୍‌ଙ୍କ କଲର ଧରି ତାଙ୍କୁ ଏକ ପ୍ରିଜନ୍ ଭ୍ୟାନ୍ ଭିତରକୁ ଠେଲିଦେଉଥିବା ଦୃଶ୍ୟ ଟିଭି ଚ୍ୟାନେଲଗୁଡ଼ିକରେ ପ୍ରସାରିତ ହୋଇଛି। ଗୃହ ମନ୍ତ୍ରଣାଳୟ ଅଧୀନରେ ଥିବା ରେଞ୍ଜର୍ସ ସେନା ଅଧିକାରୀମାନଙ୍କ ନିର୍ଦ୍ଦେଶରେ ପରିଚାଳିତ ହୋଇଥାଆନ୍ତି। ପ୍ରପର୍ଟି ଟାଇକୁନ୍ ମଲିକ ରିଆଜ୍‌ଙ୍କୁ ଏକ ଜମି ହସ୍ତାନ୍ତର ସମ୍ପର୍କିତ ଅଲ୍-କାଦିର ଟ୍ରଷ୍ଟ ମାମଲାରେ ଇମ୍ରାନ୍‌ଙ୍କୁ ଗିରଫ ପରେ ନ୍ୟାଶନାଲ ଆକାଉଣ୍ଟେବିଲିଟି ବ୍ୟୁରୋ (ଏନ୍ଏବି)କୁ କରାଯାଇଛି। ଏନ୍ଏବି ଅଧିକାରୀମାନେ ତାଙ୍କୁ ଏକ ଅଜ୍ଞାତ ସ୍ଥାନକୁ ନେଇ ପଚରାଉଚରା କରୁଛନ୍ତି। ଏନେଇ ଗତ ୧ ତାରିଖରେ ଇମ୍ରାନ୍‌ଙ୍କ ବିରୋଧରେ ଗିରଫଦାରି ୱାରେଣ୍ଟ ଜାରି କରାଯାଇଥିଲା। ଗୃହ ମନ୍ତ୍ରୀ ରାଣା ସନାଉଲ୍ଲାହ କହିଛନ୍ତି, ଅନେକ ନୋଟିସ ଜାରି ହେବା ସତ୍ତ୍ୱେ ଇମ୍ରାନ୍ କୋର୍ଟରେ ☞ପୃଷ୍ଠା-୨

## ଅଲ୍-କାଦିର ଟ୍ରଷ୍ଟ ମାମଲା କ'ଣ

ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ (ପିଟିଆଇ) ମୁଖ୍ୟ ଇମ୍ରାନ୍ ଖାନ୍ ଗତବର୍ଷ ଏପ୍ରିଲରେ ଅନାସ୍ଥା ଭୋଟର ସମ୍ମୁଖୀନ ନ ହେବା ପରେ ତାଙ୍କୁ ଗାଦିଚ୍ୟୁତ କରାଯାଇଥିଲା। ସେବେଠୁ ତାଙ୍କ ବିରୋଧରେ ଅନେକ ମାମଲା ରୁଜୁ ହୋଇଛି। ଇମ୍ରାନ୍ ଏହା ପଛରେ ଶାସକ ମେଣ୍ଟର ରାଜନୈତିକ ଅଭିସନ୍ଧି ଥିବା ଦର୍ଶାଇ ଅଭିଯୋଗଗୁଡ଼ିକୁ ଖଣ୍ଡନ କରିଆସିଛନ୍ତି। ସଦ୍ୟ ଅଲ୍-କାଦିର ମାମଲା ହେଉଛି ୨୦୧୯ର। ସେତେବେଳେ ସୁଫିବାଦର ପ୍ରସାର ପାଇଁ ପଞ୍ଜାବର ଝେଲମ ଜିଲା ସୋହାୱା ଅଞ୍ଚଳରେ ଅଲ୍-କାଦିର ୟୁନିଭର୍ସିଟି ପ୍ରତିଷ୍ଠା ପାଇଁ ଯୋଜନା ହୋଇଥିଲା। ୫୩୦ ନିୟୁତ ପାକିସ୍ତାନୀ ରୁପି ମୂଲ୍ୟର ଉକ୍ତ ଜମିକୁ ବହରିଆ ଟାଉନ୍ ହଲ୍ ପକ୍ଷରୁ ଇମ୍ରାନ୍ ଓ ତାଙ୍କ ସ୍ତ୍ରୀ ବୁଶ୍‌ରା ବିବିଙ୍କ ମାଲିକାନାରେ ଥିବା ଅଲ୍-କାଦିର ଟ୍ରଷ୍ଟକୁ ପ୍ରଦାନ କରାଯାଇଥିଲା। ତତ୍କାଳୀନ ଇମ୍ରାନ୍ ସରକାର ଓ ପ୍ରପର୍ଟି ଟାଇକୁନ୍ ମଲିକ ରିଆଜ୍ ମଧ୍ୟରେ ହୋଇଥିବା ବନ୍ଦୋବସ୍ତ ଯୋଗୁ ପାକିସ୍ତାନ ରାଜକୋଷକୁ ୫୦ ବିଲିୟନ୍ ରୁପି କ୍ଷତି ସହିବାକୁ ପଡ଼ିଥିଲା।

# ହାତୀମୃତ୍ୟୁ ଘଟଣାରେ ହାଇକୋର୍ଟଙ୍କ ଉଦ୍‌ବେଗ

**କଟକ ଅଫିସ,୯।୫**

**ରାଜ୍ୟ ସରକାରଙ୍କ ସତ୍ୟପାଠ ଦାଖଲ**

- ସୌରବାଡ଼ ଉପରେ ଗୁରୁତ୍ୱାରୋପ
- ବିଦ୍ୟୁତ୍ ବିତରଣ କମ୍ପାନୀକୁ ନେଇ ବସିବ ବୈଠକ
- ଗ୍ରାମବାସୀଙ୍କୁ ସଚେତନ କରାଯିବ
- ଜୁଲାଇ ୧୯ରେ ପରବର୍ତ୍ତୀ ଶୁଣାଣି

ରାଜ୍ୟରେ କ୍ରମାଗତ ହାତୀମୃତ୍ୟୁକୁ ନେଇ ହାଇକୋର୍ଟ ମଙ୍ଗଳବାର ଶୁଣାଣିରେ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଦାଖଲ ସତ୍ୟପାଠରେ ହାତୀ ଆକ୍ରମଣରେ ମୃତକଙ୍କ ନିମନ୍ତେ ଅନୁକମ୍ପାମୂଳକ କ୍ଷତିପୂରଣ ରାଶି ବୃଦ୍ଧି କରାଯାଇଥିବା ନେଇ ଉଲ୍ଲେଖ କରାଯାଇଥିଲା। ଏହା ଉପରେ ଶୁଣାଣି କରି ହାତୀମୃତ୍ୟୁ ରୋକିବାକୁ ଜଙ୍ଗଲ ମଧ୍ୟରେ ବିକଳ୍ପ ବିଦ୍ୟୁତ୍ ବ୍ୟବସ୍ଥା ଗ୍ରହଣ କରିବାକୁ ରାଜ୍ୟ ସରକାରଙ୍କୁ ଉଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ସୌର ଶକ୍ତି ବ୍ୟବହାର କରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିବା ସହ ହାତୀମୃତ୍ୟୁ ଘଟଣା ପାଇଁ ଗଠିତ ଜଏଣ୍ଟ ଟାସ୍କ ଫୋର୍ସର ମୁଖ୍ୟ ମନୋଜ ଭି. ନାୟାର ଏବଂ ବିଦ୍ୟୁତ୍ ବିତରଣ କମ୍ପାନୀ ମିଳିତ ବୈଠକ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆଗାମୀ ୨ମାସ ଭିତରେ ଜଙ୍ଗଲ ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥାକୁ ନିୟନ୍ତ୍ରଣ କରିବା ପାଇଁ ହାଇକୋର୍ଟ ତାଗିଦା କରିଛନ୍ତି। ଏଥିସହିତ ଲୋକମାନେ ମଧ୍ୟ ହାତୀ ଆକ୍ରମଣରୁ ଶସ୍ୟ ଓ ଜନଜୀବନକୁ ରକ୍ଷା କରିବା ନିମନ୍ତେ ସୌରବାଡ଼ ନିର୍ମାଣ କରିବାକୁ ଅଦାଲତ କହିଛନ୍ତି। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ଗୌରୀଶଙ୍କର ଶତପଥୀଙ୍କ ମିଳିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ। ଆସନ୍ତା ଜୁଲାଇ ୧୯ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ଜଏଣ୍ଟ ଟାସ୍କ ଫୋର୍ସ ମୁଖ୍ୟନାୟାର ହାଇକୋର୍ଟରେ ଦାଖଲ କରିଥିବା ସତ୍ୟପାଠ ଅନୁଯାୟୀ, ଗତ ଦୁଇ ମାସରେ ୧୪ ହାତୀ ଆକ୍ରମଣରେ ୨୦ ଜଣ ମନୁଷ୍ୟଙ୍କ ମୃତ୍ୟୁ ଘଟିଛି। ସେହିପରି ବିଦ୍ୟୁତ୍ ଆଘାତରେ ୪ ହାତୀଙ୍କ ମୃତ୍ୟୁ ହୋଇଛି। ହାତୀ ସମେତ ଅନ୍ୟାନ୍ୟ ବନ୍ୟପ୍ରାଣୀଙ୍କ ମୃତ୍ୟୁ ରୋକିବାକୁ ବିଦ୍ୟୁତ୍ ବିତରଣ କମ୍ପାନୀଗୁଡ଼ିକ ବେଆଇନ ହୁକିଂ ବନ୍ଦ କରିବା ଦିଗରେ ଦୃଢ଼ ପଦକ୍ଷେପ ନେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଲୋକମାନଙ୍କୁ ସଚେତନ କରାଇ ସେମାନେ ବନ୍ୟପ୍ରାଣୀଙ୍କ ଜୀବନ ରକ୍ଷା ସହ ମଣିଷଙ୍କ ଜୀବନ ରକ୍ଷା ପ୍ରତି ଯତ୍ନବାନ ହେବାକୁ କୁହାଯାଇଛି। ମୁକୁଳା ଟ୍ରାନ୍ସଫର୍ମରଗୁଡ଼ିକୁ ବାଡ଼ ଘେରାଇ ଆବଦ୍ଧ କରାଯିବା ଓ ବିଦ୍ୟୁତ୍ ଖୁଣ୍ଟଗୁଡ଼ିକ ମଧ୍ୟରେ ଆଉ ଗୋଟିଏ ଲେଖାଏ ଖୁଣ୍ଟ ପୋତିବାକୁ ନିର୍ଦ୍ଦେଶ ରହିଛି। ଏହାଦ୍ୱାରା ବିଦ୍ୟୁତ୍ ତାର ଝୁଲି ତଳକୁ ଖସିପଡ଼ିବାର ଆଶଙ୍କା ହ୍ରାସ ପାଇବ ବୋଲି ଅଦାଲତ କହିଛନ୍ତି। ଏଥିପାଇଁ ଏକ ସପ୍ତାହ ଭିତରେ ୪ ବିଦ୍ୟୁତ୍ ବିତରଣ କମ୍ପାନୀର ମୁଖ୍ୟ ନିର୍ବାହୀ ଅଧିକାରୀ(ସିଇଓ) ବୈଠକ କରିବେ। ଜଏଣ୍ଟ ଟାସ୍କ ଫୋର୍ସ ମୁଖ୍ୟ ଏହି ବୈଠକରେ ଅଧ୍ୟକ୍ଷତା କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଉପଯୁକ୍ତ ସମୟ ମଧ୍ୟରେ ସମସ୍ତ ପଦକ୍ଷେପ ନେବାକୁ ହାଇକୋର୍ଟ କହିଛନ୍ତି। ଜଏଣ୍ଟ ଟାସ୍କଫୋର୍ସ ଦ୍ୱାରା ହୋଇଥିବା ଆକ୍ସନ ପ୍ଲାନର ଅଗ୍ରଗତି ସମ୍ପର୍କରେ ଅଧ୍ୟକ୍ଷ ହାଇକୋର୍ଟରେ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ନବୀନ-ନୀତୀଶ ଭେଟଘାଟ

- ମେଣ୍ଟ ସମ୍ପର୍କିତ ଆଲୋଚନା ହୋଇନି: ନବୀନ
- ଭେଟିବାକୁ ଇଚ୍ଛା ହେବାରୁ ଚାଲିଆସିଲି: ନୀତୀଶ

**ଭୁବନେଶ୍ୱର,୯।୫(ବ୍ୟୁରୋ)**



ନବୀନ ନିବାସରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ମଙ୍ଗଳବାର ଓଡ଼ିଶାଗସ୍ତରେ ଆସି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ନବୀନ ନିବାସଠାରେ ଉଭୟଙ୍କ ମଧ୍ୟରେ ଆଲୋଚନା ହେବାପରେ ନୀତୀଶ ଗଣମାଧ୍ୟମ ସମ୍ମୁଖରେ କହିଛନ୍ତି ଯେ, ନବୀନ ବାବୁ ମୋର ପୁରୁଣା ବନ୍ଧୁ। ତାଙ୍କୁ ଭେଟିବାକୁ ଇଚ୍ଛା ହେବାରୁ ଚାଲି ଆସିଲି। ଅନ୍ୟପକ୍ଷରେ ଉଭୟଙ୍କ ମଧ୍ୟରେ ମେଣ୍ଟ ନେଇ କୌଣସି ରାଜନୈତିକ ଆଲୋଚନା ହୋଇ ନ ଥିବା ନବୀନ କହିଛନ୍ତି। ଏହି ଅବସରରେ ପୁରୀରେ 'ବିହାର ଭବନ' ନିର୍ମାଣ ପାଇଁ ଓଡ଼ିଶା ସରକାର ସେଠାକାର ସରକାରଙ୍କୁ ଦେଢ଼ ଏକର ଜମି ବିନାମୂଲ୍ୟରେ ଯୋଗାଇଦେବେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ଏହାପରେ ବିହାର ମୁଖ୍ୟମନ୍ତ୍ରୀ ନବୀନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ନୀତୀଶ କୁମାର ମଙ୍ଗଳବାର ମଧ୍ୟାହ୍ନରେ ଭୁବନେଶ୍ୱର ବିମାନ ବନ୍ଦରରୁ ସିଧା ନବୀନ ନିବାସରେ ପହଞ୍ଚିଥିଲେ। ଦୁଇ ନେତାଙ୍କ ମଧ୍ୟରେ ବେଶ୍ କିଛି ସମୟ ଧରି ଆଲୋଚନା ହୋଇଥିଲା। ନବୀନ ବିହାର ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟାହ୍ନଭୋଜନରେ ଆପ୍ୟାୟିତ କରିଥିଲେ। ଗଣମାଧ୍ୟମ ନିକଟରେ ସେ କହିଥିଲେ, 'ନୀତୀଶ ଜୀ ଭୁବନେଶ୍ୱର ଆସିଥିବାରୁ ବହୁତ ଖୁସି। ଆମେ ଦୁହେଁ ପୁରୁଣାବନ୍ଧୁ। ଏକାଠି କାମ କରିଛୁ। ଅଟଳ ବିହାରୀ ବାଜପେୟୀଙ୍କ କ୍ୟାବିନେଟରେ ଦୁହେଁ ମନ୍ତ୍ରୀ ଥିଲୁ। ପୁରୀରେ ବିହାର ଭବନ ନର୍ମାଣ ନିମନ୍ତେ ଜମି ଦେବା ବିଷୟରେ ଆମେ ଆଲୋଚନା କଲୁ। ଶ୍ରୀଜଗନ୍ନାଥ ଧାମ ପୁରୀକୁ ବିହାରରୁ ଆସୁଥିବା ଲୋକଙ୍କ ରହଣି ପାଇଁ ସେଠାରେ ବିହାର ଭବନ ନିର୍ମାଣ ସକାଶେ ନୀତୀଶ ସରକାର ଇଚ୍ଛା ପ୍ରକାଶ କରିଥିଲେ। ତେଣୁ ଏଥିପାଇଁ ମାଗଣାରେ ☞ପୃଷ୍ଠା-୨

## ଜେଡିୟୁ ଟୁଇଟ୍‌କୁ ନେଇ ଚର୍ଚ୍ଚା

**ଭୁବନେଶ୍ୱର,୯।୫(ବ୍ୟୁରୋ)**




୨୦୨୪ରେ ସାଧାରଣ ନିର୍ବାଚନ। ଏହା ପୂର୍ବରୁ ଅଣଭାଜପା ଦଳଗୁଡ଼ିକ ଏକ ଶକ୍ତିଶାଳୀ ବିରୋଧୀ ମେଣ୍ଟ ଗଠନ ପାଇଁ କସରତ ଚଳାଇଛନ୍ତି। ବିରୋଧୀଙ୍କୁ ଏକାଠି କରିବା ପାଇଁ ବିହାର ମୁଖ୍ୟମନ୍ତ୍ରୀ ତଥା ସଂଯୁକ୍ତ ଜନତା ଦଳ (ଜେଡିୟୁ)ନେତା ନୀତୀଶ କୁମାର ବିଭିନ୍ନ ରାଜ୍ୟ ବୁଲି ଅଣଭାଜପା ନେତାମାନଙ୍କୁ ଭେଟୁଛନ୍ତି। ଏହି କ୍ରମରେ ନୀତୀଶ ମଙ୍ଗଳବାର ଓଡ଼ିଶା ଗସ୍ତରେ ଆସି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଥିବା ଚର୍ଚ୍ଚା ହେଉଛି। ତେବେ ମେଣ୍ଟ ସମ୍ପର୍କରେ କୌଣସି ଆଲୋଚନା ହୋଇ ନ ଥିବା ଉଭୟ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମ ☞ପୃଷ୍ଠା-୨

# ଆଜି ଝାରସୁଗୁଡ଼ା ଉପନିର୍ବାଚନ ଭୋଟ

**ଭୁବନେଶ୍ୱର,୯।୫(ବ୍ୟୁରୋ)**

ଝାରସୁଗୁଡ଼ା ବିଧାନସଭା ଉପ ନିର୍ବାଚନ ପାଇଁ ବୁଧବାର ଭୋଟ ଗ୍ରହଣ ହେବ। ଏ ନେଇ ପ୍ରସ୍ତୁତି ଶେଷ ହୋଇଛି। ସକାଳ ୭ଟାରୁ ଭୋଟ ଗ୍ରହଣ ହେବ। ଏହା ପୂର୍ବରୁ ସକାଳ ୫ଟା ୩୦ରୁ ୭ଟା ଯାଏ ମକ୍ ପୋଲ୍ କରାଯିବ। ମତଦାନ ସକାଶେ ୧୯୭ଟି ସ୍ଥାନରେ ୨୫୩ଟି ବୁଥ୍ କରାଯାଇଛି। ଏଥିରେ ୨ ଲକ୍ଷ ୨୧ ହଜାର ୭୧୯ ଜଣ ଭୋଟର ନିଜର ମତଦାନ ଅଧିକାର ସାବ୍ୟସ୍ତ କରିବେ। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ସୁନାକୁ ମାଟି**

# ଆଦିମାନବଙ୍କଠାରୁ ପ୍ରାପ୍ତ ହୋଇଛି ଲମ୍ବା ନାକ

**ଆମଷ୍ଟରଡାମ୍, ୯।୫**





ଲମ୍ବା ନାକ ମୁଖର ସୌନ୍ଦର୍ଯ୍ୟକୁ ବଢ଼ାଇଥାଏ। ମନୁଷ୍ୟ ଶରୀରରେ ଥିବା ବିଶେଷ ପ୍ରକାର ଜିନ୍ ବା ଗୁଣସୂତ୍ର ଉପରେ ନାକର ଆକାର ନିର୍ଭର କରେ। ତେବେ ଏହି ଜିନ୍ ନିଅନ୍‌ଡେର୍ଥାଲ୍ ଆଦିମାନବଙ୍କଠାରୁ ମଣିଷକୁ ପ୍ରାପ୍ତ ହୋଇଥିବା ନିକଟରେ ବ୍ରିଟେନ୍‌ର ୟୁନିଭର୍ସିଟି କଲେଜ ଲଣ୍ଡନର ବିଶେଷଜ୍ଞଙ୍କ ଦ୍ୱାରା କରାଯାଇଥିବା ଅଧ୍ୟୟନରୁ ଜଣାପଡ଼ିଛି।

୪୦ ହଜାର ବର୍ଷ ପୁରୁଣା ନିଅନ୍‌ଡେର୍ଥାଲ୍ ଆଦିମାନବଙ୍କ ଜରିଆରେ ଏହି ଜିନ୍ ମନୁଷ୍ୟ ଶରୀରକୁ ଆସିଥିବା ରିପୋର୍ଟରେ ପ୍ରକାଶ ପାଇଛି। ସାଧାରଣ ଭାବେ ବ୍ୟକ୍ତିର ଶାରୀରିକ ଗଠନ ସେମାନଙ୍କ ପୂର୍ବପୁରୁଷଙ୍କ ଭଳି ହୋଇଥାଏ। ବିଶେଷଜ୍ଞଙ୍କ ମତରେ ଆଦିମାନବମାନେ ଆଫ୍ରିକା ଛାଡ଼ିବା ପରେ ଶୀତଳ ଜଳବାୟୁକୁ ଆପଣାଇଥିଲେ। ଅଧ୍ୟୟନ ଅନୁଯାୟୀ ମନୁଷ୍ୟର ପୂର୍ବପୁରୁଷଙ୍କଠାରେ ଖୁବ୍ କମ୍ ମାତ୍ରାରେ ନିଅନ୍‌ଡେର୍ଥାଲ୍ ଆଦିମାନବଙ୍କ ଡିଏନ୍ଏ ଦେଖାଯାଇଛି। କମ୍ୟୁନିକେଶନ୍ସ ବାୟୋଲୋଜି ଜର୍ନାଲ୍‌ରେ ଅଧ୍ୟୟନର ବିସ୍ତୃତ ତଥ୍ୟ ପ୍ରକାଶ ପାଇଛି।

ଲାଟିନ୍ ଆମେରିକାର ୬ ହଜାର ଭଲ୍ୟୁଣ୍ଟିଅରଙ୍କ ସମେତ ବ୍ରିଟେନ, ଚାଇନା, ଫ୍ରାନ୍ସ, ଆର୍ଜେଣ୍ଟିନା, ମେକ୍ସିକୋ, ଜର୍ମାନୀ ଏବଂ ବ୍ରାଜିଲର ଗବେଷକମାନଙ୍କୁ ନେଇ ଏହି ଅଧ୍ୟୟନ କରାଯାଇଛି। ମୁହଁର ଆକାରକୁ ନେଇ ବିଶେଷଜ୍ଞମାନେ ୩୩ଟି ନୂଆ ଡିଏନ୍ଏ ରିଜିଅନ୍ ଠାବ କରିଛନ୍ତି। ସେଥିମଧ୍ୟରୁ ୨୬ଟି ଆଦିମାନବଙ୍କ ଡିଏନ୍ଏ ସହିତ ମେଳ ଖାଉଥିବା କୁହାଯାଉଛି। ଶ୍ୱାସକ୍ରିୟାରେ ବ୍ୟବହାର କରାଯାଉଥିବା ବାୟୁର ତାପମାତ୍ରା ନାକ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ। ନିଅନ୍‌ଡେର୍ଥାଲ୍ ଆଦିମାନଙ୍କଠାରୁ ଆସିଥିବା ଡିଏନ୍ଏ ବିଶେଷ ଭାବେ ଥଣ୍ଡା ଜଳବାୟୁକୁ ସହଜରେ ଆପଣାଇଥାଏ ବୋଲି ଚାଇନା ଫୁଡାନ୍ ୟୁନିଭର୍ସିଟିର ଫାର୍ଷ୍ଟ ଅଥର ଡା. କିଙ୍ଗ ଲି' କହିଛନ୍ତି।

**ଆଜିର ମନ୍ତବ୍ୟ**

“ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ କଂଗ୍ରେସର ସୋନିଆ ଗାନ୍ଧୀଙ୍କ ପରିବର୍ତ୍ତେ ଭାଜପାର ବସୁନ୍ଧରା ରାଜେ ସିନ୍ଧିଆଙ୍କୁ ନିଜ ନେତା ମାନୁଛନ୍ତି। ଗେହଲଟ୍‌ଙ୍କ ସଦ୍ୟ ମନ୍ତବ୍ୟରୁ ଏହା ସ୍ପଷ୍ଟ ହୋଇଛି।

– ସଚିନ ପାଇଲଟ୍, ରାଜସ୍ଥାନର ପୂର୍ବତନ ଉପମୁଖ୍ୟମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କୁହାଯାଉଥାଏ ସିନା;**
**ତୁହାଇ ତୁହାଇ ପୁଟ ଦେଉଥିଲେ,**
**ଲୁହା କି ହୋଇବ ସୁନା।**

କହିବା କଥା ଦୂରେ ଥାଉ, ଯିଏ ଯାହା ସିଏ ସେଇଆ। ଯେତେ ଯାହା କଲେ ମଧ୍ୟ ଲୁହା ସୁନା ହୋଇପାରି ନ ଥାଏ। ଗୁଣ ଅପରିବର୍ତ୍ତିତ। ପରୋକ୍ଷରେ ମଧୁର କଥା କହି ଅନ୍ୟକୁ ପରିବର୍ତ୍ତନ କରିବାକୁ ଚାହିଁଲେ ବା ପରକୁ ଆପଣାର କରିବାକୁ ଚାହିଁଲେ ତାହା କେବେ ବି ସମ୍ଭବପର ହୋଇପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କାହା ମୁହଁରେ ଘିଅ ଫୁଟେ**
**କାହା ମୁହଁରେ ମଦରଙ୍ଗା ଛୁଟେ।**

ପ୍ରତ୍ୟେକ ବ୍ୟକ୍ତି ନିଜ ଜୀବଦ୍ଦଶାରେ ପ୍ରାରବ୍ଧ କର୍ମ ଅନୁସାରେ ଫଳ ଭୋଗ କରିଥାଆନ୍ତି। କାହା ଘରେ ଧନଧାନ୍ୟ ପରିପୂର୍ଣ୍ଣ ତ ଆଉ କାହା କାହାର ଦୁଃଖ ଦାରିଦ୍ର୍ୟ ଚିର ସହଚର। କିଏ ରାଜଭୋଗ କରୁଥାଏ, ଅୟସରେ ଦିନ ବିତାଉଥାଏ ତ ଆଉ କିଏ ଭୋକ ଉପାସରେ ପଡିରହି ଦିନ ବିତାଉଥାଏ। କର୍ମାନୁଯାୟୀ ଫଳ ମିଳୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଗିରଫ




# ବାଂଲାଦେଶ, ମ୍ୟାନ୍‌ମାର ମୁହାଁଇବ ବାତ୍ୟା

ଭୁବନେଶ୍ୱର,୯।୫(ବ୍ୟୁରୋ)

**୪୦ ଡିଗ୍ରୀ ୧୮ ସହର**

ସମ୍ଭାବ୍ୟ ବାତ୍ୟାର ପ୍ରଭାବ ଓଡ଼ିଶା ଉପରେ ପଡ଼ିବ ନାହିଁ। ଏହା ଓଡ଼ିଶା ଉପକୂଳରୁ ୬୦୦ କିଲୋମିଟର ଦୂରରେ ଯିବ। ଦକ୍ଷିଣ ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ କ୍ରମଶଃ ଘନୀଭୂତ ହୋଇ ଦକ୍ଷିଣ ଆଣ୍ଡାମାନ ସାଗର ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇଛି। ଅଧିକ ଘନୀଭୂତ ହୋଇ ଅବପାତର ରୂପ ନେବା ପରେ ଦକ୍ଷିଣପୂର୍ବ ପାର୍ଶ୍ୱବର୍ତ୍ତୀ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ଆଣ୍ଡାମାନ ସାଗର ଅଞ୍ଚଳରେ ୧୦ ତାରିଖ ବେଳକୁ ବାତ୍ୟା ରୂପ ନେବ ବୋଲି ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ଆକଳନ କରିଛି। ଆସନ୍ତା ୧୨ ତାରିଖ ସକାଳ ପର୍ଯ୍ୟନ୍ତ ଏହା ଉତ୍ତର–ଉତ୍ତର ପଶ୍ଚିମ ଦିଗରେ ଗତିକରି ପରବର୍ତ୍ତୀ ସମୟରେ ଗତିପଥ ପରିବର୍ତ୍ତନ କରିବ। ଉତ୍ତର–ଉତ୍ତର ପୂର୍ବ ଦିଗରେ ବାଂଲାଦେଶ କିମ୍ବା ମ୍ୟନମାର ଆଡକୁ ବାତ୍ୟା ମୁହାଁଇବା ସମ୍ଭାବନା ରହିଛି। ଓଡ଼ିଶା ଉପକୂଳର ପ୍ରାୟ ୬ ଶହ କିଲୋମିଟର ଦୂରରେ ଗତି କରୁଥିବାରୁ ଏହାର କୌଣସି ପ୍ରଭାବ ଓଡ଼ିଶା ଉପରେ ନ ଥିବା ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।

ଅନ୍ୟପକ୍ଷରେ ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ମଙ୍ଗଳବାର ରାଜ୍ୟରେ ୧୮ଟି ଜିଲାରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ଉପରେ ରହିଛି। ରାଜ୍ୟକୁ ଶୁଷ୍କ ବାୟୁ ପ୍ରବେଶ କରୁଥିବା ବେଳେ ଆର୍ଦ୍ରତା ଅଧିକ ରହୁଛି। ଫଳରେ ତାପମାତ୍ରା ବୃଦ୍ଧି ସହ ଅସହ୍ୟ ଗୁଳୁଗୁଳି ଅନୁଭୂତ ହେଉଛି। ଆସନ୍ତା ୧୨ ତାରିଖ ବେଳକୁ ରାଜ୍ୟରେ ସର୍ବୋଚ୍ଚ ତାପମାତ୍ରା ୪୪ ଡିଗ୍ରୀ ଟପିବା ସମ୍ଭାବନା ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବୌଦ୍ଧରେ ସର୍ବୋଚ୍ଚ ତାପମାତ୍ରା ୪୨.୫ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଝାରସୁଗୁଡ଼ା ୪୧.୪, ସମ୍ବଲପୁର ୪୧.୪, ରାଉରକେଲା ୪୧.୪, ଅନୁଗୋଳ ୪୧.୧, ସୁନ୍ଦରଗଡ଼ ୪୧.୧, ତାଳଚେର ୪୧.୬ , ବଲାଙ୍ଗୀର ୪୧.୭, କେନ୍ଦ୍ରାପଡ଼ା ୪୧, ସୋନପୁର ୪୦.୯, ହୀରାକୁଦ ୪୦.୬, ଟିଟିଲାଗଡ଼ ୪୦.୫, ନୟାଗଡ଼ ୪୦.୩, ବାରିପଦା ୪୦.୨, ଚାନ୍ଦବାଲି ୪୦.୧, ଜଗତସିଂହପୁର ୪୦, କଟକ ୪୦ ଓ ନୂଆପଡ଼ାରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

# ପଣସ ଖାଇବାକୁ ଆସି ହାତୀ ଛଟପଟ

ଅନୁଗୋଳ ଅଫିସ, ୯।୫

ଅନୁଗୋଳ ବନଖଣ୍ଡ ବୃତ୍ତି ଗ୍ରାମ ନିକଟକୁ ପଣସ ଖାଇବାକୁ ଆସିଥିବା ହାତୀ ପଲ ମଧ୍ୟରୁ ଗୋଟିଏ ହାତୀ ଦୀର୍ଘ ୫ ଘଣ୍ଟା ଧରି ଛଟପଟ ହୋଇଛି। ୨ ଗଛ ମଝିରେ ଗୋଟିଏ ଗୋଡ଼ ପଶିଯିବାରୁ ହାତୀଟି ବାହାରି ନ ପାରି ସେଠାରେ ପଡ଼ି ରହିଥିବା ବେଳେ ଖବରପାଇ ମଙ୍ଗଳବାର ବନ ବିଭାଗ ତାହାକୁ ଉଦ୍ଧାର କରିଛି। ସାମାନ୍ୟ ଚିକିତ୍ସା ପରେ ଆହତ ହାତୀଟି ଜଙ୍ଗଲକୁ ଚାଲିଯାଇଥିଲେ ମଧ୍ୟ ବିଭାଗ ପକ୍ଷରୁ ନଜର ରଖାଯାଇଛି। ଆବଶ୍ୟକସ୍ଥଳେ ଅଧିକ ଚିକିତ୍ସା କରାଯିବ ବୋଲି ଅନୁଗୋଳ ବନଖଣ୍ଡ ଅଧିକାରୀ ବିବେକ କୁମାର କହିଛନ୍ତି।

ସୂଚନା ଅନୁଯାୟୀ, ସୋମବାର ରାତିରେ ବୃତ୍ତି ଗ୍ରାମ ନିକଟରେ ହାତୀ ପଲ ଥିଲେ। ହେଲେ ବିଳମ୍ବିତ ରାତିରେ ହାତୀପଲ ଗର୍ଜନ କରିବାରୁ ଲୋକେ ଭୟଭୀତ ହୋଇପଡ଼ିଥିଲେ। ଭୋର୍ ସମୟରେ ଲୋକେ ଜଙ୍ଗଲ ନିକଟକୁ ଯାଇ ଏକ ୧୫ରୁ ୨୦ ବର୍ଷୀୟ ମାଈହାତୀର ଆଗ ଡାହାଣ ଗୋଡ଼ ୨ ଗଛ ମଝିରେ ଫଶିଥିବା ଦେଖିବାକୁ ପାଇଥିଲେ। ହାତୀଟି ସେଠାରୁ ମୁକୁଳି ନ ପାରି ଛଟପଟ ହେଉଥିବା ଦେଖି ତୁରନ୍ତ ବନ ବିଭାଗକୁ ସୂଚନା ଦେଇଥିଲେ। ଖବରପାଇ ଅନୁଗୋଳ ବନଖଣ୍ଡ ଅଧିକାରୀ ବିବେକ୍ କୁମାର, ଏସିଏଫ ରଞ୍ଜନ କୁମାର ବେହେରା, ଡାକ୍ତରୀ ଟିମ୍ ମୁଖ୍ୟ କିଶୋର ସାହୁ ପ୍ରମୁଖ ପହଞ୍ଚିଥିଲେ। ପରେ ଏକ ଜେସିବି ଅଣାଯାଇ ଗୋଟିଏ ଗଛକୁ ସାମାନ୍ୟ ଠେଲି ଦିଆଯିବାରୁ ହାତୀଟି ସେଠାରୁ ଉଦ୍ଧାର ପାଇଥିଲା। ତେବେ ଆଗ ଗୋଡ଼ ଆଘାତପ୍ରାପ୍ତ ହୋଇଥିବାରୁ ହାତୀଟି ତୁରନ୍ତ ଠିଆ ହୋଇପାରି ନ ଥିଲା। କିନ୍ତୁ ଡାକ୍ତରୀ ଟିମ୍ ଚିକିତ୍ସା କରିବା ପରେ ହାତୀଟି ସେଠାରୁ ଜଙ୍ଗଲକୁ ଚାଲିଯାଇଥିଲା। ଗୋଡ଼ ଭାଙ୍ଗି ନ ଥିଲେ ହେଁ ଦୀର୍ଘ ସମୟ ଧରି ଗଛରେ ଚାପି ହୋଇ ରହିବାରୁ ରକ୍ତ ଜମାଟ ବାନ୍ଧିଥିବା ଅନୁମାନ କରାଯାଉଥିବା ଡିଏଫ୍‌ଓ ପ୍ରକଶ କରିଛନ୍ତି। ବୃତ୍ତି ଗ୍ରାମର ପବିତ୍ର ସେଠୀ କହିଛନ୍ତି, ୭ରୁ ୮ଟି ହାତୀ ଅଞ୍ଚଳକୁ ଆସିଥିଲେ। ସେଥିରୁ ଗୋଟିଏ ହାତୀ ଭୋର୍ ସମୟରେ ୨ ଗଛ ମଝିରେ ଫଶି ଯାଇଥିଲା। ବନ ବିଭାଗକୁ ଖବର ଦିଆଯିବା ପରେ ହାତୀଟି ଉଦ୍ଧାର ପାଇଛି।



୨ ଗଛ ମଝିରେ ଗୋଡ଼ ଅଟକି ଯିବାରୁ ହାତୀଟି ପଡ଼ିରହିଛି।

■ **୨ ଗଛ ମଝିରେ ଅଟକିଗଲା ଗୋଟିଏ ଗୋଡ଼**
■ **୫ ଘଣ୍ଟା ପରେ ଉଦ୍ଧାର କଲା ବନ ବିଭାଗ**

# ୧୫ରେ ମୟୂରଭଞ୍ଜ ବନ୍ଦ

**ରାଷ୍ଟ୍ରପତିଙ୍କ ଅଭିଭାଷଣ ବେଳେ ବିଦ୍ୟୁତ୍ ବିଭ୍ରାଟ ପ୍ରସଙ୍ଗ**

**ଚେତାବନୀ ଦେଲା ଭଞ୍ଜସେନା**

ବାରିପଦା ଅଫିସ,୯।୫

ମୟୂରଭଞ୍ଜ ଜିଲା ବାରିପଦାର ତକତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଭିଭାଷଣ ବେଳେ ବିଦ୍ୟୁତ୍ ବିଭ୍ରାଟ ନେଇ ଅଣ ରାଜନୈତିକ ସଙ୍ଗଠନ ଭଞ୍ଜସେନା ଆନ୍ଦୋଳନ ଚେତାବନୀ ଦେଇଛି। ଆସନ୍ତା ୧୫ତାରିଖରେ ୧୨ଘଣ୍ଟିଆ ମୟୂରଭଞ୍ଜ ବନ୍ଦ ପାଇଁ ଡାକରା ଦେଇଛି। ଘଟଣାର ବିଧିବଦ୍ଧ ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋର୍‌ଦାର କରାଯିବ ବୋଲି ସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା କହିଛନ୍ତି।

ରାଷ୍ଟ୍ରପତିଙ୍କ ୩ ଦିନିଆ ଗସ୍ତ କାର୍ଯ୍ୟକ୍ରମକୁ ତ୍ରୁଟିଶୂନ୍ୟ କରିବାକୁ ନିର୍ଦ୍ଦେଶ ରହିଥିଲେ ମଧ୍ୟ ଅନ୍ତିମ ଦିବସରେ ଏଭଳି ଘଟଣାକୁ ନେଇ ରାଜନୀତି ସରଗରମ ହେବାରେ ଲାଗିଛି। ଏହା ଏକ ସୁଚିନ୍ତିତ ଯୋଜନା ବୋଲି ଭାଜପା କହୁଥିବା ବେଳେ ବିଜେଡି ପକ୍ଷରୁ ଏହାର ପ୍ରତିବାଦ କରାଯାଇଛି। ସୁରକ୍ଷା ବଳୟ ଭେଦକରି ଫାର୍ମାସିଷ୍ଟ ଫଟୋ ଉଠାଇବା ଓ ଭାଷଣ ସମୟରେ ବିଦ୍ୟୁତ୍ କଟିଯିବା ଘଟଣାରେ ୨ଜଣଙ୍କୁ ନିଲମ୍ବନ କରାଯାଇଛି। ସୁରକ୍ଷା ଦାୟିତ୍ୱରେ ଥିବା କର୍ମଚାରୀ ଏବଂ ଉତ୍ସବ ପରିଚାଳନା ଦାୟିତ୍ୱରେ ଥିବା କର୍ମଚାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଘଟଣାକୁ ୪ଦିନ ପୂରିବାକୁ ବସିଥିବା ବେଳେ ଦୋଷ ଲୁଚାଇବାକୁ ଉଦ୍ୟମ କରାଯାଉଛି ବୋଲି ଭାଜପା ଜିଲା ସଭାପତି କାନ୍ଦରା ସୋରେନ ପ୍ରକାଶ କରିଛନ୍ତି। ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ନେଇ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଓ ବିଶ୍ୱବିଦ୍ୟାଳୟର କୁଳପତି ସନ୍ତୋଷ କୁମାର ତ୍ରିପାଠୀଙ୍କୁ ୭ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ୩ ଦିନ ମଧ୍ୟରେ ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭଞ୍ଜସେନା ଦାବି କରିଥିଲା। କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ମୟୂରଭଞ୍ଜ ବନ୍ଦ ଡାକରା ଦିଆଯାଇଥିବା ଭଞ୍ଜସେନା ପ୍ରତିଷ୍ଠାତା ଜେନା କହିଛନ୍ତି।

ପ୍ରଥମ ପୃଷ୍ଠାରୁ...

## ବୃଦ୍ଧାବୃଦ୍ଧଙ୍କୁ ଡିଜିଟାଲ...

୪୬୨୩ ଜଣ ଭିନ୍ନକ୍ଷମ ଭତ୍ତା ପାଉଥିବା ସୂଚନା ମିଳିଛି। ପୂର୍ବରୁ ମୃତ ବ୍ୟକ୍ତିଙ୍କ ନାମରେ ଭତ୍ତା ଟଙ୍କା ହଡ଼ପ ହେଉଥିବାବେଳେ କେତେଜଣ ଅପ୍ରାପ୍ତ ବୟସ୍କ ବ୍ୟକ୍ତିଙ୍କୁ ବାର୍ଦ୍ଧକ୍ୟ ଭତ୍ତା ମିଳିଥିବା ଜିଲାରେ ଅଭିଯୋଗ ହୋଇଥିଲା। ବିଞ୍ଝାରପୁର ବ୍ଲକ ସୟଦପୁର ପଞ୍ଚାୟତର ପ୍ରାୟ ୨୦ ଜଣ ମୃତ ବ୍ୟକ୍ତିଙ୍କ ନାମରେ ବିଭିନ୍ନ ଯୋଜନାରେ ଭତ୍ତା ଟଙ୍କା ଉଠାଯାଇଥିବା ୨୦୨୧ ଡିସେମ୍ବରରେ ଆକ୍ୟୁଟାନ୍ସ ରିପୋର୍ଟରେ ଜଣାପଡ଼ିଥିଲା। ସେହିପରି ଜିଲାର ବଡ଼ଚଣା ବ୍ଲକ କୋଲଣଗିରି ଗ୍ରାମ ପଞ୍ଚାୟତର କେତେଜଣ ଯୁବକ ଭତ୍ତା ପାଉଥିବା ନେଇ ଅଞ୍ଚଳବାସୀ ବିଭାଗୀୟ ପ୍ରମୁଖ ଶାସନ ସଚିବଙ୍କୁ ୧।୧୧।୨୦୨୨ରେ ଲିଖିତ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ଆଧାରରେ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ଅତିରିକ୍ତ ସଚିବ ଦୀପକ ରାଉତରାୟ ୭।୧୧।୨୦୨୨ରେ ସମ୍ପୃକ୍ତ ପଞ୍ଚାୟତ ଅଧିକାରୀଙ୍କ ବିରୋଧରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଜପୁର ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏହିସବୁ ଆର୍ଥିକ ହେରଫେର ଉପରେ କ’ଣ ପଦକ୍ଷେପ ନିଆଗଲା ତାହା କିଛି ଜଣାପଡ଼ିଲା ନାହିଁ। ଭତ୍ତା ପ୍ରଦାନରେ ଏଭଳି ଅନେକ ଅନିୟମିତତା ଦେଖାଦେବା ପରେ ଡିଜିଟାଲକୁ ମାଧ୍ୟମ କରାଗଲା। ଏହା ବି ହିତାଧିକାରୀଙ୍କ ପାଇଁ ସହଜ ହୋଇପାରୁ ନ ଥିବାରୁ ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଜେନାପୁର ଶାଖାର ସହକାରୀ ପରିଚାଳକ ସାଗର ମହାରଣାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ପିଓସି ମେସିନରେ ଯେଉଁ ହିତାଧିକାରୀମାନଙ୍କ ଫିଙ୍ଗରପ୍ରିଣ୍ଟ ସଫଳ ହେଉନାହିଁ ସେମାନେ ବ୍ୟାଙ୍କ ଆସୁଛନ୍ତି। ବ୍ୟାଙ୍କରେ ଯେଉଁମାନଙ୍କ ଭତ୍ତା ଟଙ୍କା ଜମା ହୋଇସାରିଛି, ତାହା ସେମାନଙ୍କୁ ପ୍ରଦାନ କରାଯାଉଛି। ତେବେ ଯେଉଁମାନଙ୍କର ଟଙ୍କା ଜମା ହୋଇନାହିଁ, ପାସ୍‌ବୁକ୍ ଅପ୍‌ଡେଟ୍ କରି ସେମାନଙ୍କୁ ଜଣାଇ ଦିଆଯାଉଛି ବୋଲି ମହାରଣା କହିଛନ୍ତି। ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର କହିଛନ୍ତି ଯେ, ମେଶିନ ତ୍ରୁଟିଜନିତ ଅଭିଯୋଗ ଆସୁଛି। ସେଥିପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ହିତାଧିକାରୀଙ୍କୁ ବିନା ମୂଲ୍ୟରେ ଏଟିଏମ୍ କାର୍ଡ ଯୋଗାଇ ଦିଆଯାଉଛି। ଅଧିକାରୀମାନେ ହିତାଧିକାରୀଙ୍କ ଘରକୁ ଯାଇ କାର୍ଡ ସ୍ୱାଇପ୍ ମେଶିନରେ ଭତ୍ତା ଟଙ୍କା ଦେବାର ବ୍ୟବସ୍ଥା କରାଯାଉଛି ବୋଲି ରାଠୋର କହିଛନ୍ତି।

**– ରିପୋର୍ଟ: ହର୍ଷବର୍ଦ୍ଧନ ବେହେରା, ଅଶୋକ କୁମାର ଦାସ**

## ଦୁର୍ନୀତି ମାମଲାରେ...

ହାଜର ହୋଇ ନ ଥିଲେ। ଇମ୍ରାନ୍‌ଙ୍କ ଗିରଫଦାରି ପୂର୍ବରୁ ପିଟିଆଇ ପକ୍ଷରୁ ରେକର୍ଡ କରାଯାଇଥିବା ଏକ ଭିଡିଓରେ ଦେଶବାସୀଙ୍କ ଉଦ୍ଦେଶ୍ୟରେ ସେ ବାର୍ତ୍ତା ଦେଇଛନ୍ତି। ଏଥିରେ ପୂର୍ବତନ ପ୍ରଧାନମନ୍ତ୍ରୀ କହୁଛନ୍ତି, ମୋ’ ସନ୍ଦେଶ ଆପଣମାନଙ୍କ ନିକଟକୁ ପହଞ୍ଚିବା ପୂର୍ବରୁ ମୋତେ ଏକ ଭିତ୍ତିହୀନ ମାମଲାରେ ଗିରଫ କରାଯିବ। ପାକିସ୍ତାନରେ ମୌଳିକ ଅଧିକାର ଓ ଗଣତନ୍ତ୍ରକୁ ସମାଧି ଦିଆଯାଇଥିବା ଏହା ଦର୍ଶାଉଛି। ଆମ ଉପରେ ଜବରଦସ୍ତି ଲଦି ଦିଆଯାଇଥିବା ଦୁର୍ନୀତିଗ୍ରସ୍ତ ଓ ଆମଦାନୀ ସରକାରକୁ ଗ୍ରହଣ କରାଇବା ନିମନ୍ତେ ସେମାନେ ଏସବୁ କରାଉଛନ୍ତି। ଯଦି କାହା ପାଖରେ ମୋ ବିରୋଧରେ ଜାରି ୱାରେଣ୍ଟ ଅଛି, ତାକୁ ନେଇ ଆସନ୍ତୁ। ସେଠାରେ ମୋ ଓକିଲ ଥିବେ। ମୁଁ ନିଜ ଆଡୁ ଜେଲ ଯିବା ପାଇଁ ପ୍ରସ୍ତୁତ ବୋଲି ଇମ୍ରାନ୍ ଉକ୍ତ ଭିଡିଓରେ କହୁଥିବା ଦେଖିବାକୁ ମିଳିଛି। ପାକିସ୍ତାନର କୁଖ୍ୟାତ ଗୋଇନ୍ଦା ସଂସ୍ଥା ଇଣ୍ଟର ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍‌ଆଇ)ର ଜଣେ ବରିଷ୍ଠ ଅଧିକାରୀ ଇମ୍ରାନ୍‌ଙ୍କୁ ହତ୍ୟା ପାଇଁ ଷଡ଼ଯନ୍ତ୍ର ରଚିଥିବା ନେଇ ସୋମବାର ସେ ଅଭିଯୋଗ ଆଣିଥିଲେ। ସେନା ଏହାକୁ ଭିତ୍ତିହୀନ ଅଭିଯୋଗ କହି ସମାଲୋଚନା କରିଥିଲା। ପ୍ରକାଶ ଯେ, ଦେଶଦ୍ରୋହ, ଈଶ୍ୱର ନିନ୍ଦା, ହିଂସା ଉସୁକାଇବା ଓ ଆତଙ୍କବାଦ ଭଳି ସଙ୍ଗିନ ଅଭିଯୋଗରେ ଇମ୍ରାନଙ୍କ ବିରୋଧରେ ସାରା ଦେଶର କୋର୍ଟଗୁଡ଼ିକରେ ୧୪୦ରୁ ଉର୍ଦ୍ଧ୍ୱ ମାମଲା ବିଚାରାଧୀନ ରହିଛି।

## ନବୀନ-ନୀତୀଶ...

ଦେଢ଼ ଏକର ଜମି ଯୋଗାଇଦେବୁ’। ଅପରପକ୍ଷରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର କହିଥିଲେ, ପୁରୀରେ ବିହାର ଭବନ ନିର୍ମାଣ ପାଇଁ ଆମେ ପୂର୍ବରୁ ଇଚ୍ଛା ପ୍ରକାଶ କରିଥିଲୁ। ଆଜି ତାହାକୁ ମଞ୍ଜୁରୀ ମିଳିଗଲା। ସୂଚନାଯୋଗ୍ୟ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗତ ମାର୍ଚ୍ଚ ୨୩ ତାରିଖରେ ଓଡ଼ିଶା ଗସ୍ତରେ ଆସି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଥିଲେ। ପୁରୀରେ ‘ବଙ୍ଗ ଭବନ’ ନିର୍ମାଣ ପାଇଁ ଓଡ଼ିଶା ସରକାର ପଶ୍ଚିମବଙ୍ଗ ସରକାରଙ୍କୁ ୨ ଏକର ଜମି ଯୋଗାଇ ଦେବାନେଇ ଘୋଷଣା କରିଥିଲେ।

## ଜେଡିୟୁ ଟୁଇଟ୍‌କୁ...

ଆଗରେ କହିଛନ୍ତି। ଏଭଳିସ୍ଥିତିରେ ସଂଯୁକ୍ତ ଜନତା ଦଳର ଅଫିସିଆଲ ଏକ ଟୁଇଟ୍‌କୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ଟୁଇଟ୍‌ରେ ଉଲ୍ଲେଖ ରହିଛି ‘ବିରୋଧୀଙ୍କୁ ଏକାଠି କରିବାରେ ପ୍ରମୁଖ ଭୂମିକା ନେଉଥିବା ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଆଜି ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି। ବିନା କୌଣସି ବ୍ୟକ୍ତିଗତ ମହତ୍ତ୍ୱାକାଂକ୍ଷାରେ ବିପକ୍ଷଙ୍କୁ ଏକଜୁଟ୍ କରୁଛନ୍ତି ନୀତୀଶ’। ତେବେ ନୀତୀଶ ଓ ନବୀନଙ୍କ ମଧ୍ୟରେ କୌଣସି ପ୍ରକାର ରାଜନୈତିକ ଆଲୋଚନା ହୋଇ ନ ଥିବା ଉଭୟେ କହିଥିବାବେଳେ ଜେଡିୟୁ ପାର୍ଟି ଅଫିସ୍‌ର ଏଭଳି ଟୁଇଟ୍ ରାଜନୈତିକ ଆଲୋଚନାକୁ ଖୋରାକ୍ ଯୋଗାଉଛି।

ରାଜନୈତିକ ଆଲୋଚନା ସମ୍ପର୍କିତ ପ୍ରଶ୍ନରେ ନୀତୀଶ କହିଛନ୍ତି, ଆମର ସମ୍ପର୍କ ଏତେ ଭଲ ଯେ ରାଜନୀତି ବିଷୟରେ ଚିନ୍ତା କରିବାର ଆବଶ୍ୟକତା ନାହିଁ। ସେହିପରି ନବୀନ କହିଛନ୍ତି ଯେ, ନୀତୀଶ କୁମାର ଭୁବନେଶ୍ୱର ଆସିଛନ୍ତି। ଆମେ ଉଭୟେ ପୁରୁଣା ବନ୍ଧୁ। ଆମ ମଧ୍ୟରେ କୌଣସି ରାଜନୈତିକ ଆଲୋଚନା ହୋଇ ନାହିଁ। ସୂଚନାଯୋଗ୍ୟ, ଗତ ମାର୍ଚ୍ଚ ୨୩ ତାରିଖରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓଡ଼ିଶା ଗସ୍ତରେ ଆସି ନବୀନ ନିବାସରେ ନବୀନଙ୍କୁ ସାକ୍ଷାତ କରିଥିଲେ। ମୁଖ୍ୟମନ୍ତ୍ରୀ ରୁପା ତାରକସିର କାରୁକାର୍ଯ୍ୟ ଓ ଛେନାପୋଡ଼ ମଧ୍ୟ ଉପହାର ଦେବା ସହ ପୁରୀରେ ଅତିଥି ଭବନ ନିର୍ମାଣ ପାଇଁ ଓଡ଼ିଶାବାସୀଙ୍କ ପକ୍ଷରୁ ପଶ୍ଚିମବଙ୍ଗ ସରକାରଙ୍କୁ ୨ ଏକର ଜମି ଦେବା କଥା ଘୋଷଣା କରିଥିଲେ। ମମତାଙ୍କ ସହ ଆଲୋଚନା ପରେ ଗଣମାଧ୍ୟମକୁ ନବୀନ କହିଥିଲେ ଯେ, ଏହା ଏକ ସୌଜନ୍ୟମୂଳକ ସାକ୍ଷାତ୍‌କାର ଥିଲା। ଆମ ଭିତରେ ବହୁତ ପୁରୁଣା ବନ୍ଧୁତା ଓ ସୁନ୍ଦର ସମ୍ପର୍କ ଅଛି। କିଛି ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ଚର୍ଚ୍ଚା ହୋଇନି। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଓଡ଼ିଶା ସରକାରଙ୍କ ଆତିଥ୍ୟକୁ ଭୂରି ଭୂରି ପ୍ରଶଂସା କରିବା ସହ ପୁରୀରେ ଜାଗା ଦେଇଥିବାରୁ ସେ ନବୀନଙ୍କୁ ଧନ୍ୟବାଦ ଦେଇଥିଲେ। ମାତ୍ର ରାଜନୀତି ସମ୍ପର୍କରେ କୌଣସି ପ୍ରକାର ଆଲୋଚନାକୁ ମମତା ଏଡ଼ାଇ ଦେଇଥିଲେ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗତ ଏପ୍ରିଲରେ ନୀତୀଶ ବିଭିନ୍ନ ଦଳର ପ୍ରମୁଖ ନେତାମାନଙ୍କୁ ନୂଆଦିଲ୍ଲୀଠାରେ ସାକ୍ଷାତ୍ କରିଥିଲେ। ଭାଜପା ବିରୋଧରେ ବିରୋଧୀମାନଙ୍କୁ ଏକାଠି କରିବା ପାଇଁ ସେ ବିଭିନ୍ନ ରାଜ୍ୟ ଗସ୍ତ କରିବେ ବୋଲି ସେ ସମୟରେ ଘୋଷଣା କରିଥିଲେ। ଇତିମଧ୍ୟରେ ନୀତୀଶ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏବଂ ବରିଷ୍ଠ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ସମେତ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ୍ କେଜରିୱାଲ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ସମାଜବାଦୀ ପାର୍ଟି ସଭାପତି ଅଖିଳେଶ ଯାଦବ, ବାମପନ୍ଥୀ ନେତା ସୀତାରାମ ୟେଚୁରୀ ଏବଂ ଡି. ରାଜାଙ୍କୁ ସାକ୍ଷାତ କରିଛନ୍ତି। ଅନ୍ୟପକ୍ଷରେ ବିଜେଡି ଉଭୟ ଭାଜପା ଓ କଂଗ୍ରେସଠାରୁ ସମ ଦୂରତା ରକ୍ଷାକରି ଆସୁଛି। ବିରୋଧୀଙ୍କୁ ନେଇ ପୂର୍ବରୁ ବହୁବାର ବୈଠକ ହୋଇଥିଲେ ମଧ୍ୟ ନବୀନ କୌଣସି ବୈଠକରେ ଯୋଗଦେଇ ନାହାନ୍ତି। ମାତ୍ର ବିଭିନ୍ନ ପ୍ରସଙ୍ଗରେ ବିଜେଡି କେନ୍ଦ୍ରର ଭାଜପା ପରିଚାଳିତ ଏନ୍‌ଡିଏକୁ ସମର୍ଥନ କରିଛି।

## ଆଜି ଝାରସୁଗୁଡ଼ା...

ସେମାନଙ୍କ ମଧ୍ୟରେ ୧ ଲକ୍ଷ ୧୧ ହଜାର ୩୭ ଜଣ ମହିଳା ମତଦାତା ଥିବା ବେଳେ ୧ ଲକ୍ଷ ୧୦ ହଜାର ୬୧୯ ପୁରୁଷ, ୬୩ ଜଣ ତୃତୀୟ ଲିଙ୍ଗୀ ଏବଂ ୨୫୩୪ ଭିନ୍ନକ୍ଷମ ଭୋଟର ରହିଛନ୍ତି।୪୦ଟି ମଡେଲ ବୁଥ୍ ଓ ୨୬ଟି ବୁଥ୍‌କୁ ପିଙ୍କ୍ ବୁଥ୍ କରାଯାଇଛି। ପ୍ରତ୍ୟେକ ବୁଥ୍‌ରେ ୪ ଜଣ ପୋଲିଂ ଅଫିସରଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ୨୪ଟି ଟିମ୍(୯୬ଜଣ ପୋଲିଂ ଅଫିସର)କୁ ରିଜର୍ଭ ରଖାଯାଇଛି। ନିର୍ବାଚନ ମଣ୍ଡଳୀର ୧୯୭ଟି ସ୍ଥାନରେ ୨୫୩ଟି ବୁଥ୍ ରହିଛି, ଯେଉଁଥିରୁ ୧୧୬ଟି ବୁଥ୍‌କୁ ସମ୍ବେଦନଶୀଳ ଚିହ୍ନଟ କରାଯାଇଛି। ସମସ୍ତ ବୁଥ୍‌ରେ ୱେବକାଷ୍ଟିଂର ବ୍ୟବସ୍ଥା ହୋଇଛି। ୬୯ଟି ମାଇକ୍ରୋ ଅବଜରଭର ମୁତୟନ ହୋଇଛନ୍ତି। ଆଇନଶୃଙ୍ଖଳା ଦାୟିତ୍ୱରେ ୧୫୫ଜଣ ପୋଲିସ ଅଫିସର, ୧୭ ପ୍ଲାଟୁନ ପୋଲିସ ଫୋର୍ସ, ୩୨୩ ଜଣ ହାବିଲଦାର, କନଷ୍ଟେବଲ ଓ ୨୦୫ଜଣ ହୋମଗାର୍ଡଙ୍କୁ ମିଶାଇ ୧୮୧୪ଜଣ ପୋଲିସ କର୍ମୀଙ୍କ ସମେତ ୭ କମ୍ପାନୀ କେନ୍ଦ୍ରୀୟ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଶିକ୍ଷା, ପରୀକ୍ଷା, ଆଲୋଚନା, ସଭାସମିତି, ପ୍ରଶାସନ ଓ କର୍ମକ୍ଷେତ୍ର ପାଇଁ ପ୍ରଶସ୍ତ ରହିବ। ଦ୍ୱିଜା ନକ୍ଷତ୍ରର ପରିବାର, ପରିବହନ, ଲୋକସମ୍ପର୍କ, ଯାନବାହନ ଦିଗରେ ଉନ୍ନତି କରାଇବେ। ନିଜ ଲୋକମାନେ ବିରୁଦ୍ଧାଚରଣ କରିପାରନ୍ତି। ବ୍ୟବସାୟ, ନିର୍ମାଣ, ଆନୁଷ୍ଠାନିକ କାମ, ଅର୍ଥ ସମ୍ପର୍କ କ୍ଷେତ୍ରରୁ ଉପକୃତ ହେବେ।

**ବୃଷ** – ପ୍ରସ୍ତୁତି ପଥରେ ଥିବା କାମଗୁଡ଼ିକ ସମ୍ପୂର୍ଣ୍ଣ ହେବା କଷ୍ଟକର ହୋଇପଡ଼ିବ। ବନ୍ଧୁ ଗହଣରେ ସତ୍ୟ କଥା ପ୍ରକାଶ କରି ମଧ୍ୟ ଅପମାନିତ ହୋଇପାରନ୍ତି। ରୋହିଣୀ ନକ୍ଷତ୍ରର ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ। ପ୍ରଶାସନ, ପ୍ରକାଶନ, ମନୋରଞ୍ଜନରୁ ସଫଳତା ହାସଲ କରିବେ।

**ମିଥୁନ** – ମନ ଯେମିତି ଚାହୁଁଛି ଠିକ୍ ସେମିତି କାମଗୁଡ଼ିକ ସମ୍ପନ୍ନ ହେବାରେ ଅସୁବିଧା ହେବ ନାହିଁ। ନିଜର ବୁଦ୍ଧିମତ୍ତାର ପ୍ରୟୋଗ କରି ପ୍ରତ୍ୟେକ କ୍ଷେତ୍ରରେ ସଫଳ ହେବେ। କିନ୍ତୁ ଆରଦ୍ରା ନକ୍ଷତ୍ରର ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହେବ। ସାହିତ୍ୟ ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ ଓ ଅର୍ଥାବସ୍ଥାରେ ଉନ୍ନତି ଘଟିବ।

**କର୍କଟ** – ଆଜି ସାମାଜିକ ସ୍ଥିତି, ଅର୍ଥନୈତିକ ପ୍ରଗତି, ପାରିବାରିକ ପରିସ୍ଥିତିକୁ ସନ୍ତୁଳିତ ରଖିବେ। ତଥାପି ପୁନର୍ବସୁ ନକ୍ଷତ୍ର ସକାଶେ ଭାଇ, ବନ୍ଧୁ, ସହକର୍ମୀ କିମ୍ବା ସ୍ତ୍ରୀ, ଅଂଶୀଦାରଙ୍କ ସମ୍ପର୍କ ଉତ୍ତମ ରହିବ। ବ୍ୟବସାୟୀ ଓ ସାମୟିକ ଯାତ୍ରାକାଳୀନ ବନ୍ଧୁଙ୍କ ସହ ମତାନ୍ତରଜନିତ ଅଶାନ୍ତି ଉପୁଜିପାରେ। ବନ୍ଧୁଙ୍କ ଦ୍ୱାରା ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ।

**ସିଂହ** – କର୍ମକ୍ଷେତ୍ରରେ କିଛି ନୂତନ ପଦକ୍ଷେପ ନେବା ପୂର୍ବରୁ ଭଲଭାବରେ ଚିନ୍ତା କରନ୍ତୁ। ପ୍ରତ୍ୟେକ କଥାକୁ ଭୟ ଓ ଆଶଙ୍କା କାରଣରୁ କୌଣସି କାର୍ଯ୍ୟ କରିପାରିବେ ନାହିଁ। ନିଜ ଲୋକଙ୍କଠାରୁ ଯାହା ଓ ଯେତିକି ପରିମାଣରେ ପାଇବା କଥା ତାହା ପାଇବା କଷ୍ଟକର ହେବ। ଉତ୍ତରାଫାଲଗୁନୀ ନକ୍ଷତ୍ରର ମାଙ୍ଗଳିକ କାମ ସକାଶେ ବ୍ୟସ୍ତତା ବୃଦ୍ଧିପାଇବ।

**କନ୍ୟା** – ନିଜେ ରହୁଥିବା ପରିବେଶର ସ୍ଥାନୀୟ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଉପକୃତ ହେବେ। ବିଭିନ୍ନ ପ୍ରକାର ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହୋଇପାରନ୍ତି। ଶିଳ୍ପ, ବ୍ୟବସାୟ, କଳା, ସାହିତ୍ୟ, ସାମ୍ବାଦିକତାରେ ଉନ୍ନତି ଘଟିବ। ହସ୍ତା ନକ୍ଷତ୍ର ସତ୍‌ସଙ୍ଗ କିମ୍ବା ନାମ ସଂକୀର୍ତ୍ତନରେ ନିଜକୁ ହଜାଇ ଦେଇ ପାରନ୍ତି।

**ତୁଳା** – ଆଜି କୌଣସି ନୀଚ ଜାତିର ବ୍ୟକ୍ତି ସହ କଳହ ଲାଗିପାରେ। ଆନୁଷ୍ଠାନିକ କ୍ଷେତ୍ରରେ, ସଭା ସମିତିରେ, କଚେରି ମାମଲାରେ ତଥା ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ। ସ୍ୱାତୀ ନକ୍ଷତ୍ର ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବେ। ଗୃହ ନିର୍ମାଣ, ଯାନବାହନ ମରାମତି, ପଦସ୍ଥ ବ୍ୟକ୍ତିଙ୍କ ସହ ଆଲୋଚନା ପ୍ରଭୃତିରେ ସମୟ କଟାଇବେ।

**ବିଛା** – ଯେଉଁ କାମ ଆରମ୍ଭ କରିବାକୁ ଯାଉଛନ୍ତି, ସେଥିରେ ସାମାନ୍ୟ ବ୍ୟତିକ୍ରମ ଭିତରେ ସଫଳ ହେବେ। ଅନୁରାଧା ନକ୍ଷତ୍ରର ପାରିବାରିକ ସ୍ଥିତିରେ ଉନ୍ନତି ହେବ। ସନ୍ଦେହ ଓ ଭୁଲ୍ ବୁଝାମଣା ଯୋଗୁ କର୍ମକ୍ଷେତ୍ରରେ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗି ରହିବା ଯୋଗୁ ବ୍ୟସ୍ତ ହେବେ।

**ଧନୁ** – ମନ ବୁଝିଲା ଭଳି କଥା କହି ପ୍ରତ୍ୟେକ ପରିସ୍ଥିତିକୁ ସମ୍ଭାଳିନେବେ। ସଭାସମିତିରେ ଅନ୍ୟର ମତକୁ ସମ୍ମାନ ଦେଇ କାମ କଲେ ସଫଳତା ପାଇପାରନ୍ତି। ପୂର୍ବାଷାଢ଼ା ନକ୍ଷତ୍ରର ପ୍ରଶାସନିକ ସ୍ତରରେ କୌଣସି ବିବାଦ ଓ ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ। ରଚନାତ୍ମକ କାମ, କଳା, ସାହିତ୍ୟାଦିରେ ଆତ୍ମସନ୍ତୋଷ ମିଳିବ।

**ମକର** – ଯେତେ ସତର୍କତା ସହିତ କାମ କଲେ ମଧ୍ୟ ପ୍ରତିବନ୍ଧକ ଯୋଗୁ ଅଗ୍ରଗତି ହେବ ନାହିଁ। ଭଲ କଥା କହିଲେ ମଧ୍ୟ ବନ୍ଧୁମାନଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତାପ୍ରକଟ କରିବେ। ପ୍ରଶାସନିକ ସ୍ତରରେ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ଧନିଷ୍ଠା ନକ୍ଷତ୍ର ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନା କରିପାରନ୍ତି।

**କୁମ୍ଭ** – ଆଜିର ପ୍ରତ୍ୟୁଷ ଯାତ୍ରା ପ୍ରୀତିପ୍ରଦ ରହିବା ସାଙ୍ଗକୁ ନୂତନ ସ୍ଥାନ ପରିଦର୍ଶନର ସୁଯୋଗ ଲାଭ କରିବେ। ପାରିବାରିକ ତଥା ପ୍ରଶାସନିକ କ୍ଷେତ୍ର ବୁଝାମଣାରେ ଶୃଙ୍ଖଳିତ ହେବ। ନୂତନ ଯୋଜନା, ଶିଳ୍ପ, ବ୍ୟବସାୟ, ପରିବହନରେ ସଫଳତା ମିଳିବ। ଶତଭିଷା ନକ୍ଷତ୍ର ସକାଶେ ନିଜ ଲୋକ ଅନ୍ୟଦ୍ୱାରା ପ୍ରଭାବିତ ହୋଇ ଶତ୍ରୁତା କରିପାରନ୍ତି।

**ମୀନ** – ଆଜି ଆପଣ ସବୁ ପ୍ରକାର ନୂତନ କାର୍ଯ୍ୟରେ ହାତ ଦେଇ କୃତକାର୍ଯ୍ୟ ହେବେ। କଳା, ସାହିତ୍ୟ, ପ୍ରକାଶନ ଓ ପ୍ରଶାସନିକ ସ୍ତରରେ ସମସ୍ୟାର ସରଳ ସମାଧାନ କରିବାରେ ସଫଳ ହେବେ। ରେବତୀ ନକ୍ଷତ୍ର ସକାଶେ ଶତ୍ରୁତା କରୁଥିବା ବ୍ୟକ୍ତିମାନେ ନୀରବଦ୍ରଷ୍ଟା ସାଜିବେ। ନୂତନ ଗୃହ, ଯାନବାହନାଦି ଯାନ୍ତ୍ରିକ ଦ୍ରବ୍ୟ ଲାଭ ହୋଇପାରେ।

ଆଜି ଜ୍ୟେଷ୍ଠ କୃଷ୍ଣ ୫ମୀ ବୁଧବାର, ମେ’ ୧୦ ତାରିଖ, ରାଶିନକ୍ଷତ୍ର– ପୂର୍ବାଷାଢା/ଧନୁ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଷଷ୍ଠୀର ପାର୍ବଣଶ୍ରାଦ୍ଧ, ଦିବା ଘ ୦୫।୧୭ ଗତେ, ଘ ୦୭।୦୦ ଗତେ, ଘ.୧୦।୦୬, ଗତେ, ଘ.୧୧।୧୭ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧।୪୩ ଗତେ, ଘ.୦୧।୧୯ ମଧ୍ୟେ ରାହୁକାଳ।

# ଗୋଡ଼ଭଟା ଗାଁରେ ମାଓବାଦୀ ପୋଷ୍ଟର

## ୭ ଜିଲାରେ ବନ୍ଦ ପାଳନ ପାଇଁ ଆହ୍ୱାନ



ଭବାନୀପାଟଣା,୯।୫(ସ୍ୱ.ପ୍ର.): କିଛିଦିନର ବ୍ୟବଧାନ ପରେ ପୁଣି ମାଓବାଦୀମାନେ ପୋଷ୍ଟର ଲଗାଇ ଉପସ୍ଥିତ ଜାହିର କରିଛନ୍ତି। ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ଗୋଡ଼ଭଟା ଗାଁର ବିଭିନ୍ନ ସ୍ଥାନରେ ପୋଷ୍ଟର ଲଗାଇଛନ୍ତି ମାଓବାଦୀ। ସେହିପରି ମାଇଲଖୁଣ୍ଟ, ଭବାନୀପୁର ଓ ଲକ୍ଷ୍ମୀପୁର ଆଦି ଗାଁରେ ଲାଲବାହିନୀର ପୋଷ୍ଟର ଦେଖିବାକୁ ମିଳିଛି। ଏହାକୁ ଦେଖିବା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଏ ନେଇ ଖବର ପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ପୋଷ୍ଟର ଜବତ କରିବା ସହ ପୋଷ୍ଟରର ସତ୍ୟାସତ୍ୟକୁ ନେଇ ତଦନ୍ତ ଆରମ୍ଭ କରିଛି। ମେ' ୫ରୁ ୧୪ ଜୁନ ଅଧିକାର ଅଭିଯାନ ଓ ମେ' ୧୫ରେ କନ୍ଧମାଳ, କଳାହାଣ୍ଡି, ରାୟଗଡା, ବୌଦ୍ଧ, ନୟାଗଡ, ଗଜପତି ଓ ଗଞ୍ଜାମ ଜିଲାରେ ୨୪ଘଣ୍ଟିଆ ବନ୍ଦକୁ ସଫଳ କରିବା ପାଇଁ ପୋଷ୍ଟରରେ ଉଲ୍ଲେଖ ରହିଛି। ସମସ୍ତ ଆଦିବାସୀ, ଦଳିତ, ଚାଷୀ, ଦିନ ମଜୁରିଆ ଓ ଗରିବ ପରିବାରକୁ ଆଗାମୀ ଛଅ ମାସ ଭିତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ବିଜୁ ପକ୍କା ଘର ଯୋଜନାରେ ଘର ଯୋଗାଇ ଦେବା ପାଇଁ ପୋଷ୍ଟର ମାଧ୍ୟମରେ ଦାବି କରାଯାଇଛି। ସେହିପରି ପିଡିଏସ୍ ଚାଉଳ, ଡାଲି, ତେଲ, ଲୁଣ ମାଗଣାରେ ଯୋଗାଇ ଦେବା ଓ ଦରଦାମ୍ ବୃଦ୍ଧିକୁ ତୁରନ୍ତ ରୋକ ଲଗାଇବା ସହ ସବୁ ଗାଁକୁ ସବୁଦିନିଆ ପକ୍କା ରାସ୍ତା, ସ୍ୱଚ୍ଛ ପାନୀୟ ଜଳ, ବିଦ୍ୟୁତ୍ ସଂଯୋଗ ଓ ସବୁ ପରିବାରକୁ ମାଗଣାରେ ୧୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଦ୍ୟୁତ୍ ଯୋଗାଇ ଦେବାକୁ କୁହାଯାଇଛି। ସମସ୍ତ ପଞ୍ଚାୟତରେ ଗୋଟିଏ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲି ଅଭିଜ୍ଞ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମୀଙ୍କୁ ନିଯୁକ୍ତି କରିବା ଆଦିବାସୀ ଦାବି କରିଥିବା ପୋଷ୍ଟରରେ ଉଲ୍ଲେଖ ରହିଛି। ପୋଷ୍ଟର ସିପିଆଇ ମାଓବାଦୀ ପକ୍ଷରୁ ଜାରି କରାଯାଇଥିବା ଉଲ୍ଲେଖ ମଧ୍ୟ ରହିଛି।

# ଗୁଳି ବିନିମୟ: ୩ ମାଓବାଦୀ ମୃତ

**ଭବାନୀପାଟଣା/ଏମ୍.ରାମପୁର, ୯।୫(ସ୍ୱ.ପ୍ର./ଡି.ଏନ.ଏ.)**

କଳାହାଣ୍ଡି ଜିଲା ଏମ୍.ରାମପୁର ତାପରଙ୍ଗ ସଂରକ୍ଷିତ ଜଙ୍ଗଲରେ ମଙ୍ଗଳବାର ସକାଳେ ମାଓବାଦୀ ଓ ଯବାନଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି। ଯବାନଙ୍କ ଗୁଳିରେ ୩ଜଣ ମାଓବାଦୀଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତଦେହ ଉଦ୍ଧାର କରାଯାଇଥିବାବେଳେ ସେମାନଙ୍କ ପରିଚୟ ମିଳିପାରିନାହିଁ। ସେହିପରି ପୋଲିସ ଡିଏସ୍‌ପି ଅତୁଲ କୃଷ୍ଣ ଦାଶ ଆହତ ହୋଇଛନ୍ତି। ଆହତ ଡିଏସ୍‌ପିଙ୍କୁ ପ୍ରଥମେ ଏମ. ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବଲାଙ୍ଗୀର ଭୀମଭୋଇ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ହେଲିକପ୍ଟର ଯୋଗେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଖବର ପାଇ କଳାହାଣ୍ଡି ଏସ୍‌ପି ଅଭିଲାଷ ଜି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। ଗତ କିଛି ଦିନ ତଳେ ଛତିଶଗଡ଼ରେ ହୋଇଥିବା ମାଓବାଦୀ ଆକ୍ରମଣ ପରେ ରାଜ୍ୟର ସୀମାନ୍ତବର୍ତ୍ତୀ ଜିଲାଗୁଡ଼ିକରେ ହାଇଆଲର୍ଟ ଜାରି କରାଯାଇଥିଲା। ଜୋରଦାର କୋମ୍ବିଂ ଅପରେଶନ ଯୋଗୁ ମାଓବାଦୀମାନେ ଓଡ଼ିଶାମୁହାଁ ହେବେ ବୋଲି ପୋଲିସ ବିଭାଗ ପକ୍ଷରୁ ସତର୍କ କରାଯାଇଥିଲା। ଏପରିକି ସୀମାନ୍ତବର୍ତ୍ତୀ ଜିଲାଗୁଡିକୁ ସିଲ କରି ସ୍ୱତନ୍ତ୍ର ନଜର ରଖାଯାଇଥିଲା। ଏପରିସ୍ଥଳେ କଳାହାଣ୍ଡି ପୋଲିସ ଓ ଗୋଇନ୍ଦା ବିଭାଗର ତଥ୍ୟ ଅନୁସାରେ ତାପରଙ୍ଗ ସଂରକ୍ଷିତ ଜଙ୍ଗଲରେ ମାଓବାଦୀଙ୍କ ଗତିବିଧି ଥିବାରୁ କୋମ୍ବିଂ ଅପରେଶନ ବେଳେ ମାଓବାଦୀ ଓ ଯବାନ ମୁହାଁମୁହିଁ ହେବାରୁ ଗୁଳି ବିନିମୟ ହୋଇଥିଲା। ଯବାନଙ୍କ ଗୁଳିରେ ଘଟଣାସ୍ଥଳରେ ୨ଜଣ ମାଓବାଦୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣଙ୍କର ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତ୍ୟୁ ହୋଇଥିଲା। ସେହିପରି ଘଟଣାସ୍ଥଳରୁ ଏକେ ୪୭ ବନ୍ଧୁକ ଜବତ କରାଯାଇଛି। ଅନ୍ୟପଟେ ଏସ୍‌ଆଇଡବ୍ଲ୍ୟୁର ଅପରେଶନରେ ଆମକୁ ବଡ଼ ସଫଳତା ମିଳିଛି ବୋଲି ପୋଲିସ ଡିଜି ସୁନୀଲ ବଂଶଲ ପ୍ରତିକ୍ରିୟା ଦେଇଛନ୍ତି। ମାଓବାଦୀ–ପୋଲିସ ଗୁଳି ବିନିମୟରେ ୩ଜଣ ମାଓବାଦୀଙ୍କ ମୃତ୍ୟୁ ହୋଇଛି ଓ ସେମାନଙ୍କ ମୃତଦେହକୁ ଉଦ୍ଧାର କରାଯାଇଥିବା ଡିଜି କହିଛନ୍ତି। ସେହିପରି ସେମାନଙ୍କଠାରୁ ଏକେ ୪୭ ବନ୍ଧୁକ ଜବତ ହୋଇଥିବାରୁ ସିନିୟର ମାଓବାଦୀ ସଙ୍ଗଠନର ସଦସ୍ୟ ବୋଲି ଅନୁମାନ କରାଯାଉଛି। ଜଣେ ପୋଲିସ ଅଧିକାରୀଙ୍କୁ ଗୁଳି ବାଜିଛି। ସେ ବିପଦମୁକ୍ତ ଥିବାବେଳେ ତାଙ୍କୁ ଉତ୍ତମ ଚିକିତ୍ସା ପାଇଁ ଭୁବନେଶ୍ୱରକୁ ଅଣାଯାଇଛି। ବର୍ତ୍ତମାନ ବି ତାପରଙ୍ଗ ଜଙ୍ଗଲରେ ସର୍ଚ୍ଚ ଅପରେଶନ ଜାରି ରହିଛି। ମାଓବାଦୀ ସଙ୍ଗଠନ ଛାଡ଼ି ମୁଖ୍ୟ ସ୍ରୋତକୁ ଫେରିବା ପାଇଁ ସେମାନଙ୍କୁ ଡିଜି ଅପିଲ କରିଛନ୍ତି।

**■ ଏକେ ୪୭ ଜବତ**
**■ ଆହତ ପୋଲିସ ଡିଏସ୍‌ପିଙ୍କୁ ଏୟାରଲିଫ୍ଟ**












* Offer valid for a limited period only. T&C apply. ^ Ex-showroom price of TVS XL100 Comfort Kick Start variant in Odisha. T&C apply. + Based on TVSM internal test conditions. As compared to BS-IV models. T&C apply. # Finance at the sole discretion of the financier. T&C apply.

TVS 3 YEAR WARRANTY TVS CREDIT L&T Financial Services IDFC FIRST Bank ALWAYS YOU FIRST SHRIRAM Finance

FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: SAMBALPUR: Kishore TVS, Ph.: 9778371171. BOLANGIR: Rajlaxmi TVS, Ph.: 918260437538. BARGARH: Subhamm TVS, Ph.: 8860625628; ROURKELA: Unique TVS, Ph : 8114372182, 8114372181, Guru Gobind TVS, Ph: 9776280601, 9437203299 ; JHARSUGUDA: Gunnu TVS, Ph: 8586977624; SONEPUR: Minerva TVS, Ph : 6370700730, 6370700732; BHAWANIPATNA : Raj Rajeswari TVS, Ph : 7682809880. Authorised Dealers: Brajrajnagar: Ph: 9937077883, Rengali: Ph: 9437052831, Deogarh: Ph: 9437392892 Modipara: Ph: 9337016000, Bamra: Ph: 9668005302, Kuchinda: Ph: 9777189689, Redakhol: Ph: 9938020777 Kantapali: Ph: 9437096134, Dhama: Ph: 7735079641, Boudh: Ph: 9437223008, Dungripally: Ph: 9937926986 Kantamal:Ph:7008225996, Birmaharajpur:Ph:8018860710, Patnagarh:Ph:9938621078, Raj Khariar: Ph:9439144433, Kantabanji: Ph:8596980487, Gaisilat: Ph:7683848645, Saintala: Ph:9861471371 Bangamunda: Ph: 9937526500, Tusura: Ph: 9437890955, Udanbandh: Ph: 9437626855, Lathor: Ph:7008086417 Titlagarh: Ph: 9776516666, Belpahar: Ph: 8249880971, Bandhbahal: Ph: 9439810542, Barpali: Ph: 9437158843 Nuapara: Ph:9938098888, Baragarh: Ph:9938739550, Bhatli:Ph:7326806471, Attabira: Ph:8658966777, Paikmal: Ph:9938119999, Bheden: Ph:7008822177, Godbagha: Ph:9438043220, Diptipur: Ph:9937119913 Padampur: Ph: 8018570957, Jharbandh: Ph: 9937120964, Laikera: Ph: 9938465363, Bagdehi: Ph: 9438736989 Sundargarh: Ph:9437139011, Rajgangpur: Ph:9437172724, San Balichuan: Ph:8249601308, Kutra: Ph:6370578102, Muniguda: Ph:9583860028.
dentsu/dha sam/04/23

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୧୦ ମେ, ୨୦୨୩



## ସଂକ୍ଷେପରେ

### ଫିରୋଜଙ୍କୁ ଉଚ୍ଚଚିକିତ୍ସା ଯୋଗାଇ ଦେବାକୁ ଦାବି

**ସାପ୍ତାହିକ ବଜାରରୁ ଗୁରୁତର ଅବସ୍ଥାରେ ଉଦ୍ଧାର ହୋଇଥିଲେ**

**ଲୋଇସିଂହା,୯।୫(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ବସ୍ତି ଡେଲିମାର୍କେଟ ଅଞ୍ଚଳର ଫିରୋଜ ଖାନ(୪୫)। ଗତ ୬ ଦିନ ହେଲା ଲୋଇସିଂହା ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ଘଟୁନାହିଁ । ଡାକ୍ତରଖାନାରେ ବନ୍ଧୁ ସୁରେଶ ନିଆଲ ତାଙ୍କ ଦେଖାଶୁଣା କରୁଛନ୍ତି। ଅବିବାହିତ ଥିବା ଫିରୋଜ ବିଭିନ୍ନ ସ୍ଥାନରେ କାମ କରି ଗୁଜୁରାଣ ମେଣ୍ଟାଇଥାନ୍ତି। ତାଙ୍କ ମା'ବାପାଙ୍କ ଦେହାନ୍ତ ହୋଇଯାଇଛି। ସାବତ ମା' ବଲାଙ୍ଗୀରରେ ରହୁଛନ୍ତି। କିଛିବର୍ଷ ତଳେ ଫିରୋଜ ଦୁର୍ଘଟଣାର ଶିକାର ହୋଇଥିଲେ। ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇ ଚାଲିଯାଇଥିଲା । ଅଣ୍ଟାରେ ଗୁରୁତର ଆଘାତ ଲାଗିଥିଲା। ସେବେଠାରୁ ସେ ଆଉ ସୁସ୍ଥ ହୋଇ ପାରି ନାହାନ୍ତି। ଯିଏ ଯାହା ଦେଲା ଖାଉଛନ୍ତି, ନହେଲେ ନାହିଁ। ସପ୍ତାହକ ତଳେ ଲୋଇସିଂହା ସାପ୍ତାହିକ ବଜାରରେ ଗୁରୁତର ଅବସ୍ଥାରେ ନଜରକୁ ଆସିଥିଲେ। ଝାଡାବାନ୍ତି ଯୋଗୁ ଗୁରୁତର ଅସୁସ୍ଥ ହୋଇପଡିଥିଲେ । ବସ୍ତିର ସୁରେଶ ନିଆଲ ତାଙ୍କ ଅବସ୍ଥା ଦେଖି ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। କେତେକ ବଦାନ୍ୟ ବ୍ୟକ୍ତିଙ୍କ ସହାୟତାରେ ଚିକିତ୍ସା ଖର୍ଚ୍ଚ କରାଯାଇଥିବା ସୁରେଶ କହିଛନ୍ତି।

### ଗୋଲାମୁଣ୍ଡାରେ ଦିନିକିଆ ଭଜନ ସନ୍ଧ୍ୟା

**ଖଡ଼ିଆଲ,୯।୫(ଡି.ଏନ୍.ଏ.):** ନୂଆପଡ଼ା ଜିଲା ଖଡ଼ିଆଲସ୍ଥିତ ଶ୍ରୀବତ୍ସ୍ୟ ବାରିକଙ୍କ ବାସଭବନରେ ଜଗନ୍ନାଥ ମଣ୍ଡଳୀ ପକ୍ଷରୁ ଦିନିକିଆ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ଶ୍ରୀବତ୍ସ୍ୟ ଆୟୋଜନ କରିଥିଲେ। କଣ୍ଠଶିଳ୍ପୀ ନନ୍ଦଲାଲ ବାରିକ, ଅଶୋକ କୁମାର ବାରିକ, ଜ୍ୟୋତିକା ବିଶି, ମମତା ପଟେଲ ସଙ୍ଗୀତ ପରିବେଷଣ କରିଥିଲେ। ସତ୍ୟଦେବ ବନଛୋର, ତବଲା ବାଦକ ସମୀର ରଞ୍ଜନ ରାଉତରାୟ, ବାଂଶୁରୀ ବାଦକ ବ୍ରହ୍ମାନନ୍ଦ ବନଛୋର କାର୍ଯ୍ୟ କ୍ରମରେ ସହଯୋଗ କରିଥିଲେ। ଅବସର ପ୍ରାପ୍ତ ଅଧକ୍ଷ ମେଜର ଡ.ରାମଚନ୍ଦ୍ର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଖଡ଼ିଆଲ ପାଟଣା କ୍ଷତ୍ରିୟ ସମାଜ କୁଳପତି ଶମ୍ଭୁ କିଶୋର ଦଣ୍ଡସେନା, ପରମେଶ୍ୱର ବାରିକ, ବିଜୁ ବାବୁ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଜିତେନ୍ଦ୍ର ସିଂ ବାରିକ, କେତନ ସିଂ ବାରିକ, ମହେଶ୍ୱର ପ୍ରସାଦ ବାରିକ, ଅଶ୍ୱିନୀ କୁମାର ପ୍ରଧାନୀ, ରମଣ ସିଂ ବାରିକ, ବିଦ୍ୟାଧର ବିଶି, ଦେବ ସିଂ ନାୟକଙ୍କ ସମେତ ଶତାଧିକ ଜଗନ୍ନାଥ ଭଜନ ପିପାସୁ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପ୍ରେମାନନ୍ଦ ବାରିକ, ଉମାକାନ୍ତ ରାଉତରାୟ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ସହଯୋଗ କରିଥିଲେ। ଶେଷରେ ଶ୍ରୀବତ୍ସ୍ୟ ଧନ୍ୟବାଦ ଦେଇଥିଲେ।

### ଷୋହଳ ପ୍ରହର ନାମଯଜ୍ଞ ପାଇଁ ଅଧିବାସ

**ମୁରିବାହାଲ,୯।୫(ଡି.ଏନ.ଏ.):** ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଗରଗଡ଼ବାହାଲ ଗ୍ରାମ ପଞ୍ଚାୟତର ତେନ୍ତୁଳିଖୁଣ୍ଟି ଓ ଗରଗଡ଼ବାହାଲ ଗ୍ରାମରେ ଷୋହଳ ପ୍ରହର ନାମଯଜ୍ଞ ପାଇଁ ମଙ୍ଗଳବାର ୧୦୮ଜଣ ମହିଳା ଏକ କଳସ ଯାତ୍ରା କରିଥିଲେ। ନିକଟସ୍ଥ ଟଙ୍ଗଯୋରରୁ ପୂର୍ଣ୍ଣ ଜଳ ପାଣି ଆଣିବା ପରେ ଅଧିବାସୀ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। କର୍ତ୍ତାଭାବେ ପୂର୍ବା ହାତୀ ଓ ତାଙ୍କ ସ୍ତ୍ରୀ ସରୋଜିନୀ ହାତୀ ଦାୟିତ୍ୱ ନିର୍ବାହ କରୁଛନ୍ତି। ବୁଧବାର ସକାଳ ୭ଟା୧୫ରେ ନାମ ଆରମ୍ଭ ହେବା ଆସନ୍ତା ୧୨ ତାରିଖ ପୂର୍ଣ୍ଣାହୂତି ହେବ ବୋଲି ଜଣାପଡିଛି। ନାମଯଜ୍ଞରେ ବଲାଙ୍ଗୀର, କଳାହାଣ୍ଡି, ନୂଆପଡା, ଓ ନବରଙ୍ଗପୁର ପ୍ରଭୃତି ଜିଲ୍ଲାର ବିଶିଷ୍ଟ ଗୁରୁ ମାନଙ୍କୁ ନେଇ ୧୨ ଗୋଟି ସଂକୀର୍ତ୍ତନ ଦଳ ଉପସ୍ଥିତ ରହିବେ। ନାମଯଜ୍ଞ ଆୟୋଜନରେ ସନ୍ୟାସୀ ପୁଟେଲ, ପ୍ରସାଦି ହାତୀ, ହର୍ଷ ହାତୀ, ବିରଞ୍ଚି ହାତୀ, ଚିତ୍ତରଞ୍ଜନ ବାଗ, ଧନସିଂ ବେହେରା, ଗୋଲକ ନାଗ, ମେଘନାଦ ବାଗ, ବନବାସୀ ଶତପଥୀ, ଯାଜ୍ଞସେନ ପୁଟେଲ, ପ୍ରକାଶ ବେହେରା, ହୃଦାନନ୍ଦ ହାତୀ ପ୍ରମୁଖ ସହଯୋଗ କରୁଛନ୍ତି।

# କାମରେ ଲାଗୁନି ବିଜୁସେତୁ

**ଖଡ଼ିଆଲ,୯।୫(ଡି.ଏନ୍.ଏ.)**

ନୂଆପଡ଼ା ଜିଲା ଖଡ଼ିଆଲ ବ୍ଲକ ଅର୍ନ୍ତଗତ ବିରିଘାଟ ଗ୍ରାମରେ ଥିବା ସୁନ୍ଦରୀ ନଦୀ ଉପରେ ବିଜୁ ସେତୁ ନିର୍ମାଣ ହୋଇଛି। ହେଲେ ସେତୁର ଉଭୟ ପାର୍ଶ୍ୱର ଆପ୍ରୋଚ ରାସ୍ତା ନିର୍ମାଣ ହୋଇପାରୁନି। ଫଳରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଅଞ୍ଚଳବାସୀ। ୨୦୧୮ରୁ କାର୍ଯ୍ୟ ଆରମ୍ଭ ହୋଇ ୨୦୨୦ ସୁଦ୍ଧା ସମ୍ପୂର୍ଣ୍ଣ କାର୍ଯ୍ୟ ସରିବା କଥା। ସେତୁ ନିର୍ମାଣ ହୋଇଥିଲେ ହେଁ ଆପ୍ରୋଚ ରାସ୍ତା ନିର୍ମାଣ ହୋଇପାରୁ ନ ଥିବାରୁ ନଦୀ ଭିତର ଦେଇ ପ୍ରତିଦିନ ସ୍କୁଲ, କଲେଜ ଛାତ୍ରୀଛାତ୍ର ଏବଂ ଅଞ୍ଚଳବାସୀ ଯାତାୟାତ କରୁଛନ୍ତି। ହେଲେ ବର୍ଷା ଦିନରେ ଯାତାୟତ ବନ୍ଦ ରହୁଛି। ଖଡ଼ିଆଲ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣ ହଉଥିବା ଏହି ବିଜୁ ସେତୁ ୬ କୋଟି ୪୮ ଲକ୍ଷ ଟଙ୍କା ଅଟକଳରେ ନିର୍ମାଣ ହୋଇଥିଲା। ସେତୁ ଦୁଇ ମୁଣ୍ଡରେ ଥିବା



ସୁନ୍ଦରୀ ନଦୀ ଉପରେ ନିର୍ମାଣ ହୋଇଥିବା ବିଜୁ ସେତୁ।

**ନଦୀ ଭିତର ଦେଇ ଯାଆସ କରୁଛନ୍ତି ଅଞ୍ଚଳବାସୀ**

ଜମି ଅଧି ଗ୍ରହଣ ସମସ୍ୟା ସମାଧାନ ହୋଇ ପାରୁ ନଥିବାରୁ ଆପ୍ରୋଚ ରାସ୍ତା ନିର୍ମାଣ ହୋଇ ପାରୁନାହିଁ ବୋଲି ବିଭାଗ ପକ୍ଷରୁ ଜଣାପଡ଼ିଛି। ଏହି ରାସ୍ତା ଉପରେ ଅଞ୍ଚଳର ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକେ ନିର୍ଭରଶୀଳ ଥିବାରୁ ସେତୁ କାର୍ଯ୍ୟ ତୁରନ୍ତ ସମ୍ପୂର୍ଣ୍ଣ କରିବାକୁ ଅଞ୍ଚଳବାସି ଦାବି କରିଛନ୍ତି। ଏନେଇ ଖଡ଼ିଆଲ ଗ୍ରାମ୍ୟ ଉନ୍ନୟନ ଅଧିକ୍ଷଣ ଯନ୍ତ୍ରୀ ଅର୍ଜୁନ ଚରଣ ମୁଣ୍ଡାଙ୍କୁ ପଚାରିବାରୁ, କିଛି ସମସ୍ୟା ଯୋଗୁଁ ହୋଇ ପାରୁନି ଶୀଘ୍ର କାମ ସାରିବାକୁ ପଦକ୍ଷେପ ନିଆଯାଉଛି ବୋଲି କହିଛନ୍ତି।

# ୫ଶହ ଟଙ୍କା ଭତ୍ତା ପାଇଁ ଦେଢ଼ଶହ ଟଙ୍କା ରିକ୍ସାଭଡ଼ା



ବ୍ୟାଙ୍କକୁ ଭତ୍ତା ଟଙ୍କା ଉଠାଣ ପାଇଁ ପୁଅ ସହ ରିକ୍ସାରେ ଆସିଥିବା ମଥୁରା ।

**ଲୋଇସିଂହା, ୯।୫(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସଦର ପଞ୍ଚାୟତ ନୂଆପଡାର ଜଣେ ବୃଦ୍ଧା ୫ ଶହ ଟଙ୍କ ଭତ୍ତା ପାଇଁ ୧୫୦ ଟଙ୍କା ରିକ୍ସା ଭଡା କରିବା ଏଠାରେ ଆଲୋଚନାର ବିଷୟ ହୋଇଛି। ଲୋଇସିଂହା ପଞ୍ଚାୟତ ସଦର ଗ୍ରାମ ନୂଆପଡାର ବିଧବା ମଥୁରା ମେହେର(୯୫)। ବୟସାଧିକ ଯୋଗୁ ଠିକ୍‌ଭାବେ କହି ପାରୁନାହାନ୍ତି କି ଶୁଣି ପାରୁନାହାନ୍ତି। ଦୃଷ୍ଟିଶକ୍ତି କ୍ଷୀଣ ହୋଇ ଗଲାଣି। ଅନ୍ୟର ସାହାରରେ ଜୀବନ ବିତୁଛି। ଏବେ ବ୍ୟାଙ୍କ ଆକଉଣ୍ଟରେ ଅନଲାଇନରେ ଭତ୍ତା ଟଙ୍କା ପ୍ରଦାନ କରାଯାଉଛି। ହିତାଧିକାରୀଙ୍କୁ ନ ଦେଖିଲେ ବ୍ୟାଙ୍କ କର୍ମଚାରୀ ଟଙ୍କା ଦେଉନାହାନ୍ତି। ମଙ୍ଗଳବାର ପୁଅ ପ୍ରବୀର ସହ ମଥୁରା ଏକ ରିକ୍ସାରେ ସ୍ଥାନୀୟ ଇଣ୍ଡିଆନ ବ୍ୟାଙ୍କକୁ ଭତ୍ତା ଟଙ୍କା ନେବାକୁ ଆସିଥିଲେ। ପାହାଚ ଚଢି ବ୍ୟାଙ୍କ ଭିତରକୁ ଯାଇ ନ ପାରିବାରୁ ରିକ୍ସାରେ ବସି ରହିଥିଲେ ମଥୁରା । ପୁଅ ବ୍ୟାଙ୍କରୁ ଏକ ଟଙ୍କା ଉଠାଣ ଭାଉଚର ଆଣି ମଥୁରାଙ୍କ ଟିପ ଚିହ୍ନ ନେଇ ଟଙ୍କା ଉଠାଣ କରିଥିଲେ। ଅପରପକ୍ଷେ ରିକ୍ସାଭଡା ୧୫୦ ଟଙ୍କା ଯୋଗୁ ପ୍ରତିମାସ ବ୍ୟାଙ୍କକୁ ଆସି ଭତ୍ତା ଟଙ୍କା ନେବା ସମ୍ଭବ ହେଉନାହିଁ। ପ୍ରତି ୩ରୁ ୪ ମାସରେ ଥରେ ବ୍ୟାଙ୍କକୁ ଆସି ମା'ଙ୍କ ଭତ୍ତା ଟଙ୍କା ଉଠାଣ କରୁଥିବା ପ୍ରବୀର କହିଛନ୍ତି। ୮୦ ବର୍ଷର ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ୮ ଶହ ଟଙ୍କା ଭତ୍ତା ପ୍ରଦାନ କରାଯାଉଛି। ଏଠାରେ ୯୫ ବର୍ଷ ବୟସ୍କା ମଥୁରାଙ୍କ କ୍ଷେତ୍ରରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ତାଙ୍କୁ ୮ଶହ ବଦଳରେ ୫ଶହ ମିଳୁଛି। ଏଥିପ୍ରତି ବ୍ଲକ ପ୍ରଶାସନ ଓ ସମାଜିକ ସୁରକ୍ଷା ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ପାଇକଥୁଆଗୁଡ଼ାକୁ ହରାଇ ପାହାଡ଼ପଦର ବିଜୟୀ



ଉଦ୍‌ଘାଟନୀ ମ୍ୟାଚ୍‌ରେ ଅତିଥିଙ୍କ ସହ ଖେଳାଳିମାନେ।

**ଲାଞ୍ଜିଗଡ଼,୯।୫(ଡି.ଏନ.ଏ.)**

**ବ୍ଲକସ୍ତରୀୟ ନକ୍‌ଆଉଟ୍ କ୍ରିକେଟ୍ ଉଦ୍‌ଘାଟିତ**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ବିଜେପୁର ପଞ୍ଚାୟତ ବିଜେପୁରସ୍ଥିତ ଖେଳପଡିଆଠାରେ ସୁନାଗିଲୁ ନାଏକ ବ୍ଲକସ୍ତରୀୟ ନକ୍‌ଆଉଟ୍ କ୍ରିକେଟ୍ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ପାଇକଥୁଆଗୁଡ଼ା ଓ ପାହାଡ଼ପଦର ଦଳ ମଧ୍ୟରେ ଉଦଘାଟନୀ ମ୍ୟାଚ୍‌ରେ ପାହାଡ଼ପଦର ବିଜୟୀ ହୋଇଛି। ପାହାଡ଼ପଦର ୧୨ ଓଭର ୮ ଉଇକେଟ୍ ବିନିମୟରେ ୧୩୮ ରନ୍ କରିଥିବା ବେଳେ ଜବାବରେ ପାଇକଥୁଆଗୁଡ଼ା ୧୧.୧ ଓଭରରେ ଅଲଆଉଟ ହେଇ ମାତ୍ର ୭୪ ରନ୍ କରି ପରାଜୟ ହୋଇଥିଲା। ଉଦ୍‌ଘାଟନୀ ମ୍ୟାଚରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ ପୂର୍ବତନ ବିଧାୟକ ଶିବାଜୀ ମାଝି ଯୋଗଦେଇଥିବା ବେଳେ ସମ୍ମାନତ ଅତିଥି ଭାବେ ଲାଞ୍ଜିଗଡ ଜୋନ୍-୨ ଜିଲା ପରିଷଦ ସଦସ୍ୟ ପରୀକ୍ଷିତ ନାଏକ, ବିଜେପୁର ପୂର୍ବତନ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ମାଝି, ସରପଞ୍ଚ ପ୍ରତିନିଧି ଟିକା ମାଝି, ପୂର୍ବତନ ସମିତି ସଭ୍ୟ ହରିଶ୍ଚନ୍ଦ୍ର ପୁଝାରୀ, ୱାର୍ଡ଼ ମେମ୍ବର ରାଜେଶ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ ଏବଂ ଏଥିରେ ୧୬ଟି ଦଳ ସାମିଲ ହେଇଛନ୍ତି ବୋଲି ମା' କନକ ଦୁର୍ଗା ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସୂଚନା ମିଳିଛି। ଉଦଘାଟନି ମ୍ୟାଚରେ ଧାରା ବିବରଣୀ ସୁରେନ୍ଦ୍ର ବାଗ କରିଥିଲେ। ଖେଳ ପରିଚାଳନା ଜଗତରାମ ବାଗ, ବରୁଣ ନାଏକ କରିଥିଲେ। ବ୍ଲକସ୍ତରୀୟ କ୍ରିକେଟ ପ୍ରତିଯୋଗୀତାରେ ମା' କନକ ଦୁର୍ଗା ସାଂସ୍କୃତିକ ଅନୁଷ୍ଠାନ ବିଜେପୁର ପକ୍ଷରୁ ବରୁଣ ନାଏକ, ଜଗତରାମ ବାଗ, ଦିନେଶ ବାଗ, ଅର୍ଜୁନ ନାଏକ, ପ୍ରହ୍ଲାଦ ବାଗ, ଦଶରଥ ନାଏକ, ଭିକ ନାଏକ, ଶିବ ନାଏକ, ପ୍ରବୀଣ ନାଏକ, ହେମନ୍ତ ନାଏକ, ପଙ୍କଜ ବାଗ, ପ୍ରଶାନ୍ତ ବାହୁକ, ରଞ୍ଜିତ ନାଏକ,ରାହୁଲ ନାଏକ, ମୁକୁନ୍ଦ ନାଏକ, ମିଲକୁ ନାଏକ, ବିଜୟ ନାଏକ, କିଶ୍ୱର୍ ନାଏକ, ମହେଶ୍ୱର ନାଏକ, ଜଗନ୍ନାଥ ନାଏକ, ହରିଶ ନାଏକ, ମଳୟ ନାଏକ, ନିର୍ମଳ ନାଏକ, ମା' କନକ ଦୁର୍ଗା ସାଂସ୍କୃତିକ ଅନୁଷ୍ଠାନ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଖଡ଼ିଆଳରେ ବୃଦ୍ଧି ପାଉଛି ମଶା, ମାଛିଙ୍କ ବଂଶ

**ଖଡ଼ିଆଲ,୯।୫(ଡି.ଏନ୍.ଏ.)**

ନୂଆପଡ଼ା ଜିଲା ଖଡ଼ିଆଲ ସହର ସମେତ ଗ୍ରାମାଞ୍ଚଳରେ ମଶା ମାଛିଙ୍କ ବଂଶ ବୃଦ୍ଧି ପାଇବା ସହିତ ମ୍ୟାଲେରିଆ ଜ୍ୱରରେ ବହୁତ ଲୋକ ଆକ୍ରାନ୍ତ ହେଉଥିବା ଦେଖାଯାଉଛି। ବହୁତ୍ ଦିନରୁ ଡ୍ରେନ ଗୁଡ଼ିକ ସଫା ହେଉ ନଥିବାରୁ ଦୁର୍ଗନ୍ଧ ପାଣି ଜମି ରହି ମଶା ମାଛିଙ୍କ ସଂଖ୍ୟା ବୃଦ୍ଧି ପାଉଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଲୋକଙ୍କୁ ମାଗଣାରେ ମସାରି ବଣ୍ଟନ ସହ ବ୍ୟବହାର କରିବା ପାଇଁ କୁହାଯାଇଛି। ମଶା ବଂଶ ରୋକିବାକୁ ଡିଡିଟି ସିଞ୍ଚନ ଏକମାତ୍ର ମାଧ୍ୟମ ଅଛି କିନ୍ତୁ ବର୍ତ୍ତମାନ ତାହା ବନ୍ଦ ରହିଛି। ଫଳରେ ଦିନକୁ ଦିନ ମଶା ମାଛିଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ତୁରନ୍ତ ଡିଡିଟି ସିଞ୍ଚନ କରାଯାଉ ବୋଲି ସାଧରଣରେ ଦାବି ହୋଇଛି। ଅନ୍ୟପକ୍ଷରେ ଜିଲ୍ଲାର ଦୁର୍ଗମ ଅଞ୍ଚଳରେ ମଶା ଦମନ ଅଭିଯାନ ସହ ଲୋକଙ୍କୁ ମ୍ୟାଲେରିଆରୁ ରକ୍ଷା ପାଇବା ପାଇଁ ସଚେତନ କରାଯାଉ ବୋଲି ବୁଦ୍ଧଜୀବୀ ମହଲରେ ମତ ପ୍ରକାଶ ପାଇଛି।

## ପିତୃ ମାତୃହୀନ ଶିଶୁଙ୍କୁ ଉଦ୍ଧାର କଲା ଶିଶୁ ସୁରକ୍ଷା ୟୁନିଟ

**ବଲାଙ୍ଗୀର ଅଫିସ, ୯।୫**

ଜିଲା ଶିଶୁ ସୁରକ୍ଷା ଅଧିକାରୀ (ଡିସିପିଓ) ଲକ୍ଷ୍ମୀ ସିଂଙ୍କ ନିର୍ଦ୍ଦେଶ କ୍ରମେ ମଙ୍ଗଳବାର ବଲାଙ୍ଗୀର ସଦର ବ୍ଲକର ବିଡିଘାଟ ଗାଁରୁ ଜଣେ ପିତୃମାତୃହୀନ ଶିଶୁ ହେମନ୍ତ ରଣାଙ୍କୁ ଉଦ୍ଧାର କରାଯାଇ ଶିଶୁ ଗୃହରେ ଅବସ୍ଥାପିତ କରାଯାଇଛି। ଡିସିପିଓଙ୍କ ନିର୍ଦ୍ଦେଶକ୍ରମେ ସାମାଜିକ କର୍ମୀ ଅରୁଣ ଖୁଆସ ବିଡିଘାଟ ଗାଁରେ ପହଞ୍ଚି ଶିଶୁମାନଙ୍କ ସ୍ଥିତି ପରଖି ଥିଲେ। ଉକ୍ତ ଶିଶୁଙ୍କର ବଡ ଭଉଣୀ କ୍ଷୀରବତୀ(୨୬) ବର୍ଷ ସମ୍ପୂର୍ଣ୍ଣ ନିରକ୍ଷର ତଥା ସାମାନ୍ୟମାନସିକ ଅନଗ୍ରସର । ସେହିଭଳି ଦ୍ୱିତୀୟ ଭଉଣୀ ନିରବତୀ ମାଟ୍ରିକ ପରୀକ୍ଷା ପରେ ପରିବାର ପୋଷଣ ଉଦ୍ଦେଶ୍ୟରେ ମୂଲ ଲାଗିବାକୁ ଅନ୍ୟ ଜିଲାକୁ ଗତ କିଛି ଦିନ ତଳେ ଯାଇଛନ୍ତି । ସେ ଗାଁକୁ ଫେରିଲା ପରେ ଶିଶୁ ଯତ୍ନ ଅନୁଷ୍ଠାନରେ ଅବସ୍ଥାପିତ କରାଯାଇ ଧନ୍ଦାମୂଳକ ଶିକ୍ଷାର ବ୍ୟବସ୍ଥା କରିବା ପାଇଁ ଗାଁରେ ଭଦ୍ରବ୍ୟକ୍ତିମାନଙ୍କ ଉପସ୍ଥିତିରେ ନିଷ୍ପତ୍ତି ହୋଇଥିଲା । ଶିଶୁଙ୍କୁ ଉଦ୍ଧାର କରିବା ସମୟରେ ଶିଶୁଙ୍କର ସମ୍ପର୍କୀୟ ଅଜା, ସରପଞ୍ଚଙ୍କ ପ୍ରତିନିଧି, ଗାଁ ର ଭଦ୍ରବ୍ୟକ୍ତି ଉପସ୍ଥିତ ଥିଲେ।

# ସୁରେଖାଙ୍କୁ ଆବାସ ଯୋଜନାରେ ସାମିଲ ପାଇଁ ଦାବି



ସୁରେଖାଙ୍କ ଭଙ୍ଗା ମାଟିଘର।

**ଖଡ଼ିଆଲ,୯।୫(ଡି.ଏନ୍.ଏ.)**

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ନେହେନା ଗ୍ରାମର ବିଧବା ସୁରେଖା ଦାସ ଆବାସ ଗୃହ ଯୋଜନାରେ ସାମିଲ ହୋଇ ନ ପାରି ଭଙ୍ଗା ମାଟି ଘରେ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ୧୦ ବର୍ଷ ପୂର୍ବେ ସ୍ୱାମୀ ନିରାକାର ଦାସଙ୍କ ମୃତ୍ୟୁ ହୋଇଥିଲା । ଗୋଟିଏ ଝିଅକୁ ବିବାହ ଦେଇସାରିଥିବା ବେଳେ ଏବେ ସେ ଏକାକୀ ଭଙ୍ଗା ମାଟି ଘରେ ଜୀବନକୁ ବାଜି ଲଗାଇ ରହୁଛନ୍ତି। ବର୍ଷା ଦିନେ ତାଙ୍କ ଦୁଃଖ ଦ୍ୱିଗୁଣିତ ହେଉଯାଉଛି। ଅନେକ ସମୟରେ ଘରେ ବିଷ ଧର ସାପ ବାହାରୁଥିବା ସହିତ କୀଟ ପତଙ୍ଗ ସାଲୁବାଲୁ ହେଉଥିବା ସେ କହିଛନ୍ତି। ଘର ଖଣ୍ଡିଏ ପାଇବା ପାଇଁ ପଞ୍ଚାୟତରୁ ବ୍ଲକ ପର୍ଯ୍ୟନ୍ତ ଅନେକ ଥର ଅଭିଯୋଗ କରିଛନ୍ତି, ହେଲେ କିଛି ସୁଫଳ ମିଳୁନାହିଁ। ଅନ୍ୟ ପକ୍ଷରେ ନେହେନା ପଞ୍ଚାୟତରେ ଅର୍ଥିକ ସ୍ୱଚ୍ଛଳ ଥିବା ବ୍ୟକ୍ତି ଆବାସ ଯୋଜନାରେ ସାମିଲ ହୋଇ ପକ୍କାଘର ପାଇଛନ୍ତି କିନ୍ତୁ ତାଙ୍କୁ ଆବାସ ଯୋଜନାରେ ଘର ଖଣ୍ଡିଏ ମିଳିନାହିଁ ବୋଲି କହିଛନ୍ତି। ଜିଲା ପ୍ରଶାସନ ଗ୍ରାମକୁ ଆସି ସୁରେଖାଙ୍କ ଘର ଦେଖି ତୁରନ୍ତ ଆବାସ ଯୋଜନାରେ ସାମିଲ କରି ପକ୍କା ଘର ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏନେଇ ଖଡ଼ିଆଳ ବିଡିଓ ନାରାୟଣ ସାହୁଙ୍କୁ ଭଙ୍ଗା ଘରର ଫଟୋ ଦେଖାଇ ଅବଗତ କରାଇବାରୁ ଏପରି ନିରୀହ ବିଧବା ମା'ଙ୍କୁ ଆବାସ ଗୃହ ବହୁତ ଦିନ ପୂର୍ବରୁ ମିଳିବା କଥା କହିବା ସହିତ ତୁରନ୍ତ ଆବାସ ଗୃହ ଯୋଗାଇ ଦିଆଯିବ ବୋଲି କହିଥିଲେ।

# ସାପ୍ତାହିକ ବଜାର ସ୍ଥାନାନ୍ତର ନେଇ ଦ୍ୱନ୍ଦ୍ୱ

**ମ. ରାମପୁର,୯।୫(ଡି.ଏନ.ଏ.)**

କଳାହାଣ୍ଡି ଜିଲା ମ. ରାମପୁର ସହରଠାରେ ମଙ୍ଗଳବାର ସାପ୍ତାହିକ ବଜାର ସ୍ଥାନାନ୍ତର ନେଇ ଏବେ ଦ୍ୱନ୍ଦ୍ୱ ଉପୁଜିଛି। ଦେଢ଼ବର୍ଷ ପୂର୍ବେ ସହର ବସଷ୍ଟାଣ୍ଡଠାରୁ ଏହି ହାଟ ଶିବମନ୍ଦିର ପାର୍ଶ୍ୱକୁ ସ୍ଥାନାନ୍ତର ହୋଇଥିଲା। ସହର ସୀମାନ୍ତ ହେତୁ ବେପାରୀମାନେ ରାଜି ନ ହେବାରୁ ବେପାରୀ ସଂଖ୍ୟା ହ୍ରାସ ପାଇଥିଲ। ବେପାର ପାଇଁ ସାର୍ବଜନୀନ ବିଜ୍ଞାପ୍ତି ହେଇଥିଲା। କିନ୍ତୁ ଆବେଦନକାରୀ ନ ଥିଲେ। କେବଳେ ଆପୋଷ ବୁଝାମଣାରେ ଫି ଆଦାୟ ହେଉ ଥିଲା। କିନ୍ତୁ ଅତି ନଗଣ୍ୟ ଥିଲା ଫିଜ ଆଦାୟ। ସହର ମଧ୍ୟ ଭାଗ ବସଷ୍ଟାଣ୍ଡଠାରେ ସାପ୍ତାହିକ ବଜାର ବସିବା ଏବେ ନେଇ ଦ୍ୱନ୍ଦ ଉପୁଜିଛି। ସହର ମୁଖ୍ୟ ରାସ୍ତା କଡ଼ରେ ବଜାର ବସିବା ହେତୁ ଟ୍ରାଫିକ ସମସ୍ୟା ଉପୁଜୁଥିବା ଯୋଗୁ ତାହା ସ୍ଥାନାନ୍ତର ହୋଇଥିଲା। ପୁଣି ସେହି ସମସ୍ୟା ବାହୁ ଗୁଣବଢ଼ିବ। ତେଣୁ ଥାନାଧିକାରୀ ସଚିନ୍ଦ୍ର ପ୍ରଧାନ, ତହସିଲଦାର ଜ୍ୟୋତ୍ସ୍ନା ମାଝି ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ସହର ମୁଖ୍ୟ ରାସ୍ତା ପାର୍ଶ୍ୱରେ ବଜାର ବସିବ ନାହିଁ ବୋଲି ସ୍ପଷ୍ଟ କହିଥିଲେ। ଏହି ରାସ୍ତା ଦେଇ ପ୍ରତିଦିନ ସାଢ଼େ ୩ହଜାରରୁ ଅଧିକା ଛାତ୍ରୀଛାତ୍ର, ଶତାଧିକ ଭାରିଯାନ, ହାଲୁକାଯାନ, ଯାତାୟାତ କରୁଛି। ଏଥି ଯୋଗୁ ଯାତାୟତ ବାଧାପ୍ରାପ୍ତ ହୋଇ ଦୁର୍ଘଟଣା ଘଟିବ। ତେଣୁ ବିକଳ୍ପ ପ୍ରସ୍ତାବ ଗ୍ରହଣ ନ କରି ସରପଞ୍ଚ ନାମକୁ ମାତ୍ରା ପଞ୍ଚାୟତ ସଭାରେ ଏ ନେଇ ଅନୁମୋଦନ କରାଇ ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ନେଇ ପିଇଓ ହେମାନନ୍ଦ ନାଏକ ଫି ଆଦାୟ ହ୍ରାସ ପାଇଛି ବୋଲି କହିଥିଲେ। ଆଇଆଇସି ସଚିନ୍ଦ୍ର ପ୍ରଧାନ ବିକଳ୍ପ ପ୍ରସ୍ତାବ ତହସିଲଦାର ଦେଇଛନ୍ତି। ବିଜୁ କଲ୍ୟାଣ ମଣ୍ଡପ ନିକଟ ସ୍ଥାନ ସହିତ କଲ୍ୟାଣ ମଣ୍ଡପରେ ସାପ୍ତାହିକ ବଜାର କରାଯାଇପାରେ। ସରପଞ୍ଚ ବୀଣାପାଣି ସାହୁ ଫୋନ ଗ୍ରହଣ ନ କରିବା ହେତୁ ପ୍ରତିକ୍ରିୟା ମିଳିପାରିନାହିଁ। ତେବେ ସାମଗ୍ରିକ ଭାବେ ବ୍ଲକ୍, ତହସିଲ, ପୋଲିସ, ବୁଦ୍ଧିଜୀବୀଙ୍କ ସମନ୍ୱୟ ରକ୍ଷା ନ କରି ତରବରିଆ ବଜାର ସ୍ଥାନାନ୍ତର ନେଇ ଜନଅସନ୍ତୋଷ ବୃଦ୍ଧି ପାଇଛି।

# ଅଙ୍ଗନୱାଡି ପ୍ରିକ୍ଲାସ ସମୟ ଅବଧି ହ୍ରାସ ଦାବି

**ଲାଠୋର, ୯।୫(ଡି.ଏନ.ଏ.)**

**ତାତିରେ ଆଉଟପାଉଟ ଶିଶୁ**

ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଲକ୍ଷ୍ୟ କରି ଦ୍ୱାଦଶ ଶ୍ରେଣୀ ଯାଏ ସମସ୍ତ ସ୍କୁଲକୁ ମେ ୧ରୁ ଜୁନ ୧୬ତାରିଖ ପର୍ଯ୍ୟନ୍ତ ରାଜ୍ୟ ସରକାର ବନ୍ଦ ଘୋଷଣା କରିଛନ୍ତି। ହେଲେ ଅଙ୍ଗନୱାଡି କେନ୍ଦ୍ର ଯଥାରୀତି ଚାଲୁ ରହିଛି। ସକାଳ ୮ଟାରୁ ପ୍ରବଳ ତାତି ଅନୁଭୂତ ହୋଇ ଘରୁ ବାହାରକୁ ବାହାରି ହେଉନାହିଁ। ଏହାସତ୍ତ୍ୱେ ସକାଳ ୭ଟାରୁ ୩ରୁ ୬ବର୍ଷର ପ୍ରି-ସ୍କୁଲ ଶିଶୁମାନେ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଅଙ୍ଗନୱାଡ଼ି କେନ୍ଦ୍ରରେ ରହୁଛନ୍ତି। ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ଅଞ୍ଚଳରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ରମାନଙ୍କରେ ଶିଶୁମାନେ ଗରମରେ ଆଉଟପାଉଟ ହେଉଥିବା ନେଇ ଅଭିଭାବକ ମହଲ ତଥା ବିଭିନ୍ନ ସାମାଜିକ ସଂଗଠନ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ଅଧିକାଂଶ କେନ୍ଦ୍ରରେ ବିଦ୍ୟୁତ୍ ବ୍ୟବସ୍ଥା ନାହିଁ। ଘରକାନ୍ଥ ଓ ଚଟାଣର ତାତି ଶିଶୁଙ୍କୁ ଅସ୍ତବ୍ୟସ୍ତ କରି ପକାଉଛି। ପାଗକୁ ଲକ୍ଷ୍ୟ କରି ଶିଶୁଙ୍କ ପ୍ରିସ୍କୁଲ ବନ୍ଦ କରି ବିକଳ୍ପ ପାଠପଢା ସାଙ୍ଗକୁ ଶୁଖିଲା ପୁଷ୍ଟିକର ଖାଦ୍ୟ ପ୍ରଦାନ କରିବାକୁ ଅଭିଭାବକ ବିନୋଦ ସୁନା ଓ ସାମାଜିକ କର୍ମୀ କପିଳ ସୁନା କହିଛନ୍ତି। ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନୀଳମାଧବ ପଣ୍ଡା କହିଛନ୍ତି ସକାଳ ୮ଟା ବେଳକୁ ତାତି ଅନୁଭୂତ ହେଉଛି। ପିଲାଙ୍କ ସ୍ୱାର୍ଥ ଦୃଷ୍ଟିରୁ ସରକାର ସକାଳ ୮ଟା ପର୍ଯ୍ୟନ୍ତ ଅଙ୍ଗନୱାଡ଼ି କେନ୍ଦ୍ର କାର୍ଯ୍ୟ ଶେଷ କରନ୍ତୁ। ଏପରିକି ପିଲାଙ୍କୁ ସେମାନଙ୍କ ଘରକୁ ଛାଡ଼ିବା ବ୍ୟବସ୍ଥା କରାଯାଉ।

# ଦେଶୀ ମଦଭାଟି ଖୋଲିବାକୁ ବିରୋଧ

**ବଲାଙ୍ଗୀର ଅଫିସ, ୯।୫**

ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ଖୁଜେନପାଲି ଗ୍ରାମ ପଞ୍ଚାୟତ ଅଞ୍ଚଳରେ କୌଣସି ମଦଭାଟି ନ ଖୋଲିବା ପାଇଁ ଗାଁର ଏସ୍‌ଏଚ୍‌ଜି ମହିଳାମାନେ ଦାବି କରିଛନ୍ତି । ଖୁଜେନପାଲି ଗ୍ରାମ ପଞ୍ଚାୟତ ଅଧିନରେ ଏକ ଦେଶୀ ମଦ ଦୋକାନ ଖୋଲିବା ପାଇଁ ବଲାଙ୍ଗୀର ଜିଲାପାଳଙ୍କ (ଅବକାରୀ ବିଭାଗ) ପତ୍ରରେ ସର୍ବସାଧାରଣଙ୍କ ଅଭିଯୋଗ ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସେଠାରେ ମଦ ଦୋକାନ ବା ଭାଟି ଖୋଲିଲେ ଲୋକେ ବିଶେଷକରି ମହିଳାମାନେ ଅନେକ ଅସୁବିଧା ସମ୍ମୁଖୀନ ହେବେ। ସେହି ସ୍ଥାନରେ ସ୍କୁଲ ଛାତ୍ରୀଛାତ୍ରଙ୍କ



ଖୁଜେନପାଲିର ଏସ୍‌ଏଚ୍‌ଜି ମହିଳାମାନେ ଅବକାରୀ ଅଧୀକ୍ଷକଙ୍କ ଅଫିସରେ ଦାବିପତ୍ର ଦେବାକୁ ଯାଇଛନ୍ତି।

ପାଇଁ ଖେଳ ପଡିଆ ରହିଛି। ଉକ୍ତ ପଡିଆରେ ଜିଲା ତଥା ସହରର ଅନେକ ପ୍ରତିଯୋଗିତା ସାଙ୍ଗକୁ ସ୍କୁଲମାନଙ୍କର ବାର୍ଷିକ ଖେଳ ପ୍ରତିଯୋଗିତା ହୋଇଥାଏ। ସେହି ଅଞ୍ଚଳରେ ଅନେକ ଗୋଦାମ ଘର ମଧ୍ୟ ରହିଛି। ଯେଉଁଥିରେ ଅନେକ ଶ୍ରମିକ ପରିବାର ନିୟୋଜିତ ଅଛନ୍ତି। ଖୁଜେନପାଲି ଗ୍ରାମପଞ୍ଚାୟତ ଅଧିନର ଥିବା କାଲସାଏପାଲି, ବାଗଭାଡି, ଖୁଜେନପାଲି, କୁଦେଇପାଲି ଆଦି ଗ୍ରାମରେ ଥିବା ଏସ୍‌ଏଚ୍‌ଜି ସଙ୍ଗଠନମାନେ ଉକ୍ତ ଅଞ୍ଚଳରେ ମଦଭାଟି ଖୋଲିବା ପାଇଁ ଅନୁମତି ନଦେବାକୁ ଦାବି କରିଛନ୍ତି। ଏଥିପାଇଁ ପ୍ରଶାସନ ଅନୁମତି ଦେଲେ ଆଗାମୀ ଦିନରେ ଜୋରଦାର ବିରୋଧ କରିବା ସହିତ ରାସ୍ତାକୁ ଓହ୍ଲାଇବାକୁ ବାଧ ହେବେ ବୋଲି ମହିଳାମାନେ ଲିଖିତ ଜଣାଇଛନ୍ତି। ଏହି ମର୍ମରେ ଜିଲାପାଳ ଅଫିସ ଏବଂ ଅବକାରୀ ଅଧିକ୍ଷକଙ୍କ ଅଫିସରେ ଦାବିପତ୍ର ଦେଇଛନ୍ତି।

## ସଂକ୍ଷେପରେ

### ଜୁଆ ଚଢ଼ାଉ, ୫ ଗିରଫ

ବରପାଲି,୯।୫(ଡି.ଏନ.ଏ.) : ବରପାଲି ବସ୍‌ଷ୍ଟାଣ୍ଡ ନିକଟରେ ଜୁଆ ଖେଳ ଚାଲୁଥିବା ବେଳେ ପୋଲିସ ଚଢ଼ାଉ କରି ୫ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଭୁବନେଶ୍ୱର ଲୁହା, କେଶବ ଦୀପ, କୀର୍ତ୍ତନ ଭୋସାଗର, କାଳିଆ ବାଗ, ଆକାଶ ସାହୁ। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ପୋଲିସ ଜୁଆ ଆଡ୍ଡାରୁ ତାସ ସହ ନଗଦ ୨୧୨୦ ଟଙ୍କା ଜବତ କରିଛି।

### ରାସ୍ତାକଡ଼ରୁ ବୃଦ୍ଧାଙ୍କ ମୃତଦେହ ଜବତ

ଝାରବନ୍ଧ,୯।୫(ଡି.ଏନ.ଏ.) : ଝାରବନ୍ଧ ଥାନା ଅନ୍ତର୍ଗତ କାଶିପାଣିଠାରେ ଜଣେ ବୃଦ୍ଧାଙ୍କ ମୃତଦେହକୁ ମଙ୍ଗଳବାର ଜବତ କରାଯାଇଛି। ମୃତକ ହେଲେ ପାଇକମାଳ ଥାନା ଭୁବନେଶ୍ୱରପୁର ଗ୍ରାମର ସୁମିତ୍ରା ବରିହା (୬୫)। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି ବୋଲି ଥାନାଧିକାରୀ ଦିଲୀପ କୁମାର ବେହେରା କହିଛନ୍ତି। ସୂଚନା ଅନୁସାରେ, କିଛି ଦିନ ହେଲା ସୁମିତ୍ରାଙ୍କ ମାନସିକ ଅବସ୍ଥା ଠିକ୍ ନ ଥିଲା। ଗତ ୨ଦିନ ହେଲାର ସେ ନିଖୋଜ ଥିଲେ। ମଙ୍ଗଳବାର ଅପରାହ୍ନ ୨ଟା ସମୟରେ କାଶିପାଣି-ଯୋଗେନ୍ଦ୍ରନାଥପୁର ରାସ୍ତା କଡ଼ରେ ଜଣେ ବୃଦ୍ଧାଙ୍କ ମୃତଦେହ ପଡିଥିବା ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଜବତ କରିଥିଲା। ପରେ ପରିବାର ଲୋକେ ମୃତଦେହକୁ ଚିହ୍ନଟ କରିଥିଲେ।

### ମଦ ଜବତ, ବେପାରି ଗିରଫ

ଅମରପାଲି,୯।୫(ଡି.ଏନ.ଏ.) : ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଉଲୁଣ୍ଡା ବ୍ଲକ କଳାପଥର ପଞ୍ଚାୟତ ଅନ୍ତର୍ଗତ ନୂଆଁପାଲି ଗ୍ରାମରେ ବେଆଇନ ମଦ କାରବାର ଅଭିଯୋଗରେ ମଦ ସହ ଜଣେ ବେପାରିଙ୍କୁ ଗିରଫ କରିଛି ଅବକାରୀ ବିଭଗ। ଗିରଫ ବେପାରୀ ହେଲେ ସନ୍ତୋଷ ଭୋଇ। ତାଙ୍କ ପାଖରୁ ୧୨ ଲିଟର ଦେଶୀ ରନ୍ଧା ମଦ ଜବତ ହୋଇଛି। ଗିରଫ ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାକୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।

### ବରିଷ୍ଠ ନାଗରିକଙ୍କ ବିୟୋଗରେ ଶୋକସଭା

ଅମରପାଲି,୯।୫(ଡି.ଏନ.ଏ) : ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବରିଷ୍ଠ ନାଗରିକ ସଂଗଠନର ବରିଷ୍ଠ ସଦସ୍ୟ ତଥା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ପର୍ଶୁରାମ ପଣ୍ଡାଙ୍କ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୯୫ ବର୍ଷ ହୋଇଥିଲା। ମଙ୍ଗଳବାର ତାଙ୍କ ବିୟୋଗରେ ସଂଗଠନର କାର୍ଯ୍ୟାଳୟ ପରିସରରେ ଶୋକସଭା ଅନୁଷ୍ଠିତ ହୋଇଥିଲା । ସଂଗଠନ ସଭାପତି ଡ଼.ପ୍ରଫୁଲ୍ଲ କୁମାର ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସଦସ୍ୟମାନେ ସ୍ୱର୍ଗତ ପଣ୍ଡାଙ୍କ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ସମ୍ପାଦକ ସନ୍ତୋଷ ଷଡଙ୍ଗୀ, ପୂର୍ବତନ ସଭାପତି ଭଗବାନ ମିଶ୍ର, ଧନୁ ପଧାନ, ନାରାୟଣ ନାଏକ, ଦୟାନିଧି ହୋତା, ସୁରୁ ସାହୁ, ଅକ୍ରୁର ଦନ୍ତା, ରବିନାରାୟଣ ବେହେରା ପ୍ରମୁଖ ସଂଗଠନର ସଦସ୍ୟବୃନ୍ଦ ସଭାରେ ଉପସ୍ଥିତ ଥିଲେ। ଏହି ଅବସରରେ ତାଙ୍କ ଆତ୍ମାର ସଦଗତି କାମନା କରି ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

# ଭିଜିଲାନ୍ସ ଜାଲରେ ମୁଖ୍ୟ କିରାଣି, ମଧ୍ୟସ୍ଥ

ସୋନପୁର/ତରଭା,୯।୫ (ନି.ପ୍ର./ଡି.ଏନ.ଏ.)





ଗିରଫ ଶିବ ପ୍ରସାଦ ଗୁରୁ ଓ ହେମକାନ୍ତ ବିଶି ।



ଜବତ ହୋଇଥିବା ଟଙ୍କା ।

ସୁବର୍ଣ୍ଣପୁର ଜିଲା ତରଭା ସବ୍‌ରେଜିଷ୍ଟ୍ରାର ଅଫିସ(ଉପନିବନ୍ଧକଙ୍କ କାର୍ଯ୍ୟାଳୟ)ର ମୁଖ୍ୟ କିରାଣି ଶିବ ପ୍ରସାଦ ଗୁରୁ ଓ ମଧ୍ୟସ୍ଥ ହେମକାନ୍ତ ବିଶି ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ପଡିଛନ୍ତି। ହେମକାନ୍ତଙ୍କ ସହାୟତାରେ ଶିବ ପ୍ରସାଦ ୨୪ ହଜାର ଟଙ୍କା ଲାଞ୍ଚ ନେଇଥିଲେ। ଉଭୟଙ୍କୁ ଭିଜିଲାନ୍ସ ବିଭାଗ ମଙ୍ଗଳବାର ଗିରଫ କରିଛି। ତରଭା ସୁନାରିପଡାର ପ୍ରଦୀପ କୁମାର ସାହୁଙ୍କ ନିକଟରୁ ୬ଟି ବିକ୍ରି କବଲା ପଞ୍ଜୀକୃତ ପାଇଁ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ଦୁହିଁଙ୍କୁ କାବୁ କରିଥିଲା। ଏଥିସହ ମୁଖ୍ୟ କିରାଣି ଗୁରୁଙ୍କ ସୋନପୁର ଘୋଡାଘାଟପଡାସ୍ଥିତ ବାସଭବନ ଓ ଅଫିସରେ ଏକକାଳୀନ ଚଢାଉ କରାଯାଇଛି।

ସମ୍ବଲପୁର ଅଇଁଠାପାଲିର ଧନପତି ସରାଫ ନିଜ ଜମିକୁ ତରଭାର ପ୍ରଦୀପ କୁମାର ସାହୁଙ୍କ ସମେତ ୬ଜଣ ବ୍ୟକ୍ତିଙ୍କୁ ବିକ୍ରି କରିବାକୁ ଚାହୁଁଥିଲେ।

**୨୪ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଧରାପଡ଼ିଲେ**

ପ୍ରଦୀପ ଏହି ଜମି ବିକ୍ରି କବଲା ପାଇଁ ତରଭା ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ତେବେ ବିକ୍ରି କବଲା ସମ୍ପର୍କିତ କାଗଜପତ୍ର ପ୍ରସ୍ତୁତି ପାଇଁ ଶିବ ପ୍ରସାଦ ଗୋଟିକୁ ୪ ହଜାର ଟଙ୍କା ଲେଖାଏ ୬ଜଣଙ୍କର ମୋଟ ୨୪ହଜାର ଟଙ୍କା ମାଗିଥିଲେ। ଏନେଇ ପ୍ରଦୀପ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଏହି ଘଟଣାରେ ସମ୍ବଲପୁର ଭିଜିଲାନ୍ସ ପିଏସ୍ କେସ ନଂ. ୧୧/୨୩ ମୂଳେ ଏକ ମାମଲା ରୁଜୁ ହୋଇଥିଲା। ଏହାପରେ ବିଭାଗ ପକ୍ଷରୁ ଲାଞ୍ଚୁଆ ମୁଖ୍ୟ କିରାଣିଙ୍କୁ ଧରିବା ପାଇଁ ଯୋଜନା ହୋଇଥିଲା। ପ୍ରଦୀପ ମଙ୍ଗଳବାର ସକାଳେ ଅଫିସକୁ ଯାଇ ଶିବ ପ୍ରସାଦଙ୍କୁ ଦାବି ମୁତାବକ ଟଙ୍କା ପ୍ରଦାନ କରିବାକୁ ଚାହିଁଥିଲେ। ତେବେ ଶିବ ପ୍ରସାଦ ଏହି ଟଙ୍କାକୁ ମଧ୍ୟସ୍ଥ ହେମକାନ୍ତ ବିଶିଙ୍କୁ ପ୍ରଦାନ କରିବାକୁ କହିଥିଲେ। ହେମକାନ୍ତ ଏହି ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ଟିମ୍ କାବୁ କରି ନେଇଥିଲା। ତାଙ୍କ ପ୍ୟାଣ୍ଟ ପ୍ୟାକେଟ୍‌ରୁ ରାସାୟନିକ ପ୍ରଲେପଦିଆ ୪୮ ଖଣ୍ଡ ୫୦୦ ଟଙ୍କିଆ ନୋଟ ମିଳିଥିଲା। ସୁବର୍ଣ୍ଣପୁର ଭିଜିଲାନ୍ସ ଇନ୍ସପେକ୍ଟର ତୁଷାରକାନ୍ତ ମହାପାତ୍ର, ବଲାଙ୍ଗୀର ଭିଜିଲାନ୍ସ ଇନ୍ସପେକ୍ଟର ରୀତାଞ୍ଜଳି ପ୍ରଧାନ ଓ ଟେରେସା ସ୍କେସ ଚଢାଉରେ ସାମିଲ ହୋଇଥିଲେ। ଅଭିଯୁକ୍ତ ଶିବ ପ୍ରସାଦ ଓ ହେମକାନ୍ତଙ୍କୁ ବଲାଙ୍ଗୀର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା। ଜାମିନ ଆବେଦନ ଖାରଜ ହେବାରୁ ଉଭୟଙ୍କୁ ବଲାଙ୍ଗୀର ଜେଲ ହାଜତକୁ ପଠାଇ ଦିଆଯାଇଛି ।

# ମିକ୍ସର ମେଶିନକୁ ଧକ୍କା ଦେଇ କାର ଦୁର୍ଘଟଣାଗ୍ରସ୍ତ: ଜଣେ ଆହତ

ବାଉଁଶୁଣୀ,୯।୫(ଡି.ଏନ.ଏ.)



ଦୁର୍ଘଟଣାଗ୍ରସ୍ତ କାର୍।

ବୌଦ୍ଧ ଜିଲା ଦେଇ ଯାଇଥିବା ୫୭ ନଂ ଜାତୀୟ ରାଜପଥ ର ଜହ୍ନାପଙ୍କ ଡାକ୍ତରଖାନା ନିକଟରେ ମଙ୍ଗଳବାର ସକାଳ ପ୍ରାୟ ୬ଟା ସମୟରେ ଏକ ମିକ୍ସର ମେଶିନକୁ ଧକ୍କା ଦେଇ କାର୍ ଦୁର୍ଘଟଣାଗ୍ରସ୍ତ ହୋଇଛି । ଦୁର୍ଘଟଣାରେ ଜଣେ ବ୍ୟକ୍ତି ଆହତ ହୋଇଥିବା ସୂଚନା ମିଳିଛି।

ପ୍ରକାଶ ଯେ, ବରଗଡ ସହରର ସତ୍ୟ ନାରାୟଣ ଲେଙ୍କା ନିଜ ପୁଅର ନିଟ୍ ପରୀକ୍ଷା ପାଇଁ ଭୁବନେଶ୍ୱର ଯାଇ ସପରିବାର କାର୍ ( ନଂ. ଓ୧୪ ସି ୬୩୧୦) ଯୋଗେ ବରଗଡ ଫେରୁଥିଲେ। ତେବେ ସକାଳେ ଆଖି ଲାଗିଯିବା ଫଳରେ କାରଟି ଭାରସାମ୍ୟ ହରାଇ ଡାକ୍ତରଖାନା ନିକଟ ଡାହାଣ ପାର୍ଶ୍ୱ ରାସ୍ତା କଡରେ ଥିବା ଏକ କଂକ୍ରିଟ ମିକ୍ସର ମେଶିନକୁ ଧକ୍କା ଦେଇଥିଲା । ଧକ୍କା ଏତେ ଜୋରରେ ଲାଗିଥିଲା ଯେ, କାର ମିକ୍ସର ମେଶିନକୁ ୨୦ ମିଟର ଘୋଷାଡି ନେଇଥିଲା । ଦୁର୍ଘଟଣାରେ ଲେଙ୍କାଙ୍କ ମୁଣ୍ଡରେ ଆଘାତ ଲାଗିଛି । ଏହାଛଡା ମେଶିନ ଓ କାରର ଆଗଭାଗ ଭାଙ୍ଗିଯାଇଛି। ଖବର ପାଇ ଜହ୍ନାପଙ୍କ ଫାଣ୍ଡି ଅଧିକାରୀ କୁମୁଦ ଚନ୍ଦ୍ର ଭୋଇ ଘଟଣାସ୍ଥଳରେ ପହଞ୍ଚି କାର୍‌କୁ ଜବତ କରି ତଦନ୍ତ କରୁଥିବା ଜଣା ପଡିଛି।

# ୬୧ ଭିନ୍ନକ୍ଷମଙ୍କୁ ସହାୟକ ଉପକରଣ ବଣ୍ଟନ

ଡୁଙ୍ଗୁରିପାଲି, ୯।୫(ଡି.ଏନ.ଏ)



ଜଣେ ଭିନ୍ନକ୍ଷମଙ୍କୁ ଅତିଥିମାନେ ଟ୍ରାଇ ସାଇକେଲ ପ୍ରଦାନ କରୁଛନ୍ତି।

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ରାଜୀବ ଭବନ ସେବା କେନ୍ଦ୍ରଠାରେ ମଙ୍ଗଳବାର ପଞ୍ଚାୟତ ସମିତି ଡୁଙ୍ଗୁରିପାଲି ଆନୁକୂଲ୍ୟରେ ଭିନ୍ନକ୍ଷମମାନଙ୍କୁ ସହାୟକ ଉପକରଣ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ଉପାଧ୍ୟକ୍ଷ ମକରଧ୍ୱଜ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଏବିଡିଓ ଆନନ୍ଦ ଚନ୍ଦ୍ର ମିଶ୍ର, ପ୍ରଭୁଦତ୍ତ ନାୟକ, ବିଜୟ କୁମାର ଭୋଇ, ପ୍ରମୋଦ କୁମାର ପ୍ରଧାନ, ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଡୁଙ୍ଗୁରିପାଲି ବ୍ଲକର ୨୬ଟି ପଞ୍ଚାୟତରୁ ଆସିଥିବା ଭିନ୍ନକ୍ଷମମାନଙ୍କ ମଧ୍ୟରୁ ୫ ଜଣଙ୍କୁ ଚାଲିବା ବାଡି , ୧୧ ଜଣଙ୍କୁ ଟ୍ରାଇ ସାଇକେଲ, ୬ଜଣଙ୍କୁ ଚକ ଚେୟାର, ୧୧ ଜଣଙ୍କୁ ମେଶିଟ କିଟ, ୭ଜଣଙ୍କୁ ପେସ, ୧୫ଜଣଙ୍କୁ ଶ୍ରବଣ ଉପକରଣ, ୫ଜଣଙ୍କୁ ସ୍ମାର୍ଟକେନ, ଓ ଜଣଙ୍କୁ ଅନ୍ଧଷ୍ଟିକ ଏହିପରି ମୋଟ ୬୧ଜଣଙ୍କୁ ସହାୟକ ଉପକରଣ ବଣ୍ଟନ କରାଯାଇଥିଲା। ଏହି ବଣ୍ଟନ କାର୍ଯ୍ୟକ୍ରମରେ ବଲାଙ୍ଗୀରରୁ ଏସଭିନିତାର ସିଆରସି ଡ଼. ସୁରେନ୍ଦ୍ର ଭୋଇ, ଡ଼. ବିଶ୍ୱଜିତ କାନୁନଗୋ ଏବଂ ଡ଼. ଶିବରାମ ମିଶ୍ର ଯୋଗ ଦେଇ ସହାୟକ ଉପକରଣ ବିଷୟରେ ଭିନ୍ନକ୍ଷମମାନଙ୍କୁ ଅବଗତ କରାଇଥିଲେ ଓ ଦିବ୍ୟାଙ୍ଗମାନଙ୍କ ଉପକରଣ ବଣ୍ଟନରେ ନିୟୋଜିତ ହୋଇଥିଲେ। ଏହି ଅବସରରେ ସହଲା ପଞ୍ଚାୟତ ସରପଞ୍ଚ ପଟୁଆରୀ ପ୍ରଧାନ, ବୈଦୁପାଲି ପଞ୍ଚାୟତ ସମିତି ସଭ୍ୟାଙ୍କ ପ୍ରତିନିଧି ବଦ୍ରିନାରାୟଣ ପାଣ୍ଡିଆ, ଚିନାପୁରୀ ପଞ୍ଚାୟତ ସମିତି ସଭ୍ୟା ବିନ୍ଦୁ ଦଣ୍ଡସେନା ପ୍ରମୁଖ ଭିନ୍ନକ୍ଷମମାନଙ୍କୁ ଆଣି ସହଯୋଗ କରିଥିଲେ।

### ଝିଟିକିରେ ଗୋଣ୍ଡ ସମାଜର ବୁଢାଦେଓ ପୂଜା

ପାଇକମାଳ,୯।୫ (ଡି.ଏନ.ଏ.)

ପାଇକମାଳ ବ୍ଲକ ଝିଟିକି ଗ୍ରାମର ଜାମମୁଡିଆ ପଡାରେ ଗୋଣ୍ଡ ସମାଜର ବୁଢାଦେଓ ପୂଜା ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏହି ପରିପ୍ରେକ୍ଷୀରେ ପାରମ୍ପରିକ ରୀତିନୀତି ଅନୁସାରେ ବୁଢ଼ାଦେଓଙ୍କୁ ପୂଜାର୍ଚ୍ଚନା କରି ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଡଃ କଳିଙ୍ଗ ଧରୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ନୂଆପଡା ଜିଲା ଗଣ୍ଡ ସଂସ୍କୃତି ଉପସଭାପତି ଦିବ୍ୟସିଂ ମାଝୀ, ବୋଡେନ ବ୍ଲକ ସଭାପତି ମଝିଆ ମାଝୀ, ଜୟସିଂହ ମାଝୀ, ଡଃ ମନୋରଞ୍ଜନ ମାଝୀ, ରଞ୍ଜନ ମାଝୀ, ଡମ୍ବରୁଧର ଧରୁଆ, କ୍ଷୀରୋଦ୍ର ମାଝୀ, କନସନ ଧରୁଆ, ସୁଜାତା ଧରୁଆ, ମନ୍ଦର ଧରୁଆ ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ। ଗଣ୍ଡ ସମାଜର ରୀତିନୀତି, ଶିକ୍ଷା, ସ୍ୱାସ୍ଥ୍ୟ ସହ ସମାଜ କିପରି ଆଗକୁ ଆଗେଇବ ତାହା ଉପରେ ଆଲୋଚନା ହୋଇଥିଲା। ଏଥିରେ ସମାଜର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ତାରକାସୁର ଦରବାର ପାଇଁ କଳାକାର ବରଣ



କଳାକାର ଗୋଲାପ ଚନ୍ଦ୍ର ଦାଶଙ୍କୁ ବରଣ କରାଯାଉଛି।

ବରପାଲି,୯।୫(ଡି.ଏନ.ଏ.)

ବରପାଲିର ୧୪୬ ତମ ଶୀତଳ ଷଷ୍ଠୀ ଯାତ୍ରା ମହୋତ୍ସବ ଅବସରରେ ଆୟୋଜିତ ହେବାକୁ ଥିବା ତାରକାସୁର ଦରବାର ପାଇଁ ମୁଖ୍ୟ କଳାକାର ଗୋଲାପ ଚନ୍ଦ୍ର ଦାଶଙ୍କୁ ବରଣ କରାଯାଇଛି। କମିଟି ସଭାପତି ଆନନ୍ଦ ବାବୁଙ୍କ ଅନୁମୋଦନ କ୍ରମେ ବରିଷ୍ଠ ସଦସ୍ୟ ପିନାକୀ ଦାଶ, ଉପସଭାପତି ପ୍ରଶାନ୍ତ ସାହୁ, ସହ କୋଷାଧ୍ୟକ୍ଷ ପ୍ରସନ୍ନ ମେହେର, ଯୁଗ୍ମ ସମ୍ପାଦକ ବାଳକୃଷ୍ଣ ପୂଜାହାରୀ, ସଦସ୍ୟ ବିନୋଦାନନ୍ଦ ସାହୁ, ବୃଷଭାନୁ ସାହୁ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ତାଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରି ବରଣ କରିଥିଲେ ।

# ବ୍ଲକସ୍ତରୀୟ ବ୍ରାହ୍ମଣ ସମାଜ ବୈଠକ



ଅତିଥିମାନଙ୍କ ପାଦଧୌତ କରାଯାଉଛି।

ଭେଡ଼େନ,୯।୫(ଡ଼ି.ଏନ.ଏ.)

ବରଗଡ଼ ଜିଲା ଭେଡ଼େନ ବ୍ଲକ ମହୁଲପାଲି ପଞ୍ଚାୟତ ଅନ୍ତର୍ଗତ ଭାଙ୍ଗକୁଦ ଗ୍ରାମରେ ବ୍ଲକସ୍ତରୀୟ ବ୍ରାହ୍ମଣ ସମାଜ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସଭାପତି ରାମଭକ୍ତ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବ୍ଲକ ସଭାପତି ପ୍ରିୟବ୍ରତ କର, ସମ୍ପାଦକ ପ୍ରଫୁଲ୍ଲ ପଣ୍ଡା, ବରିଷ୍ଠ ସଭ୍ୟ ନନ୍ଦିକିଶୋର ହୋତା, ରବିନାରାୟଣ ପାଣିଗ୍ରାହୀ, ଜନାର୍ଦ୍ଦନ ଦାଶ, ଜନ୍ମେଜୟ ମିଶ୍ର ପ୍ରମୁଖ ଯୋଗଦାନ କରିଥିଲେ। ବ୍ରାହ୍ମଣ ସମାଜକୁ ତୃଣମୂଳ ସ୍ତରରୁ ସୁଦୃଢ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ବ୍ରାହ୍ମଣ ସମାଜକୁ ସରକାରଙ୍କ ପ୍ରତ୍ୟେକ କ୍ଷେତ୍ରରେ ବୈମାତୃକ ମନୋଭାବ ପ୍ରତିପୋଷଣକୁ ନିନ୍ଦା କରାଯାଇଥିଲା। ଆଗାମୀ ଦିନରେ ଏଥିପାଇଁ ରାଜ୍ୟ, କେନ୍ଦ୍ର ସରକାର ଓ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ମାନପତ୍ର ଦିଆଯିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା। ହୃଷୀକେଶ ଧର, ପ୍ରଦୀପ ଧର, ଆର୍ତ୍ତତ୍ରାଣ ତ୍ରିପାଠୀ ପରିଚାଳନା କରିଥିବା ବେଳେ ପଞ୍ଚାୟତ କମିଟି ସହଯୋଗ କରିଥିଲା।

# ଚାଲାଣ ବେଳେ ଗୋରୁ ଉଦ୍ଧାର, ୪ ଗିରଫ

ପଦ୍ମପୁର,୯।୫(ଡି.ଏନ.ଏ.)



ଚାଲାଣ ହେଉଥିବା ଗୋରୁପଲ।

ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଝାରବନ୍ଧ, ପାଇକମାଳ ଓ ଜଗଦଲପୁର ଥାନା ଅଞ୍ଚଳରୁ ବଲାଙ୍ଗୀର ଓ କଳାହାଣ୍ଡି ଜିଲା ସୀମାନ୍ତ ଦେଇ ବେଆଇନ ଗୋଚାଲାଣ କରାଯାଉଛି। ଗତ ୫ତାରିଖ ରାତିରେ ଚାଲାଣ ହେଉଥିବା ବେଳେ ଓମ୍ ପ୍ରକାଶ ମେହେରଙ୍କ ଅଭିଯୋଗକୁ ଭିତ୍ତି କରି ପାଇକମାଳ ଥାନା କେନାବୁଦା ଗ୍ରାମରୁ ୩୩ ଗୋରୁଙ୍କୁ ଉଦ୍ଧାର କରାଯାଇଛି। ଏହି ଘଟଣାରେ ପୋଲିସ ଏକ ମାମଲା (ନଂ.୧୧୧।୨୩) ରୁଜୁ କରି କଟଙ୍ଗପାଲି ଗ୍ରାମର ଅପନି ଚାନ୍ଦ ଓ ଜଗଦଲପୁର ଥାନା ଜଟେଶିରା ଗ୍ରାମର ପିତାମ୍ବର ତାଣ୍ଡିଙ୍କୁ ଗିରଫ କରିଛି। ସେହିପରି ଗତ ୭ ତାରିଖ ବିଳମ୍ବିତ ରାତିରେ ଜଗଦଲପୁର ଥାନା ଅଞ୍ଚଳରୁ ପଦ୍ମପୁର ଦେଇ ଯାଉଥିବା ଗୋରୁପଲକୁ ଉଦ୍ଧାର କରାଯାଇଛି। ଏ ନେଇ ଧୁମାଭଟା ଗ୍ରାମର ହେମରାଜ ସାହୁଙ୍କ ଅଭିଯୋଗକୁ ଭିତ୍ତି କରି ପଦ୍ମପୁର ପୋଲିସ ଏକ ମାମଲା (ନଂ.୧୨୫।୨୩) ରୁଜୁ କରି ଧମକିପାଲିର ମାୟା ଛତ୍ରିଆ ଓ ପଦ୍ମପୁର ରଜାପଡାର ମନ ଲୁହାରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ତନାଘନା ଚାଲିଛି ବୋଲି ପୋଲିସ କହିଛି।

### ୫ଘଣ୍ଟା ବିଦ୍ୟୁତ୍ କଟକଣା ଆଜି

**ଗ୍ରୀଡ୍ ସବଷ୍ଟେଶନରେ ରକ୍ଷଣାବେକ୍ଷଣ କାର୍ଯ୍ୟ**

ସମ୍ବଲପୁର,୯।୫(ବ୍ୟୁରୋ)

ଓପିଟିସିଏଲ୍‌ର ୧୩୨/୩୩ କଣ୍ଟାପାଲି ଓ ବରପାଲି ଗ୍ରୀଡ୍ ସବଷ୍ଟେଶନରେ ବୁଧବାର ମରାମତି କାର୍ଯ୍ୟ କରାଯିବ। ଏଥିପାଇଁ ସକାଳ ୭ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ। ଏଥିରେ ବରଗଡ ଜିଲାର ଅତାବିରା, ପତ୍ରାପାଲି, ରେଙ୍ଗାଲି କ୍ୟାମ୍ପ, କାଣ୍ଡପାଲି, ଭେଡେନ, ବରପାଲି ଏନ୍‌ଏସି ଅଞ୍ଚଳ, କୁମ୍ଭାରୀ, ବାଗବାଡି, କନବାର, ଡୁମଗାଁ, ଆଗଲପୁର, ଲେଣ୍ଡା, ବନ୍ଧପାଲି ପ୍ରଭୃତି ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବ୍ୟାହତ ହେବ। ସାମୟିକ ବ୍ୟାହତ ପାଇଁ ଟିପିଡବ୍ଲ୍ୟୁଓଡିଏଲ୍ କର୍ତ୍ତୃପକ୍ଷ ଦୁଃଖ ପ୍ରକାଶ କରିବା ସହ ଜନସାଧାରଣଙ୍କ ସହଯୋଗ କାମନା କରୁଥିବା ମଙ୍ଗଳବାର ଏକ ପ୍ରେସ ବିବୃତିରେ ସୂଚିତ କରିଛନ୍ତି।

# ରାଷ୍ଟ୍ରୀୟ କବି ସଙ୍ଗମ ବୈଠକ

ବରଗଡ଼ ଅଫିସ୍,୯।୫

ରାଷ୍ଟ୍ରୀୟ କବି ସଙ୍ଗମ ବରଗଡ଼ ଜିଲା ଶାଖାର ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅମରେନ୍ଦ୍ର ନାରାୟଣ ଯାଦବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ପ୍ରୀତମ ସିଂ ମୁଖ୍ୟ ଅତିଥି, ରୋହିତ କୁମାର ଅଗ୍ରୱାଲ ମୁଖ୍ୟବକ୍ତା, ସତ୍ୟମୟ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ବରଗଡ଼, ବରପାଲି, ଅତାବିରା, ଗୋଡ଼ଭଗା, ସୋହେଲା, ଝିଲିମିଣ୍ଡା ସମେତ ଜିଲାର ବିଭିନ୍ନ ଅଞ୍ଚଳରୁ ୧୬ଜଣ କବି ଯୋଗଦେଇ କବିତା ପାଠ କରିଥିଲେ। ଚିତ୍ତରଞ୍ଜନ ଭୋଇ, ଧର୍ମରାଜ ପ୍ରଧାନ, ନବକୃଷ୍ଣ ମିଶ୍ର, ଜଗଦୀଶ ସେନ, ବିଷ୍ଣୁଚରଣ ପ୍ରଧାନ, ସୁନିଲ ଅଗ୍ରୱାଲ, ରିଆନ ପାଣ୍ଡେ, ରିଙ୍କୁ ଝା, ଖୁସବୁ ଶର୍ମା, ତନୁଜା ମିଶ୍ର, ନମିତା ନାଏକ, ଅରୁଣାବାଇ ସୋମନାଥେ, ଜୟରାମ ଅଗ୍ରୱାଲ ପ୍ରମୁଖ କବିତା ପାଠ କରିଥିଲେ। ଶାଖା ଅଧକ୍ଷ ଦର୍ଶନା ଅଗ୍ରୱାଲ, ସଂଯୋଜିକା ରେଣୁ ଅଗ୍ରୱାଲ, ସଦାଶିବ କର ପ୍ରମୁଖ ସହଯୋଗ କରିଥିଲେ।




ବୈଠକରେ ଉପସ୍ଥିତ ଅତିଥି ଓ କବିଗଣ ।

# କଳାବ୍ୟାଜ୍ ପିନ୍ଧି ବିଦ୍ୟୁତ୍ କର୍ମଚାରୀଙ୍କ ପ୍ରତିବାଦ

ବରଗଡ଼ ଅଫିସ୍,୯।୫




ବରଗଡ଼ରେ ବିଦ୍ୟୁତ କର୍ମଚାରୀମାନେ କଳାବ୍ୟାଜ ପିନ୍ଧି ପ୍ରତିବାଦ କରୁଛନ୍ତି ।

ଓଡ଼ିଶା ଶକ୍ତି ସଂରକ୍ଷଣ ନିଗମ ଲିଃ (ଓପିଟିସିଏଲ) ଅଧୀନରେ କାର୍ଯ୍ୟରତ ବିଦ୍ୟୁତ କର୍ମଚାରୀଙ୍କ ସମସ୍ୟାକୁ ଅଣଦେଖା କରାଯାଉଛି। ଏଭଳି ଅଭିଯୋଗ କରି ଓପିଟିସିଏଲ ଅଧୀନ ବିଦ୍ୟୁତ କର୍ମଚାରୀମାନେ ମଙ୍ଗଳବାରଠାରୁ କଳାବ୍ୟାଜ୍ ପରିଧାନ କରି ପ୍ରତିବାଦ କରିଛନ୍ତି ।

ନିଖିଳ ଓଡ଼ିଶା ବିଦ୍ୟୁତ ମଜଦୁର ମହାସଂଘ ପକ୍ଷରୁ ଦିଆଯାଇଥିବା ଏକ ପ୍ରେସ ବିବୃତି ଅନୁସାରେ, ଓପିଟିସିଏଲ ଅଧୀନରେ କାର୍ଯ୍ୟରତ କର୍ମଚାରୀମାନେ ବନ୍ୟା, ବାତ୍ୟା, ପ୍ରଚଣ୍ଡ ରୌଦ୍ରତାପ ତଥା ମହାମାରୀ କରୋନା ସମୟରେ ଜନସାଧାରଣଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ପାଇଁ କାର୍ଯ୍ୟ କରିଆସୁଛନ୍ତି। କିନ୍ତୁ ଓପିଟିସିଏଲ କର୍ତ୍ତୃପକ୍ଷଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ବିଦ୍ୟୁତ କର୍ମଚାରୀଙ୍କ ସମସ୍ୟାର ସମାଧାନ ଦିଗରେ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ଓପିଟିସିଏଲରେ ବିଦ୍ୟୁତ ଶ୍ରମିକଙ୍କ ମଜୁରି ନିର୍ଦ୍ଧାରଣ ଗତ ୨୦୨୦ ଏପ୍ରିଲ ମାସରୁ ବକେୟା ରହିଛି । ଏହାକୁ ୩ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ସୁଦ୍ଧା ବିଭାଗୀୟ କର୍ତ୍ତୃପକ୍ଷ ସେଥିପ୍ରତି ଆଖିବୁଜି ଦେଇଛନ୍ତି। ସେହିପରି ଟେକ୍ନିସିଆନ ଗ୍ରେଡ୍-୩କୁ ୨୮୩୦ ଗ୍ରେଡ୍ ପେ ପ୍ରଦାନ, ୩୩୩୦ ଗ୍ରେଡ୍ ପେ ପ୍ରଦାନ ଉଚ୍ଛେଦ ଦାବିକୁ ମଧ୍ୟ ପୂରଣ କରାଯାଉ ନ ଥିବା ନିଖିଳ ଓଡ଼ିଶା ବିଦ୍ୟୁତ ମଜଦୁର ମହାସଂଘ ଅଭିଯୋଗ କରିଛି । ଏହାର ପ୍ରତିବାଦରେ ବିଦ୍ୟୁତ କର୍ମଚାରୀମାନେ କଳାବ୍ୟାଜ ପରିଧାନ କରିଥିବା ମହାସଂଘ ପକ୍ଷରୁ ସୂଚନା ଦିଆଯାଇଛି । ଅନ୍ୟପଟେ ଆସନ୍ତା ୧୫ଦିନ ମଧ୍ୟରେ ଓପିଟିସିଏଲ କର୍ତ୍ତୃପକ୍ଷ ବିଦ୍ୟୁତ କର୍ମଚାରୀଙ୍କ ସମସ୍ୟାର ସମାଧାନ ନ କଲେ ଆସନ୍ତା ୧୬ତାରିଖରେ ଭୁବନେଶ୍ୱର ସ୍ଥିତ ଓପିଟିସିଏଲ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ପ୍ରଦର୍ଶନ କରାଯିବ ବୋଲି ମହାସଂଘ ପକ୍ଷରୁ ପଶ୍ଚିମ ଜୋନ ସମ୍ପାଦକ ନିର୍ମଳ ଭୋଇ, ସଙ୍ଗଠନ ସମ୍ପାଦକ ବିସ୍ମୟ ହୋତା, କାର୍ଯ୍ୟକାରୀ ଅଧ୍ୟକ୍ଷ ଜ୍ଞାନରଞ୍ଜନ ଭୋଇ, ସାଧାରଣ ସମ୍ପାଦକ ସତ୍ୟବ୍ରତ ପରିଡ଼ା ଏକ ପ୍ରେସ ବିବୃତିରେ ଚେତାବନୀ ଦେଇଛନ୍ତି ।

## ସଂକ୍ଷେପରେ

### ଆକ୍ରମଣକୁ ନେଇ ଥାନାରେ ଅଭିଯୋଗ

ରାଉରକେଲା ଅଫିସ,୯।୫: ଘର ଦୁଆର ମୁହଁକୁ ପାଣିମାଡି ଆସିଥିବା କଥାକୁ ନେଇ ଗୋପବନ୍ଧୁପାଲି ଟିମ୍ବରକଲୋନୀ ଅଞ୍ଚଳର ଜଣେ ବ୍ୟକ୍ତି ତାଙ୍କ ପଡୋଶୀଙ୍କୁ ଆକ୍ରମଣ କରିଥିବା ପ୍ଲାଣ୍ଟସାଇଟ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ଘଟଣାର ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଟିମ୍ବର କଲୋନୀ ଅଞ୍ଚଳର ସୁକାନ୍ତ ବେହେରା ମଙ୍ଗଳବାର ସକାଳ ସମୟରେ ତାଙ୍କ ଘର ସମ୍ମୁଖରେ ଗାଡି ଧୋଉଥିବାବେଳେ ଧୂଆପାଣି ପାଖ ପଡୋଶୀଙ୍କ ଦ୍ୱାରମୁହଁକୁ ବୋହି ଯାଇଥିଲା। ଏହି କଥାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉକ୍ତ ବ୍ୟକ୍ତି ଜଣଙ୍କ ରାଗିଯାଇ ଏକ ଠେଙ୍ଗାରେ ସୁକାନ୍ତଙ୍କୁ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଆର୍‌ଜିଏଚ୍‌ରେ ଚିକିତ୍ସା ଲାଗି ଭର୍ତ୍ତି କରିଥିଲେ। ପରେ ସୁକାନ୍ତ ଥାନାର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲେ।

### ୨ ଫେରାର ଅଭିଯୁକ୍ତ ଗିରଫ

ରାଉରକେଲା ଅଫିସ,୯।୫: ପ୍ଲାଣ୍ଟସାଇଟ ପୋଲିସ ୨ ଫେରାର ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଗୋପବନ୍ଧୁପାଲି ବସ୍ତିର ଘାସି ସାହାଣୀ(୩୨) ଓ ଗାନ୍ଧୀ ରୋଡ ଅଞ୍ଚଳର ମୁନା ପ୍ରସାଦ(୩୨)। ଉଭୟଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ସୂଚନାଯୋଗ୍ୟ, ଘାସି ସହରର ଡେଲି ମାର୍କେଟ ଅଞ୍ଚଳରୁ ଚୋରି କରି ଫେରାର ଥିବାବେଳେ ମୁନା ଏକ ମାରପିଟ ଘଟଣାରେ ସମ୍ପୃକ୍ତ ଥିଲେ। ଏ ନେଇ ଥାନାରେ ଅଭିଯୋଗ ହେବାରୁ ଏହି ଅଭିଯୁକ୍ତ ଦ୍ୱୟ ଗତବର୍ଷ ଏପ୍ରିଲ ମାସରୁ ଫେରାର ଥିଲେ।

### ଗ୍ୟାସ୍ ଟାଙ୍କି ଜବତ, ଜଣେ ଗିରଫ

ରାଉରକେଲା ଅଫିସ,୯।୫: ଏକ ଟେଣ୍ଟ ହାଉସ୍‌ରୁ ଗ୍ୟାସ ଟାଙ୍କି ଚୋରି ଅଭିଯୋଗରେ ସେକ୍ଟର-୩ ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସେକ୍ଟର-୪ ଅଞ୍ଚଳର ସନ୍ତୋଷ ଭୂୟାଁ(୩୨)। ତାଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ପୋଲିସ ଅଭିଯୁକ୍ତଙ୍କଠାରୁ ଚୋରି ହୋଇଥିବା ଗ୍ୟାସ ଟାଙ୍କିକୁ ଜବତ କରିଛି। ମଙ୍ଗଳବାର ମଧ୍ୟାହ୍ନ ସାଢେ ୧୨ଟାରେ ସେକ୍ଟର-୪ରେ ଥିବା ପଦିଆ ଟେଣ୍ଟ ହାଉସରେ ଏକ ଗ୍ୟାସ ଟାଙ୍କି ଚୋରି ହୋଇଥିଲା। ଏ ନେଇ ପୋଲିସ ଏକ ମାମଲା (୫୧।୨୩) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ମଦ ଜବତ, ଜଣେ ଗିରଫ

ଅମରପାଲି,୯।୫(ଡି.ଏନ.ଏ.) : ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଉଲୁଣ୍ଡା ବ୍ଲକ କଳାପଥର ପଞ୍ଚାୟତ ଅନ୍ତର୍ଗତ ନୂଆଁପାଲି ଗ୍ରାମରେ ବେଆଇନ ମଦ କାରବାର ଅଭିଯୋଗରେ ମଦ ସହ ଜଣେ ବେପାରିଙ୍କୁ ଗିରଫ କରିଛି ଅବକାରୀ ବିଭଗ। ଗିରଫ ବେପାରୀ ହେଲେ ସନ୍ତୋଷ ଭୋଇ। ତାଙ୍କ ପାଖରୁ ୧୨ ଲିଟର ଦେଶୀ ରନ୍ଧା ମଦ ଜବତ ହୋଇଛି। ଗିରଫ ପରେ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାକୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।

# ସମସ୍ୟାରେ ଚାଲିଛି ଅଙ୍ଗନୱାଡି


ଅଙ୍ଗନୱାଡି କେନ୍ଦ୍ରରେ ଶିଶୁମାନେ ଅଧ୍ୟୟନ କରୁଛନ୍ତି।

ରାଉରକେଲା ଅଫିସ,୯।୫

- ୮୦ ଭାଗ କେନ୍ଦ୍ରରେ ଶୌଚାଳୟ, ବିଦ୍ୟୁତ୍ ସଂଯୋଗ ନାହିଁ
- ୫୦ ଭାଗ କେନ୍ଦ୍ରରେ ରହିଛି ପାନୀୟ ଜଳ ସମସ୍ୟା

ରାଉରକେଲା ସହରାଞ୍ଚଳ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧୀନ ଅଙ୍ଗନୱାଡି କେନ୍ଦ୍ରଗୁଡିକରେ କୋମଳମତି ଶିଶୁମାନଙ୍କୁ ଶିକ୍ଷା ପ୍ରଦାନ କରାଯାଉଛି। ତେବେ ଏହି ଅଙ୍ଗନୱାଡି କେନ୍ଦ୍ରଗୁଡିକ ମଧ୍ୟରୁ କେଉଁ କେନ୍ଦ୍ରରେ ଶୌଚାଳୟ ନାହିଁ ତ ଆଉ କେଉଁଠି ପାନୀୟ ଜଳ ଓ ବିଦ୍ୟୁତ୍ ସମସ୍ୟା ରହିଛି। ଫଳରେ ଏଠାରେ ଶିଶୁ ବିକାଶ ଯୋଜନା ଦିଗହରା ହୋଇପଡିଛି।

ରାଉରକେଲା ସହରାଞ୍ଚଳରେ ମୋଟ୍ ୧୬୦ ଅଙ୍ଗନୱାଡି କେନ୍ଦ୍ର ରହିଥିବା ବେଳେ ୧୫୯ଜଣ କର୍ମୀ କାର୍ଯ୍ୟରତ ଅଛନ୍ତି। ମୋଟ୍ ୧୦,୩୩୫ ଶିଶୁଙ୍କ ବୌଦ୍ଧିକ ଜ୍ଞାନ ବୃଦ୍ଧି ସହ ଅପପୁଷ୍ଟି ହ୍ରାସ ନିମନ୍ତେ ଏହି କେନ୍ଦ୍ରରେ ସରକାରଙ୍କ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଛି। ମାତ୍ର ପରିତାପର ବିଷୟ ୮୦ପ୍ରତିଶତ ଅଙ୍ଗନୱାଡି କେନ୍ଦ୍ରରେ ଏଯାଏ ଶୌଚାଳୟ କି ବିଦ୍ୟୁତ ସଂଯୋଗ ହୋଇପାରିନାହିଁ। ୫୦ଭାଗ କେନ୍ଦ୍ରରେ ପାନୀୟଜଳ ସମସ୍ୟା ରହିଛି। ଅନ୍ୟପକ୍ଷେ ୧୬୦ଟି ଅଙ୍ଗନୱାଡି କେନ୍ଦ୍ର ମଧ୍ୟରୁ ଓଏମ୍‌ବିଏଡିସି ପକ୍ଷରୁ ୨୩ଟି, ବିଧାୟକ ପାଣ୍ଠିରୁ ୧୦ଟି, ତ୍ରୟୋଦଶ ଅନୁଦାନ ପାଣ୍ଠିରୁ ୬ଟି ସମ୍ପୂର୍ଣ୍ଣ ହୋଇଥିବା ବେଳେ ବାହାଗଡ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣକାର୍ଯ୍ୟ ଚାଲିଛି। ବିଆଇଜିଏଫ୍ ଅନୁଦାନରୁ ୫ଟି କେନ୍ଦ୍ର ନିର୍ମାଣ ହୋଇସାରିଛି। ଏତଦ୍ ବ୍ୟତୀତ ଆର୍‌ଏମ୍‌ସି ପକ୍ଷରୁ ୩୨ଟି ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ପାଇଁ ଆର୍ଥିକ ଅନୁମୋଦନ ହୋଇଛି। ସେହିପରି ୨୦୧୭-୧୮ ଆର୍ଥିକ ବର୍ଷରେ ଆଇଟିଡିଏକୁ ୧୪ଟି ଉନ୍ନତ କେନ୍ଦ୍ର କୋଠା ନିର୍ମାଣ ପାଇଁ ଅନୁଦାନ ଆସିଥିଲେ ମଧ୍ୟ କାର୍ଯ୍ୟରେ ବିଳମ୍ବ ଯୋଗୁ ଉକ୍ତ ଅନୁଦାନ ରାଶି ଫେରିଯାଇଥିବା ଜଣାପଡିଛି। ରାଉରକେଲା ସହରରେ କିଛି କେନ୍ଦ୍ରରେ ପିଲାମାନଙ୍କୁ ନିଆରା ଢଙ୍ଗରେ ଶିକ୍ଷା ପ୍ରଦାନ କରାଯାଉଥିଲେ ମଧ୍ୟ ଏଭଳି ଅଙ୍ଗନୱାଡି କେନ୍ଦ୍ରଗୁଡିକୁ ମଡେଲ ପ୍ରମାଣପତ୍ର ପ୍ରଦାନ କରାଯାଇନାହିଁ। ବିଭିନ୍ନ ସମସ୍ୟା ଯୋଗୁ ରାଉରକେଲା ସହରରେ ଶିଶୁ ଓ ଜନନୀ ବିକାଶ ଯୋଜନା ଦିଗହରା ହୋଇ ପଡିଛି। ଅଙ୍ଗନୱାଡି କେନ୍ଦ୍ରମାନଙ୍କରେ ଟିକାକରଣ, ମମତା, ସ୍ୱାସ୍ଥ୍ୟ ପରୀକ୍ଷଣ ସହ ଅପପୁଷ୍ଟି ନିରାକରଣ ଆଦି ଯୋଜନାର ସଫଳ ରୂପାୟନ ହୋଇପାରୁନି। ଏ ନେଇ ଦୁର୍ଗାପୁର-୧ ଅଙ୍ଗନୱାଡି କେନ୍ଦ୍ରର କର୍ମୀ କାପ୍ରା ହାଁସଦା କୁହନ୍ତି, ଆମ କେନ୍ଦ୍ରର ସୌନ୍ଦର୍ଯ୍ୟକରଣ ହୋଇଛି। ମାତ୍ର ଏଯାଏ ପ୍ରମାଣପତ୍ର ପାଇନାହିଁ। କେନ୍ଦ୍ରରେ ପିଇବା ପାଣି ବ୍ୟବସ୍ଥା କି ଶୌଚାଳୟ ନାହିଁ। ସେହିପରି ମାଲଗୋଦାମ-୩ ଅଙ୍ଗନୱାଡି କେନ୍ଦ୍ରର କର୍ମୀ ପ୍ରଣତି ନାୟକ କୁହନ୍ତି, ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ନିମ୍ନମାନର ଯୋଗୁ ଭାଙ୍ଗିରୁଜି ଗଲାଣି। ଶୌଚାଳୟ ନାହିଁ। ପାଚେରି ଭାଙ୍ଗି ଯାଇଥିବାରୁ ଅସାମାଜିକ ତତ୍ତ୍ୱଙ୍କ ପ୍ରାଦୁର୍ଭାବ ରହୁଛି। ମାଲଗୋଦାମ-୪ ଅଙ୍ଗନୱାଡି କେନ୍ଦ୍ରରେ ବିଦ୍ୟୁତ ସଂଯୋଗ ନ ଥିବାରୁ ଶିଶୁମାନେ ସମସ୍ୟା ଭୋଗୁଥିବା କର୍ମୀ ପ୍ରଗତି ନାୟକ କହିଛନ୍ତି। ଏ ସମ୍ପର୍କରେ ରାଉରକେଲା ସହରାଞ୍ଚଳ ସିଡିପିଓ ଦର୍ଶନୀ ଏକ୍କାଙ୍କୁ ପଚାରିବାରୁ ସେ କହିଲେ, ୩୨ଟି ନୂତନ କେନ୍ଦ୍ର ନିର୍ମାଣ ପାଇଁ ଆର୍‌ଏମ୍‌ସିକୁ ଅନୁମୋଦନ ମିଳିଥିବା ବେଳେ ୨୧ଟି ନିର୍ମାଣ ଶେଷ ହୋଇଛି। ଆର୍‌ଏମ୍‌ସିକୁ କେନ୍ଦ୍ରଗୁଡିକର ସମସ୍ୟା ବିଷୟରେ ରିପୋର୍ଟ କରାଯାଇଛି। ସବୁ ସମସ୍ୟାର ସମାଧାନ କରାଯିବ ବୋଲି ଏକ୍କା କହିଥିଲେ।

## ୪୧ଡିଗ୍ରୀ ତାପମାତ୍ରାରେ ସିଝୁଛି ଷ୍ଟିଲ୍‌ସିଟି


ଉଦିତନଗରରେ ଯୁବତୀମାନେ ମୁହଁରେ କପଡ଼ା ବାନ୍ଧି ଖରାରେ ଯାଉଛନ୍ତି।

ରାଉରକେଲା ଅଫିସ,୯।୫

ରାଉରକେଲା ସହରରେ ଗତ ତିନିଦିନ ହେଲା ଅସହ୍ୟ ତାତି ଅନୁଭୂତ ହେଉଛି। ତାପମାତ୍ରା ୪୧ଡିଗ୍ରୀରୁ କମୁନାହିଁ। ସକାଳ ୮ଟା ହେଲେ ତାପମାତ୍ରାରେ ବୃଦ୍ଧି ଘଟୁଥିବା ବେଳେ ୧୦ଟା ହୋଇଗଲେ ତାପମାତ୍ରା ୪୧ ଡିଗ୍ରୀକୁ ଛୁଉଁଛି। ପୁଣି ରାତ୍ରି ପ୍ରାୟ ୧୧ଟା ହେଲେ ତାପମାତ୍ରା କ୍ରମଶଃ ହ୍ରାସ ହେଉଛି। ଲୋକେ ଦିନରେ ହାତରେ ଛତା, ମୁଣ୍ଡରେ ଟୋପି ଓ ମୁହଁରେ କପଡ଼ା ବାନ୍ଧି ଘରୁ ବାହାରୁଥିବା ଦେଖିବାକୁ ମିଳୁଛି। ସୋମବାର ବିଳମ୍ବିତ ରାତିରେ ପବନ ସହ ସାମାନ୍ୟ ଝିପିଝିପି ବର୍ଷା ହୋଇଥିଲା। ମାତ୍ର ଏହି ବର୍ଷା ତାପମାତ୍ରାକୁ ହ୍ରାସ କରି ପାରିନାହିଁ। ପାଣିପାଗ ବିଭାଗ ସୂଚନା ମୁତାବକ ଆଗକୁ ଆହୁରି ତାପମାତ୍ରା ବୃଦ୍ଧି ହେବା ଆଶଙ୍କା କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ଆର୍‌ଏମ୍‌ସି ଏବଂ ଶ୍ରମ ବିଭାଗ ପକ୍ଷରୁ ସହରବାସୀଙ୍କୁ ସତର୍କତା ପଦକ୍ଷେପ ସ୍ୱରୂପ ପ୍ରବଳ ଗ୍ରୀଷ୍ମ ପ୍ରବାହରେ ବାହାରକୁ ନ ଯିବା ପାଇଁ ସହରବାସୀଙ୍କୁ ସତର୍କ କରାଯାଇଛି।

## ସେକ୍ଟର-୩ରେ ଜଳଛତ୍ର ଉଦ୍‌ଘାଟିତ

ରାଉରକେଲା ଅଫିସ,୯।୫

ସେକ୍ଟର-୩ ସ୍ଥିତ ହଣ୍ଡରେଟ ମିଟର ଛକରେ ଅଲ୍ ଇଣ୍ଡିଆ ଖ୍ରୀଷ୍ଟିୟାନ ମାଇନରିଟି ଫ୍ରଣ୍ଟ ପକ୍ଷରୁ ମଙ୍ଗଳବାର ଏକ ଜଳଛତ୍ର ଉଦ୍‌ଘାଟିତ ହୋଇଛି। ଏଥିରେ ଆର୍‌ଏସ୍‌ପିର ଅବସରପ୍ରାପ୍ତ ଅଫିସର ପ୍ରଫୁଲ ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଳଛତ୍ରକୁ ଉଦ୍‌ଘାଟନ କରିଥିଲେ। ଖରାଦିନେ ବାଟୋଇଙ୍କ ତୃଷା ନିବାରଣ କରିବା ଏହି ଜଳଛତ୍ରର ମୁଖ୍ୟ ଲକ୍ଷ୍ୟ ବୋଲି ଫ୍ରଣ୍ଟର ସଭାପତି କେଶବ ନାୟକ କହିଥିଲେ। ଏହି ଜଳଛତ୍ର ଜୁନ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଉଦ୍‌ଘାଟନୀ ଉତ୍ସବରେ ୫ଶହରୁ ଊର୍ଦ୍ଧ୍ୱ ଲୋକଙ୍କୁ ସରବତ ପାଣି ବିତରଣ କରାଯାଇଥିଲା। କେଶବ ନାୟକ, ଅଜିତ ମିଞ୍ଜ, ପାଷ୍ଟର ପ୍ରଭୁ କୁସଲ, ମହେଶ୍ୱର ଗରୁଡ, ସବିତା ଖାତୁନ, ନିତିଶ ବାରିକ, ରାଜେଶ ବେହେରା, ଜେମ୍‌ସ କାଣ୍ଡୁଲାନା, ସୁରସେନ ଜୋଜୋ ପ୍ରମୁଖ ସହଯୋଗ କରିଥିଲେ। କୁନା କାକା ଧନ୍ୟବାଦ ଅର୍ପଣ କରିଥିଲେ।

## ସମାଜକୁ ଶୃଙ୍ଖଳିତ କରିବାରେ ସାହିତ୍ୟର ଭୂମିକା ରହିଛି

ରାଉରକେଲା ଅଫିସ,୯।୫


ସାହିତ୍ୟ ଆସରରେ ଉପସ୍ଥିତ କବୟିତ୍ରୀ ଓ କବିଗଣ।

ସୁନ୍ଦରଗଡ ଜିଲା ଲେଖକ ସାମ୍ମୁଖ୍ୟର ମାସିକ ସାହିତ୍ୟ ଆସର ଛେଣ୍ଡ ସ୍ଥିତ ମଧୁସୂଦନ ପାଠାଗାର ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏଥିରେ ସଭାପତି ଭୂପନ ମହାପାତ୍ର ଅଧ୍ୟକ୍ଷତା କରିଥିବାବେଳେ ନିରୁପମା ପତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉତ୍ସବରେ ଇଂ. ଅଭୟ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆମ ସମାଜ ପାଇଁ ଓଡିଆ ସାହିତ୍ୟର ଅବଦାନ ଉପରେ ଆଲୋଚନା କରିଥିଲେ। ଡ. ଅନ୍ତର୍ଜିତା ନାୟକ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସାହିତ୍ୟ ସମାଜକୁ ଶୃଙ୍ଖଳିତ ଓ ଆନନ୍ଦମୟ କରିବାରେ ମୁଖ୍ୟ ଭୂମିକା ରହିଛି ବୋଲି ଉତ୍ସବରେ ବକ୍ତା ଭାବେ ଯୋଗ ଦେଇଥିବା ଅଧ୍ୟାପକ କରୁଣାକର ପାଢୀଶାଣୀ କହିଥିଲେ। ଉତ୍ସବର ଦ୍ୱିତୀୟ ପର୍ଯ୍ୟାୟରେ ଡ. ଗୀତାଞ୍ଜଳି ପତ୍ରିଙ୍କ ଅଧ୍ୟକ୍ଷତାରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏହାକୁ କବି ଶୁଶାନ୍ତ କୁମାର ନାୟକ ଓ କନକଲତା ମିଶ୍ର ସଂଯୋଜନା କରିଥିଲେ। କବିତା ପାଠୋତ୍ସବରେ ରାଉରକେଲାର କବି ଓ କବୟିତ୍ରୀ ଉପସ୍ଥିତ ରହି ସ୍ୱରଚିତ କବିତା ପାଠ କରିଥିଲେ।

## ବରିଷ୍ଠ ନାଗରିକଙ୍କ ବିୟୋଗରେ ଶୋକସଭା

ଅମରପାଲି,୯।୫(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବରିଷ୍ଠ ନାଗରିକ ସଂଗଠନର ବରିଷ୍ଠ ସଦସ୍ୟ ତଥା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ପର୍ଶୁରାମ ପଣ୍ଡାଙ୍କ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୯୫ ବର୍ଷ ହୋଇଥିଲା। ମଙ୍ଗଳବାର ତାଙ୍କ ବିୟୋଗରେ ସଂଗଠନର କାର୍ଯ୍ୟାଳୟ ପରିସରରେ ଶୋକସଭା ଅନୁଷ୍ଠିତ ହୋଇଥିଲା । ସଂଗଠନ ସଭାପତି ଡ଼.ପ୍ରଫୁଲ୍ଲ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସଦସ୍ୟମାନେ ସ୍ୱର୍ଗତ ପଣ୍ଡାଙ୍କ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ସମ୍ପାଦକ ସନ୍ତୋଷ ଷଡଙ୍ଗୀ, ପୂର୍ବତନ ସଭାପତି ଭଗବାନ ମିଶ୍ର, ଧନୁ ପ୍ରଧାନ ସଭାରେ ଉପସ୍ଥିତ ଥିଲେ।

## ଜାତୀୟ ସେବିକା ସପ୍ତାହରେ ରକ୍ତଦାନ ଶିବିର


ଶିବିରରେ ଜଣେ ଯୁବତୀ ରକ୍ତଦାନ କରୁଛନ୍ତି।

ରାଉରକେଲା ଅଫିସ,୯।୫

ଜାତୀୟ ନର୍ସ ବିଦ୍ୟାର୍ଥୀ ଦିବସ ଏବଂ ବିଶ୍ୱ ରେଡ୍‌କ୍ରସ ଦିବସ ପାଳନ ଉପଲକ୍ଷେ ଇସ୍ପାତ ଜେନେରାଲ ହସ୍ପିଟାଲର ନର୍ସେସ ଟ୍ରେନିଂ ଇନଷ୍ଟିଚ୍ୟୁଟ ପକ୍ଷରୁ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଉତ୍ସବରେ ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ବି. କେ. ହୋତା ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଅନ୍ୟ ବରିଷ୍ଠ ଡାକ୍ତର, ନର୍ସ, କର୍ମଚାରୀ ଏବଂ ଏନ୍‌ଟିଆଇର ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ। ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ଡେପୁଟି ସିଏମ୍‌ଓ ଡାକ୍ତର ମୁକ୍ତି ମିଞ୍ଜ ରକ୍ତଦାନ କାର୍ଯ୍ୟଧାରା ସମ୍ପନ୍ନ କରିଥିଲେ। ଏନଟିଆଇର ଅଧ୍ୟକ୍ଷା ବିଦ୍ୟୁତ୍‌ପ୍ରଭା ଗୋଠ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଶିବିରରେ ୧୧ ୟୁନିଟ ରକ୍ତ ସଂଗ୍ରହ କରାଯାଇ ରକ୍ତ ଭଣ୍ଡାରରେ ଜମା କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ୬ରୁ ୧୨ତାରିଖ ପର୍ଯ୍ୟନ୍ତ ପାଳନ ହେଉଥିବା ଜାତୀୟ ସେବିକା ସପ୍ତାହ ଉପଲକ୍ଷେ ଏନ୍‌ଟିଆଇରେ ବିବିଧ କାର୍ଯ୍ୟକ୍ରମ ଆୟୋଜିତ ହେଉଛି।

## ପୌର ପରିଷଦ ସଫେଇ କର୍ମଚାରୀଙ୍କ ଧାରଣା

ଦେବଗଡ଼,୯।୫(ଡି.ଏନ୍.ଏ.)


ମ୍ୟୁନିସିପାଲଟି କାର୍ଯ୍ୟାଳୟ ସମ୍ମୁଖରେ ସଫେଇ କର୍ମଚାରୀଙ୍କ ଧାରଣା।

ଦେବଗଡ଼ ପୌର ପରିଷଦ ସଫେଇ କର୍ମଚାରୀ ଏକ ମାସର ଦରମା ପାଇ ନ ଥିବାରୁ ମଙ୍ଗଳବାର ମ୍ୟୁନିସିପାଲଟି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଦେଇଥିଲେ। ସଫେଇ କର୍ମଚାରୀ ସଂଘ ସଭାପତି ଧର୍ମେନ୍ଦ୍ର କୁମାର ଦେବତାଙ୍କ ନେତୃତ୍ୱରେ ସମସ୍ତ ସଫେଇ କର୍ମଚାରୀ ବିଭିନ୍ନ ନାରାବାଜି ଦେଇ ଧାରଣା ଦେଇଥିଲେ। ତାଙ୍କ ଅଭିଯୋଗ ମୁତାବକ, ଏକ ମାସର ଦରମା ମିଳିନାହିଁ ଏବଂ ରାସ୍ତା, ଡ୍ରେନରେ ଅଳିଆ ଆବର୍ଜନା ସଫା କରିବା ପାଇଁ ଯେଉଁ ସବୁ ଉପକରଣ ଦରକାର ସେ ସବୁ ପୌର ପରିଷଦ ଦେଉନାହିଁ। ଏହା ପୂରଣ ନ ହେଲେ ଆନ୍ଦୋଳନ ଜାରି ରହିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ପୌର ନିର୍ବାହୀ ଅଧିକାରୀ ତପନ କୁମାର ମହାପାତ୍ର ଘଟଣା ସ୍ଥଳକୁ ଆସି ବୁଝାଶୁଝା କରିବା ସହ ତାଙ୍କର ଦାବୀ ସବୁ ପୂରଣ କରାଯିବ ବୋଲି କହିବାରୁ ସଫେଇ କର୍ମଚାରୀ ଧାରଣାରୁ ଉଠିଥିବା ଜଣାପଡ଼ିଛି। ମଙ୍ଗଳବାର ସଫେଇ କାର୍ଯ୍ୟ ବନ୍ଦ ଥିବାରୁ ସହରର ବିଭିନ୍ନ ସ୍ଥାନରେ ଅଳିଆ ଆବର୍ଜନା ପଡ଼ି ଥିବା ଦେଖିବାକୁ ମିଳିଛି। ଏପରିକି ପୌର ପରିଷଦ କାର୍ଯ୍ୟାଳୟ ବନ୍ଦ ଥିବାରୁ ସାଧାରଣ ଜନତା ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି।

## ସହରସେବା ମୁଖ୍ୟଙ୍କ ସହ ଆଲୋଚନା କଲା ମଜଦୁର ସଭା

ରାଉରକେଲା ଅଫିସ,୯।୫

**ସହରାଞ୍ଚଳ ସମସ୍ୟା ସମାଧାନ ଚିନ୍ତା**

ରାଉରକେଲା ମଜଦୁର ସଭାର ଏକ ପ୍ରତିନିଧି ମଣ୍ଡଳୀ ମଙ୍ଗଳବାର ଆର୍‌ଏସ୍‌ପି ସହର ସେବା ବିଭାଗ ମହାପ୍ରବନ୍ଧକ ପ୍ରତାପ କୁମାର ସ୍ୱାଇଁଙ୍କ ସହ ସାକ୍ଷାତକାର କରି ସହରାଞ୍ଚଳର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଛନ୍ତି। ଏହି ପ୍ରତିନିଧିମଣ୍ଡଳୀ ସହରସେବା ମୁଖ୍ୟଙ୍କୁ ଇସ୍ପାତ ସହରାଞ୍ଚଳର ବିକାଶ କାର୍ଯ୍ୟଧାରା ତ୍ୱରାନ୍ୱିତ କରିବା, ସହରାଞ୍ଚଳରେ ବସବାସ କରୁଥିବା ଶ୍ରମିକ କର୍ମଚାରୀଙ୍କ ସମସ୍ୟାର ସମାଧାନ ପାଇଁ କହିଥିଲେ। କ୍ୱାର୍ଟର ମରାମତି, ବର୍ଷାଜଳ ନିଷ୍କାସନ ବ୍ୟବସ୍ଥା, ବର୍ଷା ଆଗମନ ପୂର୍ବରୁ ଅଳିଆ ସଫେଇ ଆଦି ଦିଗରେ ପଦକ୍ଷେପ ନେବା ପାଇଁ ଅବଗତ କରାଯାଇଥିଲା। ଏଥିସହ ସହରାଞ୍ଚଳର ବିଶେଷ ଜଟିଳ ସମସ୍ୟା ସ୍ୱେରେଜ ବ୍ୟବସ୍ଥାକୁ ଠିକ୍ କରିବା, ଜଳ ଯୋଗାଣ ସୁବ୍ୟବସ୍ଥିତ କରିବା, ରାସ୍ତା ମରାମତି, ସେକ୍ଟର ଅଞ୍ଚଳରେ ଷ୍ଟ୍ରିଟ୍ ଲାଇଟ୍ ଅଚଳାବସ୍ଥା ଦୂରୀକରଣ କରିବା, ବିଦ୍ୟୁତ୍ ଜନିତ ବେଆଇନ ଟ୍ୟାପିଂ ଓ ହୁକିଂ ରୋକିବା ପାଇଁ ଅଧିକ କର୍ମଚାରୀ ନିଯୁକ୍ତି କରିବା ପାଇଁ ମଜଦୁର ସଭା ପ୍ରତିନିଧି ମଣ୍ଡଳୀ ସହରସେବା ପ୍ରମୁଖଙ୍କ ସମ୍ମୁଖରେ ଦାବି ଉପସ୍ଥାପନ କରିଥିଲେ। ଉକ୍ତ ସମସ୍ୟା ଗୁଡିକର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସ୍ୱାଇଁ ଦର୍ଶାଇବା ସହିତ ମଜଦୁର ସଭାର ସହଯୋଗ ଲୋଡିଥିଲେ। ଆଲୋଚନା ସମୟରେ ୟୁନିୟନ ସଭାପତି ଶଶଧର ନାୟକ, କାର୍ଯ୍ୟକାରୀ ସଭାପତି ଅସିତ ଦାସ, ସାଧାରଣ ସମ୍ପାଦକ ଅକ୍ଷୟ କୁମାର ନାୟକଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।


ମଜଦୁର ସଭା କର୍ମକର୍ତ୍ତା ସହରସେବା ମୁଖ୍ୟଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରୁଛନ୍ତି।

## ପ୍ରତିଭା ଚିହ୍ନଟ କରୁଛି ଗ୍ରୀଷ୍ମ ପ୍ରଶିକ୍ଷଣ ଶିବିର

ରାଉରକେଲା ଅଫିସ,୯।୫


ଶିବିରରେ ପିଲାମାନେ ପ୍ରଶିକ୍ଷଣ ନେଉଛନ୍ତି।

ରାଉରକେଲା ଇସ୍ପାତ କାରଖାନାର କ୍ରୀଡା ବିଭାଗ ପକ୍ଷରୁ ଆୟୋଜିତ ବାର୍ଷିକ ଗ୍ରୀଷ୍ମ ପ୍ରଶିକ୍ଷଣ ଶିବିର ପିଲାମାନଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ସୃଷ୍ଟି କରିଛି। ଇସ୍ପାତ ଷ୍ଟାଡିୟମ, ସେକ୍ଟର-୬, ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମ, ସେକ୍ଟର-୫ ଏବଂ ଇନ୍‌ଡୋର ଷ୍ଟାଡିୟମ, ସେକ୍ଟର-୨୦ ପ୍ରତିଦିନ ଦୌଡକୁଦ, ଫୁଟବଲ, କ୍ରିକେଟ୍ ବାସ୍କେଟ ବଲ୍, ଚେସ୍, ବ୍ୟାଡମିଣ୍ଟନ୍, ବକ୍ସିଂ, ଭଲିବଲ, ସାଇକେଲ ଚାଳନା, ଭାରୋତ୍ତୋଳନ, ଟେବୁଲ୍ ଟେନିସ୍ ଏବଂ ଯୋଗ ଭଳି ଖେଳ କସରତରେ ପିଲାମାନଙ୍କ ସକ୍ରିୟ ଅଂଶଗ୍ରହଣ ସହ ଚଳଚଞ୍ଚଳ ହୋଇପଡିଛି। ଏହି ବାର୍ଷିକ କ୍ରୀଡ଼ା ଉତ୍ସବ ଇସ୍ପାତ ସହର ଏବଂ ପାର୍ଶ୍ୱାଞ୍ଚଳର ଲୁକ୍‌କାୟିତ ପ୍ରତିଭାଙ୍କୁ ବିଶେଷଜ୍ଞ ପ୍ରଶିକ୍ଷକଙ୍କ ମାର୍ଗଦର୍ଶନରେ ସେମାନଙ୍କ ଦକ୍ଷତାକୁ ଶାଣିତ କରିବାକୁ ଏକ ଉଲ୍ଲେଖନୀୟ ସୁଯୋଗ ପ୍ରଦାନ କରିଛି। ଏହି ରୋମାଞ୍ଚକ କ୍ରୀଡ଼ା ଶିବିରରେ ପିଲାମାନଙ୍କ ଅଫୁରନ୍ତ ଉତ୍ସାହ ଆତ୍ମସନ୍ତୁଷ୍ଟି ହେଉଛି। ବିଗତ ୩୫ବର୍ଷ ଧରି କ୍ରୀଡ଼ାକୁ ପ୍ରୋତ୍ସାହିତ କରିବା ପାଇଁ ଆର୍‌ଏସ୍‌ପି ପକ୍ଷରୁ ଏଭଳି ଶିବିରର ଆୟୋଜନ ନିଶ୍ଚିତ ଭାବେ ପ୍ରଶଂସାଯୋଗ୍ୟ ବୋଲି ଆର୍‌ଏସ୍‌ପି କ୍ରୀଡ଼ା ବିଭାଗର ପୂର୍ବତନ ପ୍ରବନ୍ଧକ ତଥା ଜାତୀୟ ଆଥଲେଟିକ୍ସ ଚାମ୍ପିୟନ ଓ କୋଚ୍ ପଞ୍ଚାନନ ଗନ୍ତାୟତ ମତବ୍ୟକ୍ତ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ପ୍ରତିଷ୍ଠିତ ଜାତୀୟ ତଥା ଆନ୍ତର୍ଜାତୀୟ କ୍ରୀଡ଼ା ତାରକାଙ୍କ ଅଧୀନରେ ଏହି ଶିବିରରେ ପିଲାମାନେ ବିଭିନ୍ନ କ୍ରୀଡ଼ା ଶୃଙ୍ଖଳାର ସୂକ୍ଷ୍ମ କଳାକୌଶଳ ଶିକ୍ଷାଲାଭ କରୁଛନ୍ତି। ସହରର ବିଭିନ୍ନ ବିଦ୍ୟାଳୟର ପିଲାମାନଙ୍କ ଯୋଗଦାନ ଉକ୍ତ ଶିବିରକୁ ଅଧିକ ଆକର୍ଷଣୀୟ କରିଛି। ଆର୍‌ଏସ୍‌ପିର ଗ୍ରୀଷ୍ମ ପ୍ରଶିକ୍ଷଣ ଶିବିର ପିଲାମାନଙ୍କୁ ସେମାନଙ୍କ ମନପସନ୍ଦ ଖେଳର ଆନନ୍ଦ ଦେବା ସହିତ ଦଳୀୟ ଭାବନା ଓ ବନ୍ଧୁଭାବର ବିକାଶ ନିମନ୍ତେ ଉତ୍ତମ ସୁଯୋଗ ପ୍ରଦାନ କରୁଛି ବୋଲି ଜଣେ ଅଭିଭାବକ ମତ ଦେଇଛନ୍ତି। ସେହିପରି ଆର୍‌ଏସ୍‌ପିର ଗ୍ରୀଷ୍ମ ପ୍ରଶିକ୍ଷଣ ଶିବିର ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବାରେ ସମର୍ଥ ହୋଇଛି। ସେହିପରି ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରର କ୍ରୀଡ଼ା ପ୍ରତିଭାଙ୍କ ଚିହ୍ନଟ ତଥା ସେମାନଙ୍କ ପରିପୋଷଣକୁ ସୁଗମ କରିବାରେ ସହାୟକ ହୋଇଆସୁଛି। ସୁନ୍ଦରଗଡ ଜିଲାର ବହୁ ଦୂରଦୂରାନ୍ତ ଅଞ୍ଚଳର ପିଲାମାନଙ୍କର ଏଥିରେ ଅଂଶଗ୍ରହଣ ଏହି ନିଃଶୁଳ୍କ କ୍ରୀଡ଼ା ଶିବିରର ସ୍ୱତନ୍ତ୍ରତାକୁ ଦର୍ଶାଉଛି। ଏହି ଶିବିର ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଆର୍‌ଏସ୍‌ପି ପକ୍ଷରୁ କୁହାଯାଇଛି।

## ସଂକ୍ଷେପରେ

### ବଜ୍ରପାତରେ ବୃଦ୍ଧ ମୃତ

ଲାଞ୍ଜିଗଡ଼,୯।୫(ଡି.ଏନ.ଏ.): କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବିଜେପୁର ଥାନା ଅନ୍ତର୍ଗତ ଲାଖବାହିଲି ପଞ୍ଚାୟତର ଦୁରାସାରଲୀ ଗାଁର ସୀମାଞ୍ଚଳ ସାହୁ(୬୮)ଙ୍କ ବଜ୍ରପାତରେ ମୃତ୍ୟୁ ଘଟିଛି। ମଙ୍ଗଳବାର ଅପରାହ୍ଣ ସାଢ଼େ ୩ଟାରେ ପ୍ରବଳ ବର୍ଷା ସହିତ ଝଡ଼ ତୋଫାନ ହୋଇଥିଲା। ଏହି ସମୟରେ ସାହୁ ଘର ବାରିପଟେ ତେନ୍ତୁଳି ଗଛ ନିକଟରେ ରହିଥିଲେ। ବଜ୍ରପାତରେ ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ପୁଅ କ୍ଷେତ୍ର ସାହୁ ୧୦୮ ଆମ୍ବୁଲାନ୍ସକୁ ଡକାଇ ଲାଞ୍ଜିଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୁଧବାର ଶବ ବ୍ୟବଚ୍ଛେଦ କରାଯିବ ବୋଲି ଡାକ୍ତର ସୂଚନା ଦେଇଛନ୍ତି। ଝଡ଼ତୋଫାନ ଯୋଗୁ ବ୍ଲକର ଘାଟି ଅଞ୍ଚଳର ବିଭିନ୍ନ ଗାଁରେ ଲୋକଙ୍କ ଘରର ଆଜବେଷ୍ଟ ଉଡ଼ାଇ ନେଇଥିବା ବେଳେ ବହୁ କ୍ଷୟକ୍ଷତି ହୋଇଥିବା ସୂଚନା ମିଳିଛି।

### ସ୍ୱେଚ୍ଛାକୃତ ରକ୍ତଦାତାଙ୍କୁ ସମ୍ମାନିତ

ରୁପ୍ରାରୋଡ,୯।୫(ଡି.ଏନ.ଏ.): ଭାରତୀୟ ରେଡ୍‌କ୍ରସ୍ ସୋସାଇଟି କଳାହାଣ୍ଡି ଶାଖା ଓ ଜିଲା ପ୍ରଶାସନ ଆନୁକୂଲ୍ୟରେ ଭବାନୀପାଟଣାରେ ଜିଲାସ୍ତରୀୟ ରେଡକ୍ରସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ରୂପେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସଚିନ ପାୱାର ଯୋଗଦେଇଥିଲେ। ଏହି ଅବସରରେ ୨୦୨୨-୨୩ ବର୍ଷ ପାଇଁ ସର୍ବଶ୍ରେଷ୍ଠ ରକ୍ତଦାତା ଭାବେ ନର୍ଲା ବ୍ଲକ୍ ଅନ୍ତର୍ଗତ ପଲସାପଡ଼ା ଗ୍ରାମର ଚନ୍ଦ୍ରଧ୍ୱଜ ସାହୁ ଓ ଜିଲା ନେହେରୁ ଯୁବ କେନ୍ଦ୍ରର ପୂର୍ବତନ ଜାତୀୟ ଯୁବ ସ୍ୱେଚ୍ଛାସେବୀ ହେମସାଗର ସାହୁଙ୍କୁ ପ୍ରଶଂସାପତ୍ର ଓ ଟ୍ରଫି ସହ ସମ୍ମାନିତ କରାଯାଇଛି। ସାହୁ ୨୦୧୮ରୁ ଆଜି ପର୍ଯ୍ୟନ୍ତ ୨୦ ଥର ସ୍ୱେଚ୍ଛାକୃତ ଭାବେ ରକ୍ତ ପ୍ରଦାନ କରିଛନ୍ତି। ସେ ଜିଲା ଓ ଓଡ଼ିଶାର ବିଭିନ୍ନ ମେଡିକାଲରେ ନିରୀହ ରୋଗୀଙ୍କ ପାଇଁ ରକ୍ତ ଯୋଗାଡ କରୁଛନ୍ତି।

### ୫୦ ଲକ୍ଷ କ୍ଷତିପୂରଣ ଦାବି କଲେ ବିଧାୟକ

ଲୋଇସିଂହା,୯।୫(ଡି.ଏନ.ଏ): ସୁନପୁର-ବଲାଙ୍ଗୀର ୫୭ ନଂ ଜାତୀୟ ରାଜପଥ ଗଇଁତଳା ନିକଟରେ ଏକ ଯାତ୍ରୀବାହୀ ବସ୍ ଧକ୍କାରେ ବ୍ରାହ୍ମଣୀପାଲିର ଜଣେ ବ୍ୟକ୍ତି ଓ ତାଙ୍କ ୨ ଝିଅଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ପରିବାର ବର୍ଗଙ୍କୁ ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୫୦ ଲକ୍ଷ ଆର୍ଥିକ ସହାୟତା ଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ଚିଠି ଲେଖିଛନ୍ତି। ଏଥିସହିତ ଘଟଣାକୁ ନେଇ ଦୁଃଖ ପ୍ରକାଶ କରିବା ସହ ପରିବାର ବର୍ଗକୁ ସମବେଦନା ଜଣାଇଛନ୍ତି। ସୂଚନା ଅନୁଯାୟୀ, ବୀଣାପାଣୀ ପାଣ୍ଡେ ତାଙ୍କର ଦୁଇଝିଅ ଶିଖା ଏବଂ ରେଖାଙ୍କୁ ଧରି ବାଇକରେ ସ୍ଥାନୀୟ ତହସିଲକୁ ଆଧାର କାର୍ଡ ଅପଡେଟ କରିବା ପାଇଁ ଯାଇଥିବାବେଳେ ଗଣପତି ନାମକ ଏକ ବସ ତାଙ୍କୁ ଧକ୍କା ଦେଇଥିଲା।

### ନର୍ଲାରେ ନୂତନ ଥାନା ଉଦ୍‌ଘାଟିତ

ନର୍ଲା,୯।୫(ଡି.ଏନ.ଏ.): ଦୀର୍ଘ ବର୍ଷ ପରେ କଳାହାଣ୍ଡି ଜିଲା ନର୍ଲା ଥାନା ପରିସରରେ ତିନି ମହଲା ବିଶିଷ୍ଟ ନୂତନ ଥାନା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଭବାନୀପାଟଣାସ୍ଥିତ ହାଉସିଂବୋର୍ଡ଼ ଡେପୁଟି ମ୍ୟାନେଜର ସଞ୍ଜୟ ତ୍ରିପାଠୀ, ପ୍ରୋଜେକ୍ଟ ମେନେଜର ତରୁଣ ଭୋଇ ନର୍ଲା ଥାନା ଅଧିକାରୀ ଗଙ୍ଗାଧର ମେହେରଙ୍କ ଉପସ୍ଥିତରେ ଲେଆଉଟ୍ ଶୁଭାରମ୍ଭ କରାଯାଉଛି। ଏହି ମହଲାରେ ଅଭିଯୋଗକରୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ସହିତ କାଉନସେଲିଂ, ବିକଳାଙ୍ଗ ପାଇଁ ବ୍ୟବସ୍ଥା, ରେଜିଷ୍ଟ୍ରେସନ, ମହିଳା ଓ ଶିଶୁ ଡେସ୍କ, ବିଶ୍ରାମ ଗାର ଅଧିକାରୀଙ୍କ କାର୍ଯ୍ୟାଳୟ ମହିଳା ଓ ପୁରୁଷ ପାଇଁ ହାଜତ ପାଇଁ କୋଠରୀ ବ୍ୟବସ୍ଥା ରହିଛି। ଉପର ମହଲା ବେରେକର ତିଆରି କରାଯିବ ବୋଲି ସୂଚନା ଦେଇଛନ୍ତି ଡେପୁଟି ମ୍ୟାନେଜର ସଞ୍ଜୟ ତ୍ରିପାଠୀ।

### ନିର୍ମାଣାଧୀନ ଓଭରହେଡ୍ ଟାଙ୍କିରୁ ଖସିପଡ଼ି ଯୁବକ ଗୁରୁତର

ଧର୍ମଗଡ/ବେହେରା,୯।୫(ଡି.ଏନ.ଏ.): କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ୍ ଚିଲିଚିଲା ଗାଁରେ ନିର୍ମାଣାଧୀନ ପାଣିଟାଙ୍କିରୁ ଖସିପଡି ଜଣେ ଯୁବକ ଗୁରୁତର ହୋଇଛନ୍ତି। ଚିଲିଚିଲା ଗାଁରେ ପାନୀୟ ଜଳର ସମସ୍ୟା ଦୂର ପାଇଁ ବସୁଧା ଯୋଜନାରେ ନିର୍ମାଣ କାର୍ଯ୍ୟ ଚାଲିଛି। ନିର୍ମାଣ ସମୟରେ ବିଳମ୍ବିତ ରାତ୍ରିରେ ଯୁବକ ଖସି ଗୁରୁତର ଆହତ ହୋଇଥିବା ଜଣାପଡିଛି। ସୂଚନା ଅନୁସାରେ ନୟାଗଡ ଜିଲାର ସୁଶାନ୍ତ କୁମାର ଭୋଇ ନାମକ ଜଣେ ଯୁବକ ବିଳମ୍ବିତ ରାତ୍ରିରେ ଓଭରହେଡ଼ ଟାଙ୍କି କାମ କରୁଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଭାରସାମ୍ୟ ହରାଇ ୫୦ଫୁଟ ତଳକୁ ଖସି ପଡ଼ିଥିଲେ। ତାଙ୍କୁ ତୁରନ୍ତ ଧର୍ମଗଡ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସୁଶାନ୍ତଙ୍କ ଅଣ୍ଟା ଏବଂ ଗୋଡ଼ ଭାଙ୍ଗିଯାଇଥିବା ଜଣାପଡ଼ିଛି।

# ସମନ୍ୱିତ ଶିଶୁ ବିକାଶ ଯୋଜନା ବାଟବଣା

ଭବାନୀପାଟଣା,୯।୫(ସ୍ୱ.ପ୍ର.)

କଳାହାଣ୍ଡି ଜିଲାରେ ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟକାରୀ ହେବାର ଦୀର୍ଘ ବର୍ଷ ବିତିଯାଇଥିଲେ ମଧ ଏ ପର୍ଯ୍ୟନ୍ତ ଶିଶୁଙ୍କ ସୁରକ୍ଷା ଦିଗରେ ବିଶେଷ ଧ୍ୟାନ ଦିଆଯାଉନାହିଁ। ଜିଲାରେ ୨୩୬୨ଟି ଅଙ୍ଗନୱାଡି କେନ୍ଦ୍ର ମଧ୍ୟରୁ ପ୍ରାୟ ୨୦% ଉର୍ଦ୍ଧ୍ୱ କେନ୍ଦ୍ରର ନିଜସ୍ୱ ଗୃହ ନାହିଁ। ନିଜସ୍ୱ ଗୃହ ନ ଥିବା କେନ୍ଦ୍ର ଗୁଡିକ ଏବେ ଭଡା ଘରେ ଓ ସ୍କୁଲ ଘରେ ଚାଲୁଥିବା ଜଣାପଡିଛି। ଫଳରେ ପ୍ରାକ ବିଦ୍ୟାଳୟ ଶିଶୁଙ୍କ ଭବିଷ୍ୟତ ଗଠନ ସହିତ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଲକ୍ଷ ନେଇ କାର୍ଯ୍ୟ କରୁଥିବା ଉକ୍ତ ଯୋଜନା ବାଟବଣା ହେବାରେ ଲାଗିଛି। ଜିଲା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟ ଅନୁଯାୟୀ ଜିଲାର ୧୩ଟି ବ୍ଲକରେ ମୋଟ୍ ୨୩୬୨ଟି ଅଙ୍ଗନୱାଡି କେନ୍ଦ୍ର ରହିଛି। ସେଥିମଧ୍ୟରୁ ୧୯୪୩ଟି ଅଙ୍ଗନୱାଡି କେନ୍ଦ୍ର ଓ ୪୧୯ଟି ମିନିଅଙ୍ଗନୱାଡି କେନ୍ଦ୍ର ରହିଛି। ଗତ ମାର୍ଚ୍ଚ ଶେଷ ସୁଦ୍ଧା ଏହି ଅଙ୍ଗନୱାଡି କେନ୍ଦ୍ରରେ ଗର୍ଭବତୀ ୧୨ହଜାର ୮୮୫, ପ୍ରସୂତୀ



ଜିଲା ସାମାଜ କଲ୍ୟାଣ କାର୍ଯ୍ୟାଳୟ।

୧୨ହଜାର ୭୧୫, ୬ ମାସରୁ ୩ବର୍ଷ ଶିଶୁ ୬୭ହଜାର ୯୬୯ ଓ ୩ ବର୍ଷରୁ ୬ବର୍ଷ ପ୍ରର୍ଯ୍ୟନ୍ତ ୮୩ ହଜାର ୪୫୯ ଶିଶୁ ରହିଛନ୍ତି। ଜିଲାରେ ୨୩୬୨ଟି ଅଙ୍ଗନୱାଡି କେନ୍ଦ୍ର ମଧ୍ୟରୁ ବର୍ତ୍ତମାନ ୪୯୪ କେନ୍ଦ୍ରର ନିଜସ୍ୱ ଗୃହ ନ ଥିବାରୁ ସେଗୁଡିକ ଏବେ ଭଡାଘରେ ଓ ସ୍କୁଲ ଘରେ ଚାଲିଛି। ସ୍କୁଲ ଘରେ ୯୧ଟି କେନ୍ଦ୍ର ଚାଲିଥିବାବେଳେ ୪୦୩ଟି ଭଡା ଘରେ କେନ୍ଦ୍ର ଚାଲିଛି। ଫଳରେ କର୍ମୀମାନେ ଘର ଭଡା ନେଇ କେନ୍ଦ୍ର ଚଳାଉଛନ୍ତି। ସହରାଞ୍ଚଳରେ ଭଡା ଘର ପାଇଁ ୪ ହଜାର ଓ ଗ୍ରାମାଞ୍ଚଳରେ ହଜାରେ ଟଙ୍କା କର୍ମୀଙ୍କୁ ଦିଆଯାଉଛି। ଜିଲାରେ ୨୫ଟି କେନ୍ଦ୍ର (ସହରାଞ୍ଚଳ) ଭଡା ଘରେ ଚାଲିଥିବାବେଳେ କର୍ମୀଙ୍କୁ ଏଥିପାଇଁ ୪ ହଜାର ଟଙ୍କା ଲେଖାଏଁ ଦିଆଯାଉଛି। ସହରାଞ୍ଚଳ ଭଡା ଘର ବାବଦକୁ ମାସକୁ ଖର୍ଚ୍ଚ ହେଉଛି ଲକ୍ଷେ ଟଙ୍କା। ସେହିପରି ଗ୍ରାମାଞ୍ଚଳରେ ୩୭୮ଟି କେନ୍ଦ୍ର ଭଡା ଘରେ ଚାଲୁଥିବାରୁ ହଜାରେ ଟଙ୍କା ଲେଖାଏଁ ହିସାବରେ ୩ଲକ୍ଷ ୭୮ ହଜାର ଟଙ୍କା ଖର୍ଚ୍ଚ ହେଉଛି। ଏହିକ୍ରମରେ ସହରାଞ୍ଚଳ ଓ ଗ୍ରାମାଞ୍ଚଳକୁ କେନ୍ଦ୍ର ଭଡା ବାବଦକୁ ପ୍ରତ୍ୟେକ ମାସରେ ୪ ଲକ୍ଷ ୭୮ ହଜାର ଟଙ୍କା ଖର୍ଚ୍ଚ ହେଉଛି। ଅନ୍ୟପକ୍ଷରେ ଗତ ଏପ୍ରିଲ ଶେଷ ସୁଦ୍ଧା ଜିଲାରେ ୨୭ଟି ଅଙ୍ଗନୱାଡି କର୍ମୀ ଓ ୬ଟି ସହାୟିକା ପଦବୀ ଖାଲିରହିଛି। ଏ ନେଇ ଜିଲା ସାମାଜିକ କଲ୍ୟାଣ ଅଧିକାରୀ ପୁନ୍ୟବତୀ ହେଲେନ ଏକ୍କାଇଏସଏସଙ୍କୁ ପଚାରିବାରୁ ବିଶେଷ କରି ସହରାଞ୍ଚଳରେ ଏହି ସମସ୍ୟା ଦେଖାଦେଇଛି। ଏଠାରେ ଜାଗା ନ ମିଳିବାରୁ କେନ୍ଦ୍ର ହୋଇପାରୁନାହିଁ। ଜାଗା ମିଳିଲେ କେନ୍ଦ୍ର ଗୃହ କରାଯିବ ଏଥିପାଇଁ ପାଣ୍ଠି ମଧ ଅଛି ବୋଲି କହିଥିଲେ। ସେହିପରି ଖାଲିଥିବା ପଦବୀଗୁଡିକୁ ଯଥାଶିଘ୍ର ନୋଟିଫିକେସନ କରାଯାଇ ପୂରଣ କରାଯାଉଛି ବୋଲି କହିଥିଲେ।

ରିପୋର୍ଟ-ଉତ୍ତମ କୁମାର ଦାଶ

**କଳାହାଣ୍ଡି ଜିଲା**
- ନିଜସ୍ୱ ଗୃହ ନାହିଁ, ଭଡ଼ାଘରେ ଚାଲିଛି ୪୦୩ କେନ୍ଦ୍ର
- ପ୍ରତି ମାସରେ ଭଡା ବାବଦକୁ ୪ ଲକ୍ଷ ୭୮ ହଜାର ଖର୍ଚ୍ଚ

# ଓବିସି ବର୍ଗ ପ୍ରତି ଅବହେଳା କରୁଛନ୍ତି ରାଜ୍ୟ ସରକାର


ଭାଜପା ଓବିସି ମୋର୍ଚ୍ଚା ରାଜ୍ୟ ସଭାପତିଙ୍କ ସହ ଦଳୀୟ କର୍ମକର୍ତ୍ତା

ଟିଟିଲାଗଡ଼, ୯।୫ (ଡି.ଏନ.ଏ)

ରାଜ୍ୟ ସରକାର ଓବିସି ବର୍ଗଙ୍କ ପ୍ରତି ଅବହେଳା ପ୍ରଦର୍ଶନ କରୁଛନ୍ତି। ଭାଜପା ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳ ଟିଟିଲାଗଡ ଗସ୍ତ ଅବସରରେ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏଭଳି ଅଭିଯୋଗ କରିଛନ୍ତି। ସମସ୍ତ ରାଜ୍ୟ ତଥା କେନ୍ଦ୍ର ସରକାର ଓବିସି ବର୍ଗଙ୍କୁ ଶିକ୍ଷା କ୍ଷେତ୍ରରେ ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣ ନିଶ୍ଚିତ କରିଛନ୍ତି। ହେଲେ ଓଡ଼ିଶା ସରକାର ଓବିସିଙ୍କ ହକ୍ ମାରଣା କରିଛନ୍ତି। ରାଜ୍ୟର ଅଢେଇ କୋଟି ଓବିସିବର୍ଗ ଏନେଇ ଅବହେଳିତ ହୋଇ ରହିଛନ୍ତି। ବର୍ତ୍ତମାନ ରାଜ୍ୟ ସରକାର ଓବିସି ଜନଗଣନା ନାମରେ ଭୁଆଁ ବୁଲାଉଛନ୍ତି। ଓବିସି କିଏ ତାହା ଚିହ୍ନଟରେ ବିଫଳ ହୋଇଛନ୍ତି। କୌଣସି ଜମି ପଟ୍ଟା ନଦେଖି କିମ୍ବା ଘରକୁ ଘର ନଯାଇ ଆବେଦନ କରିବାକୁ କୁହାଯାଇଛି। ନିର୍ବାଚନକୁ ଆଖି ଆଗରେ ରଖି ରାଜ୍ୟ ସରକାରଙ୍କ ଏଭା ଭୁଆଁ ବୁଲାଇବା ନିଷ୍ପତ୍ତି ବୋଲି ବିଶ୍ୱାଳ ଅଭିଯୋଗ କରିଛନ୍ତି। ଏସବୁ ଛାଡି ସରକାର ତୁରନ୍ତ ଓବିସିବର୍ଗଙ୍କୁ ଶିକ୍ଷା, ରାଜନୈତିକ, ନିଯୁକ୍ତି କ୍ଷେତ୍ରରେ ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବାକୁ ସେ ଦାବି କରିଥିଲେ। ଏନେଇ ରାଜ୍ୟରେ ଭାଜପା ଓବିସି ମୋର୍ଚ୍ଚା ପକ୍ଷରୁ ଜନଜାଗରଣ ଯାତ୍ରା ଆରମ୍ଭ ହୋଇଥିବା କହିଥିଲେ। ଦଳର ଓବିସି ମୋର୍ଚ୍ଚା ଜିଲା ସଭାପତି ଅକ୍ଷୟ ରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଟିଟିଲାଗଡ ନଗର ସଭାପତି ପ୍ରଶାନ୍ତ ଷଡଙ୍ଗୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ମୋର୍ଚ୍ଚାର ରାଜ୍ୟ ସାଧାରଣ ସମ୍ପାଦକ ଜ୍ଞାନେନ୍ଦ୍ର ସ୍ୱାଇଁ, ଉପସଭାପତି ଦିଲିପ ଖର୍ସେଲ ଏବଂ ସୁକାନ୍ତ ବିଶ୍ୱାଳ, ଜିଲା ଉପସଭାପତି ଭୈରବ କଟା, ଜିଲା ସାଧାରଣ ସମ୍ପାଦକ ନିଳାଞ୍ଚଳ ନାଗ, ଦଳର ଜିଲା ସାଧାରଣ ସମ୍ପାଦକ ମୁକେଶ ଜୈନ, ଜିଲା କାର୍ଯ୍ୟକାରିଣୀ ସଭ୍ୟ ନବିନ ଜୈନ, ବରିଷ୍ଠ ନେତା ମହେନ୍ଦ୍ର ଠାକୁର, ଜିଲା କୃଷକ ମୋର୍ଚ୍ଚା ଉପସଭାପତି ସଞ୍ଜୟ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଭାଜପା ଓବିସି ମୋର୍ଚ୍ଚାର ବିକ୍ଷୋଭ


ଗାନ୍ଧୀ ଛକରେ ଭାଜପା ଓବିସି ମୋର୍ଚ୍ଚାର ବିକ୍ଷୋଭ।

ଭବାନୀପାଟଣା,୯।୫(ସ୍ୱ.ପ୍ର.)

ସାରା ଦେଶରେ ପଛୁଆବର୍ଗର ଛାତ୍ରୀଛାତ୍ରମାନଙ୍କୁ ନାମ ଲେଖାଇବା ପାଇଁ ୨୭ ପ୍ରତିଶତ ସଂରକ୍ଷଣ ଦିଆଯାଉଥିବା ବେଳେ ଓଡ଼ିଶାରେ ରାଜ୍ୟ ସରକାର ଏହି ସାମ୍ବିଧାନିକ ଅଧିକାରରୁ ପଛୁଆବର୍ଗ ଲୋକଙ୍କୁ ବଞ୍ଚିତ କରୁଛନ୍ତି। ରାଜ୍ୟ ସରକାର ପଛୁଆବର୍ଗ ତାଲିକା ଚୂଡ଼ାନ୍ତ ହୋଇ ନ ଥିବାବେଳେ ବର୍ତ୍ତମାନ ସର୍ଭେ ଓ ଜମି ପଟ୍ଟା ନ ଦେଖି କିଭଳି ଭାବରେ ସର୍ଭେ କରାଯାଉଛି ବୋଲି ରାଜ୍ୟ ଭାଜପା ଓବିସି ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳ ଉଦବେଗ ପ୍ରକାଶ କରିଥିଲେ। ଏହି ପରିପ୍ରେକ୍ଷୀରେ ଭବାନୀପାଟଣା ଗାନ୍ଧୀ ଛକଠାରେ ଭାଜପା ପଛୁଆବର୍ଗ ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ଏ ନେଇ ଏକ ବିକ୍ଷୋଭ ସଭା ଅନୁଷ୍ଠିତ ହୋଇଥିଲା। ଜିଲା ଭାଜପା ଓବିସି ମୋର୍ଚ୍ଚା ସଭାପତି ପ୍ରଦୀପ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ଜିଲା ସଭାପତି ଦେବେନ୍ଦ୍ର ମହାନ୍ତି, ରାଜ୍ୟ ଓବିସି ମୋର୍ଚ୍ଚା ଉପସଭାପତି ରାମଚନ୍ଦ୍ର ବେହେରା, ସୁକାନ୍ତ ବିଶ୍ୱାଲ, ଜ୍ଞାନେନ୍ଦ୍ର ସ୍ୱାଇଁ, ସୁବୋଧ ବାରିକ, ମନୋଜ ସୁକଲା, ଭବେନ୍ଦ୍ର ପଣ୍ଡା, ପ୍ରେମନାଥ ନାଏକ, ମନୋଜ ସାହୁ, ଭଣ୍ଡେଶ୍ୱର ମହାପାତ୍ର, ରୋହିତ ଦୁର୍ଗା,ତ୍ରିମୋହନ ସାହୁ, ଗୋପାଳ ସାହୁ, ଚିତ୍ତରଞ୍ଜନ ପାତ୍ର, ଦାମ ମହାରଣା, ପ୍ରାଣ ପଣ୍ଡା, ଅମୋଜ ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ।

## ଭରଣପୋଷଣ ମାମଲାର ରାୟ ପ୍ରକାଶ: ବୃଦ୍ଧ ବାପା ପାଇଲେ ନ୍ୟାୟ

ଭବାନୀପାଟଣା,୯।୫(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଫ୍ୟାମିଲି କୋର୍ଟରେ ଗତବର୍ଷ ସ୍ଥାନୀୟ ସହରର ଗୋପାଲ ଚାଟାର୍ଜୀ ନାମକ ଜଣେ ବୃଦ୍ଧ ଭରଣ ପୋଷଣକୁ ନେଇ ତାଙ୍କ ୨ ପୁଅ ନାମରେ ଏକ ମାମଲା ରୁଜୁ ହୋଇଥିଲା। ଏହାର ରାୟ ମଙ୍ଗଳବାର ପ୍ରଥମ ତାରିଖରେ ହିଁ ପ୍ରକାଶ ପାଇଛି। ଫ୍ୟାମିଲି କୋର୍ଟ ବିଚାରପତି ଲଳିତ ମୋହନ ଦାସ ଏହାର ବିଚାର କରି ବଡ ପୁଅଙ୍କୁ ୭ ହଜାର ଓ ସାନ ପୁଅଙ୍କୁ ଖାଦ୍ୟପେୟ, ଔଷଧୀୟ, ଦେଇ ଘରେ ରଖିବା ପାଇଁ ଉଭୟଙ୍କ ପକ୍ଷରୁ ଏକ ରାଜିନାମା କରାଇ ଏହାର ସମାଧାନ କରିଛନ୍ତି। ମାମଲାର ପ୍ରଥମ ଶୁଣାଣୀରେ ଏହାର ସମାଧାନ ହୋଇଥିବାରୁ ବୃଦ୍ଧ ଗୋପାଲଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ବୃଦ୍ଧାଙ୍କ ପକ୍ଷରୁ ଏହି ମାମଲା ବରିଷ୍ଠ ଆଇନଜୀବୀ ସୁଧିର ପଟ୍ଟନାୟକ ପରିଚାଳନା କରିଥିଲେ।

## ନୂତନ ଜେଏମ୍‌ଏଫ୍‌ସିଙ୍କ କାର୍ଯ୍ୟଭାର ଗ୍ରହଣ

କଣ୍ଟାବାଞ୍ଜି, ୯।୫(ଡି.ଏନ.ଏ.)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସିଭିଲ କୋର୍ଟରେ ମଙ୍ଗଳବାର ନୂତନ ଜେଏମ୍‌ଏଫସି ଭାବେ ରାହୁଲ କୁମାର ଜେନା କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ସ୍ଥାନୀୟ ଓକିଲ ସଂଘ ପକ୍ଷରୁ ସଂଘ କାର୍ଯ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଓକିଲ ସଂଘ ସଭାପତି ସମିମ ଖାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଅତିରିକ୍ତ ଜିଲା ଦୌରାଜଜ୍ ହିମାଂଶୁ ଶେଖର ମଲ୍ଲିକ ମୁଖ୍ୟ ଅତିଥି, ସଂଘ ସମ୍ପାଦକ ଏସ.ଜେ.ରାଓ ଓ ଆଇନଜୀବୀମାନେ ଉପସ୍ଥିତ ଥିଲେ।

# ୨ ଦିନିଆ ନୂଆପଡ଼ା ଗସ୍ତରେ ରାଜ୍ୟ ମହିଳା ଆୟୋଗ ଅଧକ୍ଷା


ଅତିଥିଙ୍କ ଗହଣରେ ସମ୍ମାନିତ କରୋନା ଯୋଦ୍ଧା।

ନୂଆପଡ଼ା ଅଫିସ,୯।୫

ରାଜ୍ୟ ମହିଳା ଆୟୋଗ ଅଧକ୍ଷା ମିନତୀ ବେହେରା ୨ ଦିନିଆ ନୂଆପଡ଼ା ଗସ୍ତରେ ଆସି ଜିଲା ସଦ୍‌ଭାବନା ସଭା ଗୃହରେ ଆଇନ ସଚେତନତା ଓ ମାନବ ଚାଲାଣ ନିରୋଧ ୟୁନିଟ୍ ଉପରେ ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ଜିଲାପାଳ ହେମକାନ୍ତ ସାଏଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମିନତୀ ବେହେରା ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ଆୟୋଗର ସଭ୍ୟା ସ୍ୱର୍ଣ୍ଣଲତା ସାମଲ, ବିଜୟା ବେରୁଆ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆରକ୍ଷୀ ଅଧିକ୍ଷକ ଗୁନ୍ଦାଲା ରେଡ୍ଡୀ ରାଘବେନ୍ଦ୍ର, ଜିଲା ସମାଜ ମଙ୍ଗଳ ଅଧିକାରୀ ମନ କୁମାରୀ ଲମ୍ବୁ ଓ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। କର୍ମକ୍ଷେତ୍ରରେ ମହିଳାଙ୍କ ଉପରେ ଯୌନ ନର୍ଯ୍ୟାତନା, ଭାରତରେ ବାଲ୍ୟ ବିବାହ, ଓଡ଼ିଶାରେ ଡାହାଣୀ ଚିହ୍ନଟ ନିରାକରଣ ଆଇନ, ସାଇବର ଅପରାଧ, ଦେୱାନୀ ଓ ଫୌଜଦାରୀ କାର୍ଯ୍ୟବିଧି ଆଇନ ଉପରେ ମୁଖ୍ୟ ଅତିଥି ଆଲୋକପାତ କରିଥିଲେ। କରୋନା ମହାମାରୀ ସମୟରେ ନିଜ ଜୀବନକୁ ବାଜି ଲଗାଇ ଅନ୍ୟର ସହାୟତା କରିବାକୁ ଆଗେଇ ଆସିଥିବା ପୋଲିସ ଏସଆଇ କୋମନା ଥାନା ଜିତୁ ମହାନନ୍ଦ, ଅଙ୍ଗନୱାଡି କର୍ମୀ ଦୁଲାରି ଯାଦବ, ଆଶାକର୍ମୀ ଦୁରମନୀ ପାଣ୍ଡେ, ଏଏନ୍‌ଏମ ମହେଶ୍ୱରୀ ସାହୁ, ସରପଞ୍ଚ ବୃନ୍ଦାବନ ବାଗ, ଲେଡି ଆଡଭୋକେଟ ନିତା ବାଗ, ପରାମର୍ଶଦାତା ଦୀପିକା ସୁନା, ସାମାଜିକ କର୍ମକର୍ତ୍ତା ରଞ୍ଜନ କୁମାର ସାହୁ, ବିଶ୍ୱ ମା' ଭଗବତି ମହିଳା ସ୍ୱୟଂ ସହାୟକ ଦଳକୁ କରୋନା ଯୋଦ୍ଧାଭାବେ ଉପଢୌକନ ଓ ପ୍ରମାଣ ପତ୍ର ଦେଇ ସମ୍ମାନିତ କରାଯାଇଥିଲା। ପରେ ଅଧକ୍ଷା ବେହେରା ଜିଲା ମୁଖ୍ୟ ଚିକିତ୍ସାଳୟ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ବିଭାଗ ବୁଲି ଦେଖିବା ସହ ସଦର ଥାନା ମହିଳା ଓ ଶିଶୁ ଡେସ୍କ ପରିଦର୍ଶନ କରିଥିଲେ।

# ଏସ୍‌ଇବିସି ସର୍ଭେ ଘରକୁ ଘର ଯାଇ କର

ଦେଓଗାଁ,୯।୫(ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ହାତିସରାରେ ମଙ୍ଗଳବାର ବିଜେପି ଓବିସି ମୋର୍ଚ୍ଚା ତରଫରୁ ସଚେତନତାଭିତ୍ତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡା.ଶଶୀଭୂଷଣ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳ, ସମ୍ମାନୀତ ଅତିଥିଭାବେ ରାଜ୍ୟ ସାଧାରଣ ସମ୍ପାଦକ ଜ୍ଞାନେନ୍ଦ୍ର କୁମାର ସ୍ୱାଇଁ, ରାଜ୍ୟ ଉପସଭାପତି ଦିଲୀପ କୁମାର ଖର୍ସେଲ, ଜିଲା ସଭାପତି ଅକ୍ଷୟ ରଣା, ସାଧାରଣ ସମ୍ପାଦକ ନୀଳାଞ୍ଚଳ ନାଗଯାଦବ, ୧୨ନଂ ମଣ୍ଡଳ ଉପସଭାପତି ପୃଥ୍ୱୀରାଜ ବାଗ, ପିଙ୍କୁ ଷାଣ୍ଢ, ସନ୍ତୋଷ ମେହେର, ଶୁଭମ ମହାକୁର ପ୍ରମୁଖ ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଓବିସି ଓ ଏସଇବିସି ପାଇଁ କରାଯାଉଥିବା ସର୍ଭେ ପ୍ରତି ଘରକୁ ଘର ବୁଲି କରିବା ପାଇଁ ଦାବି ରଖିବା ସହ ଏନେଇ ସମସ୍ତେ ସଚେତନ ହେବାପାଇଁ ଆହ୍ୱାନ କରିଥିଲେ। ଏହାସହ ଆଗାମୀ ଦିନରେ ଓବିସି ଓ ଏସଇବିସିମାନଙ୍କ ପ୍ରତି ଅବିଚାର କରାଗଲେ ଆନ୍ଦୋଳନ ନିଶ୍ଚିତ ବୋଲି ସୂଚନା ଦେଇଥିଲେ। କାର୍ଯ୍ୟାଳୟ ମାନଙ୍କରେ ରହି ଓବିସି ଓ ଏସଇବିସି ସର୍ଭେ କରାଯିବା ଦ୍ୱାରା ବ୍ୟାପକ ତ୍ରୁଟି ରହିବା ସ୍ୱାଭାବିକ। ଏଣୁ ଏହାକୁ ବନ୍ଦ କରି ଗାଁକୁ ଗାଁ ଓ ଘରକୁ ଘର ଯାଇ ପ୍ରକୃତ ତଥ୍ୟ ସହ ସର୍ଭେ କରିବା ପାଇଁ ଭାଜପା ଓବିସି ମୋର୍ଚ୍ଚ ତରଫରୁ ଦାବି କରାଯାଇଛି। ଏନେଇ ଏକ ସଚେତନତାଭିତ୍ତିକ ରଥ ପରିକ୍ରମା କରାଯାଉଥିବା ସୂଚନା ଦିଆଯାଇଥିଲା।

# ଭଡ଼ା ଟଙ୍କା ପାଇଁ ୫୦ କି.ମି ଆସିଲେ ଦିବ୍ୟାଙ୍ଗ ମହିଳା

ନୂଆପଡ଼ା ଅଫିସ,୯।୫

ନୂଆପଡ଼ା ଜିଲା କୋମନା ବ୍ଲକ ହଲୁଆପାଲି ଗାଁର ଦିବ୍ୟାଙ୍ଗ ମହିଳା ନିଲେ ମାଝି ୫୦୦ ଟଙ୍କା ଭତ୍ତା ପାଇଁ ଗାଡ଼ି ଭଡ଼ା କରି ୫୦ କିଲୋମିଟର ଆସି ନେଇଛନ୍ତି। ୨ ବର୍ଷ ପୂର୍ବରୁ ନିଲେ ସୁସ୍ଥ ଥିଲେ। ହଠାତ୍ କେଉଁ ରୋଗ ହେଲା ଯେ, ୨ ଗୋଡ଼ କାମ କରୁନାହିଁ। ଗୋଡ଼ ସବୁବେଳେ ସିଧା ରହୁଛି। ତାଙ୍କୁ ଯେଉଁ ଆଡ଼େ ନେଲେ ଖଟିଆରେ ବୋହି ନେବାକୁ ପଡ଼େ। ପାହାଡ଼ ଓ ଜଙ୍ଗଲିଆ ଅଞ୍ଚଳ ହୋଇଥିବାରୁ ଗାଡ଼ି ମୋଟର ସୁବିଧା ନାହିଁ। ସେ ଠିକ ଥିଲାବେଳେ ଗୋଟିଏ ପାହାଡ଼ ଡେଇଁ ସିଆଲଲଟି ପଞ୍ଚାୟତ କାର୍ଯ୍ୟାଳୟକୁ ୩୫ କିଲୋମିଟର ଚାଲି ଚାଲି ଆସି ଭତ୍ତା ଟଙ୍କା ନେଉଥିଲେ। ଏବେ ସେ ବିକଳାଙ୍ଗ ହୋଇଯିବାରୁ ଭତ୍ତା ଟଙ୍କା ଆସି ନେଇପାରୁ ନାହାନ୍ତି। ମଙ୍ଗଳବାର ନିଲେଙ୍କ ୨ ପୁଅ ଗିରିଧାରି ମାଝି ଓ ଜୟଧର କିଛି ଦୂର ଖଟିଆରେ ବୋହି ଆଣି ବୋଲେରୋ ଭଡ଼ା କରି ୫୦ କିଲୋମିଟର ତରବୋଡ ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କକୁ ଆସି ଭତ୍ତା ଟଙ୍କା ନେଇଛନ୍ତି। ଆମେ ବାରମ୍ବାର ସରପଞ୍ଚ ଠାରୁ ଆରମ୍ଭ କରି ବିଡିଓ ପର୍ଯ୍ୟନ୍ତ ଯାଇ ଗୁହାରି କରି ସାରିଲୁଣି ହେଲେ ଆମ କଥା କେହି ଶୁଣୁ ନାହାନ୍ତି ବୋଲି ନିଲେଙ୍କ ସ୍ୱାମୀ ଗୋବର୍ଦ୍ଧନ ମାଝି କହିଛନ୍ତି। ଏ ସଂକ୍ରାନ୍ତରେ ବ୍ଲକ କାର୍ଯ୍ୟାଳୟର ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ହୋଇ ପାରିଲା ନାହିଁ।


ନିଲେ ମାଝି।

# ୭ ଦିନ ହେଲା ଜଳ ଯୋଗାଣ ବନ୍ଦ

ଲାଞ୍ଜିଗଡ଼,୯।୫(ଡି.ଏନ.ଏ.)

- ଲାଞ୍ଜିଗଡ଼ରେ ପୁଣି ଜଳ ସଙ୍କଟ, ଲୋକେ ହନ୍ତସନ୍ତ
- ପଞ୍ଚାୟତ, ବ୍ଲକ ଅଫିସ ଘେରାଉ ଚେତାବନୀ

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଲାଞ୍ଜିଗଡ଼ ସହରରେ ଆଜକୁ ୭ ଦିନ ହେଲା ପୁଣି ଜଳ ସଙ୍କଟ ଦେଖା ଦେଇଛି। ପାଇପରେ ଆସୁଥିବା ପାଣି ସମ୍ପୂର୍ଣ୍ଣ ବନ୍ଦ ହେବା ଫଳରେ ସହରର ବିଭିନ୍ନ ପଡାର ହଜାର ହଜାର ଲୋକ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି। ଗତ ଜାନୁୟାରୀରେ ମୋଟର ପୋଡ଼ିଯାଇଥିବା ଯୋଗୁ ୨୭ ଦିନ ପାଣି ସମ୍ପୂର୍ଣ୍ଣ ଭାବେ ବନ୍ଦ ରହିଥିଲା। ଗଣମାଧ୍ୟମରେ ପ୍ରସାରଣ ପରେ ୨୯ ଦିନରେ ପାଣି ଯୋଗାଣ ହୋଇଥିଲା। ଯଦି ଏହାର କୌଣସି ସମାଧାନ କରା ନ ଯାଏ ତାହାହେଲେ ପଞ୍ଚାୟତ ଓ ବ୍ଲକ କାର୍ଯ୍ୟାଳୟ ଘେରାଉ କରିବୁ ବୋଲି ଲାଞ୍ଜିଗଡ଼ବାସୀ ଚେତାବନୀ ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ଲାଞ୍ଜିଗଡ଼ଠାରେ ଜଳ ସଙ୍କଟ ଦୂର ପାଇଁ ୨୦୧୦ରେ ୧ କୋଟି ୩୦ ଲକ୍ଷ ଅଟକଳ ମୂଲ୍ୟରେ ନିକଟସ୍ଥ ବଂଶଧାରା ନଦୀରେ ୨ଟି ଷ୍ଟକ ଟାଙ୍କି ନିର୍ମାଣ ହୋଇଥିଲା। କିନ୍ତୁ ଠିକାଦାରଙ୍କ ନିମ୍ନମାନର କାମ ଓ ଦାୟିତ୍ୱରେ ଥିବା ପ୍ରଶାସନିକ ଅଧିକାରୀଙ୍କ ଅନୁପସ୍ଥିତ ଯୋଗୁ ପାଇପଗୁଡିକ ନିମ୍ନମାନର ହୋଇଥିବାରୁ ନିର୍ମାଣର ୮ ମାସ ମଧ୍ୟରେ ସହରରେ ଜଳ ଯୋଗାଣରେ ବ୍ୟାହତ ହୋଇଥିଲା। ଏ ନେଇ ପ୍ରଥମରୁ ଲୋକେ ଅଭିଯୋଗ କରୁଥିଲେ ମଧ ଲୋକଙ୍କ କଥାକୁ ଠିକାଦାର କିମ୍ବା କୌଣସି ପ୍ରଶାସନିକ ଅଧିକାରୀ ଶୁଣି ନ ଥିଲେ। ଫଳରେ ନିର୍ମାଣର ୮ ମାସ ପରେ ବିଛାଯାଇଥିବା ପାଇପ ବିଭିନ୍ନ ସ୍ଥାନରେ ଫାଟି ଯାଇଥିଲା। ଫଳରେ ଆଜିକୁ ୧୧ ବର୍ଷ ହେଲା ନିମ୍ନମାନର ପାଇପ ଫାଟିବା ଫଳରେ ମାସକୁ କଷ୍ଟେମଷ୍ଟେ ୧୦ ଦିନ ପାଣି ମିଳୁଥିବା ବେଳେ ୨୦ଦିନ ବନ୍ଦ ରହୁଥିବା ଦେଖିବାକୁ ମିଳୁଛି। ଜଳ ଯୋଗାଣ ପାଇଁ ଅଭିଯୋଗ କଲେ ଦାୟିତ୍ୱରେ ଥିବା ପଞ୍ଚାୟତ ଓ ବ୍ଲକସ୍ତରୀୟ ଅଧିକାରୀମାନେ ଅଞ୍ଚଳବାସୀଙ୍କୁ ଅଣଦେଖା କରୁଥିବା ଲୋକେ କହିଛନ୍ତି। ବର୍ଷ ବର୍ଷ ଧରି ଏହି ସମସ୍ୟା ଲାଗି ରହିଛି। ଏ ନେଇ ଅଭିଯୋଗ ପରେ ଦାୟିତ୍ୱରେ ଥିବା କର୍ମଚାରୀମାନେ ବିଭିନ୍ନ ବାହାନା ଦେଖାଇ ଗୁରୁତ୍ୱ ଦେଉ ନ ଥିବାରୁ ଆଜକୁ ୭ ଦିନ ହେଲା ଲାଞ୍ଜିଗଡ଼ ସହରର ପୂଜାରିପଡା, ଡ଼ମ୍ବିଣିପଡା, ଗଉଡ଼ପଡା, କଲୋନୀପଡା, ପ୍ରଧାନୀପଡା, ରଜାପଡା ଓ ମହାଦେବ ପଡାକୁ ଜଳଯୋଗାଣ ବନ୍ଦ ରହିଥିବା ଯୋଗୁ ଲୋକେ ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଏ ନେଇ ଲୋକେ ବାରମ୍ବାର ପଞ୍ଚାୟତ ତଥା ବ୍ଲକସ୍ତରୀୟ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳୁ ନ ଥିବା ପ୍ରକାଶ କରିଛନ୍ତି। ଏ ନେଇ ବ୍ଲକ ଜଳଯୋଗାଣ ଦାୟିତ୍ୱରେ ଥିବା ଯନ୍ତ୍ରୀ ଦଶମନ୍ତ ମାଝିଙ୍କୁ ପଚାରିବାରୁ ବିଭିନ୍ନ ଜାଗାରେ ପାଇପ ଫାଟି ଯାଇଥିବାରୁ ଜଳ ଯୋଗାଣ ବନ୍ଦ ଅଛି। ଆଜି ଆମ ଷ୍ଟାଫମାନଙ୍କୁ ପାଇପ ଫାଟିଥିବା ସ୍ଥାନରେ ଖୋଳି ୱେଲଡିଂ କରିବାକୁ କୁହାଯାଉଛି, ତାହା ଠିକ ହେଲେ ପାଣି ଯୋଗାଣ ହୋଇଯିବ ବୋଲି କହିଥିଲେ।


ଷ୍ଟାଣ୍ଡପୋଷ୍ଟକୁ ପାଣି ଆସୁ ନ ଥିବାରୁ ଭାଙ୍ଗିପଡ଼ିଲାଣି।

# ଆଜିଠୁ ଅତାବିରା ବ୍ଲକରେ ରବିଧାନ ସଂଗ୍ରହ

**ବରଗଡ଼ ଅଫିସ୍/ଅତାବିରା,୯।୫**

ବରଗଡ଼ ଜିଲା ଅତାବିରା ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମ୍‌ସି) ଅଧୀନ ଅତାବିରା ବ୍ଲକର ମଣ୍ଡି ଗୁଡ଼ିକରୁ ବୁଧବାରଠାରୁ ରବିଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ। ସେହିପରି ଅତାବିରା ଆର୍‌ଏମ୍‌ସି ଅଧୀନ ଭେଡ଼େନ ବ୍ଲକର ମଣ୍ଡିଗୁଡ଼ିକରୁ ଶୁକ୍ରବାରଠାରୁ ଧାନ କିଣାବିକା ଚାଲିବ। ସେହିପରି ବରଗଡ଼ ଆର୍‌ଏମ୍‌ସି ଅଧୀନ ମଣ୍ଡିଗୁଡ଼ିକରୁ ମଧ୍ୟ ଶୁକ୍ରବାରଠାରୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ। ମାତ୍ର ଏପର୍ଯ୍ୟନ୍ତ ଅନେକ ଚାଷୀଙ୍କ ପାଖକୁ ଧାନ ବିକ୍ରି ପାଇଁ ଉଦ୍ଦିଷ୍ଟ ଟୋକନ ପହଞ୍ଚି ପାରିନାହିଁ। ଫଳରେ ଚାଷୀମାନେ ମଣ୍ଡିକୁ କିଭଳି ଧାନ ନେବେ ତାକୁ ନେଇ ଚିନ୍ତିତ ହୋଇ ପଡ଼ିଛନ୍ତି। ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକର ନିଷ୍ପତ୍ତି ଅନୁଯାୟୀ ମଣ୍ଡି ଖୋଲା ନ ଯାଇ ବିଳମ୍ବ କରାଯାଇଥିଲେ ସୁଦ୍ଧା ଚାଷୀଙ୍କ ପାଖକୁ ଏପର୍ଯ୍ୟନ୍ତ ଟୋକନ ଅପହଞ୍ଚ ଘଟଣାରୁ ଧାନ ବିକ୍ରିବଟାରେ ଅବ୍ୟବସ୍ଥା ଆରମ୍ଭରୁ ବାରି ହୋଇପଡ଼ିଛି।

ଗତ ଏପ୍ରିଲ ୧୩ତାରିଖରେ ଜିଲାପାଳଙ୍କ ଅଫିସ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲାପାଳ, ଅନ୍ୟ ଜିଲାସ୍ତରୀୟ ଅଧିକାରୀ, ଜନପ୍ରତିନିଧି, ଚାଷୀ ଏବଂ ମିଲର୍ସ ପ୍ରତିନିଧିଙ୍କ ଉପସ୍ଥିତିରେ ମେ ୬ତାରିଖରେ ଅତାବିରା ଆର୍‌ଏମ୍‌ସି, ୧୨ତାରିଖରେ ବରଗଡ଼ ଆର୍‌ଏମ୍‌ସି ଏବଂ ପରବର୍ତ୍ତୀ ସମୟରେ ଚାଷୀଙ୍କ ସହିତ ଆଲୋଚନା କରି ପଦ୍ମପୁର ଆର୍‌ଏମ୍‌ସି ଅଧୀନ ମଣ୍ଡିଗୁଡ଼ିକ ଖୋଲାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। କିନ୍ତୁ ୬ତାରିଖରେ ଅତାବିରା ଆରଏମସି ଅଧୀନ ମଣ୍ଡି ଗୁଡ଼ିକ ଖୋଲି ନ ଥିଲା। ଅଞ୍ଚଳର କେତେକ ଚାଷୀ ସଙ୍ଗଠନର ଦାବିକୁ ଦୃଷ୍ଟିରେ ରଖି ମେ ୧୦ରେ ଅତାବିରା ଆରଏମସିରେ ମଣ୍ଡି ଖୋଲାଯିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ଦାଶରଥି ସୋରେନ କହିଥିଲେ।

ଅନ୍ୟପଟେ ୧୦ତାରିଖରେ ଅତାବିରା ଆର୍‌ଏମ୍‌ସି ଅଧୀନ କେବଳ ଅତାବିରା ବ୍ଲକ ଅନ୍ତର୍ଗତ ମଣ୍ଡିଗୁଡ଼ିକ ଖୋଲିବ ଏବଂ ଏହି ଆରଏମସି ଅଧୀନ ଭେଡ଼େନ ବ୍ଲକ ଅନ୍ତର୍ଗତ ମଣ୍ଡି ଗୁଡ଼ିକ ୧୨ତାରିଖରୁ ଖୋଲିବ ବୋଲି ଆର୍‌ଏମ୍‌ସି ସମ୍ପାଦକ ପ୍ରଦୀପ ବେସନ କହିଛନ୍ତି। ମଣ୍ଡି ଖୋଲିବାରେ ଗୋଟିଏ ପଟେ ଏଭଳି ବିଳମ୍ବ ହେଉଥିବାବେଳେ ଚାଷୀଙ୍କୁ ବର୍ଷା ଭୟ ଘାରିଛି। ଚାଷୀମାନେ ଅମଳ ଧାନକୁ କ୍ଷେତ, ଖଳା ଏବଂ ରାସ୍ତା ଉପରେ ଗଦା କରି ରଖିଛନ୍ତି। ଟୋକନ ମିଳିଲେ ଏବଂ ମଣ୍ଡି ଖୋଲିଲେ ଅମଳ ଧାନକୁ ସେମାନେ ମଣ୍ଡିକୁ ନେଇ ବିକ୍ରି କରିବେ ବୋଲି ଚାଷୀମାନେ ଆଶା ବାନ୍ଧିଛନ୍ତି। କିନ୍ତୁ ଟୋକନ ମିଳି ନ ଥିବାବେଳେ ମଣ୍ଡି ମଧ୍ୟ ଖୋଲି ନ ଥିବା ଯୋଗୁ ଚାଷୀଙ୍କୁ ନିରାଶ ହେବାକୁ ପଡ଼ିଛି। ଅନ୍ୟପଟେ ବେପାରୀମାନେ ସକ୍ରିୟ ହୋଇ ପଡ଼ିଥିବାବେଳେ ଅଣ୍ଡରରେଟ୍‌ରେ ଧାନ କିଣିବା ମସୁଧା ଆରମ୍ଭ କରି ଦେଇଥିବା ପରିଲକ୍ଷିତ ହୋଇଛି।


ଭେଡ଼େନ ବ୍ଲକ ବଇପୁର ଗ୍ରାମରେ ଜଣେ ଚାଷୀଙ୍କ ଅମଳ ଧାନ।

- ୧୨ରେ ଖୋଲିବ ଭେଡ଼େନ ବ୍ଲକର ମଣ୍ଡି
- ମିଳିନି ଟୋକନ, ଘାରିଲା ବର୍ଷା ଚିନ୍ତା

ଭେଡ଼େନ ବ୍ଲକ ବଇପୁର ଗ୍ରାମର ଜଣେ ଚାଷୀ ସମୀର ଦେହେରୀ କହିଛନ୍ତି, ସେ ତାଙ୍କ ଧାନ ଅମଳ କରି ଘରେ ରଖିଛନ୍ତି। ମଣ୍ଡି ଖୋଲିଲେ ତାକୁ ବିକ୍ରି କରିବେ ବୋଲି ଭାବିଛନ୍ତି। କିନ୍ତୁ ଏପର୍ଯ୍ୟନ୍ତ ତାଙ୍କୁ ଟୋକନ ମିଳି ନ ଥିବାବେଳେ ମଣ୍ଡି ମଧ୍ୟ ଖୋଲି ନ ଥିବା ଯୋଗୁ ଦେହେରୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଝରାଡ଼େରା ଗ୍ରାମର ଅନ୍ୟ ଜଣେ ଚାଷୀ ଭେଙ୍କଟ ରାଓ କହିଛନ୍ତି, ସେ ୩୦୦ ପକେଟ୍ ଧାନ ଅମଳ କରି ସାରିଲେଣି। ବାକି ଜମିର ଧାନ କଟା ହୋଇ କ୍ଷେତରେ ଥିବାବେଳେ ଆଉ କିଛି ଖଳାରେ ରହିଛି। ସେ ମଧ୍ୟ ଟୋକନ ଏପର୍ଯ୍ୟନ୍ତ ପାଇ ନ ଥିବାବେଳେ ବର୍ଷା ହେଲେ ସବୁଧାନ ନଷ୍ଟ ହୋଇଯିବ ବୋଲି ଆଶଙ୍କା ପ୍ରକାଶ କରିଛନ୍ତି। ଧାନ ସଂଗ୍ରହ ପ୍ରକ୍ରିୟା ଯେତେ ବିଳମ୍ବିତ ହେବ, ଚାଷୀମାନେ ସେତେ ପରିମାଣରେ କ୍ଷତିଗ୍ରସ୍ତ ହେବା ସମ୍ଭାବନା ରହିଛି। ଏହି ଦୃଷ୍ଟିରୁ ଚାଷୀଙ୍କୁ ତୁରନ୍ତ ଟୋକନ ପ୍ରଦାନ ସହିତ ଅମଳ ଧାନ କିଣିବା ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ଜୟ କିଷାନ ଆନ୍ଦୋଳନର ସମ୍ପାଦକ ହର ବଣିଆ ଦାବି କରିଛନ୍ତି।

## ସଂକ୍ଷେପରେ

### ୧୮୨ ଶିକ୍ଷକ ପ୍ରଧାନ ଶିକ୍ଷକ ପଦବୀକୁ ପଦୋନ୍ନତି ପାଇବେ

ବୌଦ୍ଧ,୯।୫(ସ୍ୱ.ପ୍ର.)-ବୌଦ୍ଧ ଜିଲାରେ ଶିକ୍ଷକ ପଦୋନ୍ନତିକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ହୋଇ ଆସୁଥିବା ବେଳେ ଶିକ୍ଷା ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ ମତେ ଜିଲାରେ ୧୮୨ ଶିକ୍ଷୟିତ୍ରୀ ଶିକ୍ଷକ ପ୍ରଧାନ ଶିକ୍ଷକ ପଦବୀକୁ ପଦୋନ୍ନତି ପାଇବେ ବୋଲି ଜଣାପଡିଛି। ଜିଲାରେ ବହୁ ସଂଖ୍ୟକ ପ୍ରଧାନ ଶିକ୍ଷକ ପଦବୀ ଖାଲି ପଡିଥିବାରୁ ଶିକ୍ଷକମାନଙ୍କ ତାଲିକା ପ୍ରସ୍ତୁତ କରି ଜିଲା ଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟ ଶିକ୍ଷା ବିଭାଗକୁ ପଠାଯାଇଥିଲା। ରାଜ୍ୟ ଶିକ୍ଷା ନିର୍ଦ୍ଦେଶକ ଏନେଇ ଜିଲା ଶିକ୍ଷାଧିକାରୀଙ୍କୁ ଜଣାଇଥିବା ଜଣାପଡିଛି। ଆସନ୍ତା ୧୫ ତାରିଖ ସୁଦ୍ଧା ପଦୋନ୍ନତି ଦିଆଯିବ ବୋଲି ଜଣାପଡିଛି। ପୂର୍ବରୁ ଜିଲାରେ ଶିକ୍ଷକ ପଦୋନ୍ନତିରେ ପ୍ରିୟା ପ୍ରୀତି ତୋଷଣ କରାଯାଇଥିବାରୁ ଶିକ୍ଷକ ମହଲରେ ଅସନ୍ତୋଷ ପ୍ରକାଶ ପାଇ ଆସୁଥିଲା। ବର୍ତ୍ତମାନ ଶିକ୍ଷା ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ ଅନୁସାରେ ଜିଲାର ଯୋଗ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ନ୍ୟାୟ ପାଇବେ ବୋଲି ଆଶା ବାନ୍ଧିଛନ୍ତି।

### ଗୋଲାମୁଣ୍ଡାରେ ଦିନିକିଆ ଭଜନ ସନ୍ଧ୍ୟା

ଖଡ଼ିଆଳ,୯।୫(ଡି.ଏନ୍.ଏ.): ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ଶ୍ରୀବତ୍ସ୍ୟ ବାରିକଙ୍କ ବାସଭବନରେ ଜଗନ୍ନାଥ ମଣ୍ଡଳୀ ପକ୍ଷରୁ ଦିନିକିଆ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ଶ୍ରୀବତ୍ସ୍ୟ ଆୟୋଜନ କରିଥିଲେ। କଣ୍ଠଶିଳ୍ପୀ ନନ୍ଦଲାଲ ବାରିକ, ଅଶୋକ କୁମାର ବାରିକ, ଜ୍ୟୋତିକା ବିଶି, ମମତା ପଟେଲ ସଙ୍ଗୀତ ପରିବେଷଣ କରିଥିଲେ। ସତ୍ୟଦେବ ବନଛୋର, ତବଲା ବାଦକ ସମୀର ରଞ୍ଜନ ରାଉତରାୟ, ବାଂଶୁରୀ ବାଦକ ବ୍ରହ୍ମାନନ୍ଦ ବନଛୋର କାର୍ଯ୍ୟ କ୍ରମରେ ସହଯୋଗ କରିଥିଲେ। ଅବସର ପ୍ରାପ୍ତ ଅଧକ୍ଷ ମେଜର ଡ.ରାମଚନ୍ଦ୍ର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଖଡ଼ିଆଳ ପାଟଣା କ୍ଷତ୍ରିୟ ସମାଜ କୁଳପତି ଶମ୍ଭୁ କିଶୋର ଦଣ୍ଡସେନା, ପରମେଶ୍ୱର ବାରିକ, ବିଜୁ ବାବୁ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଶ୍ରୀବତ୍ସ୍ୟ ଧନ୍ୟବାଦ ଦେଇଥିଲେ।

### ଫିରୋଜଙ୍କୁ ଉଚ୍ଚଚିକିତ୍ସା ଯୋଗାଇ ଦେବାକୁ ଦାବି

ଲୋଇସିଂହା,୯।୫(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ବସ୍ତି ତେଲିମାର୍କେଟ ଅଞ୍ଚଳର ଫିରୋଜ ଖାନ(୪୫)। ଗତ ୬ ଦିନ ହେଲା ଲୋଇସିଂହା ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ଘଟୁନାହିଁ। ଡାକ୍ତରଖାନାରେ ବନ୍ଧୁ ସୁରେଶ ନିଆଲ ତାଙ୍କ ଦେଖାଶୁଣା କରୁଛନ୍ତି। ଅବିବାହିତ ଥିବା ଫିରୋଜ ବିଭିନ୍ନ ସ୍ଥାନରେ କାମ କରି ଗୁଜୁରାଣ ମେଣ୍ଟାଇଥାନ୍ତି। ତାଙ୍କ ମା'ବାପାଙ୍କ ଦେହାନ୍ତ ହୋଇଯାଇଛି। ସାବତ ମା' ବଲାଙ୍ଗୀରରେ ରହୁଛନ୍ତି। କିଛିବର୍ଷ ତଳେ ଫିରୋଜ ଦୁର୍ଘଟଣାର ଶିକାର ହୋଇଥିଲେ। ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇ ଚାଲିଯାଇଥିଲା।

## କନ୍ଧମାଳ ପୋଲିସ ଦ୍ୱାରା ୪ କୁଇଣ୍ଟାଲ ଗଞ୍ଜେଇ ଜବତ



ଜବତ ଗଞ୍ଜେଇ।

**କଣ୍ଟାମାଳ,୯।୫(ଡି.ଏନ.ଏ.)**

ବୌଦ୍ଧ ଜିଲା କଣ୍ଟାମାଳ ପୋଲିସ ମଙ୍ଗଳବାର ୪ କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି। ପ୍ରକାଶ ଯେ, କଣ୍ଟାମାଳ ଥାନା ଉତ୍ତର୍ଲା ଜଙ୍ଗଲରେ ଚୋରା ବେପାରୀମାନେ ବିକ୍ରୀ ପାଇଁ ଗଞ୍ଜେଇ ପ୍ୟାକିଂ କରି ରଖିଥିବା ଖବର ପୋଲିସକୁ ମିଳିଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶରେ କଣ୍ଟାମାଳ ଥାନାର ଏକ ସ୍ୱତନ୍ତ୍ର ଟିମ୍ ଏହି ଜଙ୍ଗଲରେ ଚଢ଼ାଉ କରିଥିଲେ। ପୋଲିସ ଚଢାଉ ବେଳେ ସେଠାରୁ ୪ କୁଇଣ୍ଟାଲ ଗଞ୍ଜେଇ ଜବତ କରିଥିଲା। ତେବେ ବେପାରୀମାନେ ଘଟଣାସ୍ଥଳରୁ ଫେରାର ହୋଇ ଯାଇଛନ୍ତି। ଏହି ଘଟଣାରେ ପୋଲିସ ଜି.ଖଟୁଆ, ପି. ସାହୁ, ଏସ. ସାହୁ ଏବଂ ଆର. ସାହୁଙ୍କ ନାମରେ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ, ଗତ ଜାନୁୟାରୀ ମାସଠାରୁ ଏଯାଏ ମୋଟ ୮୦ କୁଇଣ୍ଟାଲ ୨୭ କେଜି ଗଞ୍ଜେଇ ଜବତ କରାଯାଇଥିବା ସୂଚନା ମିଳିଛି।

# ବାଲ୍ୟ ବିବାହ ନିରାକରଣ ସମ୍ପର୍କରେ ଆଲୋଚନା



କର୍ମଶାଳାରେ ମଞ୍ଚାସୀନ ଅତିଥି ବୃନ୍ଦ।

**ସୋନପୁର,୯।୫(ନି.ପ୍ର)**

**ପୋକ୍‌ସୋ ଆଇନ ବିଷୟରେ ବି ବିଚାର ବିମର୍ଷ**

ସୁବର୍ଣ୍ଣପୁର ଜିଲା ପରିଷଦ ସଭାଗୃହଠାରେ ବାଲ୍ୟ ବିବାହ ନିରାକରଣ ଓ ଶିଶୁ ଯୌନ ଅପରାଧ ସୁରକ୍ଷା(ପୋକ୍‌ସୋ) ଆଇନ ସମ୍ପର୍କିତ ଏକଦିବସୀୟ କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ରେଆର୍ ଦ୍ୱାରା କିଣ୍ଡର ପୋଷ୍ଟଜେଲ ସହାୟତାରେ ଏହି କର୍ମଶାଳା ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ସୁବର୍ଣ୍ଣପୁର ଜିଲା ସମାଜ ମଙ୍ଗଳ ଅଧିକାରୀ ରେଣୁବାଳା ଦାସ ଯୋଗଦେଇ ବାଲ୍ୟ ବିବାହ ନିରାକରଣ ଦିଗରେ ନିଆଯାଇଥିବା ପଦକ୍ଷେପ ବିଷୟରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥିଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଡ଼. ରାଧାକାନ୍ତ ଗଡତିଆ, ଶିଶୁ ସୁରକ୍ଷା ୟୁନିଟର ବିଜୟ ବିଶ୍ୱାଳ ଓ ବାଲ୍ୟ ବିବାହ ପରାମର୍ଶଦାତା ତଥା ଏକ୍ସନ ଏଡ ପ୍ରତିନିଧି ରାକେଶ ପ୍ରଧାନ, ରେଆର ପ୍ରତିଷ୍ଠାତା ଗୌରୀଶ୍ୟାମ ପଣ୍ଡା ଯୋଗଦେଇଥିଲେ। ତାଲିମଦାତାଭାବେ ରାଜିବ ନାଏକ ଓ ସୁନିତା ତ୍ରିପାଠୀ ଯୋଗଦେଇ ବାଲ୍ୟ ବିବାହ ନିରାକରଣ ଆଇନ ୨୦୦୬ ଓ ଶିଶୁ ଯୌନ ଅପରାଧ ସୁରକ୍ଷା ଆଇନ ତଥା କିଶୋର ନ୍ୟାୟ ପରିଷଦର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏଥିରେ ଜିଲାର ଛଅ ଗୋଟି ବ୍ଲକର ବାଲ୍ୟ ବିବାହ ନିରାକରଣ ଅଧିକାରୀ, ମହିଳା ପରିଦର୍ଶିକା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଶିଶୁ ମଣ୍ଡଳ ପୋଲିସ ଅଧିକାରୀମାନେ ଉପସ୍ଥିତ ରହି ତାଲିମ ଗ୍ରହଣ କରିଥିଲେ। ରେଆର ସାଧାରଣ ସମ୍ପାଦକ ଅନନ୍ତ ନେଗୀ ସଭା ସଂଯୋଜନା କରିଥିଲେ। ଧନୁର୍ଦ୍ଧର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ମିତ୍ରଭାନୁ ମଲ୍ଲିକ, ଝରଣା ପଟ୍ଟନାୟକ, ସୁଶାନ୍ତ ସା, ଅଶୋକ ଝାଙ୍କର ଓ ସୁଦାମ ଗାଇଗରିଆ ଏଥିରେ ସହଯୋଗ କରିଥିଲେ।

# ୫ଶହ ଟଙ୍କା ଭତ୍ତା ପାଇଁ ଦେଢ଼ଶହ ଟଙ୍କା ରିକ୍ସାଭଡ଼ା


ବ୍ୟାଙ୍କକୁ ଭତ୍ତା ଟଙ୍କା ଉଠାଣ ପାଇଁ ପୁଅ ସହ ରିକ୍ସାରେ ଆସିଥିବା ମଥୁରା।

**ଲୋଇସିଂହା, ୯।୫(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସଦର ପଞ୍ଚାୟତ ନୂଆପଡାର ଜଣେ ବୃଦ୍ଧା ୫ ଶହ ଟଙ୍କ ଭତ୍ତା ପାଇଁ ୧୫୦ ଟଙ୍କା ରିକ୍ସା ଭଡା କରିବା ଏଠାରେ ଆଲୋଚନାର ବିଷୟ ହୋଇଛି। ଲୋଇସିଂହା ପଞ୍ଚାୟତ ସଦର ଗ୍ରାମ ନୂଆପଡାର ବିଧବା ମଥୁରା ମେହେର(୯୫)। ବୟସାଧିକ ଯୋଗୁ ଠିକ୍‌ଭାବେ କହି ପାରୁନାହାନ୍ତି କି ଶୁଣି ପାରୁନାହାନ୍ତି। ଦୃଷ୍ଟିଶକ୍ତି କ୍ଷୀଣ ହୋଇ ଗଲାଣି। ଅନ୍ୟର ସାହାରରେ ଜୀବନ ବିତୁଛି। ଏବେ ବ୍ୟାଙ୍କ ଆକଉଣ୍ଟରେ ଅନଲାଇନରେ ଭତ୍ତା ଟଙ୍କା ପ୍ରଦାନ କରାଯାଉଛି। ହିତାଧିକାରୀଙ୍କୁ ନ ଦେଖିଲେ ବ୍ୟାଙ୍କ କର୍ମଚାରୀ ଟଙ୍କା ଦେଉନାହାନ୍ତି। ମଙ୍ଗଳବାର ପୁଅ ପ୍ରବୀର ସହ ମଥୁରା ଏକ ରିକ୍ସାରେ ସ୍ଥାନୀୟ ଇଣ୍ଡିଆନ ବ୍ୟାଙ୍କକୁ ଭତ୍ତା ଟଙ୍କା ନେବାକୁ ଆସିଥିଲେ। ପାହାଚ ଚଢି ବ୍ୟାଙ୍କ ଭିତରକୁ ଯାଇ ନ ପାରିବାରୁ ରିକ୍ସାରେ ବସି ରହିଥିଲେ ମଥୁରା। ପୁଅ ବ୍ୟାଙ୍କରୁ ଏକ ଟଙ୍କା ଉଠାଣ ଭାଉଚର ଆଣି ମଥୁରାଙ୍କ ଟିପ ଚିହ୍ନ ନେଇ ଟଙ୍କା ଉଠାଣ କରିଥିଲେ। ଅପରପକ୍ଷେ ରିକ୍ସାଭଡା ୧୫୦ ଟଙ୍କା ଯୋଗୁ ପ୍ରତିମାସ ବ୍ୟାଙ୍କକୁ ଆସି ଭତ୍ତା ଟଙ୍କା ନେବା ସମ୍ଭବ ହେଉନାହିଁ। ପ୍ରତି ୩ରୁ ୪ ମାସରେ ଥରେ ବ୍ୟାଙ୍କକୁ ଆସି ମା'ଙ୍କ ଭତ୍ତା ଟଙ୍କା ଉଠାଣ କରୁଥିବା ପ୍ରବୀର କହିଛନ୍ତି। ୮୦ ବର୍ଷର ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ୮ ଶହ ଟଙ୍କା ଭତ୍ତା ପ୍ରଦାନ କରାଯାଉଛି। ଏଠାରେ ୯୫ ବର୍ଷ ବୟସ୍କା ମଥୁରାଙ୍କ କ୍ଷେତ୍ରରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ତାଙ୍କୁ ୮ଶହ ବଦଳରେ ୫ଶହ ମିଳୁଛି। ଏଥିପ୍ରତି ବ୍ଲକ ପ୍ରଶାସନ ଓ ସମାଜିକ ସୁରକ୍ଷା ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଜାତୀୟ ଟାଏକୋଣ୍ଡୋ: ବୀରମହାରାଜପୁର ଖେଳାଳିଙ୍କ ସଫଳତା

**ଅମରପାଲି,୯।୫(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଏହେସାସ ଟାଏକଣ୍ଡୋ ଏକାଡେମୀ ଖେଳାଳି ଜାତୀୟସ୍ତରୀୟ ପ୍ରତିଯୋଗିତାରେ ସଫଳତା ପାଇଛନ୍ତି। ପ୍ରତିଯୋଗିତାରେ ୪ ସ୍ୱର୍ଣ୍ଣ ଓ ୨ ରୌପ୍ୟ ପଦକ ହାସଲ କରିଛନ୍ତି। ଗତ ମେ ମାସ ୫ରୁ ୮ ତାରିଖ ପର୍ଯ୍ୟନ୍ତ ପଞ୍ଜାବର ଅମୃତସରଠାରେ ଆୟୋଜିତ ଓପନ ନ୍ୟାଶନାଲ ଟାଏକଣ୍ଡୋ ପ୍ରତିଯୋଗିତାରେ ଏହେସାସ ଟାଏକଣ୍ଡୋ ଏକାଡେମୀର ୬ଜଣ ଖେଳାଳି ଯୋଗଦେଇଥିଲେ। ସେଠାରେ ଏକାଡେମୀର ରାଜଲକ୍ଷ୍ମୀ ସାହୁ, ହରିପ୍ରିୟା ମିଶ୍ର, କୁମାର କଶ୍ୟପ ଷଡ଼ଙ୍ଗୀ, ରବୀଶଙ୍କର ନାୟକଙ୍କୁ ସ୍ୱର୍ଣ୍ଣ ପଦକ ମିଳିଥିବାବେଳ ହର୍ଷିତା ନାୟକ ଏବଂ ପ୍ରିୟଦର୍ଶିନୀ କରଙ୍କୁ ରୌପ୍ୟ ପଦକ ମିଳିଛି। ଏହି ଏକାଡେମୀର ବରିଷ୍ଠ ଖେଳାଳି ଅନ୍ୱେଷ ହୋତା ଏବଂ ବିଶ୍ୱରଞ୍ଜନ ସାହୁଙ୍କୁ ଟେକ୍ନିକାଲ ଅଫିସିଆଲ ନିଯୁକ୍ତି ମିଳିଥିବାବେଳେ ସେମାନେ ମଧ ସଫଳତାର ସହ ପ୍ରତିଯୋଗିତାକୁ ପରିଚଳନା କରିଛନ୍ତି। ରାଜ୍ୟ ଟାଏକୋଣ୍ଡୋ ସଂଘ ସମ୍ପାଦକ ମନମୋହନ ଭଞ୍ଜ, ଜିଲା ଟାଏକୋଣ୍ଡୋ ସଂଘ ସଭାପତି ରବିନ୍ଦ୍ର ହୋତା ଏବଂ ସମ୍ପାଦକ ଏହେସାସ ହୋତା ଶୁଭେଚ୍ଛା ଜଣାଇଛନ୍ତି।


ପଦକ ଜିଣିଥିବା ଖେଳାଳିମାନେ।

# ରାଜ୍ୟସ୍ତରୀୟ ଗ୍ରୀଷ୍ମକାଳୀନ ଓଡିଶୀ ନୃତ୍ୟ କର୍ମଶାଳା ଉଦ୍‌ଘାଟିତ


କର୍ମଶାଳାରେ ଯୋଗଦେଇଥିବା ପ୍ରତିଯୋଗୀ।

**ବୌଦ୍ଧ,୯।୫(ସ୍ୱ.ପ୍ର.)**

ବୌଦ୍ଧର ପ୍ରଣାମ ନୃତ୍ୟାନୁଷ୍ଠାନ ପକ୍ଷରୁ ତୃତୀୟ ରାଜ୍ୟସ୍ତରୀୟ ଗ୍ରୀଷ୍ମକାଳୀନ ଓଡିଶୀ ନୃତ୍ୟ କର୍ମଶାଳା ସହରସ୍ଥିତ ରାମେଶ୍ୱର ବିହାରଠାରେ ଉଦ୍‌ଘାଟିତ ହୋଇଯାଇଛି। କର୍ମଶାଳାକୁ ବିଶିଷ୍ଟ ନୃତ୍ୟଗୁରୁ ଡ. ମନୋଜ ବେହେରା ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ସଭାପତି ବସନ୍ତ ସାହୁ କର୍ମଶାଳାର ଆଭିମୁଖ୍ୟ ପ୍ରଦାନ କରିଥିଲେ। ସଂପାଦକ ତଥା ନୃତ୍ୟଗୁରୁ ପ୍ରଶାନ୍ତ କର୍ମଶାଳା ସମ୍ପର୍କରେ ବିବରଣୀ ପାଠ କରିଥିଲେ। ପ୍ରଣାମ ଅନୁଷ୍ଠାନର ପ୍ରତିଷ୍ଠାତା ଏସ. ସିଂ ଅନୁଷ୍ଠାନର ୧୦ ବର୍ଷର ଅନୁଭୂତି ଓ ଅଗ୍ରଗତି ନେଇ ବର୍ଣ୍ଣନା କରିଥିଲେ। କର୍ମଶାଳାରେ କେଉଁଝର, ବୌଦ୍ଧ, ସମ୍ବଲପୁର, କନ୍ଧମାଳ, ସୋନପୁର ଓ ଖୋର୍ଦ୍ଧା ଜିଲାରୁ ପ୍ରାୟ ୭୦ ଜଣ ନୃତ୍ୟ ଶିଳ୍ପୀ ଯୋଗ ଦେଇଛନ୍ତି। ୮ ଦିନ ଧରି କର୍ମଶାଳା ଅନୁଷ୍ଠିତ ହେବ। ଅନୁଷ୍ଠାନର ଉପସଭାପତି ଗୀତାଞ୍ଜଳି ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ବୌଦ୍ଧ ଜିଲା ପରିଷଦ,ଦିଶା ଓ ଜିଲା ଯୋଜନା କମିଟି ବୈଠକ

**ବୌଦ୍ଧ,୯।୫(ସ୍ୱ.ପ୍ର.)**

**କଣ୍ଟାମାଳ ବ୍ଲକରେ ଚେକ୍‌ଡ୍ୟାମ ଓ ଫାର୍ମପଣ୍ଡରେ ଅନିୟମିତତା ଅଭିଯୋଗ**



ଜିଲା ପରିଷଦ ବୈଠକରେ ମନ୍ତ୍ରୀ , ଜିଲାପାଳ ଓ ଅନ୍ୟମାନେ।

ବୌଦ୍ଧ ଜିଲାସ୍ତରୀୟ ଜିଲା ପରିଷଦ, ଦିଶା ଓ ଜିଲା ଯୋଜନା କମିଟି ବୈଠକ ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ଗୃହଠାରେ ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସତ୍ୟ ରଞ୍ଜନ ସାହୁଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟଅତିଥି ଭାବେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ସୂଚନା ଓ ଲୋକସଂପର୍କ ବିଭାଗ ମନ୍ତ୍ରୀ ପ୍ରଦିପ କୁମାର ଅମାତ ଯୋଗ ଦେଇଥିଲେ। କନ୍ଧମାଳ ଏମ୍‌ପି ଡ. ଅଚ୍ୟୁତାନନ୍ଦ ସାମନ୍ତ, ଜିଲା ଯୋଜନା ବୋର୍ଡ ଅଧକ୍ଷ ତଥା କଣ୍ଟାମାଳ ବିଧାୟକ ମହୀଧର ରଣା ଏବଂ ଜିଲା ପରିଷଦ ଅଧକ୍ଷା ପ୍ରଭାସିନୀ ଦାସ ବିଭିନ୍ନ ବୈଠକରେ ଅଧକ୍ଷତା କରିଥିଲେ। ବୈଠକରେ ସମସ୍ତ ଜିଲାପରିଷଦ ସଭ୍ୟାସଭ୍ୟ ତଥା ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇ ଜିଲାର ବିଭିନ୍ନ ଉନ୍ନୟନମୂଳକ ଯୋଜନାଗୁଡିକର ଅଗ୍ରଗତି ନେଇ ସମୀକ୍ଷାରେ ଭାଗ ନେଇଥିଲେ। ଜିଲା କୃଷି ଅଧିକାରୀ ଜିଲାରେ କପାଚାଷ ପାଇଁ ପର୍ଯ୍ୟାପ୍ତ ସୁବିଧା ସୁଯୋଗ ରହିଥିବା ପ୍ରକାଶ କରିବା ସହିତ ଏଥିନିମନ୍ତେ ଆବଶକ ସାର, କୀଟନାଶକ ଯୋଗାଇ ଦେବାକୁ ଗୁରୁତ୍ୱାରୋପ କରିଥିଲେ। ସହକାରୀ ନିର୍ଦ୍ଦେଶକ ଉଦ୍ୟାନ କୃଷି ବିଭାଗ ଜିଲାରେ ହଳଦୀ ଓ ଅଦାଚାଷ ପାଇଁ ଚଳିତବର୍ଷ ୧୦୦ ହେକ୍ଟର ଜମିରେ କରାଯାଇଥିବା ସୂଚନା ଦେଇଥିଲେ।

କଣ୍ଟାମାଳ ବ୍ଲକରେ ଜଳଛାୟା ପ୍ରକଳ୍ପରେ ଚେକ୍ ଡ୍ୟାମ ଓ ଫାର୍ମପଣ୍ଡରେ ଅନିୟମିତତା ହୋଇଥିବା ଗୃହରେ ଅଭିଯୋଗ କରାଯାଇଥିଲା। ଜିଲାପାଳ ଏହାର ଅନୁଧ୍ୟାନ କରି ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ବୈଠକରେ ମତପ୍ରକାଶ ପାଇଥିଲା। ସେହିପରି ତିନୋଟି ପର୍ଯ୍ୟାୟରେ ଅଦ୍ୟାବଧି ୫୭ ଗୋଟି ଉଚ୍ଚ ବିଦ୍ୟାଳୟକୁ ୫ଟି ଅଧୀନରେ ହାତକୁ ନିଆଯାଇଥିବା ଜିଲା ଶିକ୍ଷା ଅଧିକାରୀ ସୂଚନା ପ୍ରଦାନ କରିଥିଲେ। ଆଉ ୧୯ ଗୋଟି ବିଦ୍ୟାଳୟକୁ ଖୁବ ଶୀଘ୍ର ୫ଟିରେ ସାମିଲ କରାଯିବ ବୋଲି ସୂଚନା ପ୍ରଦାନ କରାଯାଇଥିଲା। ଆମିକସ୍ କ୍ୟୁରୀଙ୍କ ଦ୍ୱାରା ଜିଲାର ୭ ଗୋଟି ବିଦ୍ୟାଳୟ ପରିଦର୍ଶନ କରାଯାଇଥିଲା ଏବଂ ତାଙ୍କ ରିପୋର୍ଟ ଆଧାରରେ ଜିଲାରେ ସମସ୍ତ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷାର ମାନ ବୃଦ୍ଧି ଲାଗି ପଦକ୍ଷେପ ନିଆଯାଉଥିବା ବୈଠକରେ ସୂଚନା ପ୍ରଦାନ କରାଯାଇଥିଲା। ସର୍ବଶିକ୍ଷା ଅଭିଯାନରେ କେତେ ଟଙ୍କା ଆବଶ୍ୟକ ଆକଳନ କରି ପ୍ରସ୍ତାବ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସ୍ୱାସ୍ଥ୍ୟ କ୍ଷେତ୍ରରେ ଧନୁଷ୍ଟଙ୍କାର ଆଦି ରୋଗର ମୂଳୋତ୍ପାଟନ ହେତୁ ଜିଲା ଜାତୀୟ ସ୍ତରରେ ପୁରସ୍କୃତ ହୋଇଥିବା ଜିଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଗୃହରେ ପ୍ରକାଶ କରିଥିଲେ। ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ବାଘନଦୀ ଏବଂ ମହାନଦୀ କୂଳରେ ଆଡିବନ୍ଧ ନିର୍ମାଣ ନିମନ୍ତେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲା ମତ୍ସ୍ୟ ଅଧିକାରୀ ଜିଲାରେ ଚଳିତବର୍ଷ ୮୫ଲକ୍ଷ ମାଛ ଯାଆଁଳ ଯୋଗାଇ ଦେବାର ଲକ୍ଷ୍ୟ ଥିବା ପ୍ରକାଶ କରିଥିଲେ। କ୍ଷୁଦ୍ର ଜଳସେଚନ ପ୍ରକଳ୍ପଗୁଡିକରେ ମାଛ ଚାଷ ସହିତ ଚିଙ୍ଗୁଡି ଚାଷ କରିବାକୁ ପ୍ରସ୍ତାବ ଦିଆଯାଇଥିଲା। ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ତିନି ଗୋଟି ବ୍ଲକରେ ତିନି ଗୋଟି ଆଦର୍ଶ ଅଙ୍ଗନବାଡି କେନ୍ଦ୍ର ନିର୍ମାଣ ଲାଗି ପ୍ରସ୍ତାବ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

ହରିଶ୍ଚନ୍ଦ୍ର ସହାୟତା ରାଶି ଯେପରି ତୁରନ୍ତ ପଇଠ ହୋଇପାରିବ ନିର୍ଦ୍ଦେଶ ଦିଆଯାଇଥିଲା। ନିର୍ବାହୀ ସଂସ୍ଥାଗୁଡିକ ଦ୍ୱାରା ଯେପରି ସବୁ ପ୍ରକଳ୍ପରେ ସୂଚନା ଫଳକ ଲଗାଯାଇ ପାରିବ ଏହା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କେତେକ ଅଞ୍ଚଳରେ ଗମନାଗମନ ଅସୁବିଧା ଥିବାରୁ ପଞ୍ଚାୟତିରାଜ ବିଭାଗ ରାସ୍ତାଗୁଡିକୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର ଲାଗି ପ୍ରସ୍ତାବ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ମାର୍ଗଦର୍ଶିକା ହିସାବରେ ଗାର୍ଡୱାଲ ନିର୍ମାଣ କରିବାକୁ ପୂର୍ତ୍ତବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ଯୋଗେନ୍ଦ୍ରପୁର, ଖଟଖଟିଆ, ବୀରନରସିଂହପୁର ଆଦି ଗ୍ରାମପଞ୍ଚାୟତରେ ନୂତନ ସେବା ସମବାୟ ସମିତି ଗଠନ ଲାଗି ପ୍ରସ୍ତାବ ଦେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଟାଟା ପାୱାର ଦ୍ୱାରା ତେଲନଦୀ ଉପରେ ଟାୱାର ନିର୍ମାଣ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବାରୁ କଣ୍ଟାମାଳଠାରେ ୧୩୨/୩୩ ଗ୍ରୀଡ ଷ୍ଟେସନ ସ୍ଥାପନ ପାଇଁ ପଦକ୍ଷେପ ନେବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ପରାମର୍ଶ ଦିଆଯାଇଥିଲା। ଏମଜିଏନଆରଇଜିଏସ ଯୋଜନାରେ ଅଧିକରୁ ଅଧିକ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବାକୁ ବୈଠକରେ ମତପ୍ରକାଶ ପାଇଥିଲା। ଶେଷରେ ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବୌଦ୍ଧ ଜିଲା ଉପରେ ଏକ ପ୍ରାମାଣିକ ଚଳଚ୍ଚିତ୍ର ମୋ ବୌଦ୍ଧ ଭାରି ସୁନ୍ଦର ପ୍ରଦର୍ଶନ କରାଯାଇଥିଲା।

## ସଂକ୍ଷେପରେ

### ମନମୋହନ ସାମଲଙ୍କ ରାଜଗାଙ୍ଗପୁର ଗସ୍ତ



ରାଜଗାଙ୍ଗପୁର,୯।୫(ଡି.ଏନ.ଏ.): ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରକୁ ମଙ୍ଗଳବାର ସନ୍ଧ୍ୟାରେ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ ଅନୌପଚାରିକ ଭାବେ ଗସ୍ତରେ ଆସିଥିଲେ। ଏହି ଅବସରରେ ସେ ରାଜଗାଙ୍ଗପୁର ପୂର୍ବତନ ଭାଜପା ସଭାପତି ଶ୍ରୀଧର ସ୍ୱାଇଁଙ୍କୁ ତାଙ୍କର ବାସଭବନରେ ସାକ୍ଷାତ କରିଥିଲେ । ଶ୍ରୀଧର ଦୀର୍ଘ ଦିନ ହେଲା ଅସୁସ୍ଥ ଅଛନ୍ତି। ରାଜ୍ୟ ସଭାପତି ସାମଲ ତାଙ୍କୁ ଭେଟି ଆଶ୍ୱାସନା ପ୍ରଦାନ କରିବା ସହ ଆଶୁ ଆରୋଗ୍ୟ କାମନା କରିଥିଲେ । ଏହି ଅବସରରେ ରାଜଗାଙ୍ଗପୁର ଭାଜପାର ନେତୃବୃନ୍ଦ ରାଜ୍ୟ ସଭାପତିଙ୍କୁ ସ୍ୱାଗତ କରିଥିଲେ ।

### ବିଶ୍ୱ ରେଡ଼କ୍ରସ ଦିବସ ପାଳିତ

କୁତ୍ରା,୯।୫(ଡି.ଏନ.ଏ.): ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଝାରବେଡାସ୍ଥିତ ଡାଲମିଆ ମହାବିଦ୍ୟାଳୟରେ ବିଶ୍ୱ ରେଡକ୍ରସ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ରେଡକ୍ରସ ୟୁନିଟ କାଉନସିଲର ଅଧାପକ ପ୍ରଶାନ୍ତ କୁମାର ମାଝୀ ଏବଂ ଅଧାପିକା ଅର୍ଚ୍ଚିତା ପ୍ରିୟଦର୍ଶିନୀ ବଳଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଅଧକ୍ଷା ଡା. ହିରନ ଲୁଗୁନ ଅଧକ୍ଷତା କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏଡ୍ସ କାଉନସିଲର ଲିଲିମାସ୍ମିମା କେର୍କେଟା ଯୋଗଦେଇ ଉପସ୍ଥିତ ରେଡକ୍ରସ ଛାତ୍ରୀଛାତ୍ରମାନଙ୍କୁ ଅସହାୟ ବ୍ୟକ୍ତିଙ୍କୁ ସହାୟତା ଯୋଗାଇ ଦେବା ତଥା ସମାଜ ସେବା ପ୍ରତି ଆଗଭର ହେବାକୁ ପରାମର୍ଶ ଦେଇଥିଲେ । ଅଧକ୍ଷା ଡା. ଲୁଗୁନ ରେଡକ୍ରସର ପ୍ରତିଷ୍ଠାତା ଜନ ହେନେରୀ ଡୁନାଲ୍ଡଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଅଧାପକ ଡ. ଜିତେନ୍ଦ୍ର ପଟେଲ, ଏକଲବ୍ୟ ନାଏକଙ୍କ ସମେତ ବିଭିନ୍ନ ବିଭାଗର ଅଧାପିକା ଅଧାପକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

### ଜବରଦଖଲ ଉଚ୍ଛେଦ ସ୍ଥଗିତ

ଦେବଗଡ଼,୯।୫(ଡି.ଏନ୍.ଏ.): ଦେବଗଡ଼ ପୌରାଞ୍ଚଳ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ନିକଟରେ ଥିବା ପୌର ପରିଷଦ ଅଧୀନ ସରକାରୀ ବାସ ଭବନ ଜବରଦଖଲ ଉଚ୍ଛେଦକୁ ସ୍ଥଗିତ ରଖାଯାଇଛି। ଏଥିସହ ଆସନ୍ତା ୭ ଦିନ ମଧ୍ୟରେ ଘର ଖାଲି କରିବାକୁ ଜବରଦଖଲକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପୌର ପ୍ରଶାସନ ଅଧୀନ ସରକାରୀ ବାସ ଭବନରେ ଦୀର୍ଘ ବର୍ଷ ଧରି କିଛି ଲୋକ ରହି ଆସୁଥିଲେ। ମାତ୍ର ଉକ୍ତ ସରକାରୀ ବାସ ଭବନ ଛାଡ଼ିବା ପାଇଁ ପୌର ପ୍ରଶାସନ ପକ୍ଷରୁ ସେମାନଙ୍କୁ ନୋଟିସ ଜାରି କରାଯାଇଥିଲା। ଫଳରେ ସେହି ବାସ ଭବନରେ ରହୁଥିବା ବ୍ୟକ୍ତିମାନେ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ମାତ୍ର ସରକାରୀ ବାସ ଭବନ ଖାଲି କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହି ଆଧାରରେ ମାଜିଷ୍ଟ୍ରେଟ ତଥା ଅତିରିକ୍ତ ତହସିଲଦାର ଇଶ୍ୱର ଗୁରୁଙ୍କ ଉପସ୍ଥିତିରେ ପୌର ପରିଷଦ ନିର୍ବାହୀ ଅଧିକାରୀ ତପନ ମହାପାତ୍ର ପୋଲିସ ଟିମ୍ ସହ ଆଜି ଜବର ଦଖଲ ଉଚ୍ଛେଦ ପାଇଁ ଯାଇଥିଲେ। ହେଲେ ଉଚ୍ଛେଦ କରା ନ ଯାଇ ଆସନ୍ତା ୭ ଦିନ ପାଇଁ ଏହାକୁ ସ୍ଥଗିତ ରଖାଯାଇଛି ।

# ଉତ୍ପାଦନ କ୍ଷମତା ବୃଦ୍ଧି ଲାଗି ଜନଶୁଣାଣି

## ପାଟବେଢା ଲୁହାପଥର ଓ ମାଙ୍ଗାନିଜ ଖଣି

ଟେନସା,୯।୫(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା କୋଇଡା ତହସିଲ ଅନ୍ତର୍ଗତ ପାଟବେଢା ଗ୍ରାମରେ ୧୯.୪୨୫ ହେକ୍ଟର ପରିମିତ ଅଞ୍ଚଳରେ ଅବସ୍ଥିତ ମେସର୍ସ ଏମ.ଜି ମହାନ୍ତି ଲୁହାପଥର ଓ ମାଙ୍ଗାନିଜ ଖଣିର ଉତ୍ତୋଳନ ୧,୮୦, ୦୦୦ ଟିପିଏରୁ ୫,'୭୨,୩୦୫ ଟିପିଏକୁ ବୃଦ୍ଧି କରିବା ସହିତ କ୍ରସଙ୍ଗି ଏବଂ ସ୍କ୍ରିନ ପ୍ରକଳ୍ପ ନିମନ୍ତେ ଆବଶ୍ୟକ ପଡୁଥିବା ପରିବେଶ ସମ୍ବନ୍ଧୀୟ ଜନଶୁଣାଣି ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ପ୍ରଦୂଷଣ ବିଭାଗ ପକ୍ଷରୁ ପାଟବେଢା ଗ୍ରାମସ୍ଥିତ ଖେଳପଡିଆଠାରେ ଆୟୋଜିତ ଏହି ଜନଶୁଣାଣିରେ ସୁନ୍ଦରଗଡ଼ ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ବେହେରା, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ରାଉରକେଲା ଆଞ୍ଚଳିକ ଅଧିକାରୀ ଡ଼. ବିନୋଦ ବିହାରୀ ଦାସ, ବୈଜ୍ଞାନିକ ବିଜୟ କୁମାର ଭୋଇ, ବଣାଇ ଉପ ଜିଲ୍ଲାପାଳ ସୁରଞ୍ଜନ ସାହୁ, କୋଇଡା ତହସିଲଦାର ଡିଏସ୍ ଶୁଭଦର୍ଶୀ ଯୋଶୀ ପ୍ରମୁଖ ଯୋଗ ଦେଇଥିଲେ । ପ୍ରଥମେ ଏମ.ଜି ମହାନ୍ତି ଲୁହାପଥର ଓ ମାଙ୍ଗାନିଜ ଖଣିର ବିଜୟ ବେହେରା ଖଣି ଉତ୍ପାଦନ କ୍ଷମତା ବୃଦ୍ଧି ହେଲେ ପାରିପାର୍ଶ୍ୱିକ ଅଞ୍ଚଳରେ କି ପ୍ରଭାବ ପଡିବ ଓ ଏହାର କିପରି ପ୍ରତିକାର କରାଯିବ ସେ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ପରେ ଜନସାଧାରଣଙ୍କ ଠାରୁ ମତାମତ ଲୋଡ଼ା ଯାଇଥିଲା । ପୂର୍ବତନ ସରପଞ୍ଚ ଦିବାକର ନାଏକ, କୋଇଡା ଜିଲା ପରିଷଦ ଖ ଅଶୋକ ନାଏକ, ଆନନ୍ଦ ବାରିକ, କୁଳମଣି ପାତ୍ର, ସାମାଜିକ କର୍ମୀ ବାଦଲ ବାରିକ, ମାଳଦା ସରପଞ୍ଚ ସୁରୁବାଲି ପାତ୍ର, କେ.ସି ବାରିକ, ତପନ ପାତ୍ର, ଦମୟନ୍ତୀ ସିଂ, ମଲ୍ଲି ନାଏକଙ୍କ ସମେତ ୬୬ରୁ ଊର୍ଦ୍ଧ୍ୱ ଜନସାଧାରଣ ଏମ.ଜି ମହାନ୍ତି ଲୁହାପଥର ଓ ମାଙ୍ଗାନିଜ ଖଣି ସପକ୍ଷରେ ମତାମତ ଦେଇଥିଲେ । ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି, ପାନୀୟଜଳ, ବିଦ୍ୟୁତ୍, ଆମ୍ବୁଲାନ୍ସ ଯୋଗାଣ, ରାସ୍ତାଘାଟର ଉନ୍ନତୀକରଣ, ଖେଳପଡିଆର ଉନ୍ନତୀକରଣ, ଅଧିକ ବୃକ୍ଷ ରୋପଣ, ଗ୍ରାମରେ ଶିକ୍ଷକ ନିଯୁକ୍ତି ପାଇଁ ଗ୍ରାମବାସୀ ଦାବି କରିଥିଲେ। ଖଣି ଉତ୍ପାଦନ କ୍ଷମତା ବୃଦ୍ଧି ହେଲେ ସମସ୍ତ ଦାବିକୁ ପୂରଣ କରାଯିବ ବୋଲି ଏମ.ଜି ମହାନ୍ତି ଲୁହାପଥର ଓ ମାଙ୍ଗାନିଜ ଖଣି ପରାମର୍ଶଦାତା ଚନ୍ଦ୍ରଭାନୁ ଦାସ ପ୍ରତିଶ୍ରୁତି ଦେଇଥିଲେ । ଏଥିରେ ପାରିପାର୍ଶ୍ୱିକ ଗ୍ରାମର ୧୦୦୦ରୁ ଊର୍ଦ୍ଧ୍ୱ ଜନସାଧାରଣ ଯୋଗ ଦେଇଥିଲେ । ଉକ୍ତ ଖଣିର ଲଳିତ କୁମାର ପତି, ଅର୍ଜ୍ଜୁନ କୁମାର ନନ୍ଦ, ଦିଲିପ କୁମାର ପଟ୍ଟନାୟକ, ସରୋଜ କୁମାର ସାଓ, ସୁରେଶ ଚନ୍ଦ୍ର ଦାଶଙ୍କ ସମେତ କମ୍ପାନୀର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।




ଜନଶୁଣାଣିରେ ପ୍ରଦୂଷଣ ବିଭାଗ ଅଧିକାରୀ ଓ ପ୍ରଶାସନିକ ଅଧିକାରୀ ।

# ଚିକିତ୍ସିତ ହେଲେ ୭୨ ଗର୍ଭବତୀ ମହିଳା



ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ କାର୍ଯ୍ୟକ୍ରମରେ ଡାକ୍ତର ଓ ଅନ୍ୟମାନେ ।

କୁଆଁରମୁଣ୍ଡା,୯।୫(ଡି.ଏନ.ଏ.)

ମଙ୍ଗଳବାର ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ ଦିବସ ପାଳନ ଅବସରରେ କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ଗର୍ଭବତୀ ମହିଳାଙ୍କ ଚିକିତ୍ସା ସହ ଆନୁସଙ୍ଗିକ ବ୍ୟବସ୍ଥା କରାଯାଇଥିଲା। କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ୨୭ଟି ଉପକେନ୍ଦ୍ର ମଧ୍ୟରୁ ୧୯ଟି ଉପକେନ୍ଦ୍ର ଅଧୀନ ଗର୍ଭବତୀ ମହିଳାମାନେ କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ଚିକିତ୍ସିତ ହୋଇଥିଲେ। ସର୍ବମୋଟ ୭୨ ଜଣ ମହିଳାଙ୍କର ଏଚଆଇଭି ପରୀକ୍ଷା ଠାରୁ ଆରମ୍ଭ କରି ଅଲଟ୍ରାସାଉଣ୍ଡ ପର୍ଯ୍ୟନ୍ତ ସମସ୍ତ ପରୀକ୍ଷା ମାଗଣାରେ କରାଯାଇଥିଲା । ଏଥିସହ ସେମାନଙ୍କର ଯାତାୟାତ ଓ ଖାଇବା ଇତ୍ୟାଦିର ବ୍ୟବସ୍ଥା ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କରାଯାଇଥିଲା । କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡା. ଶ୍ରୀମନ୍ତ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସ୍ତ୍ରୀ ଓ ପ୍ରସୂତି ବିଭାଗ ଡା. ଅମିତ କୁମାର ଦାସ ଚିକିତ୍ସା କରିଥିଲେ । ଏହି କାର୍ଯ୍ୟକ୍ରମରେ ଷ୍ଟାଫ ନର୍ସ ସୁମିତା ପଣ୍ଡା, ସଂଯୁକ୍ତା ପଣ୍ଡା ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୂଚାରୁ ରୂପେ ସଞ୍ଚାଳନ କରିଥିଲେ।

# ସେବା ମନୋଭାବ ରଖି କାମ କରିବାକୁ ଆହ୍ୱାନ

ସୁନ୍ଦରଗଡ଼,୯।୫(ଡି.ଏନ.ଏ.)

ସ୍ଥାନୀୟ ରେଡକ୍ରସ ଭବନଠାରେ ସୋମବାର ସାର୍ ହେନେରୀଙ୍କ ଜନ୍ମ ବାର୍ଷିକୀ ତଥା ବିଶ୍ୱ ରେଡକ୍ରସ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ବୈଠକରେ ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଶ୍ୱ ରେଡକ୍ରସ ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସେ ସମସ୍ତେ ଅନ୍ୟମାନଙ୍କ ପ୍ରତି ସେବା ମନୋଭାବ ରଖିବା ଆବଶ୍ୟକ ବୋଲି କହିଥିଲେ । ରେଡକ୍ରସର ଆଜୀବନ ସଦସ୍ୟମାନେ ଯୋଗଦେଇ ସାର୍ ହେନେରୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ତାଙ୍କ ସ୍ମୃତିଚାରଣ କରିଥିଲେ । ଏହାଛଡା ସମାଜ ପ୍ରତି ତାଙ୍କର ଅବଦାନ, ସେବା ମନୋଭାବ ଆଦି ସମ୍ପର୍କରେ ଆଲୋଚନା କରିଥିଲେ । ଏହା ସହିତ ଚଳିତବର୍ଷର ଥିମ୍ 'ଯାହା ଆମେ କରୁ ତାହା ହୃଦୟରୁ ଆସିଥାଏ' ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ସମସ୍ତେ ନୂତନ ସଦସ୍ୟତା ନିମନ୍ତେ ପଦକ୍ଷେପ ଗ୍ରହଣ କରିବା, ଆବଶ୍ୟକ ପାଣ୍ଠି ସଂଗ୍ରହ କରିବା, ରକ୍ତଦାନ, ସମସ୍ତେ ମାନବିକତା ଗୁଣ ପୋଷଣ କରିବା, ଗରିବ ତଥା ଅସହାୟମାନଙ୍କୁ ସହାୟତାର ହାତ ବଢାଇବା ସହିତ ସେମାନଙ୍କ ଜୀବନଧାରଣର ମାନରେ ଉନ୍ନତି ଆଣିବା, ସେବା ମନୋଭାବ ପୋଷଣ କରିବା ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା । ସଦସ୍ୟମାନେ ରେଡକ୍ରସ ସହିତ ନିଜର ସମ୍ପୃକ୍ତି ନେଇ ନିଜ ନିଜର ଅଭିଜ୍ଞତା ବିଷୟ ରେ କହିଥିଲେ । ବୈଠକରେ ଜିଲା ରେଡକ୍ରସ ସମ୍ପାଦିକା ତଥା ଡେପୁଟି କଲେକ୍ଟର (ଆପତକାଳୀନ) କୁନ୍ତୀ ନାୟକ, ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ କୌଶଲ୍ୟା ଭିତିରିଆ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ଜିଲା ରେଡକ୍ରସର ଉପ ସମ୍ପାଦକ ଅଜିତ ପ୍ରସାଦ, ଲାଇଫ ମେମ୍ବର ପ୍ରଦୀପ ସାହୁ, ଦୁର୍ଗା ମାଧବ ପଟେଲ, ଲବଣୀଧର ଦାନୀ, ତାରାଚାନ୍ଦ ପଟେଲ, ପୀତାମ୍ବର ବେହେରା, ଦିଲିପ ପଣ୍ଡା, ମନୋଜ ବାଦୀ, ପ୍ରତାପ ତ୍ରିପାଠୀ, ଯୁଧିଷ୍ଠିର ପ୍ରଧାନ, କର୍ଣ୍ଣ ନାୟକ, ସବିତା ପଟେଲ, ଟଙ୍କଧର ରାଉଡିଆ, ଅଭିଳାଷ ହୋତା, ସରୋଜିନୀ ଗର୍ଡିଆ ପ୍ରମୁଖ ଉପସ୍ଥିତ ଥିଲେ ।



ବୈଠକରେ ଯୋଗ ଦେଇଥିବା ଅତିଥି ।

# ହୋଲଡିଙ୍ଗ ଟ୍ୟାକ୍ସ ବୃଦ୍ଧିର ପ୍ରତିବାଦରେ ବୈଠକ

ଦେବଗଡ଼,୯।୫(ଡି.ଏନ୍.ଏ.)

ଦେବଗଡ଼ ଜିଲା ସେଣ୍ଟର ଫର୍ କଲଚର କଲ୍ୟାଣ ମଣ୍ଡପରେ ପୌର ପରିଷଦ ଦ୍ୱାରା ଅହେତୁକ ହୋଲଡିଙ୍ଗ ଟ୍ୟାକ୍ସ ବୃଦ୍ଧି ପ୍ରତିବାଦରେ ଏକ ସଭା ମଙ୍ଗଳବାର ବସିଥିଲା। ସୁଧିର କୁମାର କପରଦାର, ଲକ୍ଷ୍ମଣ ପ୍ରଧାନ ଏବଂ ସୁଧିର କୁମାର ବ୍ରହ୍ମାଙ୍କ ଆବାହକତ୍ୱ ଏବଂ ପୌର ପରିଷଦ ଉପାଧକ୍ଷ ପ୍ରଜିତ କୁମାର ଭୋଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସ୍ଥାନୀୟ ବହୁ ଜନସାଧାରଣ ଅଂଶ ଗ୍ରହଣ କରି ନିଜ ନିଜର ମତାମତ ଉପସ୍ଥାପନ କରିଥିଲେ। ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଏଭଳି ଏକ ସମ୍ବେଦନଶୀଳ ମାମଲାର ଶୁଣାଣୀ କରି ଭୁବନେଶ୍ୱର ବାସିନ୍ଦାଙ୍କ ବର୍ଦ୍ଧିତ ହୋଲଡିଙ୍ଗ ଟ୍ୟାକ୍ସକୁ ଛାଡ଼ କରିବା ପାଇଁ ରାଜ୍ୟ ସରକାରଙ୍କୁ ଆଦେଶ ଦେଇଥିଲେ। ଫଳରେ ସମସ୍ତଙ୍କ ମତାମତ ଅନୁଯାୟୀ ଦେବଗଡ଼ ପୌରାଞ୍ଚଳରେ ହୋଲିଡିଙ୍ଗ ଟ୍ୟାକ୍ସ ବୃଦ୍ଧି ପ୍ରତିବାଦରେ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେବାପାଇଁ ନିଷ୍ପତ୍ତି ନିଆଯାଇଥିଲା।

# କଳା ବ୍ୟାଜ ପିନ୍ଧି ବିଦ୍ୟୁତ ଶ୍ରମିକ, କର୍ମଚାରୀଙ୍କ ବିକ୍ଷୋଭ ପ୍ରଦର୍ଶନ




ବିଦ୍ୟୁତ ଶ୍ରମିକ,କର୍ମଚାରୀଙ୍କ ବିକ୍ଷୋଭ ପ୍ରଦର୍ଶନ।

ଦେବଗଡ଼,୯।୫(ଡି.ଏନ୍.ଏ.)

ବିଭିନ୍ନ ଦାବି ନେଇ ବିଦ୍ୟୁତ୍ ଶ୍ରମିକ କର୍ମଚାରୀ ମଙ୍ଗଳବାର କଳାବ୍ୟାଜ ପରିଧାନ କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏକତା ମଞ୍ଚ ପଶ୍ଚିମ ଓଡ଼ିଶା ବଦ୍ୟୁତ୍ ଶ୍ରମିକ କର୍ମଚାରୀ ମହାସଂଘ ଏବଂ ହିରାଖଣ୍ଡ ବିଦ୍ୟୁତ୍ କର୍ମଚାରୀ ସଂଘ ଦେବଗଡ଼ ଶାଖା ପକ୍ଷରୁ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲାର ସମସ୍ତ ଓପିଟିସିଏଲ ଏବଂ ବିଦ୍ୟୁତ୍ ଗ୍ରୀଡ କାର୍ଯ୍ୟାଳୟରେ କାର୍ଯ୍ୟରତ ବିଦ୍ୟୁତ୍ ଶ୍ରମିକ କର୍ମଚାରୀ କଳାବ୍ୟାଚ ପରିଧାନ କରି ନିଜର କାର୍ଯ୍ୟ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସଂଘ ପକ୍ଷରୁ କରାଯାଇଥିବା ୮ ଦଫା ସମ୍ବଳିତ ଦାବି ପୂରଣ କରା ନ ଗଲେ ସଂଘର ସମସ୍ତ ସଦସ୍ୟ ଆସନ୍ତା ୧୯ରୁ ଆନ୍ଦୋଳନରେ ସାମିଲ ହେବେ। ସଂଘର ଡାକରା କ୍ରମେ ଭୁବନେଶ୍ୱର ସ୍ଥିତ ଓପିଟିସିଏଲ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ସମୂହ ଧାରଣା ଏବଂ ବିକ୍ଷୋଭ ପ୍ରଦର୍ଶନ କରିବେ ବୋଲି ସୂଚନା ଦିଆଯାଇଛି। ସଂଘର ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ସାମଲଙ୍କ ନେତୃତ୍ୱରେ ଦେବୀ ପ୍ରସାଦ ପାଲ, ତୁଷାରକାନ୍ତୀ ପ୍ରଧାନ, ଦିଗାମ୍ବର ନାୟକ, ସୁରେଶ ଦେହୁରୀ, ସୁଧାଂଶୁ ସେଖର ପ୍ରଧାନ, ଯୁଧିଷ୍ଠିର ପ୍ରଧାନ, ସୁରେଶ ମହନ୍ତ, ସତ୍ୟପ୍ରିୟ ବେହେରା, ସତ୍ୟ ନାରାୟଣ ବେହେରା, ରଂଜିତ ବେହେରା, କୈଳାଶ ସ୍ୱାଇଁଙ୍କ ସମେତ ଅନ୍ୟ ସମସ୍ତ କର୍ମକର୍ତ୍ତା ସାମିଲ ହୋଇଥିଲେ ।

# ଦୁର୍ଗମ ଅଞ୍ଚଳରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ନ ହେବାରୁ କ୍ଷୋଭ

ଲହୁଣୀପଡା,୯।୫(ଡି.ଏନ.ଏ.)

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ସଭାକକ୍ଷଠାରେ ମଙ୍ଗଳବାର ଦିନ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଉପାଧ୍ୟକ୍ଷ ପଣ୍ଡିତ ଚରଣ ମୁଣ୍ଡା ଅଧ୍ୟକ୍ଷତା କରିଥିଲେ । ବିଡ଼ିଓ ଅନୁରାଗ ମିଶ୍ର, ଏବିଡ଼ିଓ ଚୁକା ଓରାମ,ସହକାରୀ ଯନ୍ତ୍ରୀ ଲକ୍ଷ୍ମଣ ହେମ୍ବ୍ରମ, ଲହୁଣୀପଡା ବ୍ଲକ ଉଭୟ ଜୋନର ଜିଲା ପରିଷଦ ସଭ୍ୟା ଜୁଲିଆନି କାଣ୍ଡିର, ଶୁଶିଳା ନାୟକ,ବିଧାୟକ ପ୍ରତିନିଧି ଲାଲ ବାହାଦୂର ମାହାନ୍ତ ମଞ୍ଚାସୀନ ଥିଲେ । ଦୁର୍ଗମ ଅଞ୍ଚଳରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଓ ଅଚଳ ଥିବା ସୌରଚାଳିତ ପାଣିପମ୍ପଗୁଡିକୁ ମରାମତି କରି ଲୋକଙ୍କୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରିବାକୁ ପ୍ରସ୍ତାବ ଦିଆଯାଇଥିଲେ ମଧ୍ୟ ସେସବୁ କାର୍ଯ୍ୟକାରୀ ହୋଇ ପାରି ନ ଥିବାରୁ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା।



ପଞ୍ଚାୟତ ସମିତି ବୈଠକରେ ଉପସ୍ଥିତ ଅଧିକାରୀ ଓ ଜନ ପ୍ରତିନିଧି ।

## ପଞ୍ଚାୟତ ସମିତି ବୈଠକ

ସେହିପରି ଏମଜିଏନଆରଇଜିଏସ ଯୋଜନାରେ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସଠିକ ଭାବରେ ହେଉନାହିଁ । କେତେକ ସ୍ଥାନରେ ଶ୍ରମିକମାନେ ପାରିଶ୍ରମିକ ପାଇ ପାରୁ ନ ଥିବାରୁ ସମିତି ସରପଞ୍ଚ, ସଭ୍ୟାସଭ୍ୟମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଲହୁଣୀପଡା ବ୍ଲକର ବିଭିନ୍ନ ସ୍ଥାନରେ ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠି ଓ ୫ ଟି ଯୋଜନା ରେ କୋଟି କୋଟି ଟଙ୍କା ବିନିମୟରେ ସ୍କୁଲ ରୂପାନ୍ତରଣ କାର୍ଯ୍ୟ ଚାଲିଥିବା ବେଳେ ପ୍ରାୟ ସ୍ଥାନରେ ଠିକାଦାରମାନେ ମାନମୁଖୀ ଓ ନିମ୍ନମାନର କାର୍ଯ୍ୟ ଚଳାଇଛନ୍ତି। ଏଣୁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି ହୋଇଥିଲା। ବ୍ଲକସ୍ତରୀୟ ଅନେକ ବିଭାଗର ଅଧିକାରୀଙ୍କ ସ୍ଥାନରେ କର୍ମଚାରୀମାନେ ଯୋଗ ଦେଉଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା । ଏପରି କି କେତେକ ବିଭାଗରୁ କେହି ବି ବୈଠକରେ ଯୋଗ ଦେଉ ନ ଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା। ଅନ୍ୟ କେତେକ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇ ନିଜସ୍ୱ ଯୋଜନା ସମ୍ପର୍କରେ ତଥ୍ୟ ରଖିଥିଲେ ବୋଲି ଜଣାପଡ଼ିଛି। ବୈଠକରେ ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟାସଭ୍ୟମାନେ ଉପସ୍ଥିତ ଥିଲେ।

# ସୁନ୍ଦରଗଡ ଜିଲାରେ ପାରଦ ୪୧ ଡିଗ୍ରୀ ଉପରେ

ସୁନ୍ଦରଗଡ,୯।୫(ଡି.ଏନ.ଏ.)

ଗତ ସପ୍ତାହରେ ମେଘୁଆ ପାଗ ଯୋଗୁ ତାତିରୁ ସାମାନ୍ୟ ଆଶ୍ୱସ୍ତି ମିଳିଥିବା ବେଳେ ପୁଣି ଖରା ତାତି ବଢ଼ିଛି। ମଙ୍ଗଳବାର ସୁନ୍ଦରଗଡରେ ଦିନର ତାପମାତ୍ରା ୪୧.୧ ଡିଗ୍ରୀ ସେଲ୍ସିୟସ ରହିଥିବା ବେଳେ ରାଉରକେଲା ସହରରେ ୪୧. ୪ ସେଲସିୟସ ରହିଛି। ପୂର୍ବାହ୍ନ ୯ଟା ବେଳକୁ ଆରମ୍ଭ ହୋଇଯାଉଛି ଟାଣ ଖରା। ବର୍ତ୍ତମାନ ସୁଦ୍ଧା ଜିଲାରେ ଅଶୁଘାତଜନିତ ମୃତାହତ ରିପୋର୍ଟ ଆସିନାହିଁ । ବିଭିନ୍ନ ଜାଗାରେ ପୌରପାଳିକା ଓ ପଞ୍ଚାୟତଗୁଡିକୁ ଜଳଛତ୍ର ଖୋଲିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଖରାଯୋଗୁ ଏବେ ଲସି ସରବତ, ଆଖୁରସ ଓ ଦହିବରାର ଚାହିଦା ବଢ଼ିଛି। ଏସବୁର ଦୋକାନଗୁଡିକରେ ଲୋକଙ୍କ ଭିଡ ଦେଖିବାକୁ ମିଳିଛି। ନିହାତି ଜରୁରୀ କାମ ନ ଥିଲେ ଲୋକେ ପଦାକୁ ବାହାରିବାକୁ ଭୟ କରୁଛନ୍ତି। ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅଶୁଘାତ ରୋଗୀଙ୍କ ଚିକିତ୍ସା ପାଇଁ ଡାକ୍ତରଖାନା ଗୁଡିକରେ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। ଅପରପକ୍ଷରେ ସୁନ୍ଦରଗଡ ସହରର ଜୀବନ ରେଖା କୁହାଯାଉଥିବା ଇବ୍ ନଦୀର ଜଳଧାର ଶୁଖିଯାଇଥିବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୂର୍ବାହ୍ନ ୧୧ଟାରୁ ୩ଟା ମଧ୍ୟରେ କୌଣସି କାର୍ଯ୍ୟରେ ଶ୍ରମିକଙ୍କୁ ନିୟୋଜିତ ନ କରିବାକୁ ନିର୍ଦ୍ଦେଶ ଥିଲେ ହେଁ ଅନେକ ସ୍ଥାନରେ ଏହାର ଉଲ୍ଲଂଘନ କରାଯିବା ଦେଖିବାକୁ ମିଳିଛି ।

# ସେବା ଧର୍ମରେ ବ୍ରତୀ ହେବାକୁ ପରାମର୍ଶ




କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ଓ ଛାତ୍ରୀଛାତ୍ର ।

## ରେଡକ୍ରସ ଦିବସ ପାଳିତ

କୁତ୍ରା,୯।୫(ଡି.ଏନ.ଏ.)

ସୁନ୍ଦରଗଡ ଜିଲା କୁତ୍ରା ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟ ଜୁନିୟର ରେଡକ୍ରସ ଶାଖା ପକ୍ଷରୁ ବିଶ୍ୱ ରେଡକ୍ରସ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଜୁନିୟର ରେଡକ୍ରସ ଯୁଗ୍ମ ସଂପାଦକ ତଥା ରାଜ୍ୟ ସାଧନ କର୍ମୀ ବିଭୀଷଣ ବାରିକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଦୀପିକା କେରକେଟା ଯୋଗଦେଇ ସେବା ଧର୍ମରେ ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ । ବିଦ୍ୟାଳୟର ଜୁନିୟର ରେଡକ୍ରସ ଶାଖା ତରଫରୁ ଲିପିକା କାଲୋ ଅତିଥିଙ୍କ ସ୍ୱାଗତ କରିଥିଲେ । ସୁନୀତା ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ। ଜସ୍ମିନ ମିଞ୍ଜ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା । ଏଥିରେ ଜୁନିୟର ରେଡକ୍ରସ ଶାଖାର ଛାତ୍ରୀଛାତ୍ରଙ୍କ ସମେତ ମାତାପିତା ଓ ଅଭିଭାବକ ଯୋଗ ଦେଇଥିଲେ ।

# ଜିରୋ କାଜୁଆଲ୍‌ଟି ଉପରେ ଗୁରୁତ୍ୱାରୋପ

## ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ

ସୁନ୍ଦରଗଡ଼,୯।୫(ଡି.ଏନ.ଏ.)

ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ ଜିଲାପାଳ ଡା. ପରାଗ ଗାଭାଲିଙ୍କ ଅଧ୍ୟକ୍ଷତାରେ ଭିଡିଓ କନଫରେନ୍ସିଂ ଜରିଆରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଚଳିତବର୍ଷ ବର୍ଷାଋତୁ ସମୟରେ ସମ୍ଭାବ୍ୟ ବନ୍ୟା/ବାତ୍ୟା ପରିସ୍ଥିତିର ମୁକାବିଲା ନିମନ୍ତେ ବିଭାଗୀୟ ଅଧିକାରୀମାନଙ୍କ ଦ୍ୱାରା ଗ୍ରହଣ କରାଯିବାକୁ ଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା କରାଯାଇଥିଲା।

ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବନ୍ୟା ମୁକାବିଲା ନିମନ୍ତେ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ କହିଥିଲେ । ଜିଲା ମୁଖ୍ୟ ଚିକିତ୍ସାଳୟ, ଉପଖଣ୍ଡ ଚିକିତ୍ସାଳୟ ତଥା ବ୍ଲକସ୍ତରୀୟ ଚିକିତ୍ସାଳୟରେ କଣ୍ଟ୍ରୋଲ ରୁମ ଗ୍ରୀଷ୍ମପ୍ରବାହ ସମୟରୁ କାର୍ଯ୍ୟକ୍ଷମ ହୋଇଛି । କୌଣସି ଅଞ୍ଚଳରେ ଆପାତ୍‌କାଳୀନ ପରିସ୍ଥିତି ସୃଷ୍ଟି ହେଲେ ତତ୍‌କ୍ଷଣାତ୍ ସେଥିପ୍ରତି ଦୃଷ୍ଟି ଦିଆଯିବ । ଗର୍ଭବତୀ ମହିଳାମାନଙ୍କୁ ଚିହ୍ନଟ କରାଯିବ ଏବଂ ଆବଶ୍ୟକ ସ୍ଥଳେ ସେମାନଙ୍କୁ ମା' ଗୃହକୁ ସ୍ଥାନାନ୍ତର କରାଯିବ। ସେହିପରି ଆବଶ୍ୟକ ପରିମାଣର ଔଷଧ, ଓ.ଆର୍.ଏସ., ସାପ କାମୁଡ଼ା ଭାକସିନ ମହଜୁଦ ରହିଛି ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ କହିଥିଲେ । ପ୍ରାଣୀଧନ ବିଭାଗ ପକ୍ଷରୁ ପଶୁପକ୍ଷୀମାନଙ୍କ ନିମନ୍ତେ ଆବଶ୍ୟକ ପରିମାଣରେ ଔଷଧ, ଭାକ୍‌ସିନ, ଗୋ ଖାଦ୍ୟ ଆଦି ରହିଥିବା ଏବଂ ବନ୍ୟା ପରିସ୍ଥିତି ଉପୁଜିଲେ ପଶୁମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯିବ ବୋଲି ସୂଚନା ଦିଆଯାଇଥିଲା। ଜିଲାରେ ଆବଶ୍ୟକ ପରିମାଣର କିରୋସିନ, ଶୁଖିଲା ଖାଦ୍ୟ ଯଥା– ଚୁଡା, ଗୁଡ଼ ଆଦି ମହଜୁଦ ରହିଥିବା ଜିଲା ଯୋଗାଣ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ବିପର୍ଯ୍ୟୟ ସମୟରେ କୃଷି ଓ ଉଦ୍ୟାନ ବିଭାଗ ପକ୍ଷରୁ ଧାନ ଫସଲ ତଥା ଫଳ ଓ ପନିପରିବା ଚାଷଗୁଡ଼ିକର କିଭଳି ଯତ୍ନ ନିଆଯିବ ଓ କିଭଳି ଫସଲରେ ରୋଗ ପୋକ ଦମନ କରାଯାଇ ପାରିବ ସେ ବିଷୟରେ ଆଲୋଚନା ହୋଇଥିଲା। ବନ୍ୟା ପରିସ୍ଥିତି ସମୟରେ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା, ପାଇପ ଜଳ ଯୋଗାଣ, ବ୍ଲିଚିଂ ପାଉଡର ବଣ୍ଟନ, ଜଳ ନିଷ୍କାସନ ଆଦି ସମ୍ପର୍କରେ ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ ଆଲୋଚନା କରାଯାଇଥିଲା । ବିପର୍ଯ୍ୟୟ ସମୟରେ ଜିରୋ କାଜୁଆଲିଟି ତଥା ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରଖି ବିପର୍ଯ୍ୟୟର ମୁକାବିଲା କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଜିଲାପାଳ ଡା. ଗାଭାଲି ପ୍ରାକୃତିକ ବିପର୍ଯ୍ୟୟ ଜନିତ କ୍ଷୟକ୍ଷତିଗୁଡ଼ିକର ତୁରନ୍ତ ପୁନରୁଦ୍ଧାର କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ନିୟମିତ ଭାବେ ଡ୍ରେନେଜ ସଫା କରିବା, ଆପତକାଳୀନ ପରିସ୍ଥିତି ସମ୍ପର୍କରେ ତୁରନ୍ତ ସୂଚନା ଦେବା ଆଦି ଉପରେ ଜିଲାପାଳ ପ୍ରାଧାନ୍ୟ ଦେଇଥିଲେ।

ବୈଠକରେ ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ମନୋଜ ମହାଜନ, ସଦର ଉପଜିଲାପାଳ ଦାଶରଥିସରାବୁ, ସମସ୍ତ ବିଭାଗୀୟ ଅଧିକାରୀ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ବ୍ଲକସ୍ତରୀୟ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

# ବସ୍ ଧକ୍କାରେ ବାପା, ୨ଝିଅ ମୃତ

**ବଲାଙ୍ଗୀର ଅଫିସ, ୯।୫**

### ବାଇକ୍‌କୁ ଅଧ କିଲୋମିଟର ଘୋଷାଡ଼ି ନେଲା ବସ୍

- ଆଧାର କାର୍ଡ ଅପ୍‌ଡେଟ୍ ପାଇଁ ତହସିଲ ଅଫିସ ଯାଇଥିଲେ
- ୬ ଘଣ୍ଟା ଜାତୀୟ ରାଜପଥ ଅବରୋଧ

ବଲାଙ୍ଗୀର-ସୋନପୁର ୫୭ ନମ୍ବର ଜାତୀୟ ରାଜପଥର ଗଇଁତଲାସ୍ଥିତ ପୁଇଁତଲା ତହସିଲ ଅଫିସ ସମ୍ମୁଖରେ ମଙ୍ଗଳବାର ସକାଳ ପ୍ରାୟ ୯ଟାରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଥିଲା। ଗଣପତି ଟ୍ରାଭେଲ୍ସ (ଓଡି୦୩ଆର୯୯୭୫) ନାମକ ଏକ ଘରୋଇ ବସ୍ ଧକ୍କାରେ ଆଧାର କାର୍ଡ ଅପଡେଟ କରି ବାଇକ୍‌ରେ ଫେରୁଥିବା ବାପା ଓ ଦୁଇଝିଅଙ୍କ ମୃତ୍ୟୁ ଘଟିଛି। ବେପରୁଆ ଗାଡି ଚାଳନାରୁ ଏହି ଦୁର୍ଘଟଣା ଘଟିଥିବା ପ୍ରତ୍ୟକ୍ଷଦର୍ଶୀଙ୍କ ସୂତ୍ରରୁ ଜଣାପଡିଛି।

ପୁଇଁତଳା ଥାନା ବ୍ରାହ୍ମଣୀପାଲି ଗ୍ରାମର ବୀଣାପାଣି ପାଣ୍ଡେ(୫୦) ଦ୍ୱିତୀୟ ଝିଅ ଶିଖା (୧୬) ଓ ତୃତୀୟ ଝିଅ ରେଖା(୧୪)ଙ୍କ ଆଧାର କାର୍ଡ ଅପଡେଟ ପାଇଁ ପୁଇଁତଲା ତହସିଲ ଅଫିସ ଯାଇଥିଲେ। କାର୍ଡ ଅପ୍‌ଡେଟ୍ କରିବା ପରେ ବାଇକ୍‌ରେ ଗାଁକୁ ଫେରୁଥିଲେ। ଏତିକି ବେଳେ ଦ୍ରୁତଗତିରେ ସୋନପୁର ପଟୁ ବଲାଙ୍ଗୀର ସହର ଆଡକୁ ଆସୁଥିବା ଗଣପତି ବସ ପଛ ପଟରୁ ବାଇକକୁ ଧକ୍କା ଦେଇଥିଲା। ଏପରିକି ଦ୍ରୁତ ଗତିରେ ଥିବା ବସ୍ ଉକ୍ତ ବାଇକକୁ ପ୍ରାୟ ଅଧ କିଲୋମିଟର ଘୋଷାଡି ନେଇଥିଲା। ଘଟଣାସ୍ଥଳରେ ରେଖାଙ୍କ ମୃତ୍ୟୁ ଘଟିଥିଲା। ଶିଖା ଏବଂ ବୀଣାପାଣି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ବୀଣାପାଣି ଏବଂ ଶିଖାଙ୍କୁ ଗୁରୁତର ଅବସ୍ଥାରେ ସେଠାରୁ ଉଦ୍ଧାର କରି ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ହେଲେ ଉଭୟଙ୍କ ଅବସ୍ଥା ଉଦ୍‌ବେଗଜନକ ହେବାରୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ସ୍ଥାନାନ୍ତର ସମୟରେ ବାଟରେ ଶିଖା ଆଖି ବୁଜିଥିଲେ। ବୁର୍ଲାରେ ଚିକିତ୍ସାଧିନ ଅବସ୍ଥାରେ ବୀଣାପାଣିଙ୍କ ମୃତ୍ୟୁ ଘଟିଛି। ଏହି ଖବର ପ୍ରଚାରିତ ହେବା ପରେ ଉତ୍ତ୍ୟକ୍ତ ଲୋକେ ଗଇଁତଲାଠାରେ ରେଖାଙ୍କ ମୃତଦେହ ରଖି ୫୭ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ମୃତକଙ୍କ ପରିବାରବର୍ଗଙ୍କୁ ୧ କୋଟି ଟଙ୍କା କ୍ଷତିପୂରଣ, ଗାଡି ଚାଳକଙ୍କୁ ଗିରଫ, ଗାଡି ମାଲିକଙ୍କୁ ରାସ୍ତାରୋରୋକୋସ୍ଥଳକୁ ଡାକିବା ଏବଂ ବାରମ୍ବାର ଦୁର୍ଘଟଣା ଘଟାଉଥିବା ଗଣପତି ଟ୍ରାଭେଲ୍ସର ରୁଟ୍ ପରମିଟ୍‌କୁ ସବୁଦିନ ପାଇଁ ବାତିଲ କରିବାକୁ ଦାବି କରିଥିଲେ। ସଦର ଏସ୍‌ଡିପିଓ ତୋଫାନ ବାଗ ଓ ପୁଇଁତଲା ତହସିଲଦାର ରୋହିତ ଭୋଇ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ପୁଇଁତଲା ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ରାସ୍ତାରୋକୋରେ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ଜିଲା ରେଡକ୍ରସ ତରଫରୁ ମୃତକଙ୍କ ପରିବାରଙ୍କୁ ୫୦ହଜାର ଟଙ୍କା, ଘରୋଇ ବସ୍ ମାଲିକଙ୍କ ପକ୍ଷରୁ ୨୫ହଜାର ଟଙ୍କା ଏବଂ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨ଲକ୍ଷ ଟଙ୍କା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ରାସ୍ତାରୋକୋ ହଟିଥିଲା। ଏସ୍‌ଡିପିଓ ବାଗ ଡ୍ରାଇଭରଙ୍କୁ ଗିରଫ କରାଯିବା ସହ ବସ୍‌କୁ ଜବତ କରାଯାଇଥିବା ସୂଚନା ଦେଇଥିଲେ। ମୃତ ବୀଣାପାଣିଙ୍କ ସ୍ତ୍ରୀ ଓ ଆଉ ଦୁଇ ଝିଅ ଅଛନ୍ତି।



ଗଇଁତଲାଠାରେ ୫୭ ନମ୍ବର ଜାତୀୟ ରାଜପଥକୁ ଉତ୍ତ୍ୟକ୍ତ ଲୋକେ ଅବରୋଧ କରିଛନ୍ତି।



ଦୁର୍ଘଟଣା ଘଟାଇଥିବା ଗଣପତି ବସ୍।



ମୃତ ବୀଣାପାଣି ପାଣ୍ଡେ



ରେଖା ପାଣ୍ଡେ



ଶିଖା ପାଣ୍ଡେ

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ସାରଥୀ



@ ଶିବମ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସଂକ୍ଷେପରେ

### ଆୟୁର୍ବେଦ ଚିକିତ୍ସକଙ୍କୁ ଟଙ୍କା ମାଗି ୨ ଅଟକ

**ସଇଁତଳା,୯।୫(ଡ଼ିଏନଏ):** ବଲାଙ୍ଗୀର ଜିଲା ସଇଁତଳା ଥାନା ବରଗାଁ ଛକରେ ଥିବା ଓମ ମେଡ଼ିକାଲ ଷ୍ଟୋରରେ ପ୍ରତ୍ୟେକ ମଙ୍ଗଳବାର ହାଡ଼ଭଙ୍ଗାର ଆର୍ୟୁର୍ବେଦ ଚିକିତ୍ସା କରନ୍ତି କେନ୍ଦୁଡ଼ାର ଅଞ୍ଚଳର ଚିତ୍ତରଞ୍ଜନ ପ୍ରଧାନ। ନିଜକୁ ୱେବ ସାମ୍ବାଦିକ ପରିଚୟ ଦେଇ ଦୁଇ ଯୁବକ ୭୦ହଜାର ଟଙ୍କା ମାଗିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ସମ୍ପୃକ୍ତ ଦୁଇ ଯୁବକଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ପ୍ରଧାନୀଙ୍କ ଅଭିଯୋଗ ଅନୁସାରେ ଗତ ୨ ତାରିଖ ଦିନ ସେ ଚିକିତ୍ସା କରୁଥିବା ସମୟରେ ସେହି ଦୁଇ ଯୁବକ ଚିକିତ୍ସାଳୟକୁ ଆସି ନାନା ଧମକ ଚମକ ଦେଇ ୭୦ହଜାର ଟଙ୍କା ମାଗିଥିଲେ। ଟଙ୍କା ନ ଦେଲେ ଚ୍ୟାନେଲରେ ଖବର ପ୍ରସାରଣ କରିବେ ବୋଲି କହିଥିଲେ। ମଙ୍ଗଳବାର ପୁନର୍ବାର ସେହିମାନେ ଆସି ବୁମ ବାହାରକରି ଟଙ୍କା ନ ଦେଲେ ଖବର ପ୍ରସାରଣ କରିବେ ବୋଲି ଧମକ ଦେଇଥିଲେ। ଟଙ୍କା ଦେବାକୁ ଅକ୍ଷମତା ପ୍ରକାଶ କରିବାରୁ ପ୍ରଧାନୀଙ୍କୁ ଜାତିକୁ ଆକ୍ଷେପ କରି ଗାଳିଗୁଲଜ କରିଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି। ଅଭିଯୋଗ ପାଇ ସଇଁତଳା ଥାନା ପୋଲିସ ସମ୍ପୃକ୍ତ ଦୁଇଜଣଙ୍କୁ ଥାନାକୁ ଆଣି ତଦନ୍ତ ଜାରି ରଖିଛି। ଏଭଳି ନକଲି ସାମ୍ବାଦିକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସଇଁତଳା ସାମ୍ବାଦିକ ସଂଘ ପକ୍ଷରୁ ଥାନା ଅଧିକାରୀ ଅବନୀ କୁମାର ସାହୁଙ୍କୁ ଭେଟି ଦାବି କରାଯାଇଛି।

### ସ୍ନାତକ ଶିକ୍ଷକ ସଂଘ ପକ୍ଷରୁ ଜିଲା ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ

**ବୌଦ୍ଧ,୯।୫(ସ୍ୱ.ପ୍ର.):** ବୌଦ୍ଧ ଜିଲାରେ ପ୍ରାଥମିକ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ପଦୋନ୍ନତି ପ୍ରସ୍ତୁତିକୁ କେନ୍ଦ୍ର କରି ବୌଦ୍ଧ ଜିଲା ସ୍ନାତକ ଶିକ୍ଷକ ସଂଘ ପକ୍ଷରୁ ଜିଲା ଶିକ୍ଷାଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଓଡିଶା ପ୍ରାଥମିକ ଶିକ୍ଷା ସଂଶୋଧନ ନିୟମାବଳୀ ୨୦୧୯ ଅନୁସାରେ ଶିକ୍ଷକମାନଙ୍କ ପଦୋନ୍ନତି ସମୟରେ ଶିକ୍ଷାଗତ ଯୋଗ୍ୟତାକୁ ବରିଷ୍ଠତା ଭାବରେ ପ୍ରାଧାନ୍ୟ ଦେବା ପାଇଁ ସଂପୂର୍ଣ୍ଣ ରୂପେ ଉଲ୍ଲେଖ ଥିବା ବେଳେ ତାହା ଏହି ଜିଲାରେ ବ୍ୟତିକ୍ରମ ହୋଇଥିବା ଅଭିଯୋଗ ହୋଇଛି। ପୂର୍ବରୁ ପଦୋନ୍ନତି ପାଇଥିବା ପ୍ରକ୍ରିୟାକୁ ରଦ୍ଦ କରାଯାଇ ବଞ୍ଚିତ ହୋଇଥିବା ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ପଦୋନ୍ନତି ତାଲିକାରେ ସଂପୃକ୍ତ କରିବା ପାଇଁ ଦାବି କରାଯାଇଥିଲା। ସ୍ନାତକ ଶିକ୍ଷକ ସଂଘର ସଭାପତି ସୌମିତ୍ରୀ ପ୍ରସାଦ ପଲିଆଙ୍କ ନେତୃତ୍ୱରେ ସଂଘର କର୍ମକର୍ତ୍ତା ରଶ୍ମିରଞ୍ଜନ ରାଜହଂସ, ବସନ୍ତ ବିଶ୍ୱାଳ, ଶ୍ରୀବନ୍ତ ନାୟକ, ରାମଚନ୍ଦ୍ର ସାହୁ, ମୋହନ କରଡିଆ, ତୈଲୋକ୍ୟ ତ୍ରିପାଠୀ, ମୋଦନ ମୋହନ ପ୍ରଧାନ, ଲୋକନାଥ ମେହେର, ସତ୍ୟ ନାରାୟଣ ପ୍ରଧାନ, ହୃଦାନନ୍ଦ ପ୍ରଧାନ, ହୃଦୟ ରଞ୍ଜନ ମିଶ୍ର, ନିରଞ୍ଜନ କହଁର, ଅଶୋକ ଘିବେଲା, ମନୋଜ ପ୍ରଧାନ, ଅରବିନ୍ଦ ପୁରୋହିତ ପ୍ରମୁଖ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

# ଆନ୍ୟା ସ୍ପୋର୍ଟିଂକୁ ହରାଇଲା ସାଗର-୧୧

### ବିପିଏଲ ସିଜନ-୩

**ବିନିକା,୯।୫(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ସ୍ପୋର୍ଟସ କ୍ଲବ ତରଫରୁ ସ୍ଥାନୀୟ ବିଜୁ ପଟ୍ଟନାୟକ ଷ୍ଟାଡିୟମଠାରେ ଚାଲିଥିବା ବିପିଏଲ ସିଜନ-୩ କ୍ରିକେଟ ଟୁର୍ନାମେଣ୍ଟର ସୋମବାର ପଞ୍ଚମ ରାଉଣ୍ଡର ଦ୍ୱିତୀୟ ମ୍ୟାଚରେ ଆନ୍ୟା ସ୍ପୋର୍ଟିଂକୁ ହରାଇ ସାଗର-୧୧ ବିଜୟ ହାସଲ କରିଛି। ଟସ୍ ଜିଣି ଆନ୍ୟା ପ୍ରଥମେ ବ୍ୟାଟିଂ କରି ୮ଓଭରରେ ୮ ଉଇକେଟ ହରାଇ ୬୪ରନ କରିଥିଲା। ଜବାବରେ ସାଗର-୧୧ ୭.୩ଓଭରରେ ୬୫ରନ କରି ବିଜୟୀ ହୋଇଥିଲା। ମ୍ୟାଚକୁ ବିନୋଦ ପାତ୍ର ଓ ସବ୍ୟସାଚୀ ମିଶ୍ର ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ହାଡୁ ବଢେଇ, ଆଲୋକ ସେଠୀ, ଶ୍ରୀତମ ଦାସ ଏବଂ ମ୍ୟାଚର ଧାରା ବିବରଣୀ ଶଶାଙ୍କ ଶେଖର ଦାସ, ବୈରାଗୀ ପ୍ରଧାନ ପ୍ରଦାନ କରିଥିଲେ। ସ୍ପୋର୍ଟିଂ କ୍ଲବ ସଭାପତି ସୋମନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥିଭାବେ ବୀରମହାରାଜପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର, ସ୍ୱତନ୍ତ୍ର ଅତିଥିଭାବେ ବିନିକା-ଫୁଲମୁଠୀ ମହିଳା ଜୁନିୟର କଲେଜ ଅଧ୍ୟକ୍ଷ ପଞ୍ଚାନନ ସାହୁ, ସମ୍ମାନୀତ ଅତିଥି ଭାବେ ବିନିକା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବସନ୍ତ ଭୋଇ,ସିଦ୍ଧାର୍ଥ ଡିଗ୍ରୀ କଲେଜ ଅର୍ଥନୀତି ବିଭାଗ ଅଧ୍ୟାପକ ବିଶ୍ୱନାଥ ମିଶ୍ର ପ୍ରମୁଖ ଯୋଗଦେଇ ବିଜେତା ଓ ଉପବିଜେତା ଦଳ, ମ୍ୟାନ ଅଫ ଦି ମ୍ୟାଚ ଜୟଦେବ ବେହେରା, ବେଷ୍ଟ ବ୍ୟାଟସମ୍ୟାନ କୈବର୍ତ୍ତ ଦୀପଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ବୁଧବାର ତ୍ରିରଙ୍ଗା ୟୁଥ କ୍ଲବ ଓ ଅତୁଲ-୧୧ ମଧ୍ୟରେ ମ୍ୟାଚ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ।



ଅତିଥିମାନେ ବିଜୟୀ ଦଳକୁ ପୁରସ୍କୃତ କରୁଛନ୍ତି।

# ରାତିଅଧିଆ ଗାଡ଼ି ଛାଡ଼ି ଦେଲା ପୋଲିସ

**ବାଉଁଶୁଣୀ,୯।୫(ଡି.ଏନ.ଏ.)**

- ଗଞ୍ଜେଇ ଚାଲାଣ ବେଳେ କାର ଦୁର୍ଘଟଣା
- ସନ୍ଦେହରେ ଅଞ୍ଚଳବାସୀ

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଶିମିଳିପଦର ପଞ୍ଚାୟତ ଅନ୍ତର୍ଗତ ଗବଯୋର ତେଲନଦୀ ସେତୁର ସଂଯୋଗ ରାସ୍ତାରେ ରବିବାର ଏକ କାର୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇ ରାସ୍ତା ତଳକୁ ଖସି ପଡ଼ିଥିଲା। କିନ୍ତୁ ରାତିଅଧିଆ ଉକ୍ତ କାର୍‌କୁ ମନମୁଣ୍ଡା ପୋଲିସ ଗାଡ଼ି ମାଲିକଙ୍କୁ ହସ୍ତାନ୍ତର କରିଥିଲା। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଘଟଣାଦିନ ଅପରାହ୍ନ ୩ଟା ସମୟରେ ପଲସାଗୋରା ପଟରୁ ଗାଡ଼ିଟି ଦ୍ରୁତ ଗତିରେ ଯାଉଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣା ପରେ ଚାଳକ କାଚ ଭାଙ୍ଗି ବାହାରକୁ ଆସି ମୋଟର ସାଇକେଲରେ ବସ୍ତାରେ କିଛି ଧରି ବୈଦ୍ୟନାଥ ପଟକୁ ଯାଇଥିଲେ। ତେବେ ଗାଡ଼ି ଭିତରୁ ଗଞ୍ଜେଇର ବାସ୍ନା ଆସୁଥିବାରୁ ବସ୍ତାରେ ଗଞ୍ଜେଇ ଚାଲାଣ ହେଉଥିବା ସ୍ଥାନୀୟ ଲୋକେ ସନ୍ଦେହ କରିଥିଲେ। ଏ ସମ୍ପର୍କରେ ମନମୁଣ୍ଡା ଥାନା ଅଧିକାରୀ ଅଶ୍ୱିନୀ ଭିତିରିଆଙ୍କୁ ପଚାରିବାରୁ ଉକ୍ତ ଗାଡ଼ିରେ ଗଞ୍ଜେଇ ନ ଥିଲା। ସେଥିପାଇଁ ଆମେ ଗାଡ଼ିକୁ ମାଲିକଙ୍କୁ ହସ୍ତାନ୍ତର କଲୁ ବୋଲି କହିଛନ୍ତି। କୌଣସି ଗାଡ଼ି ଦୁର୍ଘଟଣାଗ୍ରସ୍ତ ହେଲେ ପୋଲିସ ସେହି ଗାଡି ଥାନାକୁ ଆଣି କିମ୍ବା କାହାର ଜିମା ଦେଇ ମାସ ମାସ କାଳ ଦୁର୍ଘଟଣାକାରୀଙ୍କୁ ହସ୍ତାନ୍ତର କରିବା ଲାଗି ବହୁତ ହଇରାଣ କରିଥାନ୍ତି। କିନ୍ତୁ ଏତେବଡ଼ ଦୁର୍ଘଟଣା ହୋଇ ମଧ୍ୟ ପୋଲିସ କେମିତି ମାଲିକଙ୍କୁ ରାତିଅଧିଆ ଗାଡି ଦେଲେ ସେନେଇ ନା ନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବୌଦ୍ଧ ଜିଲା ଆରକ୍ଷୀ ଅଧୀକ୍ଷକ ଏହାର ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଗୁଳିକାଣ୍ଡରେ ଯୁବକ ଗୁରୁତର, ଅଭିଯୁକ୍ତ ଗିରଫ

**ବରଗଡ଼ ଅଫିସ୍,୯।୫**

ବରଗଡ଼ ଜିଲା ବିଜେପୁର ଥାନା ତାଳପଦର ଗ୍ରାମରେ ମଙ୍ଗଳବାର ଗୁଳିକାଣ୍ଡ ଘଟିଛି। ଗୁଳିକାଣ୍ଡରେ ଗ୍ରାମର ଜଣେ ଯୁବକ ତପପ୍ରକାଶ ସାହୁ ଓରଫ ଜିତୁ ଗୁରୁତର ହୋଇଛନ୍ତି। ତାଙ୍କୁ ବିଜେପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବୁର୍ଲା ସ୍ଥିତ ଭିମସାର୍ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସେହିପରି ପୋଲିସ ଅଭିଯୁକ୍ତ ତାଲପଦର ଗ୍ରାମର ସୁବ୍ରତ ମିଶ୍ରଙ୍କୁ ଗିରଫ କରିଛି। ଗୁରୁତର ଜିତୁଙ୍କ ସମ୍ପର୍କୀୟ ଫିରୋଜ କୁମାର ସାହୁଙ୍କ ଏତଲାକ୍ରମେ ଅଭିଯୁକ୍ତ ସୁବ୍ରତଙ୍କ ବିରୋଧରେ ବିଜେପୁର ଥାନାରେ ଦଫା ୩୦୭, ୨୫/୨୭ ଆର୍ମସ୍ ଆକ୍ଟରେ ଏକ ମାମଲା (ନଂ.୧୦୪।୨୩) ରୁଜୁ ହୋଇଛି। ଅଭିଯୁକ୍ତଙ୍କ ପାଖରୁ ଗୁଳିକାଣ୍ଡରେ ବ୍ୟବହୃତ ଏକ ପିସ୍ତଲ ଜବତ ହୋଇଛି। ପୋଲିସ ସୂଚନା ଅନୁସାରେ, ଅପରାହ୍ନ ପ୍ରାୟ ସାଢ଼େ ୩ଟା ସମୟରେ ଜିତୁ ତାଳପଦର ଗ୍ରାମର ସୁଦାମ ସାହୁଙ୍କ ପାନ ଦୋକାନ ପାଖରେ ଥିବାବେଳେ ଅଭିଯୁକ୍ତ ସୁବ୍ରତ ଏକ ପିସ୍ତଲରୁ ଗୁଳି ଫୁଟାଇଥିଲେ। ଫଳରେ ଜିତୁ ଗୁରୁତର ହୋଇପଡିଥିଲେ ବୋଲି ପଦ୍ମପୁର ଏସ୍‌ଡ଼ିପିଓ ବିଭୁତି ଭୂଷଣ ଭୋଇ ସୂଚନା ଦେଇଛନ୍ତି। ତେବେ କେଉଁ କାରଣରୁ ଅଭିଯୁକ୍ତ ଗୁଳିମାଡ଼ କରିଥିଲେ ତାହା ଏଯାଏ ସ୍ପଷ୍ଟ ହୋଇ ନ ଥିବାବେଳେ ପୋଲିସ ସେ ନେଇ ଅଧିକ ତଦନ୍ତ କରୁଛି। ଅନ୍ୟପଟେ ଗୁଳିକାଣ୍ଡ ଘଟାଇ ଅଭିଯୁକ୍ତ ଫେରାର ଉଦ୍ୟମ କରୁଥିବାବେଳେ ବିଜେପୁର ଥାନା ଆଇଆଇସି ସନୟ କୁମାର ନାଏକଙ୍କ ନେତୃତ୍ୱରେ ଏକ ଟିମ୍ ତନାଘନା କରି ଅଭିଯୁକ୍ତଙ୍କୁ ଗିରଫ କରିଛି।



ପୋଲିସ ହେପାଜତରେ ଗିରଫ ଅଭିଯୁକ୍ତ।

# ଅସନ୍ତୋଷ ଝାଡ଼ିଲେ ପ୍ରାଣୀପ୍ରେମୀ

### ନୂଆପଡ଼ାରେ କଲରାପତରିଆ ବାଘ ମୃତ୍ୟୁ ଘଟଣା



**ନୂଆପଡ଼ା ଅଫିସ,୯।୫**

ନୂଆପଡ଼ା ସଦର ବନ ବିଭାଗ ରେଞ୍ଜ କାର୍ଯ୍ୟାଳୟରେ ଚିକିତ୍ସାଧୀନ କଲରା ପତରିଆ ବାଘ ସୋମବାର ରାତିରେ ଆଖି ବୁଜିଛି। ଏ ନେଇ ପ୍ରାଣୀପ୍ରେମୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ବନ ବିଭାଗ ଉପଯୁକ୍ତ ଚିକିତ୍ସା ନ ଦେବାରୁ ବାଘର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ବାଘ ବାରମ୍ବାର ଅସୁସ୍ଥ ଅନୁଭବ କରୁଥିଲେ ମଧ୍ୟ ବନ ବିଭାଗ ଉପଯୁକ୍ତ ଚିକିତ୍ସା ପାଇଁ ଅନ୍ୟ ସ୍ଥାନକୁ ପଠାଇ ନ ଥିଲା। ଅନ୍ୟତ୍ର ପଠାଇ ଚିକିତ୍ସା କରିଥିଲେ ବାଘ କାଳେ ବଞ୍ଚିଯାଇଥାନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ବାଘକୁ ଛୋଟ ଯନ୍ତାରେ ରଖାଯାଇଥିବାରୁ ସେ ଉଠି ବସି ପାରୁ ନ ଥିଲା। ବାଘକୁ ଦେଖିବା ପାଇଁ କୌଣସି ଲୋକ କିମ୍ବା ଗଣମାଧ୍ୟମ ପ୍ରତିନିଧିଙ୍କୁ ବାରଣ କରାଯାଇଥିଲା। ବାଘ ମୃତ୍ୟୁ ଉପରେ ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି। ଜିଲାରେ ବାଘ ଓ ଭାଲୁ ଆତଙ୍କ ଲାଗି ରହିଛି। ଲୋକଙ୍କ ସୁରକ୍ଷା ପାଇଁ ବନ ବିଭାଗ ଡାକବାଜି ଯନ୍ତ୍ର ସାହାଯ୍ୟରେ ସଚେତନ କରୁଛି ବୋଲି କହୁଛି । କିନ୍ତୁ ତାହା କାର୍ଯ୍ୟକାରୀ ହେଉ ନ ଥିବା ଅଭିଯୋଗ ହେଉଛି।



"କଲରା ପତରିଆ ବାଘ ବାବେସିଓସିସ ରୋଗ ସହ ଏକାଧିକ ରୋଗରେ ଆକ୍ରାନ୍ତ ଥିଲା। ବଞ୍ଚିବ ନ ବଞ୍ଚିବ ଠିକ୍ ନ ଥିଲା। ସିଡବ୍ଲ୍ୟୁଏଚ୍ ତତ୍ତ୍ୱାବଧାନରେ ଚିକିତ୍ସା ଚାଲିଥିଲା। ଅସୁସ୍ଥତା କାରଣରୁ ବାଘର ମୃତ୍ୟୁ ହୋଇଛି।

**ଶୁଶୀଲ କୁମାର ତ୍ରିପାଠୀ, ଖଡ଼ିଆଳ ବନଖଣ୍ଡ ଅଧିକାରୀ**



"ଜଙ୍ଗଲରେ ଅବାଧରେ ପଶୁ ଶିକାର ଚାଲିଛି। ପଶୁଙ୍କ ରହିବା ପାଇଁ ଉପଯୁକ୍ତ ସ୍ଥାନ କିମ୍ବା ଖାଦ୍ୟ ନାହିଁ। ପିଇବା ପାଣି ଅଭାବ ଯୋଗୁ ବନ୍ୟପ୍ରାଣୀ ଗାଁମୁହାଁ ହୋଇ ଶିକାର ହେଉଛନ୍ତି। ଉପଯୁକ୍ତ ସୁରକ୍ଷା କରା ନ ଗଲେ ବନ୍ୟପ୍ରାଣୀ ଧୀରେ ଧୀରେ ଲୋପ ପାଇଯିବ।

**ଅରୁଣ ବିଶ୍ୱାଳ, ପ୍ରକୃତି ପ୍ରେମୀ**



"ଚିକିତ୍ସା କରୁଥିବା ଡାକ୍ତର ଛେଳି ମାଂସ ଖାଇବାକୁ ଦେବା ପାଇଁ କହିଥିଲେ। କିନ୍ତୁ ଛେଳି ମାଂସ ବଦଳରେ ଦେଶୀ କୁକୁଡା ମାଂସ ଖାଇବାକୁ ଦେଇଥିଲେ। ବାଘ ଜଙ୍ଗଲରେ ଦେଶୀ କୁକୁଡା ଦେଖି ନାହିଁ ତ ଖାଇବ କେମିତି। ଚିକିତ୍ସା ଅବହେଳାରୁ ବାଘର ମୃତ୍ୟୁ ହୋଇଛି। ଦୋଷୀଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ।

**ରୋହିତ ସାହୁ, ବନ୍ୟପ୍ରାଣୀ ପ୍ରେମୀ**



"ବନ ବିଭାଗର ଅବହେଳା ଓ ଉପଯୁକ୍ତ ଚିକିତ୍ସା ଅଭାବ ଯୋଗୁ ଆଜି ବାଘ ମରିଛି। ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ପ୍ରାଣୀ ଚିକିତ୍ସା ବିଭାଗ ବାରମ୍ବାର ନିର୍ଦ୍ଦେଶ ଦେଲା ପରେ ମଧ୍ୟ ବନ ବିଭାଗ କାହିଁକି ବାହାରକୁ ଛାଡ଼ିଲା ନାହିଁ। କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ ହେଲେ ଆନ୍ଦୋଳନ କରାଯିବ ।

**ଟିଙ୍କୁ ପଣ୍ଡା, ପଶୁପ୍ରେମୀ**



"ନୂଆପଡ଼ା ଜିଲାରେ ବାଘ ମୃତ୍ୟୁ ଘଟଣା ବନ୍ୟପ୍ରାଣୀ ସଂରକ୍ଷକମାନଙ୍କୁ ଆଘାତ ଦେଇଛି। ସରକାର ସୁନାବେଡା ଅଭୟାରଣ୍ୟକୁ ବ୍ୟାଘ୍ର ପ୍ରକଳ୍ପ କରି ବିଭିନ୍ନ ପ୍ରଜାତିର ବାଘକୁ ସୁରକ୍ଷା ଦେବା କଥା। କିନ୍ତୁ ଓଡ଼ିଶା ସରକାର ନୂଆପଡ଼ା ଜିଲାକୁ ମାଉସୀ ମା'ର ପୁଅ ଭଳି ଦେଖୁଛନ୍ତି। ଜଙ୍ଗଲ ବିଭାଗ ତାଙ୍କ ଚାକିରି ବଞ୍ଚାଇବା ଓ ସମାଲୋଚନାରୁ ଦୂରେଇ ରହିବା ପାଇଁ ବାଘକୁ ମାରିଦେଇଛନ୍ତି।

**ପ୍ରସନ୍ନ କୁମାର ପାଢୀ, ନୂଆପଡ଼ା ଜିଲା ଓକିଲ ସଂଘ ସଭାପତି**

**ମୋ ବସ୍ ସେବା: ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର**

ସମ୍ବଲପୁର,(ବ୍ୟୁରୋ): ସମ୍ବଲପୁର ସହରରେ ମୋ ବସ୍ ସେବା ଶୀଘ୍ର ଆରମ୍ଭ କରିବାକୁ ଦାବି ହୋଇଛି। ମଙ୍ଗଳବାର ଏ ନେଇ ସାମାଜିକ ସଂଗଠନ ଆୱାଜ ପକ୍ଷରୁ ସମ୍ବଲପୁର ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ମହାନଗର ନିଗମ ଘୋଷଣା କରାଯିବା ପରେ ଆବଶ୍ୟକ ଭିତ୍ତିଭୂମି ଥାଇ ମଧ ସମ୍ବଲପୁରରେ ମୋ ବସ୍ ସେବା ଆରମ୍ଭ ହୋଇପାରି ନାହିଁ। ରାଜ୍ୟ ସରକାର ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଆୱାଜର ସଭାପତି ଅରବିନ୍ଦ ନାୟକ, ସମ୍ପାଦକ ମହେଶ କୁମାର ପଣ୍ଡା, ସଂଯୋଜକ ସଂଜୀବ କୁମାର ମିଶ୍ର, କୋଷାଧ୍ୟକ୍ଷ ସାର୍ଥକ ମୁନି, ଜନାର୍ଦ୍ଦନ ଛୁରିଆ ପ୍ରମୁଖ ଉପସ୍ଥିତ ଥିଲେ।



# ସାମାଜିକ, ଆର୍ଥିକ ପରିବର୍ତ୍ତନ ଆଣୁଛି ଓଏସ୍ଓୟୁ

ସମ୍ବଲପୁର,୯।୫(ବ୍ୟୁରୋ)

ସମ୍ବଲପୁରସ୍ଥିତ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍ଓୟୁ)ର ନିଜସ୍ୱ କାର୍ଯ୍ୟାଳୟ ନାହିଁ, ସ୍ଥାୟୀ ପ୍ରାଧ୍ୟାପକ ଓ କର୍ମଚାରୀ ନାହାନ୍ତି। ତଥାପି ବିଶ୍ୱବିଦ୍ୟାଳୟ ଉନ୍ନତି ପଥରେ ଆଗେଇ ଚାଲିଛି। ବିଶ୍ୱବିଦ୍ୟାଳୟର ବୈଷୟିକ ପାଠ୍ୟକ୍ରମ ବିଦ୍ୟାର୍ଥୀମାନଙ୍କୁ ସ୍ୱାବଲମ୍ବୀ କରୁଛି। ବିଜ୍ଞାନ ଓ ବୈଷୟିକ ଜ୍ଞାନର ବିଭିନ୍ନ ପାଠ୍ୟ ସାରଣୀ ବିଶ୍ୱବିଦ୍ୟାଳୟ ଛାତ୍ରଙ୍କୁ ଆତ୍ମନିର୍ଭର କରିବାରେ ସହାୟକ। ଭାରତୀୟ ଅର୍ଥ-ସାମାଜିକ ବ୍ୟବସ୍ଥାରେ ସୁଧାର ପାଇଁ ମୁକ୍ତ ବିଶ୍ୱବିଦ୍ୟାଳୟର ଭୂମିକା ଗୁରୁତ୍ୱପୂର୍ଣ୍ଣ। ବୈଷୟିକ ଉନ୍ନତି ହେଲେ ଭାରତ ନିଶ୍ଚୟ ଦିନେ ବିଶ୍ୱଗୁରୁ ହୋଇପାରିବ। ଓଏସ୍ଓୟୁର ୫ମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଇଆଇଟି ଖଡ଼ଗପୁରର ପୂର୍ବତନ ନିର୍ଦ୍ଦେଶକ ତଥା ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଦାମୋଦର ଆଚାର୍ଯ୍ୟ ଏହା କହିଥିଲେ।

କୁଳପତି ପ୍ରଫେସର ଡ. ଅର୍କ କୁମାର ଦାସ ମହାପାତ୍ରଙ୍କ ପୌରୋହିତ୍ୟରେ ଉତ୍ସବ ହୋଇଥିଲା। ଏହି ସମାରୋହରେ ଶିକ୍ଷାବର୍ଷ ୨୦୨୧-୨୨ରେ ୬୦୦୦ରୁ ଉର୍ଦ୍ଧ୍ୱ ବିଦ୍ୟାର୍ଥୀଙ୍କୁ ଶିକ୍ଷାଗତ ପ୍ରମାଣପତ୍ର ଦିଆଯାଇଥିଲା। ୩୩ ଗୋଟି କାର୍ଯ୍ୟକ୍ରମର ୩୫ଜଣ ବିଦ୍ୟାର୍ଥୀଙ୍କୁ ସ୍ୱର୍ଣ୍ଣ ପଦକ ଦିଆଯାଇଥିଲା। ପରିଚାଳନା କମିଟି ସଦସ୍ୟ ପ୍ରଫେସର ରାଜଲକ୍ଷ୍ମୀ ମିଶ୍ର, ପ୍ରଫେସର କାଳିଦାସ ମିଶ୍ର, ଡ. ଆର୍.ବି. ମିଶ୍ର, ପ୍ରଫେସର ମଧୁଳିକା କୌଶିକ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏକାଡେମିକ କାଉନସିଲ ସଦସ୍ୟ ଭାବେ ଡ. ଉତ୍ତମ କୁମାର ପ୍ରଧାନ, ଡ. ପ୍ରଫୁଲ୍ଲ କୁମାର ପଣ୍ଡା, କ୍ଷୀତିଶ ଚନ୍ଦ୍ର ଭୋଇ, ଡ. ସୁରେଶ ଚନ୍ଦ୍ର ପଟେଲ, ଡ. ସାଗରିକା ମିଶ୍ର, ଡ. ଦିଲୀପ କୁମାର ନାୟକ, ଯୋଜନା ପରିଷଦର ସଦସ୍ୟ ଭାବେ ତ୍ରିବିକ୍ରମ ପ୍ରଧାନ, ଅସୀମ କୁମାର ପଟେଲ, ଶୀତଲ ପୂର୍ଣ୍ଣିମା ପ୍ରମୁଖ ଉପସ୍ଥିତ ଥିଲେ। ଉତ୍ସବରେ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢୀ, ଜିଏମ୍‌ୟୁ କୁଳସଚିବ ଡ. ଯୁଗଳେଶ୍ୱରୀ ଦାଶ, ଉପ କୁଳସଚିବ ଡ. ଉମାଚରଣ ପତି, ବିତ୍ତ ନିୟନ୍ତ୍ରକ କନକଲତା ଏକ୍କା, ଭିସୁଟ କୁଳପତି ପ୍ରଫେସର ବଂଶୀଧର ମାଝି, ସମ୍ବଲପୁର ବିଶ୍ୱବିଦ୍ୟାଳୟ ସଚିବ ଡ. ନୃପରାଜ ସାହୁ, ପ୍ରଫେସର ବିଶ୍ୱଜିତ ପ୍ରଧାନ ପ୍ରମୁକ ଯୋଗଦେଇଥିଲେ। ଓଏସ୍ଓୟୁର ୫ଟି ଆଞ୍ଚଳିକ କେନ୍ଦ୍ରରୁ ଜୁମ ଓ ୟୁଟ୍ୟୁବ ସିଧା ପ୍ରସାରଣ ମାଧ୍ୟମରେ ବହୁ ସଂଖ୍ୟକ ବିଦ୍ୟାର୍ଥୀ ସାମିଲ ହୋଇଥିଲେ। କୁଳପତି ପ୍ରଫେସର ଦାସ ମହାପାତ୍ର ବିଶ୍ୱବିଦ୍ୟାଳୟର ବିବରଣୀ ପାଠ କରିଥିଲେ। ୨୦୧୫ ଜୁନ ୧୦ରେ ୨୨୩ ବିଦ୍ୟାର୍ଥୀଙ୍କୁ ନେଇ ଓଏସ୍ଓୟୁ ଆରମ୍ଭ ହୋଇଥିଲା। ଏବେ ୪୨ ହଜାରରୁ ଉର୍ଦ୍ଧ୍ୱ ବିଦ୍ୟାର୍ଥୀ ଅଛନ୍ତି। ୧୭୩୨୭ ବିଦ୍ୟାର୍ଥୀ ସଫଳତାର ସହ ଡିଗ୍ରୀ ହାସଲ କରିଛନ୍ତି।


ଜଣେ ଛାତ୍ରୀଙ୍କୁ ସ୍ୱର୍ଣ୍ଣ ପଦକ ଦେଉଛନ୍ତି ଅତିଥି।

**ଓଏସ୍ଓୟୁର ୫ମ ସମାବର୍ତ୍ତନ ଉତ୍ସବ**




ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com
@ ସାରଥି
@ ଶିବମ୍
ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


## ସଂକ୍ଷେପରେ

### ହିଣ୍ଡାଲ୍‌କୋ ପକ୍ଷରୁ ଜଳଛତ୍ର କେନ୍ଦ୍ର ଉଦ୍‌ଘାଟିତ

**ସମ୍ବଲପୁର,୯।୫(ବ୍ୟୁରୋ):** ସଂପ୍ରତି ଗ୍ରୀଷ୍ମ ପ୍ରବାହ ବଢ଼ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ହୀରାକୁଦ ହିଣ୍ଡାଲ୍‌କୋ ପକ୍ଷରୁ ମଙ୍ଗଳବାର ଜଳଛତ୍ର ଓ ଘୋଳଦହି କେନ୍ଦ୍ର ଖୋଲାଯାଇଛି। ହୀରାକୁଦ ଥାନା ସମ୍ମୁଖରେ ଥଣ୍ଡା ଘୋଳ ଦହି ପାନୀୟ କେନ୍ଦ୍ରକୁ ଅତିଥିମାନେ ଫିତା କାଟି ଶୁଭାରମ୍ଭ କରିଥିଲେ। ବୁର୍ଲା ହୀରାକୁଦ ଏସ୍‌ଡିପିଓ ସତ୍ୟବ୍ରତ ଦାସ, ହୀରାକୁଦ ଥାନା ଆଇଆଇସି ଯାଜ୍ଞସେନୀ ନାୟକ, ହିଣ୍ଡାଲ୍‌କୋର ମାନବ ସମ୍ବଳ ମୁଖ୍ୟ କ୍ରିଷ୍ଣା ପାଢୀ ଅତିଥି ଭାବେ ଯୋଗଦେଇ କେନ୍ଦ୍ରର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମକୁ ହିଣ୍ଡାଲ୍‌କୋ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗର ସମସ୍ତ କର୍ମଚାରୀ ଓ ଅଧିକାରୀମାନେ ପରିଚାଳନା କରିଥିଲେ। ହିଣ୍ଡାଲ୍‌କୋ କ୍ଲଷ୍ଟର ମୁଖ୍ୟ କୈଳାଶ ନାଥ ପାଣ୍ଡେଙ୍କ ପରାମର୍ଶ କ୍ରମେ ହିଣ୍ଡାଲକୋ ହୀରାକୁଦର ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ତରଫରୁ ଏହି କେନ୍ଦ୍ର ଚଳିତ ଗ୍ରୀଷ୍ମଋତୁ ସରିବା ପର୍ଯ୍ୟନ୍ତ ଚାଲୁ ରହିବ ବୋଲି କମ୍ପାନୀ ପକ୍ଷରୁ ସୂଚିତ କରାଯାଇଛି।


ଜଳଛତ୍ର ଓ ଘୋଳଦହି କେନ୍ଦ୍ରକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

# ସାମାଜିକ ବିଷମତା ସୃଷ୍ଟି କରିପାରେ


ବୈଠକରେ ଯୋଗଦେଇଥିବା ଅଧିକାରୀମାନେ।

ସମ୍ବଲପୁର,୯।୫(ବ୍ୟୁରୋ)

**ଲିଙ୍ଗ ନିରୂପଣ ନିଷିଦ୍ଧ ପରାମର୍ଶଦାତା କମିଟି ବୈଠକ**

କନ୍ୟା ସନ୍ତାନ ଅମୂଲ୍ୟ ରତ୍ନ, କନ୍ୟା ସନ୍ତାନର ଯତ୍ନ ନିଅନ୍ତୁ ଓ ଭବିଷ୍ୟତ ସୁରକ୍ଷିତ କରନ୍ତୁ। ଏହି ବିଷୟକୁ ନେଇ ମଙ୍ଗଳବାର ଲିଙ୍ଗ ନିରୂପଣ ନିଷିଦ୍ଧ ଆଇନ ୧୯୯୪ ଉପରେ ଜିଲା ପରାମର୍ଶଦାତା କମିଟି ଓ ଟାସ୍କ ଫୋର୍ସ ବୈଠକ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଏସ୍‌ଏସ୍ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ଭାରପ୍ରାପ୍ତ ଜିଲାପାଳ ଉମାକାନ୍ତ ରାଜ ଅଧ୍ୟକ୍ଷତା କରିଥିଲେ।

ଜିଲାରେ ବର୍ତ୍ତମାନ ୮୦ ପଞ୍ଜୀକୃତ ଅଲ୍‌ଟ୍ରାସାଉଣ୍ଡ ମଧ୍ୟରୁ ୫୨ଟି କାର୍ଯ୍ୟକ୍ଷମ ରହିଛି। ଆସିଥିବା ଦୁଇଗୋଟି ନୂତନ ଆବେଦନକୁ ବୈଠକରେ ଉପସ୍ଥାପନ କରାଯାଇଥିଲା। ଏଡିଏମ୍‌ଓ ଡ. ଭରତଚନ୍ଦ୍ର ଦାସ ବିଭିନ୍ନ ଅଲ୍‌ଟ୍ରାସାଉଣ୍ଡ କ୍ଲିନିକର ଯାଞ୍ଚ ତଥ୍ୟ ଉପସ୍ଥାପନ କରିଥିଲେ। ଅଲଟ୍ରାସାଉଣ୍ଡ କେନ୍ଦ୍ରଗୁଡିକ ଉପରେ ତୀକ୍ଷ୍ଣ ନଜର ରଖିବା ସହ ଆବଶ୍ୟକୀୟ କାଗଜପତ୍ର ରଖୁ ନ ଥିବା କିମ୍ବା ନିୟମ ଖିଲାପକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ରାଜ କହିଥିଲେ। ତୃଣମୂଳ ସ୍ତରରେ ଲୋକେ କିଭଳି ସଚେତନ ହୋଇପାରିବେ ସେଥିନିମନ୍ତେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବାକୁ ଜିଲାପାଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଭ୍ରୂଣ ଚୟନ ଓ ନିରୂପଣ ଦଣ୍ଡନୀୟ ଅପରାଧ। ପୁଅଙ୍କ ତୁଳନାରେ ଝିଅଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ଏହା ଭବିଷ୍ୟତରେ ସାମାଜିକ ବିଷମତା ଓ ବିଭ୍ରାଟ ସୃଷ୍ଟି କରିପାରେ। ଏଣୁ ଭ୍ରୂଣ ଚୟନ ଓ ନିରୂପଣ କାର୍ଯ୍ୟରୁ ନିବୃତ୍ତ ରହିବାକୁ କୁହାଯାଇଥିଲା। ଯଦି କୌଣସି ଅଲଟ୍ରାସାଉଣ୍ଡ କ୍ଲିନିକରେ ଭ୍ରୂଣ ନିରୂପଣ କରାଯାଉଥିବା ସୂଚନା ମିଳେ ତେବେ ଜିଲାପାଳ କିମ୍ବା ନିର୍ଦ୍ଦେଶକ, ପରିବାର କଲ୍ୟାଣ ବିଭାଗ ଓଡିଶାକୁ ଜଣାଇବାକୁ କୁହାଯାଇଥିଲା। କୌଣସି ବ୍ୟକ୍ତି ବା ଅଲଟ୍ରାସାଉଣ୍ଡ କେନ୍ଦ୍ର ଗର୍ଭସ୍ଥ ଶିଶୁର ଲିଙ୍ଗ ନିରୂପଣ କଲେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଆଇନ ଅନୁଯାୟୀ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ସହିତ ୫ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡର ବ୍ୟବସ୍ଥା ରହିଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ପୂର୍ଣ୍ଣଚନ୍ଦ୍ର ସାହୁ, ଡେପୁଟି ଏସ୍‌ପି ଶିତିକାନ୍ତ କାନୁନ୍‌ଗୋ, ଚାଇଲ୍ଡ ଲାଇନ ନିର୍ଦ୍ଦେଶକ ସଦସ୍ୟ ମୌସୁମୀ ଦୋରା, ଡିପିଏମ୍, ଡ. ମୌସୁମୀ ମିଶ୍ର, ଜିଲା ସମାଜ ମଙ୍ଗଳ ଅଧିକାରୀ ଗୀତାଞ୍ଜଳି ମହାପାତ୍ର, ଜିଲା ସୂଚନା ଲୋକସମ୍ପର୍କ ଅଧିକାରୀ ଫକୀର ମୋହନ ମାଝି ପ୍ରମୁଖ ଉପସ୍ଥିତ ଥିଲେ।

## ୫ଘଣ୍ଟା ବିଦ୍ୟୁତ୍ କଟକଣା ଆଜି

**ଗ୍ରୀଡ୍ ସବଷ୍ଟେଶନରେ ରକ୍ଷଣାବେକ୍ଷଣ କାର୍ଯ୍ୟ**

ସମ୍ବଲପୁର,୯।୫(ବ୍ୟୁରୋ)

ଓପିଟିସିଏଲ୍‌ର ୧୩୨/୩୩ କଣ୍ଟାପାଲି ଓ ବରପାଲି ଗ୍ରୀଡ୍ ସବଷ୍ଟେଶନରେ ବୁଧବାର ମରାମତି କାର୍ଯ୍ୟ କରାଯିବ। ଏଥିପାଇଁ ସକାଳ ୭ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ। ଏଥିରେ ବରଗଡ ଜିଲାର ଅତାବିରା, ପତ୍ରାପାଲି, ରେଙ୍ଗାଲି କ୍ୟାମ୍ପ, କାଣ୍ଡପାଲି, ଭେଡେନ, ବରପାଲି ଏନ୍‌ଏସି ଅଞ୍ଚଳ, କୁମ୍ଭାରୀ, ବାଗବାଡି, କନବାର, ତୁମଗାଁ, ଆଗଲପୁର, ଲେଣ୍ଡା, ବନ୍ଧପାଲି ପ୍ରଭୃତି ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବ୍ୟାହତ ହେବ। ସାମୟିକ ବ୍ୟାହତ ପାଇଁ ଟିପିଡବ୍ଲ୍ୟୁଓଡିଏଲ୍ କର୍ତ୍ତୃପକ୍ଷ ଦୁଃଖ ପ୍ରକାଶ କରିବା ସହ ଜନସାଧାରଣଙ୍କ ସହଯୋଗ କାମନା କରୁଥିବା ମଙ୍ଗଳବାର ଏକ ପ୍ରେସ ବିବୃତିରେ ସୂଚିତ କରିଛନ୍ତି।

## ଆୟୁର୍ବେଦ ଚିକିତ୍ସକଙ୍କୁ ଟଙ୍କା ମାଗି ୨ ଅଟକ

ସଇଁତଳା,୯।୫(ଡ଼ିଏନଏ)

ବଲାଙ୍ଗୀର ଜିଲା ସଇଁତଳା ଥାନା ବରଗାଁ ଛକରେ ଥିବା ଓମ ମେଡ଼ିକାଲ ଷ୍ଟୋରରେ ପ୍ରତ୍ୟେକ ମଙ୍ଗଳବାର ହାଡ଼ଭଙ୍ଗାର ଆୟୁର୍ବେଦ ଚିକିତ୍ସା କରନ୍ତି କେନ୍ଦୁଉଡ଼ାର ଅଞ୍ଚଳର ଚଉରଞ୍ଜନ ପ୍ରଧାନ। ନିଜକୁ ୱେବ ସାମ୍ବାଦିକ ପରିଚୟ ଦେଇ ଦୁଇ ଯୁବକ ୭୦ହଜାର ଟଙ୍କା ମାଗିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ସମ୍ପୃକ୍ତ ଦୁଇ ଯୁବକଙ୍କୁ ଅଟକ ରଖି ପଚରାଉଚୁରା କରୁଛି।

## ରେଙ୍ଗାଲି ଅଞ୍ଚଳରେ ଆଦିତ୍ୟ ଆଲୁମିନିୟମର ବିକାଶ କାର୍ଯ୍ୟ


କମ୍ପାନୀ ପକ୍ଷରୁ ପୋଖରୀ ଉନ୍ନତି କାର୍ଯ୍ୟ କରାଯାଇଛି।

ସମ୍ବଲପୁର,୯।୫(ବ୍ୟୁରୋ)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକର ୬ ପଞ୍ଚାୟତରେ ଆଦିତ୍ୟ ଆଲୁମିନିୟମ ବିକାଶ କାର୍ଯ୍ୟ ଜାରି ରଖିଛି। ବିଭିନ୍ନ ଗ୍ରାମରେ ଏଲ୍‌ଇଡି ଓ ସୋଲାର ଷ୍ଟ୍ରିଟ ଲାଇଟ୍ ଲାଗିଥିବାରୁ ରାତିରେ ଆଲୋକିତ ହେଉଛି। ୧୫୦ରୁ ଅଧିକ ଷ୍ଟ୍ରିଟ ଲାଇଟ୍ ଲାଗିଥିବାରୁ ଲୋକେ ରାତିରେ ସହଜରେ ଯାତାୟାତ କରିପାରୁଛନ୍ତି। ତେଣୁ ଗ୍ରାମବାସୀଙ୍କ ପାଇଁ ଜୀବନଯାପନ ସହଜ ଓ ନିରାପଦ ହୋଇପାରିଛି। ନିକଟ ଅତୀତରେ କମ୍ପାନୀ ପାରିପାର୍ଶ୍ୱିକ ଗ୍ରାମର ୬ଟି ସ୍ଥାନରେ ୧୫ କି.ମି.ରୁ ଅଧିକ ରାସ୍ତା ନିର୍ମାଣ କରିଛି। ପୋଖରୀ ଉନ୍ନତୀକରଣ ସାଙ୍ଗକୁ ରାସ୍ତା, ଓଭରବ୍ରିଜ୍, କମ୍ୟୁନିଟି ସେଣ୍ଟର, କୀର୍ତ୍ତନ ମଣ୍ଡପ, ମନ୍ଦିର ଆଦିର ସୌନ୍ଦର୍ଯ୍ୟକରଣ କରାଯାଇଛି। ସାମାଜିକ ଭିତ୍ତିଭୂମି ଲୋକଙ୍କ ଜୀବନ ଶୈଳୀରେ ଉନ୍ନତି ଆଣିଛି। କମ୍ ଦୁର୍ଘଟଣା, ଅଧିକ ନିରାପତ୍ତା ଉପରେ ଗୁରୁତ୍ୱ ଦେଇ କମ୍ପାନୀ ସରକାରଙ୍କ ସହ ଘନିଷ୍ଟ ଭାବେ କାର୍ଯ୍ୟ କରୁଛି। ସମ୍ପ୍ରଦାୟ ପାଇଁ ଅଗ୍ରଗତିରେ ଅଂଶୀଦାରକୁ କମ୍ପାନୀ ପ୍ରାଥମିକତାଦେଇଆସୁଛି।

## ସାକ୍ଷ୍ୟ ନ ଦେବାରୁ ଝିଅକୁ ଅପହରଣ ଧମକ

ସମ୍ବଲପୁର,୯।୫(ବ୍ୟୁରୋ)

**ଅଇଁଠାପାଲି ଥାନାରେ ବୁଝାମଣା, ବରେଇପାଲିରେ ମାମଲା**

ପରିବାର ସଦସ୍ୟଙ୍କ ଘଟଣାକୁ ନେଇ ସମ୍ବଲପୁର ଜିଲା ବରେଇପାଲି ଥାନା ଅଞ୍ଚଳର ପ୍ରତିଷ୍ଠିତ ବ୍ୟବସାୟୀ ସୁନିଲ ଅଗ୍ରୱାଲଙ୍କ ନାମରେ ଥାନାରେ ମାମଲା ରୁଜୁ ହୋଇଛି। ତାଙ୍କ ପରିବାରର ଜଣେ ଝିଅଙ୍କ ମାମଲାରେ ସାକ୍ଷ୍ୟ ଦେବାକୁ ସୁନିଲ ଦୁଃଖିଶ୍ୟାମ ପାଣ୍ଡେ ନାମକ ଜଣେ ବ୍ୟକ୍ତିଙ୍କୁ ବାଧ୍ୟ କରିଥିଲେ। ହେଲେ ଏଥିରେ ରାଜି ନ ହେବାରୁ ସୁନିଲଙ୍କ ପରିବାର ଲୋକେ ଦୁଃଖିଶ୍ୟାମଙ୍କୁ ଏକ ରାଇସ୍ ମିଲକୁ ଆଣି ମାର୍‌ପିଟ କରିବା ସହ ତାଙ୍କ ନାବାଳିକା ଝିଅଙ୍କୁ ଅପରହଣ କରିବାକୁ ଧମକ ଦେଇଥିବା ଅଭିଯୋଗ ହୋଇଛି। ଏ ନେଇ ଦୁଃଖିଶ୍ୟାମଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା (ନଂ.୯୭/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ ସୁନିଲ ମଧ ଦୁଃଖିଶ୍ୟାମଙ୍କ ନାମରେ ଗାଳିଗୁଲଜ କରିଥିବା ନେଇ ପାଲଟା ଅଭିଯୋଗ କରିଛନ୍ତି। ସୁନିଲଙ୍କ ଅଭିଯୋଗ କ୍ରମେ ମାମଲା (ନଂ.୯୮/୨୩) ରୁଜୁ ହୋଇଥିବା ବରେଇପାଲି ଥାନା ଅଧିକାରୀ ଧୀରେନ୍ଦ୍ର କୁମାର ସ୍ୱାଇଁ କହିଛନ୍ତି। ଅନ୍ୟପଟେ ସୁନିଲଙ୍କ ପାରିବାରିକ ଏକ ମାମଲା ଅଇଁଠାପାଲି ଥାନାରେ ରହିଛି। ଏହି ମାମଲାରେ ଦୁଃଖିଶ୍ୟାମଙ୍କୁ ସାକ୍ଷ୍ୟ ଦେବାକୁ ସୁନିଲଙ୍କ ପରିବାର କହିଥିଲେ। ଦୁଃଖିଶ୍ୟାମ ପ୍ରାୟ ୮ବର୍ଷ ଧରି ସୁନିଲଙ୍କ ଘରେ କାମ କରିଥିଲେ। ପ୍ରାୟ ଏକବର୍ଷ ହେବ ସେ କାମ ଛାଡିଦେଇ ଏକ ଦୋକାନ କରି ରୋଜଗାର କରୁଛନ୍ତି। ଯେହେତୁ ତାଙ୍କ ଘରେ କାମ କରୁଥିଲେ ପାରିବାରିକ ମାମଲାରେ ସାକ୍ଷ୍ୟ ଦେବାକୁ ସୁନିଲଙ୍କ ପରିବାର ବାଧ୍ୟ କରିଥିଲେ। ଏପରି କି ବରେଇପାଲି ଅନ୍ନପୂର୍ଣ୍ଣା ରାଇସ୍ ମିଲକୁ ଡାକି ମାର୍‌ପିଟ କରିଥିଲେ। ଏ ନେଇ ଅଭିଯୋଗ ପାଇଁ ଦୁଃଖିଶ୍ୟାମ ପ୍ରଥମେ କ୍ଷେତରାଜପୁର ଥାନାକୁ ଯାଇଥିଲେ। ସେଠାକାର ପୋଲିସ କହିବା ଅନୁଯାୟୀ ସେ ଅଇଁଠାପାଲି ଥାନାକୁ ଯାଇ ଅଭିଯୋଗ କରିଥିଲେ। ସେଠାରେ ପୋଲିସ ସୁନିଲଙ୍କୁ ଥାନାକୁ ଡାକି ଆପୋସ ବୁଝାମଣା କରିବାକୁ ପରାମର୍ଶ ଦେଇଥିଲା। ଏଥିରେ ରାଜି ନ ହେବାରୁ ଏହି ମାମଲା ବରେଇପାଲିରେ ହୋଇପାରିବ କହି ପୋଲିସ ପଠାଇ ଦେଇଥିଲା। ଶେଷରେ ବରେଇପାଲି ଥାନାରେ ମାମଲା ରୁଜୁ ହୋଇଛି।

# ଅନିୟମିତତାର ତଦନ୍ତ କରିବ ସ୍ୱତନ୍ତ୍ର ଟିମ୍

ସମ୍ବଲପୁର,୯।୫(ବ୍ୟୁରେ)

**ନେକ୍‌ଲେସ୍ ରାସ୍ତା ପାଇଁ ଜମି ଅଧିଗ୍ରହଣ ପ୍ରସଙ୍ଗ**
- ବାସ ଅନୁପଯୋଗୀ ଘରକୁ ମିଳିବନି ଟଙ୍କା
- ସବୁ ତଥ୍ୟ ଆମ ପାଖରେ ଅଛି: ଏନ୍‌ଏଚ୍‌ଏଆଇ ପିଡି

ସମ୍ବଲପୁର ସହରରେ ଟ୍ରାଫିକ ସମସ୍ୟା ଓ ଭାରିଯାନ ଚଳାଚଳ ବନ୍ଦ କରିବା ପାଇଁ ନେକ୍‌ଲେସ୍ ବା ରିଂରୋଡ୍ ନିର୍ମାଣ କରାଯିବ। ଏନ୍‌ଏଚ୍‌ଏଆଇ ପକ୍ଷରୁ ପ୍ରାୟ ୧ ହଜାର କୋଟି ଟଙ୍କା ବ୍ୟୟ ଅଟକଳରେ ଚାରିଥାକିଆ ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ହୋଇଥିବା ବେଳେ ଜମି ଅଧିଗ୍ରହଣ ପ୍ରକ୍ରିୟା ଶେଷ ହେବାକୁ ବସିଛି। ହେଲେ ଜମି ଅଧିଗ୍ରହଣରେ ବ୍ୟାପକ ଅନିୟମିତତା ନେଇ ଅଭିଯୋଗ ହୋଇଛି। କେତେଜଣ ମୁଷ୍ଟିମେୟ ବ୍ୟକ୍ତି ସଲାସୁତୁରା କରି ଲକ୍ଷାଧିକ ଟଙ୍କା ହରିଲୁଟ କରିବାକୁ ଯୋଜନା କରିଛନ୍ତି। ୩ ଡି ନୋଟିସ କରିବା ପରେ ଘର ନିର୍ମାଣ ହୋଇଥିବା ଅଭିଯୋଗ ହେଉଛି। ନିର୍ମାଣ ହୋଇଥିବା ଘରଗୁଡିକ ବାସ ଅନୁପଯୋଗୀ ହୋଇଛି। ସାଧାରଣ ଘର ଭାବେ ନିର୍ମାଣ କରାଯାଇ ନାହିଁ। ଘର ଫ୍ଲୋରିଂ ମଧ୍ୟ ହୋଇ ନାହିଁ। ଭିତରେ ଦଦରା ଅବସ୍ଥାରେ ଥିବାବେଳେ ବାହାରୁ ପ୍ଲାଷ୍ଟର କରି କେତେକ ଘରେ ରଙ୍ଗ ଲଗାଇ ଦିଆଯାଇଛି। ଏଥିରେ ଭୁଅର୍ଜନ ବିଭାଗର କେତେଜଣ ଅସାଧୁ କର୍ମଚାରୀଙ୍କ ସହିତ ସ୍ଥାନୀୟ ଦଲାଲଙ୍କ ସମ୍ପୃକ୍ତି ରହିଛି। ସ୍ଥାନୀୟ ଲୋକେ ଏ ନେଇ ଅଧିକାରୀଙ୍କ ପାଖରେ ଅଭିଯୋଗ କରିଥିଲେ ମଧ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଅଧିଗ୍ରହଣ ହେବାକୁ ଥିବା ଗୁଣ୍ଡେରପୁର, ସୁଡୁଙ୍ଗା, ବ୍ରହ୍ମଣିପାଲି, ନୂଆପାଲି, ଜୟନ୍ତପୁର ଆଦି ଅଞ୍ଚଳରେ ଏଭଳି ହୋଇଥିବା ଅଭିଯୋଗ ହେଉଛି। ସରକାରଙ୍କ ପାଖରୁ ଅଧିକ ଟଙ୍କା କ୍ଷତିପୂରଣ ରାଶି ମିଳିବା ଆଶାରେ ଏଭଳି ନିର୍ମାଣ ହୋଇଛି।

ନିୟମ ଦୃଷ୍ଟିରୁ ଅଧିଗ୍ରହଣ ନୋଟିସ ପରେ ଉକ୍ତ ମୌଜାର ଜମି କିସମ ପରିବର୍ତ୍ତନ ହୋଇପାରେ ନାହିଁ। ଏହାସହ ଉକ୍ତ ଜମିରେ କୌଣସି ନିର୍ମାଣ କାମ ଉପରେ ମଧ ରୋକ ଲଗାଯାଇଥାଏ। ପୂର୍ବରୁ ଯାହା ରହିଥାଏ ତା'ଉପରେ ରିପୋର୍ଟ ପ୍ରସ୍ତୁତ କରି କ୍ଷତିପୂରଣ ଦିଆଯାଇଥାଏ। ଯଦି ଅତ୍ୟାବଶ୍ୟକ ଥିବ ତା'ହେଲେ ଜିଲାପାଳଙ୍କ ଅନୁମତିରେ ଘର ନିର୍ମାଣ କରାଯାଇଥାଏ। ହେଲେ ଏଠାରେ ବ୍ୟତିକ୍ରମ ଦେଖାଦେଇଛି। ନୋଟିସ ପରେ କାମ ଆରମ୍ଭ କରାଯାଇଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକ ନାଗେଶ୍ୱର ରାଓ କହିଛନ୍ତି, ଅଧିଗ୍ରହଣ ହେବା ପୂର୍ବରୁ ଉକ୍ତ ଜମିର ଜିପିଏସ୍, ସରଜମିନ ତଦନ୍ତ କରି ଭିଡିଓଗ୍ରାଫି ଓ ଫଟୋଗ୍ରାଫ ରେକର୍ଡ କରାଯାଇଛି। ଆମ ପାଖରେ ସବୁ ତଥ୍ୟପ୍ରମାଣ ରହିଛି। ନୋଟିସ ହେବା ପରେ ଯେଉଁ ଘରଗୁଡ଼ିକ ନିର୍ମାଣ କରାଯିବ ତାହା ସ୍ପଷ୍ଟ ଜଣାପଡ଼ିବ। ଏହାକୁ ରୋକିବା ପାଇଁ ଜିଲା ପ୍ରଶାସନ ପାଖକୁ ପୂର୍ବରୁ ସୂଚନା ଦିଆଯାଇଛି। କୌଣସି ଘର ବାସ ଅନୁପଯୋଗୀ ଥିଲେ ଟଙ୍କା ମିଳିବ ନାହିଁ। ବାସଗୃହ ନିର୍ମାଣ ହୋଇଥିବା ନେଇ ପୂର୍ବରୁ ଅଭିଯୋଗ ହୋଇଥିଲା। ଜମି ଓ ଘର ନେଇ ଆମ ପାଖକୁ ଭୂଅର୍ଜନ ବିଭାଗ ପକ୍ଷରୁ ଚୂଡାନ୍ତ ରିପୋର୍ଟ ଆସି ନାହିଁ। ଉକ୍ତ ରିପୋର୍ଟ ଓ ବାସ୍ତବତାକୁ ନେଇ ଗଠନ ହୋଇଥିବା ସ୍ୱତନ୍ତ୍ର ଟିମ୍ ଦ୍ୱାରା ଯାଞ୍ଚ କରାଯିବ। ଏହି ପ୍ରକଳ୍ପରେ ଠକେଇ କରୁଥିବା ଓ ଠକେଇରେ ସାମିଲ ଥିବା କର୍ମଚାରୀଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏପରି କି ସମ୍ପୃକ୍ତ ବ୍ୟକ୍ତିଙ୍କ ଚାକିରି ମଧ ଚାଲିଯିବାର ସମ୍ଭାବନା ରହିଛି। ସରକାରୀ ଟଙ୍କା ହଡପ କରିବା ଏବେ ସହଜ ନୁହେଁ ବୋଲି ସେ କହିଥିଲେ। ସୂଚନାଯୋଗ୍ୟ, ସମ୍ବଲପୁର ସହର ଚତୁଃପାର୍ଶ୍ୱରେ ଏନ୍‌ଏଚ୍‌ଏଆଇ ପକ୍ଷରୁ ନେକ୍‌ଲେସ୍ ରୋଡ୍ ନିର୍ମାଣ କରାଯିବ। ଏହା ୫୩ନଂ. ଜାତୀୟ ରାଜପଥର ଗୋଶାଳା, କଟାପାଲିରୁ ବାହାରି ମାନେଶ୍ୱର, ଜୟନ୍ତପୁର, କବରାପାଲି ଦେଇ ଶାସନ ନିକଟ ବିଜୁ ଏକ୍ସପ୍ରେସ୍ ୱେରେ ସଂଯୋଗ କରିବ। ଏଥିରେ ଦୁଇଟି ଜାତୀୟ ରାଜପଥ ଦେଇ ରାସ୍ତା ରହିଥିବା ବେଳେ ମହାନଦୀରେ ବ୍ରିଜ ଓ ରେଳବ୍ରିଜ ମଧ୍ୟ ନିର୍ମାଣ ହେବ। ଏଥିପାଇଁ ଡ୍ରଇଂ ହୋଇ ଟେଣ୍ଡର କାମ ଶେଷ ହୋଇଛି। ଅଧିକାଂଶ ସରକାରୀ ଜମି ହୋଇଥିବା ବେଳେ କମ ପରିମାଣରେ ଘରୋଇ ଜମି ରହିଛି। ଏହି ଫୋର୍‌ଲେନ୍ ରାସ୍ତା ପାଇଁ ପ୍ରଥମ ଟେକ୍‌ନିକାଲ ବିଡିଂ ସରିଥିବା ଜଣାପଡିଛି। ୮୦ ପ୍ରତିଶତ ଜମି ଅଧିଗ୍ରହଣ ହେଲେ ଟେଣ୍ଡର ଖୋଲାଯାଇ କାମ ଆରମ୍ଭ କରାଯିବ ବୋଲି ଏନ୍‌ଏଚ୍‌ଏଆଇ ପକ୍ଷରୁ ସୂଚନା ଦିଆଯାଇଛି।


ଅଧିଗ୍ରହଣ ପାଇଁ ଚିହ୍ନଟ ଜମିରେ ନିର୍ମାଣ ହୋଇଥିବା ଏକ ଘର।

# ଗିରୋ ଡି' ଇଟାଲିଆ



## ଟୁର୍ ଡି' ଫ୍ରାନ୍ସ ପରେ ଗିରୋ ଡି' ଇଟାଲିଆ ବିଶ୍ୱର ଦ୍ୱିତୀୟ ଗୁରୁତ୍ୱପୂର୍ଣ୍ଣ ସାଇକେଲ ରେସ୍‌ର ମାନ୍ୟତା ଲାଭ କରିଛି। ୧୯୦୯ରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ଇତିମଧ୍ୟରେ ୧୦୬ତମ ସଂସ୍କରଣରେ ପହଞ୍ଚିଛି।

ଗିରୋ ଡି' ଇଟାଲିଆ ସାଇକେଲ ରେସ୍‌ର ୧୦୬ତମ ସଂସ୍କରଣ ଇତିମଧ୍ୟରେ ଆରମ୍ଭ ହୋଇଛି। ତିନି ସପ୍ତାହ ବିଶିଷ୍ଟ ଏହି ଗ୍ରାଣ୍ଡ ଟୁର୍ ସାଇକେଲ ରେସ୍ ଗତ ୬ ତାରିଖରୁ ଆରମ୍ଭ ହୋଇଛି ଏବଂ ଏହା ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତିଯୋଗିତାର ଶୁଭାରମ୍ଭ ଓର୍ଟୋନାଠାରେ ଆରମ୍ଭ ହୋଇଥିଲା। ରୋମ୍‌ଠାରେ ଶେଷ ହେବାକୁଥିବା ଏହି ସମ୍ମାନଜନକ ପ୍ରତିଯୋଗିତାରେ ମୋଟ ୨୧ଟି ଷ୍ଟେଜ ଅନୁଷ୍ଠିତ ହେବ। ଏହା ମଧ୍ୟରେ ୩ଟି ଇଣ୍ଡିଭିଜୁଆଲ୍ ଟାଇମ୍ ଟ୍ରାଏଲ୍ ରହିବ। ଏହାର ୬ଟି ଷ୍ଟେଜ୍ ୨୦୦ କିମିରୁ ଊର୍ଦ୍ଧ୍ୱ ଦୂରତା ବିଶିଷ୍ଟ। ରେସ୍‌ର ଓଭରଅଲ୍ ଦୂରତ୍ୱ ୩,୪୪୮ କିଲୋମିଟର (୨,୧୪୨ ମାଇଲ)। ଏଥର ରେସ୍‌ରେ ୨୨ଟି ଟିମ୍‌ର ମୋଟ ୨୧୮ ସାଇକ୍ଲିଷ୍ଟ ଭାଗ ନେଇଛନ୍ତି।

ପ୍ରତିଯୋଗିତାର ପ୍ରଥମ ଷ୍ଟେଜ୍ ଫୋସାସେସିଆଠାରୁ ଓର୍ଟୋନା ପର୍ଯ୍ୟନ୍ତ ହୋଇଥିଲା। ୧୮.୪ କିଲୋମିଟର ବିଶିଷ୍ଟ ଏହି ରେସ୍ ଇଣ୍ଡିଭିଜୁଆଲ୍ ଟାଇମ୍ ଟ୍ରାଏଲ ଅନ୍ତର୍ଗତ ଥିଲା। ଏଥିରେ ବେଲ୍‌ଜିଆନ ସାଇକ୍ଲିଷ୍ଟ ରେମ୍‌କୋ ଇଭେନ ପୋଏଲ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଇଟାଲୀର ଫିଲିପୋ ଗାନା ଦ୍ୱିତୀୟ ଓ ପର୍ତ୍ତୁଗାଲର ଜୋଆଓ ଆଲ୍‌ମେଡା ତୃତୀୟ ହୋଇଥିଲେ। ଦ୍ୱିତୀୟ ଷ୍ଟେଜ ଟେରାମୋଠାରୁ ଆରମ୍ଭ ହୋଇ ସାନ୍ ସାଲ୍‌ଭୋଠାରେ ଶେଷ ହୋଇଥିଲା। ଏହା ୨୦୪ କିଲୋମିଟର ବିଶିଷ୍ଟ ଏବଂ ଫ୍ଲାଟ୍ ଷ୍ଟେଜ୍ ଥିଲା। ଇଟାଲୀର ଜୋନାଥନ ମିଲାନ ଏହି ଷ୍ଟେଜ୍‌ରେ ପ୍ରଥମ ହୋଇଥିଲେ। ସେ ୪ ଘଣ୍ଟା ୫୫.୧୧ ସେକେଣ୍ଡ ସମୟ ନେଇଥିଲେ। ନେଦରଲାଣ୍ଡର ଡେଭିଡ ଡେକର ଓ ଅଷ୍ଟ୍ରେଲିଆର କାଡେନ ଗ୍ରୋଭ୍ସ ପରବର୍ତ୍ତୀ ୨ ସ୍ଥାନରେ ରହିଥିଲେ। ଭାଷ୍ଟୋଠାରୁ ମେଲଫି ପର୍ଯ୍ୟନ୍ତ ତୃତୀୟ ଷ୍ଟେଜ ୨୧୦ କିଲୋମିଟର ବିଶିଷ୍ଟ ଥିଲା। ଏହି ଇଣ୍ଟରମିଡିଏଟ୍ ଷ୍ଟେଜ୍‌ରେ ଅଷ୍ଟ୍ରେଲିଆର ମାଇକେଲ ମାଥ୍ୟୁସ ୫ ଘଣ୍ଟା ୧.୪୧ ସେକେଣ୍ଡ ନେଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଡେନ୍‌ମାର୍କର ମାଡ୍ସ ପେଡେରେସନ ଦ୍ୱିତୀୟ ଓ ଅଷ୍ଟ୍ରେଲିଆର କାଡେନ ଗ୍ରୋଭ୍ସ ତୃତୀୟ ସ୍ଥାନରେ ରହିଥିଲେ। ତୃତୀୟ ରାଉଣ୍ଡ ଶେଷସୁଦ୍ଧା ବେଲଜିୟମର ରେମ୍‌କୋ ଇଭେଲପୋଏଲ୍ ଓଭରଅଲ୍ ଅଗ୍ରଣୀ ହାସଲ କରିଛନ୍ତି।



ମାଇକେଲ ମାଥ୍ୟୁସ

### ଇତିହାସ



୨୦୨୨ ଚାମ୍ପିୟନ ଜୟ ହିଣ୍ଡଲେ

ଗିରୋ ଡି' ଇଟାଲିଆ ସାଧାରଣତଃ ଟୁର୍ ଡି' ଇଟାଲୀ ଭାବେ ପରିଚିତ। କେବଳ 'ଗିରୋ' ନାମରେ ମଧ୍ୟ ଏହା ବେଶ୍ ଜଣାଶୁଣା। ଟୁର୍ ଡି' ଫ୍ରାନ୍ସ ପରେ ବିଶ୍ୱର ଏହା ଦ୍ୱିତୀୟ ଶ୍ରେଷ୍ଠ ସାଇକ୍ଲିଂ ରେସ୍‌ର ମାନ୍ୟତା ଲାଭ କରୁଛି। ଏହି ରେସ୍ ପ୍ରତିବର୍ଷ ଇଟାଲୀ ଏବଂ ଏହାର ପଡ଼ୋଶୀ ଦେଶ ମଧ୍ୟରେ ଅନୁଷ୍ଠିତ ହୋଇଥାଏ। ଲା ଗେଜେଟା ଡେଲୋ ସ୍ପୋର୍ଟ ଖବରକାଗଜର ବିକ୍ରି ବୃଦ୍ଧି ଲକ୍ଷ୍ୟରେ ୧୯୦୯ରେ ଏହା ପ୍ରଥମଥର ପାଇଁ ଆରମ୍ଭ ହୋଇଥିଲା। ଏବେ ମଧ୍ୟ ରେସ୍‌ରେ ଏହି ଖବରକାଗଜ ମାଲିକଙ୍କ ସହାୟତା ସାମିଲ ରହୁଛି। କେବଳ ଦୁଇଟି ବିଶ୍ୱଯୁଦ୍ଧକୁ ଛାଡ଼ିଦେଲେ ୧୯୦୯ରୁ ପ୍ରତିବର୍ଷ ଏହି ରେସ୍ ଅନୁଷ୍ଠିତ ହୋଇ ଆସୁଛି। ଗିରୋ ହେଉଛି ଏକ ୟୁସିଆଇ (ୟୁନିୟନ ସାଇକ୍ଲିଷ୍ଟ ଇଣ୍ଟରନ୍ୟାଶନାଲ) ୱାର୍ଲ୍ଡ ଟୁର୍ ଇଭେଣ୍ଟ। ତେଣୁ ୟୁସିଆଇ ୱାର୍ଲ୍ଡର ଟିମ୍‌ଗୁଡ଼ିକ ଏଥିରେ ଅଂଶଗ୍ରହଣ କରିଥାନ୍ତି। ଅନ୍ୟ କେତେକ ଦଳକୁ ୱାଇଲ୍ଡ କାର୍ଡ ମାଧ୍ୟମରେ ଏଣ୍ଟ୍ରି ଦିଆଯାଇଥାଏ। ପ୍ରତିଯୋଗିତାର ପ୍ରଥମ ୪୭ଟି ସଂସ୍କରଣ ଇଟାଲୀ ମାଟିରେ ହିଁ ଆରମ୍ଭ ହୋଇଥିଲା। ୧୯୬୫ରେ ଏହା ପ୍ରଥମଥରପାଇଁ ବିଦେଶ ମାଟିରେ ସାନ୍ ମାରିନୋରେ ଆରମ୍ଭ ହୋଇଥିଲା। ଏହାପରେ ୧୨ ବିଦେଶ ମାଟିରେ ଏହା ଆରମ୍ଭ ହୋଇଛି। ୨୦୨୦ରେ ରେସ୍ ହଙ୍ଗେରୀରେ ଆରମ୍ଭ ହେବାର ଥିଲା। ମାତ୍ର କୋଭିଡ୍ ପାଇଁ ତାହାକୁ ବାତିଲ କରାଯାଇଥିଲା। ଗତବର୍ଷ ଏହା ହଙ୍ଗେରୀରେ ଆରମ୍ଭ ହୋଇଥିଲା। ଏହାର ଅନ୍ତିମ ଷ୍ଟେଜ ଇଟାଲୀର ଭେରୋନାଠାରେ ଅନୁଷ୍ଠିତ ହୋଇଥିଲା। ଜୟ ହିଣ୍ଡଲେ ୨୦୨୨ରେ ଚାମ୍ପିୟନ ହୋଇ ମାଗ୍ଲିଆ ରୋସା (ପିଙ୍କ ଜର୍ସି) ପରିଧାନ କରିଥିଲେ।


### ସମ୍ବଲପୁର ଜିଲ୍ଲା ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃ, ବରଗଡ଼

ମୁଖ୍ୟ କାର୍ଯ୍ୟାଳୟ, ଲେଙ୍ଗୁମିଶ୍ର ଛକ, ବରଗଡ଼- ୭୬୮୦୨୮

ବ୍ୟାଙ୍କର ଗ୍ରାହକବନ୍ଧୁମାନଙ୍କର K.Y.C. ପୂର୍ତ୍ତି କରିବା ସକାଶେ

**ବିଶେଷ ସୂଚନା**

ଭାରତୀୟ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶାବଳୀ ଅନୁସାରେ ବ୍ୟାଙ୍କର ସମସ୍ତ ଏକାଉଣ୍ଟ K.Y.C. ପୂର୍ତ୍ତି କରିବା ପାଇଁ ଗ୍ରାହକମାନଙ୍କର ପରିଚୟ ପ୍ରମାଣପତ୍ର, ଠିକଣା ପ୍ରମାଣପତ୍ର ପୂର୍ତ୍ତି ସଂକ୍ରାନ୍ତୀୟ କାଗଜପତ୍ର ସହିତ ଫଟୋ ନିତାନ୍ତ ଜରୁରୀ ଅଟେ, ଗ୍ରାହକ ଯେବେଠାରୁ ବ୍ୟାଙ୍କିଙ୍ଗ୍ କାରବାର କରୁଥାନ୍ତୁ ନା କାହିଁକି।

**"ସୁତରାଂ, ଏ ପର୍ଯ୍ୟନ୍ତ ପରିଚୟ ପ୍ରମାଣପତ୍ର ଓ ସାମ୍ପ୍ରତିକ ଠିକଣା ପୂର୍ତ୍ତି କରୁଥିବା କାଗଜ ସହ, ଏବେକାର ଦୁଇ ଗୋଟି ପାସ୍‌ପୋର୍ଟ ଫଟୋ ଜମା କରି ନ ଥିବା ସମସ୍ତ ଗ୍ରାହକ ତା୩୧ ମଇ ୨୦୨୩ରିଖ ସୁଦ୍ଧା ସମ୍ପୃକ୍ତ ଶାଖା ସହ ଯୋଗାଯୋଗ କରି ନିଶ୍ଚିତ ଭାବେ ଦାଖଲ କରିବା ପାଇଁ ଅନୁରୋଧ।"**

**ସୂଚନାଯୋଗ୍ୟ:** ଯଦି ସେଭିଙ୍ଗ୍‌ସ ବା କରେଣ୍ଟ ଏକାଉଣ୍ଟ ଗତ ୨୪ ମାସ ଧରି ବ୍ୟବହୃତ ହେଉ ନ ଥିଲେ ତଥା K.Y.C. ପୂର୍ତ୍ତି ହୋଇ ନ ଥିଲେ, କୌଣସି ସୂଚନା ନ ଦେଇ ସେହି ଏକାଉଣ୍ଟକୁ ଅଚଳ କରିଦିଆଯିବ ଏବଂ ସେଥିପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ।

ସ୍ୱା./- ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକରୀ


# ଫଖର, ଚାଇଓ୍ୱାଇ ପ୍ଲେୟର ଅଫ୍ ଦି ମନ୍ଥ

**ଦୁବାଇ, ୯।୫ (ପି.ଟି.):** ପାକିସ୍ତାନର ଫଖର ଜମାନ ଏପ୍ରିଲ ମାସ ପାଇଁ ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ ବିବେଚିତ ହୋଇଛନ୍ତି। ମହିଳା ବିଭାଗରେ ଏହି ପୁରସ୍କାର ଥାଇଲାଣ୍ଡ ଅଧିନାୟିକା ନାରୁଏମଲ ଚାଇଓ୍ୱାଇ ପାଇଛନ୍ତି। ଉଭୟ ଖେଳାଳି ଏପ୍ରିଲରେ ସେମାନଙ୍କ ଦେଶ ତରଫରୁ ଅନ୍ତର୍ଜାତୀୟ ଦିନିକିଆରେ ମ୍ୟାଚ ବିଜୟୀ ପ୍ରଦର୍ଶନ କରିଥିଲେ। ପୁରସ୍କାର ପାଇଁ ସମ୍ଭାବ୍ୟ ତାଲିକା ଗତ ସପ୍ତାହରେ ପ୍ରକାଶ ପାଇଥିଲା। ଆଇସିସି ହଲ୍ ଅଫ୍ ଫେମ୍ ସଦସ୍ୟ, ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି, ଗଣମାଧ୍ୟମ ପ୍ରତିନିଧି ଏବଂ ଆଇସିସି ଡଟକମ୍‌ରେ ପଞ୍ଜୀକୃତ ବିଶ୍ୱବ୍ୟାପୀ କ୍ରିକେଟପ୍ରେମୀମାନେ ଭୋଟ୍ ଜରିଆରେ ବିଜେତା ବାଛିଥିଲେ। ୨୦୨୨ ନଭେମ୍ବରରେ ସିଦ୍ରା ଅମିନଙ୍କ ପରେ ଫଖର ପାକିସ୍ତାନର ପ୍ରଥମ ଖେଳାଳି ଭାବେ ପ୍ରତି ମାସରେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ପକ୍ଷରୁ ଦିଆଯାଉଥିବା ଏହି ପୁରସ୍କାର ଲାଭ କରିଛନ୍ତି। ଭ୍ରମଣକାରୀ ନ୍ୟୁଜିଲାଣ୍ଡ ବିପକ୍ଷ ଅନ୍ତର୍ଜାତୀୟ ଦିନିକିଆ ସିରିଜରେ ପାକିସ୍ତାନର ସଫଳତା ପଛରେ ତାଙ୍କର ବିଶେଷ ଭୂମିକା ରହିଥିଲା। ସିରିଜରେ ସେ ଦୁଇଟି ମ୍ୟାଚ ବିଜୟୀ ଶତକ ହାସଲ କରିଥିଲେ। ରାଓ୍ୱଲପିଣ୍ଡିରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ସେ ୧୧୪ ବଲ୍‌ରେ ୧୧୭ ରନ ସଂଗ୍ରହ କରିଥିଲେ। ଇମାମ ଉଲ ହକ୍ ଓ ତାଙ୍କ ମଧ୍ୟରେ ଓପନିଂ ପାର୍ଟନରଶିପ୍‌ରେ ୧୨୪ ରନ ସଂଗୃହୀତ ହୋଇଥିଲା। ଏହି ମ୍ୟାଚରେ ପାକିସ୍ତାନ ୫ ଉଇକେଟରେ ବିଜୟ ଲାଭ କରିଥିଲା। ସମାନ ଭେନ୍ୟୁରେ ଖେଳାଯାଇଥିବା ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆରେ ଫଖର ୧୪୪ ବଲରୁ ୧୮୦ ରନ କରି ଅପରାଜିତ ରହିଥିଲେ। ଫଳରେ ପାକିସ୍ତାନ ୩୩୭ ରନର ବିଶାଳ ଟାର୍ଗେଟକୁ ହାସଲ କରିପାରିଥିଲା। ଅନ୍ତର୍ଜାତୀୟ ଦିନିକିଆରେ ଦଳର ଏହା ହେଉଛି ଦ୍ୱିତୀୟ ସର୍ବବୃହତ୍ ରନ୍ ଚେଜ୍। ପୁରସ୍କାର ପାଇଁ ଫଖରଙ୍କ ପ୍ରତିଦ୍ୱନ୍ଦୀ ରହିଥିବା ଖେଳାଳିମାନେ ହେଲେ ମାର୍କ ଚାପମ୍ୟାନ (ନ୍ୟୁଜିଲାଣ୍ଡ) ଓ ପ୍ରବାଥ ଜୟସୂରିୟା (ଶ୍ରୀଲଙ୍କା)। ଅନ୍ୟପକ୍ଷରେ ଚାଇଓ୍ୱାଇ ସ୍ଥିର ପ୍ରଦର୍ଶନ ଯୋଗୁ ଜିମ୍ବାଓ୍ୱେ ବିପକ୍ଷ ସିରିଜରେ ଥାଇଲାଣ୍ଡ ଐତିହାସିକ ୩-୦ରେ ବିଜୟ ଲାଭ କରିଥିଲା। ଦୁଇଟି ଅପରାଜିତ ଅର୍ଦ୍ଧଶତକ ଯୋଗୁ ସେ ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ।


**ZILLA PARISHAD: BHADRAK**

**NOTICE**

**No.1218, Date:9.5.2023**

**No.CAD-505:** In pursuant to Advertisement No. 3863/ ZP dtd. 23.12.2022 of Zilla Parishad, Bhadrak regarding engagement of Gram Rozgar Sevak (GRS) of Bhadrak District, objections are invited from the applicants.

The applicants are advised to visit www.bhadrak.nic.in the district website for detailed information.

**Sd./- CDO-cum-E.O.,**
**Zilla Parishad, Bhadrak**
OIPR-19230/11/0005/2324

**CLASSIFIED DISPLAY** ALL EDITION - B/W (Everyday)
MORE SPACE • SAME PRICE
For Booking Contact 0674-2580385, 8637280816, 7894447167, 9338226625

**OFFTC ENTERPRISE BHUBANESWAR**
ପର୍ସନାଲ୍ ଲୋନ୍
ହୋମ୍ ଲୋନ୍
ପ୍ରପର୍ଟି ଲୋନ୍
ବିଜ୍‌ନେସ୍ ଲୋନ୍
କୃଷି, ଏଜୁକେଶନ
ସ୍ୱରୋଜଗାର
ଗୋଲ୍ଡ ଲୋନ୍
Time : 10 AM to 6 PM
Ph: (0674) 2916695, 2916696


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


**ODISHA STATE SEEDS CORPORATION LIMITED**
(A GOVERNMENT UNDERTAKING)
SANTARAPUR, BHUBANESWAR - 751002.
Tel - MD 0674-2340573, Tel Fax - 2340096
E-mail-mdossсltd456@gmail.com

**NIT No. OSSC/ Mktg (Hort)- 08 /2023**

**Short e-Tender Call Notice**

**No.CAD-504:** OSSC Ltd. invites e-Tender only from Producers (and in case of GOI PSUs, their authorized Agencies) on item wise rate contract basis for Procurement of Certified Chilli and Coriander seeds for the year-2023-24 in double cover system through online mode only for the work below.

| | |
|---|---|
| Name of the work | Purchase of Certified Chilli & Coriander seeds for the year-2023-24. |
| No of work | One |
| Availability of bid documents in portal | 15.00 hours on dt.10.05.2023 to 17.00hrs of 20.05.2023 |
| Last date of receipt of tender in portal | 17.00 hrs of 20.05 .2023 |
| Date and time opening of Bid | 10.30 hrs of 22.05.2023 |

The detailed descriptions of crops, varieties, quantity, parameters, terms and conditions and other details of tender specified in the tender schedule would be available in the e-Tender portal www.tendersodisha.gov.in . Any addendum/ corrigendum/cancellation can also be seen in the said website.

Sd./-
**Managing Director, OSSC Ltd.**
OIPR-01106/11/0006/2324

**झारखण्ड सरकार**
**निदेशक का कार्यालय**
राँची तंत्रिका मनोचिकित्सा एवं संबद्ध विज्ञान संस्थान (रिनपास)
काँके, राँची 834006 (झारखण्ड) फैक्स 0651–2450813 फोन 2450303
www.rinpas.nic.in, Directorrinpas@gmail.com &
Director-rinpas@jharkhandmail.gov.in

**आवश्यक सूचना**

Advertisement No. DIR/26/01/2022-2023/Junior Engineer (Civil) का Walk-in Interview दिनांक 29/05/2023 से दिनांक 31/05/2023 तक आयोजित की जाती है।

- दिनांक 29/05/2023, क्रमांक 01 से 50
- दिनांक 30/05/2023 क्रमांक 51 से 100
- दिनांक 31/05/2023 क्रमांक 101 से 146

क्रमांक 01 से 146 तक की सूची रिनपास वेबसाईट www.rinpas.nic.in पर उपलब्ध है।

PR No 295763
RINPAS letter no. 1141, dt. 29/04/2023
PR 296853 RINPAS (23-24)_D

ह/–
प्रभारी निदेशक
रिनपास, काँके, राँची

**JOINT ENTRANCE EXAMINATION - 2023, ODISHA (OJEE - 2023)**

**No. 191/OJEE 23** **NOTICE** **Date: 04.05.2023**

No. h-02: OJEE web-based Counselling process for B. Tech/B. Arch/B. Plan/Int. M.Sc. Courses will start tentatively in the 1st week of June, 2023. Hence, all students having **JEEMAIN CRL** (Common Rank List) in corresponding papers wish to take part in OJEE Counselling for admission to B. Tech/B. Arch/B. Plan/Int. M.Sc. Courses in any Government or Private Colleges of Odisha are to follow the OJEE Counselling process. Kindly keep in touch with OJEE website for detail information regarding last year cut-off ranks, counselling schedule, detail process and seat matrix.

**OJEE website: www.ojee.nic.in / www.odishajee.com.**

Students have to prepare all necessary documents required for the counselling process much in advance to avoid last date rush.

Certificates like resident/nativity, Caste Certificate, Income Certificate for TFW claim shall be obtained through online from appropriate authority.

**Sd./- CHAIRMAN, OJEE**
**OIPR-14020/11/0002/2324**

**The Odisha Small Industries Corporation Ltd.**
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
**No. CAD-510** OSIC GST No. 21AAACO2101M1Z1

**TENDER CALL NOTICE**

**Tender Notice No.2524/RE/OSIC** **Dt.08.05.2023**

The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for execution of work "**Construction of Narayan Pati Block of Odisha Police High School, Tulasipur, Cuttack under Mo School Abhiyan Projects**". Tender details can be downloaded from the OSIC website **www.osicltd.in** . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/changes/modifications will appear in OSIC Ltd. website **www.osicltd.in** only.

Sd/-
**GENERAL MANAGER(O)**
**OIPR-14073/11/0016/2324**

**Directorate of Ports & Inland Water Transport** No.JJ-4:
Paribahan Bhawan (2nd Floor). A.G. Square
Unit-II, Ashok Nagar, Bhubaneswar-9
Phone-0674-2390355/Fax-2396885/E-Mail-portsniwt.od.nic.in

**"e" PROCUREMENT NOTICE**
**Bid Identification No. DPIWT- 01 / 2023-24**

| | | | |
|---|---|---|---|
| 1 | Name of work | :- | Reclamation to premises of Crew Training Institute (2nd Campus) at Chandbali in Bhadrak district |
| 2 | No. of works | :- | 1 (One) No |
| 3 | No. of Covers | :- | Double cover |
| 4 | Value of works | :- | Rs. 1,59,56,557.00 |
| 5 | Bid Cost | :- | Rs. 10,000.00 |
| 6 | Period of Completion | :- | 4 (Four) Calendar Months |
| 7 | Date & Time of availability of bid document in the portal | :- | From 11.05.2023 at 11AM to 25.05.2023 upto 5.00 PM. |
| 8 | Last date & time for receipt of bids in the portal | :- | 25.05.2023 Up to 5.00 PM |
| 9 | Date of opening of bid document (Cover-I) | :- | 26.05.2023 from 11AM onwards |
| 10 | Date of transparent lottery process (If situation arises) | :- | Intimation will be given through online |
| 11 | Class of Contractor | :- | "B" & "A" Class Contractor |
| 12 | Name and address of officer inviting Tender (OIT) | | Director, Ports & Inland Water Transport, Paribahan Bhawan(2nd Floor), A.G.Square, Unit-II, Ashok Nagar, Bhubaneswar, Odisha, Pin-751009, Phone-0674-2390355, Fax- 2396885, e-Mail- portsnitt.od@nic.in |

Further details can be seen from the e-Procurement market place, **https//tendersodisha.gov.in**. The Addendum / Corrigendum if any will be hosted in the website only.

**Sd./- Director**
**Ports & IWT, Odisha, Bhubaneswar**
OIPR-38035/11/0004/2324

**Govt. of Jharkhand**
**OFFICE OF THE EXECUTIVE ENGINEER**
**Field Survey Division, Advance Planning, Road Construction Department,**
**Nirupan Bhawan, 4th floor, 56-Set Chowk, Doranda, Ranchi-834002**
**e-mail--- eercdapfsdran-jhr@nic.in**

**e-Procurement very Short Notice**
**e-Tender Reference No .-RCD/FSD /AP/ RAN/20/23-24 Dated 08.05.2023**

| | | |
|---|---|---|
| 1- | Name of Work | Consultancy services for preparation of Detailed project report for 4-Lane configuration road for Argora to Nayasrai road via Pundag with Flyover, including replacement of culverts and bridges, proposal for new culverts and bridges, complete Land Acquisition Proposal including ownership details all complete as per latest guidelines, Resettlement and Rehabilitation Proposal and Forest Diversion Proposal with clearance of all stages etc as required, in the state of Jharkhand from Consultant's empanelled in Category-I with the Road Construction Department, Government of Jharkhand vide letter no -3063(S) W.E dated 22-08-2022 are allowed to bid. |
| 2- | Tentative Length of Work | 07.00 KM |
| 3 | Work completion time | 45 Days |
| 4 | Date and Time of Publishing of Tender on official website | 10.05.2023, 05.00 PM |
| 5- | Last date and Time of submission of Tender (With Tender Fee and EMD) | 18.05.2023, 12.30 PM |
| 6- | Date and Timing of Bid opening | 19.05.2023, 12.30 PM |
| 7- | Tender Inviting Authority | Executive Engineer, Field Survey Division, Advance Planning, RCD, Ranchi, Nirupan Bhavan, 56 set Chowk, Doranda, Ranchi-834002, Mobile No-9431591027 |
| 8- | Bid Submission Address | Chief Engineer (Communication), Road Construction Department, 1st Floor, Engineer Hostel No-2, Dhurwa,Ranchi-834004 |
| 9- | Mode of Bid Submission | e-Tendering (http://jharkhandtenders.gov.in) |

For further information please go through the website http://jharkhandtenders.gov.in

**Executive Engineer**
**Field Survey Division, A.P**
**Road Construction Department, Ranchi .**
PR 296926 Road(23-24).D

**GOVT. OF ODISHA**
**DEPARTMENT OF WATER RESOURCES**
**O/o. THE SUPERINTENDING ENGINEER,**
**RENGALI RIGHT CANAL DIVISION NO.II, DHENKANAL**
Email Id - eerrc2dkl@gmail.com

**'e' Procurement Notice**

**No.A-106:** The Superintending Engineer, Rengali Right Canal Division No II, Mahisapat, Dhenkanal on behalf of the Governor of Odisha invites online percentage rate bids in single cover system for construction of the works as detailed below:

1. Name of the work : 03 (three) no of works
2. Tender Cost : Rs. 10.26 lakh, 17.53 Lakh and 24.86 Lakh
3. Bid Document Cost : Rs. 6000.00 (online)
4. Bid Security : Rs.10,300.00,17,600.00 and Rs. 24,900.00
5. Class of Contractor : 'D' Class, 'C' Class and 'B' Class
6. Period of Completion : 01 (One) Calendar Month
7. Other details are as follows;

| Procurement Officer | Bid Identification No. | Availability of Tender Online for bidding | | Date of Opening of Bid |
|---|---|---|---|---|
| | | From | To | |
| Superintending Engineer, RRC Division No.II, Mahisapat, Dhenkanal | SERRCD -II- 01/ 2023-24 | 11.05.2023 10.00 AM | 22.05.2023 5.30 PM | 23.05.2023 10.00 AM |

Further details can be seen from the e-procurement portal https://www.tendersodisha.gov.in. Any addendum/Corrigendum/Cancellation to the above notice will be published in the Govt. website www.tendersodisha.gov.in.

**Sd./-Superintending Engineer**
**Rengali Right Canal Division No.II**
**Mahisapat, Dhenkanal**
OIPR-32084/11/0001/2324

**OFFICE OF THE SUPERINTENDING ENGINEER, RWSS DIVISION, BERHAMPUR**
Near Jarada Bunglow, PIN - 760004, Ph.: 0680-2296344
eerwss_bam@nic.in, rwssbam@gmail.com

**Government of Odisha "e" Procurement Notice**
**NATIONAL COMPETITIVE BIDDING**
**Bid Identification No. SERWSSBAM-06/2023-24**

No. O-123: The Superintending Engineer, RWS&S Division, Berhampur, Ganjam on behalf of Governor of Odisha invites Bids in Single Cover & Double Cover System according to the norm of "e" Procurement System in Online mode for Supply, Drawing, Design, Construction, Testing and Commissioning and Maintenance of different PWS Schemes and electrification works in Ganjam district from the eligible contractors as per DTCN.

| | | |
|---|---|---|
| 1 | Name of the work | Execution of different works of different P.W.S. Scheme in Ganjam District |
| 2 | No. of Work (Tender) | 05 Nos. |
| 3 | Estimated Cost (Approximate) | From Rs.36.07 lakhs to Rs.84.73 lakhs |
| 4 | Period of Completion | From 330 days to 360 days |
| 5 | Date & time of availability of bid document in the portal | From 16.05.2023 at 11.00 hrs. to 29.05.2023 upto 17.00 hrs. |
| 6 | Last date & time for seeking clarification | 25.05.2023 upto 17.00 hrs. |
| 7 | Dt. of Opening of Bid | 30.05.2023 at 11.00 hrs. |
| 8 | Last date/time for receipt of bids in the portal | 29.05.2023 upto 17.00 hrs. |
| 9 | Name & address of the Officer inviting Tender | Superintending Engineer, RWSS Division, Near Jarada Bunglow, Berhampur - 760004, Dist.- Ganjam, Odisha |

Further details can be seen from the e-procurement portal **https://tendersorissa.gov.in**.

**Sd./- Superintending Engineer**
**RWS&S Division, Berhampur**
OIPR-25035/11/0003/2324

## ଜନ୍ମଦିନର ଶୁଭେଚ୍ଛା

ନାମ: ........................................

ବୟସ:........................................

ଜନ୍ମ ତାରିଖ: ....................................



ସୌରଭ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନବୋଦୟ, ଆଦର୍ଶ ବିଦ୍ୟାଳୟରେ ନାମ ଲେଖାଇ ପାରିବେ ଅଣସ୍ୱୀକୃତିପ୍ରାପ୍ତ ସ୍କୁଲ ଛାତ୍ରୀଛାତ୍ର

**ଭୁବନେଶ୍ୱର,୯।୫(ବ୍ୟୁରୋ):** ଅଣସ୍ୱୀକୃତିପ୍ରାପ୍ତ ଘରୋଇ ସ୍କୁଲର ଛାତ୍ରୀଛାତ୍ରମାନେ ଏଣିକି ଜବାହର ନବୋଦୟ ବିଦ୍ୟାଳୟ, ଆଦର୍ଶ ବିଦ୍ୟାଳୟ ଏବଂ ଅନ୍ୟାନ୍ୟ ବିଦ୍ୟାଳୟରେ ନାମ ଲେଖାଇବାରେ ସମସ୍ୟା ହେବନାହିଁ। ନାମ ଲେଖାଇବା ପାଇଁ ପ୍ରବେଶିକା ପରୀକ୍ଷା ଦେଇ ଯୋଗ୍ୟ ବିବେଚିତ ହେଉଥିଲେ ମଧ୍ୟ ପୂର୍ବରୁ ପଢୁଥିବା ବିଦ୍ୟାଳୟ ସ୍ୱୀକୃତିପ୍ରାପ୍ତ ହୋଇ ନ ଥିଲେ ସମ୍ପୃକ୍ତ ଛାତ୍ରୀଛାତ୍ର ନାମଲେଖାରୁ ବାଦ୍ ପଡୁଥିଲେ। ମାତ୍ର ବର୍ତ୍ତମାନ ନାମଲେଖାରେ ଏହା ବାଧକ ହେବ ନାହିଁ ବୋଲି ମଙ୍ଗଳବାର ଗଣଶିକ୍ଷା ବିଭାଗ ଏକ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରିଛି।

ସୂଚନା ଥାଉ କି, ରାଜ୍ୟରେ ଅନେକ ପିଲା ସ୍ୱୀକୃତି ନ ଥିବା ଶିଶୁମନ୍ଦିର, ବିଦ୍ୟାମନ୍ଦିର ତଥା ଅନ୍ୟ ଘରୋଇ ସ୍କୁଲରେ ପାଠ ପଢୁଛନ୍ତି। ପୂର୍ବରୁ ଛାତ୍ରୀଛାତ୍ରମାନେ କେନ୍ଦ୍ରୀୟ, ନବୋଦୟ, ଓ ଆଦର୍ଶ ବିଦ୍ୟାଳୟରେ ପାଠ ପଢ଼ିବାକୁ ଯୋଗ୍ୟ ବିବେଚିତ ହୋଇ ମଧ୍ୟ ଯେଉଁ ଅସୁବିଧାର ସମ୍ମୁଖୀନ ହେଉଥିଲେ ସେଥିରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ରାଜ୍ୟର ବିଭିନ୍ନ ଅଞ୍ଚଳରେ ଉତ୍ତମ ଶିକ୍ଷା ପ୍ରଦାନ ପାଇଁ ଘରୋଇ ସ୍କୁଲ ସ୍ଥାପନ ହୋଇଛି। ଆବଶ୍ୟକ ଭିତ୍ତିଭୂମି ସହ ଅନେକ ସୁବିଧା ସୁଯୋଗର ବ୍ୟବସ୍ଥା ହେଲେ ଘରୋଇ ସ୍କୁଲ ସରକାରୀ ସ୍ୱୀକୃତି ପାଇପାରିବେ।


## ଦ୍ୱିତୀୟ ଜନ୍ମଦିନ ଶୁଭେଚ୍ଛା



ସୌରଭ

ଜନ୍ମଦିନରେ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା। ସଦାସର୍ବଦା ତୋର ଚଲାପଥ କୁସୁମିତ ହେଉ।

ଆଶୀର୍ବାଦ ସହ:
ଜେଜେବାପା, ଜେଜେମାଆ, ଅଜା, ଆଈ, ବାପା, ମାଆ, ବନ୍ଧୁ ଓ ପରିବାରବର୍ଗ।

ଧ-୦୩୦୮



# Classified Everyday
0674-2580101, 2549949



MATRIMONIAL

## BRIDE WANTED

ବ୍ରାହ୍ମଣ ପୁଅ ପାଇଁ ଝିଅ ଆବଶ୍ୟକ। ବୟସ-34, କନ୍‌ଷ୍ଟ୍ରକ୍‌ସନ୍ Company ମ୍ୟାନେଜର୍ ଏବଂ ମ୍ୟାନେଜ୍‌ମେଣ୍ଟ କରନ୍ତି। ଦରମା- 30, 000/-, Mob- 7788888901. D-0306

## GROOM WANTED

ASHRIBAD WEDDING- ବୟସ 41 ଅବିବାହିତ ବ୍ରାହ୍ମଣ ମହିଳା ପାଇଁ ଯେକୌଣସି ଜାତିର ଉପଯୁକ୍ତ ପୁରୁଷ ଆବଶ୍ୟକ। ଯୋଗାଯୋଗ- 9178392294. D-0309

34 ବୟସ୍କା Govt. ଚାକିରିଆ Unmarried ଖଣ୍ଡାୟତ ଜାତିର ଅନାଥ ଝିଅଙ୍କୁ ବିବାହିତ/ ଅବିବାହିତ ଯେକୌଣସି ଜାତିର ବରପାତ୍ର ଆବଶ୍ୟକ। 8327715036. D-0278

47 ବର୍ଷର ମହିଳା PNB Bankରେ କାର୍ଯ୍ୟରତ ଅଛନ୍ତି। ଉପଯୁକ୍ତ ବୟସର ବ୍ୟକ୍ତି ବିବାହ ପାଇଁ ଯୋଗାଯୋଗ କରନ୍ତୁ। 8455853154. D-0280

Pension Holder, କେନ୍ଦ୍ରାପଡ଼ାସ୍ଥିତ Retd. Govt. Nurse, 61ବୟସ୍କା କରଣ Widow ଝିଅଙ୍କୁ Anycaste ଘରଜ୍ୱାଇଁ ଦରକାର। 6371586968. D-0279



REAL ESTATE

## SALE

A gharabari plot with 5 feet compound wall, steel gate, 10feet Coconut Tree 4 sides of 6000sft. NH side Adaspur road 6 K.M. from Phulanakhara, 11K.M. to BBSR, Middle of CTC & BBSR in a Complex with high profile Atmosphere & Educated 7 Families with electricity & water supply. If u want self independent & peacefully life. 7809525452. D-74679

ପିତାପଲ୍ଲୀରେ immediate ଘର କଲାଭଳି ପ୍ଲଟ୍ road, ଇଲେକ୍ଟ୍ରିସିଟି ଥାଇ ମିଳୁଛି। 8867080780. D-74858

ଜାଗା ବିକ୍ରି- ଢେଙ୍କାନାଳ ସହର ବୋରାପଦାରେ ପିଚୁ ରାସ୍ତାକୁ ଲାଗି ଘରବାରି ୬୫ ଗୁଣ୍ଠ ଜାଗା ପାଚେରି ସହିତ ବିକ୍ରି ହେବ। Mob- 9438533557, 9437146868 D-74061

4 BHK luxurious flat for sale at unit -3 Kharavelanagar, behind Ram Mandir Construction work going on contact- 9438362399. D-0263

Gharabari, boundarywall, yellowzone plot sale near CV. Raman College, Tamando. 7008492511. D-0241

ISO 9001- 2015 ସ୍ୱୀକୃତିପ୍ରାପ୍ତ କମ୍ପାନୀରୁ ନିଜ ମନ ପସନ୍ଦର ପ୍ଲଟ୍ / ଘର କିଣିବା ସହିତ ମାସିକ ରୋଜଗାରର ସୁବିଧା ପାଆନ୍ତୁ । ପ୍ରଥମ ୧୦୦ ଜଣଙ୍କୁ ଅଗ୍ରାଧିକାର ଦିଆଯିବ । ନାମ ପଞ୍ଜୀକରଣ ପାଇଁ ଯୋଗାଯୋଗ କରନ୍ତୁ- 8658992600. D-74851

ଭୁବନେଶ୍ୱର ଉପକଣ୍ଠ ଭିଙ୍ଗାରପୁର ଛକ ପାଖରେ immediate ଘର କଲାଭଳି SC plot ବିକ୍ରିହେବ। Mob: 9439832956. D-0289

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft. 3,60,000/-, ଛତାବର 1200sqft. 3,00,000/-, ନଖରା- 300/-. 6371569855. D-74849

ଭୁବନେଶ୍ୱର କଳିଙ୍ଗନଗରରେ ଘର ଉପଯୋଗୀ ପ୍ଲଟ୍ 30' ରାସ୍ତାଥାଇ କିଣନ୍ତୁ ଓ BDA Housing Projectକୁ ଲାଗି sqft. 650/-. 9348767829, 7978850450.- D-74855

## GENERAL SALE

ଶାଢ଼ି ୧୫୦ ଖଣ୍ଡ ୮୦୦ରୁ ୨୦୦୦ଟଙ୍କା ମଧ୍ୟରେ ପ୍ରତ୍ୟେକ ୪୦୦ଟଙ୍କାରେ ଦିଆଯିବ। 9090057547. D-74704




Newly open health benefits SPA special offer @ 799 Jaydev Vihar. 8018429809. D-75105

Spa full body Massage best Therapist Gents & ladies @799/- Bhubaneswar. Kajal-9337672475. D-0260

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-74677

All types hair cutting, body massage by smart lady, one hour 700/-. room services available. Contact. 9668767100. D-71372

All types hair cutting, body massage by smart lady, one hour 700/-, room services available. Contact. 9937833100. D-71373

**Relax, Refresh your body, Mind at Saikrupa Spa with best therapies. 8984068077.** D-0282



BUSINESS

ବିଜିନେସ ସୁଯୋଗ- ଅନୁଗୁଳ ଜିଲ୍ଲାର ବନରପାଳ ଅଞ୍ଚଳରେ ଏକ ଫାଷ୍ଟଫୁଡ୍ ଅଥବା ହୋଟେଲ୍‌ର ସମସ୍ତ ଉପକରଣ, ଘର, ଷ୍ଟୋର ଘର ଉପଲବ୍ଧ କରାଯାଇଛି। ନୂତନ ବ୍ୟବସାୟୀ ହେବାକୁ ଚାହୁଁଥିଲେ ବିନା କିଛି ଦେୟରେ ସେ ଦୋକାନ ଚଳାଇ ପାରିବେ। କେବଳ ମାସକୁ ଏକ ଧାର୍ଯ୍ୟ ମୂଲ୍ୟ ରଖାଯିବ ଏବଂ ବ୍ୟବସାୟୀ କେବଳ ସେ ଧାର୍ଯ୍ୟ ମୂଲ୍ୟ ହିଁ ଦେବେ ଆଉ ବିଜିନେସର ସମସ୍ତ ଲାଭ ବ୍ୟବସାୟୀ ରଖିବେ। ଅର୍ଥାତ୍ ଯେତେ ବ୍ୟବସାୟ ବୃଦ୍ଧି କରିବେ ସେତେ ଲାଭବାନ ହେବେ। ଦୋକାନ ମାଲିକର ଏକ ନିର୍ଦ୍ଦିଷ୍ଟ ଧାର୍ଯ୍ୟ ମୂଲ୍ୟ ଛଡ଼ା ଆଉ କୌଣସି ଭାଗ ରହିବ ନାହିଁ। ଖାଦ୍ୟ ତିଆରି କୌଶଳ ଜଣାଥିଲେ ଏ ଅଫରର ସୁଯୋଗ ନିଅନ୍ତୁ। କଲ୍ କରନ୍ତୁ- 9438555501. D-0310

## AFFIDAVIT

By virtue of an affidavit before the Executive Magistrate Bhubaneswar on 21.04.2023, I, **ABHEEPSA PANDA** (Old Name), Date of Birth: 30.12.2002, Place of Birth: Patanda, Dasapalla, Nayagarh, D/o- Nikhila Kumar Panda (Father) & Sasmita Panda (Mother), residing at - Plot No. 874/6025, Friends Colony, Opposite Chanakya College, Bhubaneswar and permanent address at - Malipada, Bhubaneswar - 751003 do hereby declare that after undergoing Gender Transition Therapy, I have changed my gender to Male from Female & name from **ABHEEPSA PANDA** (Old Name) to **ABHITESH PANDA** (New Name). Henceforth I shall be Known as **ABHITESH PANDA** instead of **ABHEEPSA PANDA** for all purposes including all documents & records.

**Sd/- Abhitesh Panda**
D-0316

By virtue of an affidavit before Executive Magistrate, Bhubaneswar dated 01.05.2023, I Bijay Kumar Soren resident of At-Rangamatia, PO.- Moranda, P.S.- Bahalda, Dist.- Mayurbhanj, Pin- 757046, Odisha have changed my daughter's name from Shreyanshi Soren to Swetapadma Soren. Henceforth she will be known as Swetapadma Soren for all purposes.
Bijay Kumar Soren
D- 0315

By an affidavit before the Notary Public, Sambalpur, I Sudhansu Sekhar Mahapatra rank: Ex CPOR (TEL) WI service No. 109226-T was enrolled in the Indian Navy on dt. 21.12.1979 and discharged from service on dt. 30.06.2001. R/o- Khinda, P.S. Dhama, Dist. Sambalpur declares that my wife's name is mentioned in Naval records as (Old Name) Savitri Mahapatra. That I have changed my wife's name from Savitri Mahapatra to Sabitri Mahapatra. That both names pertain to one and the same person. D-0305

I Mandakini Patra, W/o Dushasan Patra, At- Dihabalianta, P.O.-Benupur, Via/P.S.- Balianta, Dist.- Khurda by sworn of an affidavit before Notary, Bhubaneswar. Mandakini Patra & Mandakini Nayak is one and same person. I Shall be known as Mandakini Patra for all purposes. D-71220

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

Now Matrimonial ads. only on Wednesday & Sunday Book 1 Get 1 FREE

## ମନେ ପଡ଼ନ୍ତି

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଏଶ୍ରୀମତୀ ପ୍ରଜ୍ଞା ମହାନ୍ତି
ଆବିର୍ଭାବ: ୨୦।୦୬।୧୯୮୭
ତିରୋଧାନ: ୧୦।୦୫।୨୦୨୧
ସ୍ମୃତିରେ ତୁମେ....
ତୁମ ଅନୁପସ୍ଥିତିର ଅନୁଭବକୁ ପ୍ରକାଶ କରିବାକୁ ଶବ୍ଦ ନାହିଁ ବାସ୍ ତୁମ ଆତ୍ମାର ସଦ୍‌ଗତି ଓ ବୈକୁଣ୍ଠପ୍ରାପ୍ତି ପାଇଁ ପ୍ରାର୍ଥନା କରୁଛୁ।
ସମସ୍ତ ପରିବାର ଓ ବନ୍ଧୁବର୍ଗ ।
ଧ-୦୩୦୪

### ୨୪ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଏଶ୍ରୀ ହୃଦାନନ୍ଦ ମହାନ୍ତି
ସର୍ବୋଦୟ ନଗର, ଗୁଣ୍ଡିଚା ବିହାର, ହୃଦାନନ୍ଦ କଲୋନୀ, ପୁରୀ-୨
ଆବିର୍ଭାବ: ୦୯।୦୭।୧୯୨୭
ତିରୋଧାନ: ୦୬।୦୫।୧୯୯୯
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।
ଆପଣଙ୍କର ପରିବାରବର୍ଗ ଏବଂ ଆତ୍ମୀୟସ୍ୱଜନ ।
ଧ-୬୯୦୮୩

### ଏକାଦଶାହ ଉପଲକ୍ଷେ



ଆଇନଜୀବୀ ସ୍ୱର୍ଗତ ନାରାୟଣ ଚନ୍ଦ୍ର ରାୟ (ବାବୁ ଭାଇ)
କୁଆଁସ, ଭଦ୍ରକ
ଆବିର୍ଭାବ: ୧୬।୦୫।୧୯୫୬
ତିରୋଧାନ: ୩୦।୦୪।୨୦୨୩
ତୁମର ଅମର ଆତ୍ମାର ସଦ୍‌ଗତି ଓ ଚିର ଶାନ୍ତି ପାଇଁ ପ୍ରଭୁ ଶ୍ରୀଶ୍ରୀ ଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା ।
ଆପଣଙ୍କର ଶୋକସନ୍ତପ୍ତ ରାୟ ପରିବାରବର୍ଗ ଓ ବନ୍ଧୁବର୍ଗ ।
ଧ-୦୩୧୪

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

ଇସ୍ତାହାର

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ଅଦାଲତ କ୍ରମିକ ନଂ- ୪, ଶ୍ରୀଯୁକ୍ତ ପି.କେ. ନାୟକ, ଓ.ଏ.ସ (ଏସ.ଏସ), ମାନ୍ୟବର ରାଜସ୍ୱ ପର୍ଷଦ ଓଡ଼ିଶାଙ୍କ ଅଧୀନେ ଅଦାଲତଙ୍କ କାର୍ଯ୍ୟାଳୟ ବିଭାଗୀୟ ମୁଖ୍ୟ ମହଲା ନଂ-୪, ୟୁନିଟ-୪, ଭୁବନେଶ୍ୱର। (ଓ. ଏସ୍.ଏସ୍ କେସ ନଂ- ୧୦୯୫/୨୦୨୨)

ଶ୍ରୀଯୁକ୍ତ ବିଷ୍ଣୁ ଚରଣ ମହାପାତ୍ର .... ବାଦୀ

ବନାମ

କୈଳାସ ଚନ୍ଦ୍ର ସାହୁ ଏବଂ ଅନ୍ୟମାନେ ... ପ୍ରତିବାଦୀ

ଦୈନିକ ଖବରକାଗଜରେ ବିଜ୍ଞପ୍ତି ସମ୍ବନ୍ଧ ଇସ୍ତାହାର

ଅଦ୍ୟ ଇସ୍ତାହାର ଦେୱାନି କାର୍ଯ୍ୟବିଧି ସଂହିତା ଆଦେଶ ନଂ- ୫ ଏବଂ ନିୟମ ନଂ.-୨୦ (୧-କ) ଏବଂ ତତ୍‌ସହ ଆଦେଶ ନଂ -୨୨ ନିୟମ ନଂ-୪ (କ) ଅଧିନିୟମ ୨ (କ) ଦ୍ୱାରା ଦୈନିକ ଖବର କାଗଜ ଦ୍ୱାରା ଇସ୍ତାହାର ମାଧ୍ୟମରେ ସୂଚନା ଦିଆଯାଉଅଛି କି ଉପର ଲିଖିତ ରିଭିଜନ ମକଦ୍ଦମାଟି ଆସନ୍ତା ତା ୨୪.୦୫.୨୦୨୩ ରିଖକୁ ଶୁଣାଣି ନିମନ୍ତେ ଧାର୍ଯ୍ୟ କରାଯାଇଛି। ପ୍ରକାଶ ଥାଉକି ଉପରଲିଖିତ ରିଭିଜନ ମକଦ୍ଦମାଟି ବାଦୀ ଶ୍ରୀ ବିଷ୍ଣୁ ଚରଣ ମହାପାତ୍ର ଗତ ତା ୨୧.୦୮.୧୯୭୮ ରିଖ ରେଜିଷ୍ଟ୍ରୀ ବିକ୍ରୟ ପତ୍ର ଦଲିଲ ନଂ- ୧୭୦୮ ଏବଂ କ୍ରମିକ ନଂ- ୧୭୩୨ ଦ୍ୱାରା ବିକ୍ରେତା କୈଳାସ ଚନ୍ଦ୍ର ସାହୁ ଏବଂ ବୀରବର ସାହୁ ଉଭୟଙ୍କ ପିତା ଲୋକନାଥ ସାହୁ ସା- ଦକ୍ଷିଣ ମୁଣ୍ଡମୁହାଣଙ୍କ ଠାରୁ ତଫସିଲ ବର୍ଣ୍ଣିତ ଭୂସମ୍ପତ୍ତି ଜିଲ୍ଲା- ଖୋର୍ଦ୍ଧା ଅନ୍ତର୍ଗତ ତହସିଲଦାର ଜଟଣୀଙ୍କ ଅଧୀନେ ମୌଜା ଗୋପାଳପୁର ଥାନା-ଜଟଣୀ ନଂ-୭୧ ହାଲ୍ ଥାନା- ଇନ୍‌ଫୋଭ୍ୟାଲି, ସାବକ ଖାତା ନଂ- ୮୧ ସାବକ ପ୍ଲଟ୍ ନଂ- ୨୫୬/ ୩୭୮, ରକବା ଏ.୦.୩୮୦ ଡିସିମିଲ ସମ୍ପୂର୍ଣ୍ଣ ପ୍ଲଟ୍ ଯାହାକି ଚଳିତ ହାଲ୍ ବନ୍ଦୋବସ୍ତରେ ହାଲ୍ ଖାତା ନଂ-୩୦, ହାଲ୍ ପ୍ଲଟ୍ ନଂ- ୩୩୯, ରେକର୍ଡ ରକବା ଏ୦.୪୪୦ଡି. ତନ୍ମଧ୍ୟରୁ ବାଦୀଙ୍କ ଦଖଲ ଏବଂ ତାଙ୍କ ନାମରେ ରେକର୍ଡ ଦରଜ କରିବା ପାଇଁ ଏ୦.୩୮୦ଡି. ସେହିଭଳି ଅନ୍ୟ ଏକ ଉକ୍ତ ମୌଜା ସମ୍ବନ୍ଧ ସାବକ ଖାତା ନଂ- ୧୧୩ ଏବଂ ଶାବକ ଦାଖଲ ଖାରଜ ଖାତା ନଂ- ୭୭/୮, ସାବକ ପ୍ଲଟ୍ ନଂ-୨୬୬, କ୍ରୟ ବୃତ୍ତି ଏ୦. ୪୬୧ଡି. ଯାହା କି ଚଳିତ ହାଲ୍ ବନ୍ଦୋବସ୍ତରେ ହାଲ୍ ଖାତା ନଂ- ୩୦ରେ ହାଲ୍ ପ୍ଲଟ ନଂ-୩୪୦ ରେକର୍ଡ ରକବା ଏ୦.୫୦୮ଡି ତନ୍ମଧ୍ୟରୁ ବାଦୀଙ୍କ ଦଖଲ ଏବଂ ତାଙ୍କ ନାମରେ ରେକର୍ଡ କରିବା ପାଇଁ କ୍ରୟ ବୃତ୍ତି ରକବା ଏ୦. ୪୬୧ଡି. ଉଭୟ ପ୍ଲଟର କିସମ ଶାରଦଅଣଜଳସେଚିତ- ୨ ଅଟେ। ଏହିଭଳି ବାଦୀ ହାଲ ରେକର୍ଡମତେ ଏକ ମୌଜା ଏକ ଖାତା ଦୁଇଟି ପ୍ଲଟ୍‌ର ସମଷ୍ଟିର ପୂର୍ଣ୍ଣ ରକବା ଏ୦. ୮୪୧ଡି.କୁ ତାଙ୍କ ନାମରେ ରେକର୍ଡ ଦରଜ କରିବା ପାଇଁ ଓଡ଼ିଶା ଭୂବନ୍ଦୋବସ୍ତ ଆଇନ ଧାରା ୧୫(ଖ) ମୁତାବକ ମାନ୍ୟବର କୋର୍ଟଙ୍କ ନିକଟରେ ଉପରଲିଖିତ ଏକ ରିଭିଜନ ମକଦ୍ଦମା ଦାୟର କରିଅଛନ୍ତି। ଏବଂ ଚଳିତ ହାଲ୍ ବନ୍ଦୋବସ୍ତରେ ପୁନର୍ବାର ସାବକ ରେକର୍ଡମତେ ପ୍ରଜାଖାନାରେ କୈଳାସ ଚନ୍ଦ୍ର ସାହୁ ଏବଂ ବୀରବର ସାହୁ ଏମାନଙ୍କ ପିତା ଲୋକନାଥ ସାହୁ ଜାତି ତେଲି ବାସସ୍ଥାନ ଦକ୍ଷିଣ ମୁଣ୍ଡମୁହାଣଙ୍କ ନାମରେ ରେକର୍ଡ ଦରଜ ହୋଇଥିବାରୁ ଅଦ୍ୟ ରିଭିଜନ ମକଦ୍ଦମାରେ ଉଭୟ ଭ୍ରାତୃଦ୍ୱୟ ଯଥାକ୍ରମେ ପ୍ରତିବାଦୀ କ୍ରମିକ ନଂ-୧ ଏବଂ ୨ ଭାବରେ ବାଦୀ ସେମାନଙ୍କୁ ପକ୍ଷଭୁକ୍ତ କରିଅଛନ୍ତି ଏବଂ ମାନ୍ୟବର କୋର୍ଟଙ୍କ ଆଦେଶ ମୁତାବକ ସେମାନଙ୍କ ନିକଟକୁ ନୋଟିସ ପ୍ରେରଣ କରାଯାଇଥିଲା ଏବଂ ଉକ୍ତ ନୋଟିସ ପ୍ରତିବାଦୀ ନଂ-୨ ବୀରବର ସାହୁ ପ୍ରାପ୍ତ କରିଥିଲେ କିନ୍ତୁ ତାଙ୍କର ଜ୍ୟେଷ୍ଠଭ୍ରାତା କୈଳାସ ଚନ୍ଦ୍ର ସାହୁ ଦେହାନ୍ତ ହୋଇଯାଇଥିବାରୁ ଉକ୍ତ ନୋଟିସଟି ମାନ୍ୟବର କୋର୍ଟଙ୍କ ଇଜିଲାସକୁ ଫେରସ୍ତ ଆସିଥିଲା। ଏଣୁ ଅଧ୍ୟ ବାଦୀ ତାଙ୍କର ଆପ୍ରାଣ ଚେଷ୍ଟା ସତ୍ତ୍ୱେ ପ୍ରତିବାଦୀ ନଂ-୧ ଏକୈଳାସ ଜନ୍ଦ୍ର ସାହୁଙ୍କର ଦେହାନ୍ତ ପରେ ତାଙ୍କର ଉପଯୁକ୍ତ ଆଇନମତେ ପ୍ରତିନିଧିତ୍ୱ କରିବା ତଥା ତାଙ୍କର ସଠିକ ଉତ୍ତରାଧିକାରୀମାନଙ୍କର ନାମ ଏବଂ ଧାମ ପାପ୍ତ କରିବାରେ ଅଦ୍ୟ ବାଦୀ ଅସଫଳ ହେଲେ। ଏଣୁ ଦେୱନି କାର୍ଯ୍ୟବିଧି ସଂହିତା ମୁତାବକ ଉପରଲିଖିତ ଆଦେଶ ତଥା ନିୟମ ଏବଂ ଅଧିନିୟମ ମୁତାବକ ଅଦ୍ୟ ଇସ୍ତାହାର ମାଧ୍ୟମରେ ଦୈନିକ ଖବରକାଗଜରେ ବିଜ୍ଞପ୍ତି ପ୍ରକାଶନ ମାଧ୍ୟମରେ ସୂଚନା ପ୍ରଦାନ କରାଯାଉଅଛି କି ଉପରଲିଖିତ ରିଭିଜନ ମକଦ୍ଦମାଟି ଆସନ୍ତା ତା ୨୪.୦୫.୨୦୨୩ରିଖକୁ ମାନ୍ୟବର କୋର୍ଟ ଶୁଣାଣିପାଇଁ ତାରିଖ ଧାର୍ଯ୍ୟ କରିଅଛନ୍ତି। ଏବଂ ଉକ୍ତ ଧାର୍ଯ୍ୟ ଦିବସରେ ଦିବା ୧୧.୩୦ ଘ. ସମୟରେ ଉପରଲିଖିତ ମାନ୍ୟବର ଅଦାଲତଙ୍କ ଇଜିଲାସରେ ପ୍ରତିବାଦୀ ନଂ-୧ ସ୍ୱର୍ଗତ କୈଳାସ ଚନ୍ଦ୍ର ସାହୁଙ୍କ ତରଫରୁ ଆଇନମତେ ପ୍ରତିନିଧିତ୍ୱ ବ୍ୟକ୍ତି ତଥା ତାଙ୍କର ଉପଯୁକ୍ତ ଉତ୍ତରାଧିକାରୀ ବ୍ୟକ୍ତିବିଶେଷମାନେ କିମ୍ବା ତାଙ୍କର ମନୋନୀତ ଅଧିବକ୍ତାଙ୍କ ମାଧ୍ୟମରେ ଉପରଲିଖିତ ଧାର୍ଯ୍ୟ ତାରିଖ ଏବଂ ସମୟରେ ମାନ୍ୟବର ଅଦାଲତଙ୍କ ନିକଟରେ ଉପସ୍ଥିତ ରହି ତାଙ୍କ ପକ୍ଷ ଉପସ୍ଥାପନ କରିବେ । ଯଦି ଉକ୍ତ ଧାର୍ଯ୍ୟ ତାରିଖରେ କେହି ଅନୁପସ୍ଥିତ ରୁହନ୍ତି ତେବେ ଆଇନମତେ ଉକ୍ତ ରିଭିଜନ ମକଦ୍ଦମାକୁ ସେମାନଙ୍କ ଅନୁପସ୍ଥିତିରେ ବିଚାର କରାଯିବା ସଙ୍ଗେସଙ୍ଗେ ବିହିତ ଆଦେଶ ପ୍ରଦାନ କରାଯିବ।

ସ୍ଥାନ- ଭୁବନେଶ୍ୱର

ତାରିଖ-

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ କୋର୍ଟ ଅଫିସର

ଧ-୦୩୧୨


# ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପୁନର୍ବିନ୍ୟାସ ହେବ

**ଭୁବନେଶ୍ୱର,୯।୫(ବ୍ୟୁରୋ):** ରାଜ୍ୟର ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କନିଷ୍ଠ ଅଧ୍ୟାପକଙ୍କ ପାଇଁ ପାଞ୍ଚଦିନିଆ ତାଲିମ ଶିବିର ଉଦଘାଟିତ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ (ଆର୍‌ଆଇଇ)ରେ ଆୟୋଜିତ ଏହି ଶିବିରକୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ ଉଦ୍‌ଘାଟନ କରିଥିଲେ। ଜାତୀୟ କୌଶଳ, ଯୋଗ୍ୟତା ଆଧାରରେ ରାଜ୍ୟରେ ଥିବା ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକର ପୁନର୍ବିନ୍ୟାସ କରିବା ଏହି ତାଲିମର ମୂଳ ଉଦ୍ଦେଶ୍ୟ ବୋଲି ମନ୍ତ୍ରୀ ଦାଶ କହିଥିଲେ। ଶିକ୍ଷକମାନେ ନିଜ ଅଞ୍ଚଳର ଚାହିଦା ଅନୁଯାୟୀ ଶିକ୍ଷାଦାନ ପାଇଁ ବିଷୟ ଚୟନ କରି ସରକାରଙ୍କୁ ପ୍ରସ୍ତାବ ଦେବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇ ବିଭାଗୀୟ ଶାସନ ସଚିବ ଅଶ୍ୱଥି ଏସ୍ ସମ୍ପ୍ରତି ଧନ୍ଦାମୂଳକ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ରାଜ୍ୟର ୧୯୩ କନିଷ୍ଠ ଅଧ୍ୟାପକ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଆର୍‌ଆଇଇର ଅଧକ୍ଷ ପ୍ରଫେସର ପ୍ରକାଶ ଚନ୍ଦ୍ର ଅଗ୍ରୱାଲ ଉପସ୍ଥିତ ରହିଥିବାବେଳେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଅଧକ୍ଷ ଅଶ୍ୱିନୀ କୁମାର ମିଶ୍ର ଯୋଗଦେଇ ଧନ୍ଦାମୂଳକ ଶିକ୍ଷା ପୁନର୍ବିନ୍ୟାସ ଅନ୍ତର୍ଗତ ଯୋଜନା ବିଷୟରେ ସୂଚନା ଦେଇଥିଲେ।

# ୨୦ ବର୍ଷରେ ରାଜ୍ୟରେ ବହୁଗୁଣ ବୃଦ୍ଧି ପାଇଛି ଦୁଗ୍ଧ ଉତ୍ପାଦନ: ମନ୍ତ୍ରୀ

**ଭୁବନେଶ୍ୱର,୯।୫(ବ୍ୟୁରୋ):** ରାଜ୍ୟର କୃଷକଙ୍କ ଆୟବୃଦ୍ଧି ଦିଗରେ ପ୍ରାଣୀପାଳନର ବିଶେଷ ଭୂମିକା ରହିଥିବା ବେଳେ ରାଜ୍ୟ ସରକାର ଏଥି ନିମନ୍ତେ ଅନେକ ପ୍ରୋତ୍ସାହନ ଯୋଗାଇ ଦେଇଛନ୍ତି। ୨୦୦୦ ମସିହାର ଦୁଗ୍ଧ ଉତ୍ପାଦନ ୮ ଲକ୍ଷ ୭୫ ହଜାର ମେଟ୍ରିକ୍ ଟନ୍‌ରୁ ୨୦୨୧ରେ ୨୩ ଲକ୍ଷ ୭୩ ହଜାର ମେଟ୍ରିକ୍ ଟନ୍‌କୁ ବୃଦ୍ଧି ପାଇଛି। ରାଜ୍ୟରେ ଦୁଗ୍ଧ ଉତ୍ପାଦନରେ ଅଧିକ ବୃଦ୍ଧି ଘଟାଇ ମୁଣ୍ଡ ପିଛା ହାରାହାରି ଦୁଗ୍ଧ ଉପଲବ୍ଧତା ବଢ଼ାଇବା ଦିଗରେ ଓମ୍‌ଫେଡ୍ ଅଧିକ ତତ୍ପରତା ପ୍ରକାଶ କରିବା ପାଇଁ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି ।

କୃଷି ଭବନଠାରେ ମଙ୍ଗଳବାର ଆୟୋଜିତ ବୈଠକରେ ଓଡ଼ିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦକ ମହାସଂଘ ଲିମିଟେଡ୍ ଓମ୍‌ଫେଡ୍ ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବା ଅବସରରେ ମନ୍ତ୍ରୀ ସ୍ୱାଇଁ କହିଥିଲେ, ଦୁଗ୍ଧଚାଷୀ ସଦସ୍ୟ ସଂଖ୍ୟା ବୃଦ୍ଧିକରି ଉତ୍ପାଦନରେ ଓଡ଼ିଶାକୁ ଏକ ଅଗ୍ରଣୀ ରାଜ୍ୟରେ ପରିଣତ କରିବା ସହିତ ଜନସାଧାରଣଙ୍କ ନିମନ୍ତେ ପୁଷ୍ଟିକର ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ଯୋଗାଣ ବୃଦ୍ଧି ଦିଗରେ ଓମ୍‌ଫେଡ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁ । ପ୍ରକ୍ରିୟାକରଣ ପ୍ଲାଣ୍ଟ ନିମନ୍ତେ ଚାଷୀଙ୍କଠାରୁ ଅଧିକ ଦୁଗ୍ଧ ସଂଗ୍ରହ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉ। ରାଜ୍ୟ ସରକାରଙ୍କ କୃତ୍ରିମ ପ୍ରଜନନ କାର୍ଯ୍ୟକ୍ରମ ମାଧ୍ୟମରେ ଗୋପାଳକମାନେ ବିଶେଷ ଭାବରେ ଉପକୃତ ହେଉଛନ୍ତି ବୋଲି ମନ୍ତ୍ରୀ ସ୍ୱାଇଁ ପ୍ରକାଶ କରିଥିଲେ। ବୈଠକରେ ମିଲ୍କ ୟୁନିୟନଗୁଡ଼ିକର ସଭାପତିମାନେ ସେମାନଙ୍କ ସମସ୍ୟାର ସମାଧାନ ଦିଗରେ ବିଭିନ୍ନ ପ୍ରସ୍ତାବ ଦେଇଛନ୍ତି। ଏହି ଅବସରରେ ମନ୍ତ୍ରୀଙ୍କ ଦ୍ୱାରା ଓମ୍‌ଫେଡ୍ ପକ୍ଷରୁ ପ୍ରକାଶିତ ପୁସ୍ତିକା ପ୍ରାଣୀପାଳନ ସହାୟିକାର ଶୁଭ ଉନ୍ମୋଚନ ହୋଇଥିଲା।

# ଗେହଲଟ୍‌ଙ୍କ ନେତା ସୋନିଆ ନା ବସୁନ୍ଧରା ରାଜେ

## ପ୍ରଶ୍ନ ଉଠାଇଲେ ସଚିନ ପାଇଲଟ୍

ଜୟପୁର, ୯।୫

ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍‌ଙ୍କ ଅଭିଯୋଗର କଡ଼ା ଜବାବ ଦେଇଛନ୍ତି ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସଚିନ ପାଇଲଟ୍। ନିକଟରେ ଢୋଲପୁରରେ ମୁଖ୍ୟମନ୍ତ୍ରୀ ଗେହଲଟ୍ ଦେଇଥିବା ଭାଷଣରୁ ଲାଗୁଛି ଯେ ତାଙ୍କ ନେତା ସୋନିଆ ଗାନ୍ଧୀ ନୁହନ୍ତି ବରଂ ବସୁନ୍ଧରା ରାଜେ। ଗୋଟିଏ ପଟେ ଭାଜପା ଆମ ସରକାରକୁ ଭାଙ୍ଗିବାକୁ ଉଦ୍ୟମ କରୁଥିବା କୁହାଯାଉଥିବା ବେଳେ ଅନ୍ୟପଟେ ସରକାରକୁ ବସୁନ୍ଧରା ରାଜେ ବଞ୍ଚାଇଥିଲେ ବୋଲି କୁହାଯାଇଛି। ଗେହଲଟ୍ କ'ଣ କହିବାକୁ ଚାହୁଁଛନ୍ତି ତାହା ସ୍ପଷ୍ଟ କରିବା ଉଚିତ। ନିଜର ବିଧାୟକଙ୍କୁ ବିକ୍ରୟ କରିଥିବା ଅଭିଯୋଗ ସେମାନଙ୍କ ପ୍ରତି ଅପମାନ। ଗେହଲଟ୍ ଯେଉଁମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ହୋଇଛନ୍ତି, ସେହିମାନଙ୍କୁ ବଦନାମ କରୁଛନ୍ତି ବୋଲି ପାଇଲଟ୍ କହିଛନ୍ତି।

ସୂଚନାଯୋଗ୍ୟ, ଦୁଇଦିନ ପୂର୍ବେ ମୁଖ୍ୟମନ୍ତ୍ରୀ ଗେହଲଟ୍ ଢୋଲପୁରରେ ଏକ ସଭାକୁ ସମ୍ବୋଧନ କରି କହିଥିଲେ, ୨୦୨୦ରେ ୩ ଭାଜପା ନେତା ପୂର୍ବତନ ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେ, ପୂର୍ବତନ ବାଚସ୍ପତି କୈଳାସ ମେଘୱାଲ ଓ ବିଧାୟକ ଶୋଭାରାଣୀ କୁଶୱାହଙ୍କ ଯୋଗୁ ତାଙ୍କ ସରକାର ପତନ ମୁଖରୁ ବର୍ତ୍ତିଯାଇଥିଲା। ବିଦ୍ରୋହୀ କଂଗ୍ରେସ ବିଧାୟକମାନେ ସରକାର ଭାଙ୍ଗିବା ପାଇଁ ସେତେବେଳେ ଭାଜପାଠାରୁ ଟଙ୍କା ନେଇଥିବା ଗେହଲଟ୍ କହିଥିଲେ।

ରାଜ୍ୟରେ ବ୍ୟାପିଥିବା ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ସଚିନ କିଛିଦିନ ପୂର୍ବରୁ ଧାରଣାରେ ବସିଥିଲେ। ଏହା ସତ୍ତ୍ୱେ ସରକାର ଦୁର୍ନୀତି ବିରୋଧରେ କୌଣସି ପଦକ୍ଷେପ ନେଇନାହାନ୍ତି। ଦୁର୍ନୀତି ଏବଂ ନିଯୁକ୍ତି ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ମାମଲାକୁ ନେଇ ୧୧ ତାରିଖରୁ ସଚିନ ୫ ଦିନିଆ ଜନସଂଘର୍ଷ ଯାତ୍ରା ଆରମ୍ଭ କରିବେ ବୋଲି ଘୋଷଣା କରିଛନ୍ତି। ଏହି ଯାତ୍ରା ୧୨୫ କିଲୋମିଟର ଅତିକ୍ରମ କରିବ। ଆଗକୁ ରାଜସ୍ଥାନ ବିଧାନସଭା ନିର୍ବାଚନ ଥିବାବେଳେ ଗେହଲଟ୍ ଓ ଦଳର କେନ୍ଦ୍ରୀୟ ନେତୃତ୍ୱ ଉପରେ ଚାପ ପକାଇବା ଲାଗି ସଚିନ ଏଭଳି ପଦଯାତ୍ରା କରିବାକୁ ଯାଉଥିବା କୁହାଯାଉଛି। ମୁଖ୍ୟମନ୍ତ୍ରୀ ତାଙ୍କ ବିରୋଧରେ ଦେଶଦ୍ରୋହ ମାମଲା ରୁଜୁ କରିବାକୁ ଚେଷ୍ଟା କରିଥିଲେ ବୋଲି ସଚିନ କହିଛନ୍ତି। ଯଦି ସେ ଏବଂ କଂଗ୍ରେସର କେତେଜଣ ବିଧାୟକ ସରକାରଙ୍କ ବିରୋଧରେ ଷଡ଼ଯନ୍ତ୍ର ରଚିଥିବାର ପ୍ରମାଣ ଅଛି ତେବେ ମୁଖ୍ୟମନ୍ତ୍ରୀ ତାହାକୁ ସାର୍ବଜନୀନ କରନ୍ତୁ ବୋଲି ସଚିନ ଆହ୍ୱାନ ଦେଇଛନ୍ତି।


ସଚିନ ପାଇଲଟ୍ ଓ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍।

# ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କୁ ରିପୋର୍ଟ ଦେଲେ କେନ୍ଦ୍ରୀୟ ଟିମ୍

## ସମ୍ବଲପୁର ହିଂସା ଘଟଣା

ଭୁବନେଶ୍ୱର, ୯।୫(ବ୍ୟୁରୋ)

ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡାଙ୍କୁ ସମ୍ବଲପୁର ହିଂସା ସମ୍ପର୍କିତ ନିଜ ରିପୋର୍ଟ ପ୍ରଦାନ କଲା ଦଳ ପକ୍ଷରୁ ଗଠନ କରାଯାଇଥିବା କେନ୍ଦ୍ରୀୟ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍। ଭାଜପାର ୩ ଜଣିଆ ଟିମ୍ ମଙ୍ଗଳବାର ନୂଆଦିଲ୍ଲୀଠାରେ ନଡ୍ଡାଙ୍କୁ ଭେଟି ରିପୋର୍ଟ ପ୍ରଦାନ କରିଛନ୍ତି। ଏନେଇ ଟୁଇଟ୍ ଯୋଗେ ଏକ ଭିଡିଓ ଜାରି କରାଯିବା ସହିତ ସୂଚନା ଦିଆଯାଇଛି। ରାଜ୍ୟ ସଭା ସଦସ୍ୟ ତଥା ପୂର୍ବତନ ପୋଲିସ ଡିଜି ବ୍ରିଜଲାଲଙ୍କ ନେତୃତ୍ୱରେ ଆସିଥିବା ଏହି ଟିମ୍ ଗତ ମେ ୨ ତାରିଖରେ ସମ୍ବଲପୁର ଗସ୍ତରେ ଯାଇଥିଲେ। ସେମାନେ ହିଂସାଗ୍ରସ୍ତ ସ୍ଥାନ ବୁଲିବା ସହ ମୃତକ ଚନ୍ଦ୍ରମଣି ମିର୍ଦ୍ଧାଙ୍କ ପରିବାରକୁ ଭେଟିବା ପାଇଁ ତାଙ୍କ ଗାଁ ଝାରମୁଣ୍ଡା ଯାଇଥିଲେ। ସେଠାରେ ପହଞ୍ଚିବା ପରେ ତାଙ୍କ ଘର ତାଲା ପଡ଼ିଥିବା ଦେଖିବାକୁ ପାଇଥିଲେ। ସେହିପରି ସେମାନେ ଯୁଯୁମୁରା ବ୍ଲକ୍ ଭବାନୀପାଲି ଗାଁର ଆହତ କାଳିଆ ଶିଖାଙ୍କ ଘରକୁ ଯାଇ କଥା ହୋଇଥିଲେ। ଏହାପରେ ସମ୍ବଲପୁରର ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କ ସହ ଏହି ପ୍ରତିନିଧି ଟିମ୍ ଭେଟିବା ସହିତ ପୋଲିସ ଆଇଜିଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ସମ୍ବଲପୁର ହିଂସା ପୂର୍ବ ପ୍ରାୟୋଜିତ ଥିଲା ବୋଲି ବ୍ରିଜଲାଲ ଗଣମାଧ୍ୟମକୁ କହିଥିଲେ। ତେବେ ସୂଚନାଯୋଗ୍ୟ, ହନୁମାନ ଜୟନ୍ତୀ ସମୟରେ ସମ୍ବଲପୁରରେ ହିଂସାତ୍ମକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଫଳରେ ଏଥିରେ ଜଣେ ପ୍ରାଣ ହରାଇବା ସହିତ ଅନେକେ ଆହତ ମଧ୍ୟ ହୋଇଥିଲେ। ଏହାପରେ ସମ୍ବଲପୁର ସହରରେ କର୍ଫ୍ୟୁ ଜାରି କରାଯାଇଥିଲା। ଭାଜପା ଏହି ଘଟଣାକୁ ନେଇ ରାଜ୍ୟ ସରକାରଙ୍କୁ ଦୋଷ ଦେଇଥିବା ବେଳେ ଭାଜପାର ବହୁ ବରିଷ୍ଠ ନେତା ଆହତଙ୍କୁ ଭେଟିବାକୁ ଯିବାବେଳେ ସେମାନଙ୍କୁ ରାସ୍ତାରେ ପୋଲିସ ଅଟକାଇ ଥାନାକୁ ନେଇଯାଇଥିଲା। ବିଜେଡି କିନ୍ତୁ ଏହି ଘଟଣାରେ ଭାଜପାକୁ ଟାର୍ଗେଟ କରୁଥିବା ଦେଖିବାକୁ ମିଳିଥିଲା।


ଭାଜପା କେନ୍ଦ୍ରୀୟ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ପକ୍ଷରୁ ସମ୍ବଲପୁର ହିଂସା ଘଟଣାର ରିପୋର୍ଟ ନୂଆଦିଲ୍ଲୀଠାରେ ମଙ୍ଗଳବାର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡାଙ୍କୁ ପ୍ରଦାନ କରାଯାଉଛି।

# ଝାରସୁଗୁଡ଼ା ଉପନିର୍ବାଚନ: ଜବତ ଶାଢ଼ିକୁ ନେଇ ଚର୍ଚ୍ଚା


ଝାରସୁଗୁଡା କୋଲାବିରାରେ ଜବତ ହୋଇଥିବା ଶାଢ଼ି।

**ସମ୍ବଲପୁର, ୯।୫(ବ୍ୟୁରୋ):** ଝାରସୁଗୁଡ଼ା ବିଧାନସଭା ଉପନିର୍ବାଚନ ବୁଧବାର ଅନୁଷ୍ଠିତ ହେବ। ତେବେ ପ୍ରଚାର ଲାଗି କଟକଣା ରହିଥିବା ବେଳେ ମଙ୍ଗଳବାର ସ୍ଥାନୀୟ ନେତାମାନେ ଭିତିରିଆ ପ୍ରଚାର କରୁଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। କୋଲାବିରା ବ୍ଲକ ଜମିଦାରପଡାର ଜଣଙ୍କ ଘରୁ ଫ୍ଲାଇଂ ସ୍କ୍ୱାଡ୍ ୪୦୦ ଖଣ୍ଡ ଶାଢ଼ି ଜବତ କରିଛି। ସ୍କ୍ୱାଡ୍‌ର ଜଣେ ଅଧିକାରୀଙ୍କ ସୂଚନା ଅନୁଯାୟୀ କିଣାଯାଇଥିବା ଶାଢ଼ିର ଜିଏସ୍‌ଟି ବିଲ୍ ମେସର୍ସ ସ୍ନେହା ମଲ୍ଟିମିଡ଼ିଆ ନାମରେ ରହିଛି। ଅପରପକ୍ଷେ ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ଶାଢ଼ି ବାଣ୍ଟିବାକୁ ଅଣାଯାଇଥିବା ଅଭିଯୋଗ ହୋଇଥିଲା। ହେଲେ ଶାଢ଼ି କିଣିଥିବା ବ୍ୟକ୍ତି ଦୋକାନରେ ବିକ୍ରି କରିବା ପାଇଁ କିଣା ହୋଇଥିବା କହିଛନ୍ତି। ନିର୍ବାଚନ ପରେ ତଦନ୍ତ କରାଯାଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଅଧିକାରୀ ଜଣକ କହିଥିଲେ।

ଅନ୍ୟପଟେ ଉପନିର୍ବାଚନ ଲାଗି ଜିଲ୍ଲା ପ୍ରବେଶ ପଥ ଓ ସହରର ବିଭିନ୍ନ ସ୍ଥାନରେ ଯାନବାହନ ଅଟକାଇ କଡ଼ା ଯାଞ୍ଚ କରାଯାଇଥିଲା। ଜିଲ୍ଲା ପୋଲିସ ମୁଖ୍ୟାଳୟରେ ଅତ୍ୟାଧୁନିକ କଣ୍ଟ୍ରୋଲ ରୁମ ଖୋଲାଯାଇଛି। ଏସ୍‌ପି ପରମାର ସ୍ମିଥ୍ ସୂଚନା ଦେଇ କହିଛନ୍ତି, ଭୋଟରଙ୍କୁ ସୁରକ୍ଷା ଦେବା ଓ ନିରପେକ୍ଷ ନିର୍ବାଚନ କରାଇବା ଆମର ଲକ୍ଷ୍ୟ।

# ଭଗବାନଙ୍କୁ ଅପମାନିତ କରୁଛି ବଜରଙ୍ଗଦଳ: କଂଗ୍ରେସ

ଭୋପାଳ, ୯।୫

ମଧ୍ୟପ୍ରଦେଶ ଝାବୁଆର କଂଗ୍ରେସ ବିଧାୟକ ତଥା ପୂର୍ବତନ ଏମ୍‌ପି ଓ କେନ୍ଦ୍ର ମନ୍ତ୍ରୀ କାନ୍ତିଲାଲ ଭୁରିଆ ମଙ୍ଗଳବାର ବଜରଙ୍ଗ ଦଳକୁ ଟାର୍ଗେଟ କରିଛନ୍ତି। ପୂର୍ବରୁ କଂଗ୍ରେସର ଅନେକ ନେତା ଏହି ସଂଗଠନ ଉପରେ ପ୍ରତିବନ୍ଧକ ଲଗାଇବା ଲାଗି ଦାବି କରିଛନ୍ତି। ତେବେ ଏହିମର୍ମରେ କାନ୍ତିଲାଲ କହିଛନ୍ତି ବଜରଙ୍ଗ ଦଳ ଭଗବାନଙ୍କୁ ବଦନାମ କରୁଛି। ଭଗବାନଙ୍କ ନାମରେ ଏକ ସଂଗଠନ କରି ଦଳ ରାମଙ୍କ ନାମ ଜପ କରିବା ସହିତ ଅନ୍ୟ ଲୋକଙ୍କ ଧନ ଚୋରି କରୁଛି। ଦଳ ନିଜ ପକେଟ ଭରିବା ପାଇଁ କାମ କରୁଛି। ଯେଉଁମାନେ ନକଲି ସେମାନେ ହନୁମାନ ଜୀ ନାମରେ ପେଟ ଭରିବା ପାଇଁ କାମ କରନ୍ତି ଆଉ ସେମାନେ ଦେଶଦ୍ରୋହୀ। ଏଭଳି ନକଲିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ। କଂଗ୍ରେସ ସରକାର ରାଜ୍ୟରେ କ୍ଷମତାକୁ ଆସିଲେ, ଆମେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ। ଯଦି କୌଣସି ସଂସ୍ଥା ସ୍ୱଚ୍ଛ ମନରେ କାମ କରନ୍ତି ତାହା ଉତ୍ତମ, କିନ୍ତୁ ବଜରଙ୍ଗ ଦଳର ସଦସ୍ୟମାନେ ଭଗବାନଙ୍କୁ ବଦନାମ କରୁଛନ୍ତି। ଏହା ଅତ୍ୟନ୍ତ ନିନ୍ଦନୀୟ କାର୍ଯ୍ୟ ବୋଲି ଭୁରିଆ କହିଛନ୍ତି।

# '୫ ବର୍ଷ ହେଲା ବସିନି ବୈଠକ'

## ରତ୍ନଭଣ୍ଡାର ଚାବି ହଜିବା ଘଟଣାକୁ ନେଇ ଅଭିଯୋଗ ଆଣିଲା ଭାଜପା

ଭୁବନେଶ୍ୱର, ୯।୫(ବ୍ୟୁରୋ)

ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ହଜିବା ଓଡ଼ିଶା ଇତିହାସରେ ସବୁଠାରୁ କଳଙ୍କିତ ଅଧ୍ୟାୟ। ଏହି ଘଟଣା ୨୦୧୮ରେ ସରକାରଙ୍କ ନଜରକୁ ଆସିଥିଲା। ସେବେଠାରୁ ଜନସାଧାରଣଙ୍କ ଏକ ବଡ଼ ଦାବି ହେଉଛି, ସରକାର ରତ୍ନଭଣ୍ଡାର ଖୋଲନ୍ତୁ ଏବଂ ଭିତରେ ଥିବା ଅଳଙ୍କାର ସୁରକ୍ଷିତ ଅଛି ନା ନାହିଁ ତାହା ସ୍ପଷ୍ଟ କରନ୍ତୁ। ଏବେ ସୂଚନା ଅଧିକାର ଆଇନ ବଳରେ ରତ୍ନଭଣ୍ଡାର ସମ୍ପର୍କରେ ଯେଉଁ ତଥ୍ୟ ଆସିଛି ତାହା ଯେତିକି ଚିନ୍ତାଜନକ ତା'ଠାରୁ ଅଧିକ ଭୟଙ୍କର। ସୂଚନା ଅଧିକାର ଆଇନ ଆଧାରରେ ଆଇନ ବିଭାଗକୁ ପଚରାଯାଇଥିବା ଏକ ପ୍ରଶ୍ନର ଲିଖିତ ଉତ୍ତରରେ ସରକାର କହୁଛନ୍ତି, ରତ୍ନଭଣ୍ଡାର ଚାବି ହଜିବା ଓ ଖୋଲିବା ନେଇ ଆଇନ ବିଭାଗ ୨୦୧୮ରୁ ଆଜି ପର୍ଯ୍ୟନ୍ତ ସେପରି କୌଣସି ବୈଠକ କରିନାହିଁ। ସରକାର ୫ ବର୍ଷରେ ଗୋଟିଏ ହେଲେ ବୈଠକ ନ କରିପାରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ଏହା ଜଗନ୍ନାଥ ବିରୋଧୀ ମାନସିକତାର ପ୍ରତିଫଳନ ବୋଲି ଭାଜପା ମୁଖପାତ୍ର ଅନିଲ ବିଶ୍ୱାଳ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅନିଲ କହିଛନ୍ତି, ଶ୍ରୀଜଗନ୍ନାଥ ମନ୍ଦିର ଆଇନ ୧୯୬୦ର ଧାରା ୬ର ଉପଧାରା ୧ ଅନୁସାରେ ରତ୍ନଭଣ୍ଡାରର ଭିତର ଭଣ୍ଡାର ଖୋଲିବା ପାଇଁ ରାଜ୍ୟ ସରକାର ହେଉଛନ୍ତି କ୍ଷମତାପ୍ରାପ୍ତ। ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ଆଇନ ବିଭାଗ ଅଧୀନରେ ଆସୁଛି। ଶ୍ରୀମନ୍ଦିର ପରିଚାଳନାର ସବୁକିଛି ପାଇଁ ରାଜ୍ୟ କ୍ୟାବିନେଟ, ବିଧାନସଭା, ନ୍ୟାୟାଳୟ ସବୁଠି ଆଇନ ବିଭାଗ ଉତ୍ତରଦାୟୀ। ରତ୍ନଭଣ୍ଡାର ଚାବି ହଜିବା ଘଟଣା ୨୦୧୮ରୁ ଆଜି ପର୍ଯ୍ୟନ୍ତ ଚର୍ଚ୍ଚାରେ ରହି ଆସିଛି ବୋଲି ସେ କହିଛନ୍ତି।

ଫୁରସତ୍

# ଅଷ୍ଟ୍ରିଚ୍‌ର ପଞ୍ଝା ଭଳି ଭାଡୋମାଙ୍କ ପାଦ

**ଡୋଡୋମା:** ବିଶ୍ୱରେ ବିଭିନ୍ନ ପ୍ରକାର ଜନଜାତି ବସବାସ କରିଥାନ୍ତି। ବହୁ ଜନଜାତି ଆମମାନଙ୍କଠାରୁ ଦୂରରେ ରୁହନ୍ତି, ସେଥିପାଇଁ ସେମାନେ ଆମମାନଙ୍କଠାରୁ ସବୁ କ୍ଷେତ୍ରରେ ବହୁତ ପଛରେ ଅଛନ୍ତି। ସେମାନଙ୍କ ଜୀବନଶୈଳୀ ଆମମାନଙ୍କଠାରୁ ବହୁତ ଭିନ୍ନ। ବାହାର ଦୁନିଆରେ କ'ଣ ହେଉଛି, ସେଥିରେ ସେମାନଙ୍କୁ କିଛି ଫରକ ପଡ଼ି ନ ଥାଏ। ଏମିତି ବି ଜନଜାତି ଅଛନ୍ତି, ଯେଉଁମାନେ ତାଙ୍କ ଅଞ୍ଚଳରେ ବାହାର ଲୋକଙ୍କୁ ପ୍ରବେଶ କରିବାକୁ ଦିଅନ୍ତିନି। ଆଉ କିଛି ଅଛନ୍ତି, ଯେଉଁମାନେ ବହୁତ ମେଳାପି। ସେହିପରି ଏକ ଜନଜାତି ହେଉଛନ୍ତି, ଭାଡୋମା ଜନଜାତି। ତାଞ୍ଜାନିଆର ଉତ୍ତରରେ ରହୁଥିବା ଏହି ଜନଜାତି ତାଙ୍କ ପାଦ ପାଇଁ ଚର୍ଚ୍ଚାରେ ରୁହନ୍ତି। ସେମାନଙ୍କ ପାଦ ଦେଖିବାକୁ ଟିକେ ଅଜବ। ଯାହାକୁ ଦେଖିଲେ ପ୍ରଥମେ ଆଶ୍ଚର୍ଯ୍ୟ ଲାଗିବ। ସେମାନଙ୍କ ପାଦ ଅଷ୍ଟ୍ରିଚ୍‌ର ପଞ୍ଝା ଭଳି ଦେଖାଯାଏ। କେବଳ ଏହି ଜନଜାତିଙ୍କ ପାଦ ଦେଖିବାକୁ ଲୋକ ବହୁ ଦୂରରୁ ଏଠାକୁ ଆସିଥାନ୍ତି। ଆମ ପାଦରେ ୫ଟି ଆଙ୍ଗୁଠି ଥିବାବେଳେ ସେମାନଙ୍କ ପାଦ ଦୁଇ ଭାଗ ହୋଇ ଆଙ୍ଗୁଠି ମୋଡ଼ି ହୋଇଯାଇଛି। ଏଠାରେ ରହୁଥିବା ଲୋକଙ୍କୁ ଅଧିକ ସମୟ ଠିଆ ହୋଇ ରହିବାକୁ ପଡ଼ିଥାଏ। ଏଥିସହ ଏଠାର ଅଞ୍ଚଳ ପାହାଡ଼ରେ ଭର୍ତ୍ତି, ଫଳରେ ସେମାନଙ୍କୁ ଅଧିକାଂଶ ସମୟ ପାହାଡ଼ ଚଢିବାକୁ ପଡ଼ିଥାଏ। ଯେଉଁଥିରେ ତାଙ୍କର ଏପରି ପାଦ ତାଙ୍କୁ ସାହାଯ୍ୟ କରିଥାଏ। କିନ୍ତୁ ଏହି ପାଦ ପାଇଁ ସେମାନଙ୍କୁ କୌଣସି ଅସୁବିଧା ହୋଇ ନ ଥାଏ। ଏଥିସହ ଏମାନଙ୍କ ପରମ୍ପରା ମଧ୍ୟ ବହୁତ ସୁନ୍ଦର। କିଛି ବି କାର୍ଯ୍ୟକ୍ରମ ହେଲେ ସମସ୍ତେ ଏକାଠି ମିଶି ବହୁତ ଖୁସି ବାଣ୍ଟିଥାନ୍ତି।



# ୭.୮ କୋଟି ଟଙ୍କାର ଘର କିଣିଲେ ସାମନ୍ଥା

ମୁମ୍ବାଇ

ସାଉଥ୍ ଇଣ୍ଡଷ୍ଟ୍ରିରେ ଜଣେ ଫେମସ ଅଭିନେତ୍ରୀ ଭାବେ ସାମନ୍ଥା ରୁଥ୍ ପ୍ରଭୁ ବେଶ୍ ଜଣାଶୁଣା। ସେ ତାଙ୍କ ଫିଲ୍ମ କ୍ୟାରିୟର ମଧ୍ୟରେ ବହୁ ବ୍ଲକବୁଷ୍ଟର ମୁଭି ଦର୍ଶକଙ୍କୁ ଭେଟି ଦେଇଛନ୍ତି। ନିକଟରେ ସେ ସ୍ୱାମୀ ସାଉଥ୍ ଅଭିନେତା ନାଗା ଚୈତନ୍ୟଙ୍କ ସହ ଛାଡ଼ପତ୍ର ନେଇଥିବା ଖବରକୁ ନେଇ ବେଶ୍ ଚର୍ଚ୍ଚାକୁ ଆସିଥିଲେ। ବର୍ତ୍ତମାନ ସମୟରେ ମଙ୍ଗଳବାର ସେ ହାଇଦ୍ରାବାଦର ଜୟାଭେରି ଅରେଞ୍ଜ କଣ୍ଟ୍ରି ଅଞ୍ଚଳରେ ଏକ ୩ ବିଏଚ୍‌କେ ଡୁପ୍ଲେକ୍ସ ଆପାର୍ଟମେଣ୍ଟ କିଣି ଚର୍ଚ୍ଚାକୁ ଆସିଛନ୍ତି, ଯାହାର ମୂଲ୍ୟ ୭.୮ କୋଟି ଟଙ୍କା। ରିୟଲ ଇଷ୍ଟେଟ ଡାଟା ଅନୁସାରେ, ସେଠାରେ ସିଆର୍‌ଇ ମାଟ୍ରିକ୍ସ ସହ ୬ ପାର୍କିଂ ସ୍ଲଟ୍ ରହିଛି। ସେହି ଘରଟି ୭୯୪୪ ବର୍ଗଫୁଟ ଅଞ୍ଚଳରେ ଅବସ୍ଥିତ। ଏଥିସହ ଜୁବିଲି ହିଲ୍‌ରେ ଥିବା ଲେଭିସ୍ ହାଉସର ସେ ହେଉଛନ୍ତି ମାଲିକାଣି। ଯେଉଁଠାରେ ସେ ନାଗାଙ୍କ ସହିତ ରହୁଥିଲେ। ବିବାହ ବିଚ୍ଛେଦ ପରେ ଦୁହେଁ ଅଲଗା ରହିବାକୁ ଲାଗିଲେ। ଏହା ପୂର୍ବରୁ ସାମନ୍ଥାଙ୍କ ହାଇଦ୍ରାବାଦରେ ଅନ୍ୟ ଏକ ଘର ରହିଛି, ଯାହାକୁ ସେ ୧୫ କୋଟି ଟଙ୍କାରେ କିଣିଥିଲେ। ଏଥିସହ ତାଙ୍କ ପାଖରେ ବିଏମ୍‌ଡବ୍ଲ୍ୟୁ ୭ ସିରିଜ୍, ଲ୍ୟାଣ୍ଡ ରୋଭର, ରେଞ୍ଜ ରୋଭର, ଭୋଗ ଭଳି ଦାମୀ କାର୍ ରହିଛି।



# ବିନା ପାସ୍‌ପୋର୍ଟରେ ବିଦେଶରେ ପହଞ୍ଚିଲେ

**ୱାଶିଂଟନ:** ବିଦେଶକୁ ଯାତ୍ରା ସମୟରେ ପାସ୍‌ପୋର୍ଟର ଆବଶ୍ୟକତା ପଡ଼ିଥାଏ। ହେଲେ ନିକଟରେ ଜଣେ ମହିଳା ବିନା ପାସ୍‌ପୋର୍ଟରେ ୧୫୦୦ କି.ମି. ଦୂର ବିଦେଶରେ ପହଞ୍ଚିଯାଇଛନ୍ତି। ଆମେରିକାର ବେଭେର୍ଲି ଏଲିସ ହେବର୍ଡ ନାମକ ମହିଳା ପେନ୍‌ସିଲଭାନିଆର ଫିଲାଡେଲଫିଆ ଏବଂ ଫ୍ଲୋରିଡ଼ାର ଜାକ୍ସନଭିଲେରେ ଥିବା ନିଜର ୨ ଘରକୁ ଯିବାଆସିବା କରିଥାନ୍ତି। ଏହି ୨ ସହରକୁ ଯାଆସ ପାଇଁ କୌଣସି ପାସ୍‌ପୋର୍ଟର ଆବଶ୍ୟକତା ପଡ଼ି ନ ଥାଏ। କିନ୍ତୁ ବେଭେର୍ଲି ଭୁଲ ଫ୍ଲାଇଟରେ ବସିଯିବାରୁ ସେ ଜାମାଇକାରେ ପହଞ୍ଚିଯାଇଥିଲେ। ରିପୋର୍ଟ ମୁତାବକ, ଫିଲାଡେଲଫିଆରୁ ଜାକ୍ସନଭିଲେ ଯିବା ପାଇଁ ବେଭେର୍ଲି ବୋର୍ଡିଂ ଗେଟ୍ ପାଖରେ ପହଞ୍ଚିଥିଲେ। ନିକଟରେ ତାଙ୍କର ପିଠିରେ ସର୍ଜରୀ ହୋଇଥିବାରୁ ତାଙ୍କ ଗତି ମନ୍ଥର ଥିଲା। ସେଠାରେ ସେ ଜଣେ ଷ୍ଟାଫ୍‌ଙ୍କୁ ଫ୍ଲାଇଟ ଟେକ୍‌ଅପ ହେବା ଭିତରେ ସେ ବାଥ୍‌ରୁମ ଯାଇ ଆସିପାରିବେ କି ନାହିଁ ପଚାରିଲେ। ସେଥିପାଇଁ ୨୦ ମିନିଟ୍ ସମୟ ଥିବା ସେ କହିଥିଲେ। ବେଭେର୍ଲି ବାଥ୍‌ରୁମ୍‌ରୁ ଆସି ତୁରନ୍ତ ଫ୍ଲାଇଟ ପାଇଁ ତାଙ୍କ ବୋର୍ଡିଂ ପାସ ଦେଖାଇଲେ। ସେଠାରେ ଚେକ୍ କରୁଥିବା ଏଜେଣ୍ଟ ମଧ୍ୟ ତରବରରେ ତାଙ୍କ ପାସ୍‌କୁ ନ ଦେଖି ତାଙ୍କୁ ଛାଡ଼ି ଦେଇଥିଲେ। ଫ୍ଲାଇଟର ସଦସ୍ୟ ବେଭେର୍ଲିଙ୍କୁ ଖୁବ୍‌ଶୀଘ୍ର ଆମେ ଜମାଇକାରେ ପହଞ୍ଚିବା ବୋଲି କହିଥିଲେ। ଏଥିରେ ବେଭେର୍ଲି ହସିକରି କହିଲେ, ସେ ଜମାଇକା ଯିବାକୁ ଚାହାନ୍ତି, ହେଲେ ତାଙ୍କୁ ବର୍ତ୍ତମାନ ତାଙ୍କ ଘରକୁ ଯିବାକୁ ଅଛି ବୋଲି କହିଥିଲେ। ସେଥିରେ ବେଭେର୍ଲି ଏବଂ ସଦସ୍ୟ ଜଣକ ଜାଣିପାରିଲେ ଯେ ସେ ଭୁଲ ଫ୍ଲାଇଟରେ ବସିଛନ୍ତି। ପ୍ରକୃତରେ ବେଭେର୍ଲି ବାଥରୁମ୍ ଯିବା ସମୟରେ ବୋର୍ଡିଂ ଗେଟ୍ ବଦଳାଯାଇଥିଲା, ଯାହା ଫଳରେ ବେଭେର୍ଲି ଭୁଲ ଫ୍ଲାଇଟ୍‌ରେ ଚଢ଼ିଯାଇଥିଲେ। ପରେ ବେଭେର୍ଲିଙ୍କ ସହିତ ଜଣେ ସଦସ୍ୟ ରହିଲେ। କିଛି ଘଣ୍ଟା ପରେ ତାଙ୍କୁ ନିଜ ଦେଶକୁ ଫେରିବାକୁ ଫ୍ଲାଇଟ ମିଳିଗଲା। ତେବେ ଏୟାରଲାଇନ ପକ୍ଷରୁ ଏପରି ଭୁଲ ସୁଧାରିବାକୁ ଯାଇ ମହିଳାଙ୍କୁ ତାଙ୍କ ଟିକେଟ ଟଙ୍କା ଫେରାଇ ଦିଆଗଲା। ଏଥିସହ ତାଙ୍କୁ ୬୦୦ ଡଲାର ଅର୍ଥାତ୍ ୪୯ ହଜାର ୨୪୫ ଟଙ୍କାର ଫ୍ଲାଇଟ ଭାଉଚର ମଧ୍ୟ ଦିଆଗଲା।



# ୨୭ ବର୍ଷରେ ଦିନେ ହେଲେ ବି ନେଇନାହାନ୍ତି ଛୁଟି

**ୱାଶିଂଟନ:** ପ୍ରତ୍ୟେକ ମଣିଷକୁ ତା' କାମରୁ ବିରତି ଦରକାର ହୋଇଥାଏ। ଯାହାଫଳରେ ସେ ଛୁଟିଦିନରେ ପରିବାର ସହ ସମୟ ବିତାଇପାରିବେ, ନଚେତ୍ କେଉଁଠାକୁ ବୁଲିବାକୁ ଯାଇପାରିବେ। ହେଲେ ଏଠାରେ ଜଣେ ବ୍ୟକ୍ତି ୨୭ ବର୍ଷ କାମ କରିବା ଭିତରେ ଦିନେ ହେଲେ ବି ଛୁଟି ନେଇ ନ ଥିବା ଜଣାପଡ଼ିଛି। ଫଳରେ ଚାକିରିରୁ ଅବସର ନେବା ପରେ ସ୍ଥାନୀୟ ଲୋକେ ତାଙ୍କୁ ଏକ ବଡ଼ ପୁରସ୍କାର ଦେଇଛି। ରିପୋର୍ଟ ମୁତାବକ, ବର୍ଗର କିଙ୍ଗ୍ ଶପ୍‌ରେ କାମ କରୁଥିବା ୫୪ ବର୍ଷୀୟ କେଭିନ ଫୋର୍ଡ ଆମେରିକାର ଲସ୍ ଭେଗାସ୍‌ର ବାସିନ୍ଦା। ସେ ତାଙ୍କ ଚାକିରି ଜୀବନର ୨୭ ବର୍ଷ ମଧ୍ୟରେ ଦିନେ ହେଲେ ବି ଛୁଟି ନେଇ ନ ଥିଲେ। ସେଥିପାଇଁ ତାଙ୍କୁ ଲୋକେ ସରପ୍ରାଇଜ୍ ଦେବାକୁ ପ୍ଲାନ୍ କରିଥିଲେ। ଏଥିପାଇଁ ଗୋ ଫଣ୍ଡ ମି ଜରିଆରେ କ୍ୟାମ୍ପେନ କରି କେଭିନ୍‌ଙ୍କ ପାଇଁ ଟଙ୍କା ଯୋଗାଡ଼ କରାଗଲା। କ୍ୟାମ୍ପେନରେ ୩ କୋଟି ୨୬ ଲକ୍ଷରୁ ଅଧିକ ଟଙ୍କା ଯୋଗାଡ଼ ହୋଇପାରିଥିଲା। ଏହି କ୍ୟାମ୍ପେନ ଗତବର୍ଷ ଏକ ଭିଡିଓରୁ ଆରମ୍ଭ ହୋଇଥିଲା, ଯାହା କେଭିନଙ୍କ ଅବସର ସମୟର ଭିଡିଓ ଥିଲା। ସେ ସମୟରେ ସାଥୀମାନେ ତାଙ୍କ ପାଇଁ ଷ୍ଟାରବକ୍ସ ଡ୍ରିଙ୍କ୍ସ, ସ୍ନାକ୍ସ, ମୁଭି ଟିକେଟ, ପେନ୍, ଲାଇଟର ଏପରି କିଛି ଛୋଟ ଛୋଟ ଜିନିଷ ଗିଫ୍ଟ ଆକାରରେ ଦେଇଥିଲେ। ଏହା ଦେଖି ଲୋକେ ତାଙ୍କ ପାଇଁ କିଛି ବଡ଼ ସରପ୍ରାଇଜ୍ ଦେବାକୁ ଚିନ୍ତାକରି ଫଣ୍ଡ ମାଧ୍ୟମରେ ଟଙ୍କା ଯୋଗାଡ଼ କରିବାକୁ ନିଷ୍ପତ୍ତି ନେଲେ। ଫଣ୍ଡ ଜମା କରିବା ଅଭିଯାନ କେଭିନ୍‌ଙ୍କ ପୁଅଙ୍କ ଦ୍ୱାରା ଆରମ୍ଭ ହୋଇଥିଲା। ଫଣ୍ଡ ମାଧ୍ୟମରେ ଅବସରପ୍ରାପ୍ତ ଲୋକମାନେ ନିଜ ପରିବାର ସହ ଖୁସିରେ ରହିପାରିବେ। ଫଳରେ ଲୋକେ ଏଥିରେ ଟଙ୍କା ଦେବାକୁ ଲାଗିଲେ। ତେବେ କେଭିନ୍‌ଙ୍କ ପାଇଁ ଏହା ଏକ ବଡ଼ ସ୍ୱପ୍ନ ବୋଲି ସେ କହିଛନ୍ତି।



## ଡାଲି ଜାତୀୟ ବିହନ ବୁଣୁଥିଲେ...



ଡାଲିଜାତୀୟ ବିହନ ବୁଣିବା ପୂର୍ବରୁ ସେଗୁଡ଼ିକୁ ବିଶୋଧନ କରନ୍ତୁ ଓ ବିଶୋଧନର ୭ ଦିନ (ସପ୍ତାହେ) ପରେ ନିର୍ଦ୍ଦିଷ୍ଟ ଜୀବାଣୁ କଲ୍‌ଚର ଗୋଳାଇ ଛାଇରେ ଶୁଖାଇ ସନ୍ଧ୍ୟା ସମୟରେ ବିହନ ବୁଣନ୍ତୁ । ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର ବୁଣିବା ସମୟରେ ପ୍ରୟୋଗ କରନ୍ତୁ । ଅନୁମୋଦିତ କିସମର ବିହନ ବ୍ୟବହାର କରନ୍ତୁ । ଜମି ପ୍ରସ୍ତୁତ କରି ନିଗିଡ଼ା ଢିପ ଜମିରେ ହେକ୍ଟର ପ୍ରତି ୨୫ କି.ଗ୍ରା. ମୁଗ ଓ ବିରି, ୧୫-୨୦ କି.ଗ୍ରା. ହରଡ଼ ଅଥବା ୨୦ କି.ଗ୍ରା. ବରଗୁଡ଼ି ବିହନ ଧାଡ଼ିରେ ବୁଣନ୍ତୁ । ହରଡ଼ରେ ଧାଡ଼ିକୁ ଧାଡ଼ି ୪୫-୬୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୨୦ ସେ.ମି., ମୁଗ ଓ ବିରି ଫସଲରେ ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ଗଛକୁ ଗଛ ୧୦ ସେ.ମି. ଏବଂ ବରଗୁଡ଼ିରେ ଧାଡ଼ିକୁ ଧାଡ଼ି ୪୫ ସେ.ମି. ଓ ଗଛକୁ ଗଛ ୧୫ ସେ.ମି. ବ୍ୟବଧାନରେ ରଖିବା ଆବଶ୍ୟକ ।

## ଅଧିକ ଅମଳକ୍ଷମ ମକା

ଜଳସେଚନର ସୁବିଧା ଥିଲେ ବର୍ତ୍ତମାନ କଞ୍ଚା ଖାଇବା ପାଇଁ ଉଦ୍ଦିଷ୍ଟ ମକା ଫସଲ ଲଗାଯାଇପାରିବ। ଏହାର ଅଧିକ ଅମଳକ୍ଷମ ମକା ବିହନ ମଧ୍ୟରେ ରହିଛି-ନଭଜୋତ୍, ଶକ୍ତି,ଡେକାନ୍-୧୦୭,ଡେକାନ୍-୧୦୯ ଆଦି କିସମ। ନିକଟରେ ଥିବା କୃଷି ବିଭାଗରେ ବିହନ ବିକ୍ରୟ କେନ୍ଦ୍ରରୁ ଏଗୁଡିକୁ ସଂଗ୍ରହ କରନ୍ତୁ। ଏକ ଏକର ଜମି ପାଇଁ ୬ କି.ଗ୍ରା. ବିହନ ଆବଶ୍ୟକ ହୋଇଥାଏ। ଶେଷ ଓଡ଼ ଚାଷ ବେଳେ ଏକର ପ୍ରତି ଅନୁମୋଦିତ ସାର ୩୨ କି.ଗ୍ରା. ଯବକ୍ଷାରଜାନ ,୧୬କି.ଗ୍ରା.ଫସ୍‌ଫରସ ଓ ୧୬କି.ଗ୍ରା.ପଟାସ୍‌ସାର ମଧ୍ୟରୁ ୩ଭାଗରୁ ଭାଗେ ଯବକ୍ଷାରଜାନ ,ସବୁତକ ଫସ୍‌ଫରସ ଓ ପଟାସ ସାର ପ୍ରୟୋଗ କରନ୍ତୁ।



## ସଘନ କପା

ସଘନ କପା ଚାଷ ପଦ୍ଧତି ପାଇଁ ହେକ୍ଟର ପ୍ରତି ୧୨.୫ କି.ଗ୍ରା. ବିହନକୁ ୬୦ x ୧୦ ସେ.ମି. ବ୍ୟବଧାନରେ ବୁଣାଯାଏ। କପାଚାଷ ପାଇଁ ଜମିକୁ ୮-୧୦ ଓଡ଼ ଗଭୀର ଚାଷ କରି ମଇ ଦେଇ ମାଟିକୁ ଭଲଭାବେ ଗୁଣ୍ଡ କରି ଦିଅନ୍ତୁ । ହେକ୍ଟର ପ୍ରତି ଉନ୍ନତ କିସମ (ଏମ୍‌ସିୟୁ-୫) ବିହନ ବା ସଙ୍କର ଜାତୀୟ (ସବିତା, ସୂର୍ଯ୍ୟ, ବିହନ) ୨.୦-୨.୫ କି.ଗ୍ରା. ଧାଡ଼ିକୁ ଧାଡ଼ି ୯୦ ସେ.ମି. ଏବଂ ମଞ୍ଜିକୁ ମଞ୍ଜି ୬୦ ସେ.ମି. ବ୍ୟବଧାନ ରଖି ଓ ୪-୫ ସେ.ମି. ଗଭୀରରେ ଦୁଇଟି ଲେଖାଏ ମଞ୍ଜି ପୋତନ୍ତୁ ।



# ଖରାଦିନେ ପ୍ରାଣୀଙ୍କ ଯତ୍ନ



ଡା. ବୀରକିଶୋର ପରିଡ଼ା



କୃଷି ସହ ପ୍ରାଣୀ ପାଳନ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ତେଣୁ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ସେହି ସୀମିତ ଜମି ମଧ୍ୟରେ ଉନ୍ନତ ଧରଣର ଅଧିକ ଉତ୍ପାଦନଭିତ୍ତିକ ଚାଷ କରିବା ଆବଶ୍ୟକ। ବର୍ତ୍ତମାନ ସରକାରଙ୍କ ତରଫରୁ ପ୍ରାଣୀସମ୍ପଦ କୃତ୍ରିମ ପ୍ରଜନନ ଦ୍ୱାରା ଦେଶୀଗାଈଠାରୁ ସଙ୍କର ଜାତୀୟ ଅଧିକ ଉତ୍ପାଦନକ୍ଷମ ଜର୍ସି, ରେଡ୍ ସିନ୍ଧି, ହରିୟାଣା ପ୍ରଭୃତି ଦୁଧିଆଳୀ ଗାଈ ଉତ୍ପନ୍ନ କରାଯିବା ସହିତ ବିଭିନ୍ନ ଯୋଜନାରେ ହିତାଧିକାରୀଙ୍କୁ ଉନ୍ନତ ସଙ୍କରଜାତୀୟ ଦୁଧିଆଳୀ ଗାଈ ଋଣ ମାଧ୍ୟମରେ ଯୋଗାଇ ଦିଆଯାଉଛି।

**ଖରାଦିନେ ପ୍ରଜନନ ଶକ୍ତିହୀନତା ବା ବନ୍ଧ୍ୟାତ୍ୱର କାରଣ :** ଖରାଦିନେ ପ୍ରଜନନ ଶକ୍ତିହୀନତା ସୃଷ୍ଟି ହୋଇଥାଏ ।

**ଉତ୍ତାପର ପ୍ରଜନନ ଶକ୍ତି ଉପରେ ପରୋକ୍ଷ ପ୍ରଭାବ :** ଖରାଦିନେ ସୂର୍ଯ୍ୟତାପର ପ୍ରଭାବରେ ସମସ୍ତ ସବୁଜ ଘାସ ବା ପତ୍ର ତନ୍ତୁଯୁକ୍ତ ଓ ଟାଣୁଆ ହୋଇଥାଏ ଏବଂ ଖାଦ୍ୟସାର ବା ଧାତବଲବଣ କମ୍ ପରିମାଣରେ ଥାଏ । ତେଣୁ ଖାଦ୍ୟସାର ଅଭାବ ଯୋଗୁ ଗାଈ ବା ଛଡ଼ାର ଋତୁଚକ୍ର ବନ୍ଦ ହୋଇ ଅସ୍ଥାୟୀ ବନ୍ଧ୍ୟାଦୋଷ ସୃଷ୍ଟି କରାଇଥାଏ ।

**ରୌଦ୍ରତାପରୁ ସୁରକ୍ଷା:** ଖରାଦିନେ ପ୍ରଚଣ୍ଡ ଖରା ବା ଗରମରୁ ରକ୍ଷାପାଇବା ପାଇଁ ଗାଈ ଗୋରୁଙ୍କ ଗୁହାଳ ବା ଫାର୍ମ ନିକଟରେ ବିଭିନ୍ନ କିସମର ଗଛ ଯଥା - ସୁବାବୁଲ୍, ନିମ୍ବ, କୃଷ୍ଣଚୂଡ଼ା, ଅଗସ୍ତି ପ୍ରଭୃତି ଗଛ ଲଗାଇ ଛାଇ ସୃଷ୍ଟି କରିବାପାଇଁ ପଦକ୍ଷେପ ନେବା ଉଚିତ ।

**ଉପଯୁକ୍ତ ବାସସ୍ଥାନ :** ଗୁହାଳେ ମୁକ୍ତ ବାୟୁ ଚଳାଚଳ ପାଇଁ ପ୍ରଶସ୍ତ ଝରକା ବିପରୀତମୁଖୀ ଦିଗରେ ହେବା ଆବଶ୍ୟକ । ଗୁହାଳେ ଉତ୍ତାପ ଓ ଆର୍ଦ୍ରତା କମାଇବା ପାଇଁ ପଦକ୍ଷେପ ନେବା ଉଚିତ । ଖରାଦିନେ ଦେଶୀ ଗୋରୁଙ୍କୁ ନ ବାନ୍ଧି ଖୋଲା ହିସାବରେ ଗୁହାଳେ ଛାଡ଼ି ଦିଆଯାଇଥାଏ । ସଙ୍କର ଜାତୀୟ ଗାଈ ଜଳବାୟୁର ଉତ୍ତାପ ବୃଦ୍ଧି ଯୋଗୁ ଧଇଁସଇଁ ହୋଇଥାଏ। ଦେହରୁ ଜଳୀୟଅଂଶ କମିଯାଏ । କ୍ଷୀର ଉତ୍ପାଦନରେ ବାଧା ସୃଷ୍ଟି ହୁଏ । ତେଣୁ ପ୍ରତ୍ୟେକ ଦିନ ଗାଈଙ୍କୁ ଗାଧୋଇ ଦେବା ଆବଶ୍ୟକ । ଆବଶ୍ୟକସ୍ଥଳେ ଦିନକୁ ଦୁଇଥର ମଧ୍ୟ ଗାଧୋଇ ଦିଆଯାଏ । ପରିଷ୍କାର ଥଣ୍ଡା ପିଇବା ପାଣି ଯଥେଷ୍ଟ ପରିମାଣରେ ବ୍ୟବସ୍ଥା କରିବା ଜରୁରୀ। ଗୋଟିଏ ଗୋରୁ ପାଇଁ ଦିନକୁ ୩୫ଲିଟର ପାଣି ଭରଣପୋଷଣ ଏବଂ ୨ ଲିଟର ପାଣି ପ୍ରତି ୧ ଲିଟର କ୍ଷୀର ଉତ୍ପାଦନ ହିସାବରେ ଆବଶ୍ୟକ କରିଥାନ୍ତି । ମୋଟ ଉପରେ ଦିନକୁ ୧୦୦ଲିଟର ପାଣି ଗୋଟିଏ ଗୋରୁ ପିଛା ପିଇବା ଏବଂ ଅନ୍ୟାନ୍ୟ ବାବଦରେ ଖର୍ଚ୍ଚ ହୋଇଥାଏ। ବାହାରେ ମଇଳା, ନାଳ, ନର୍ଦ୍ଦମାପାଣି ପିଇଲେ ନାଳରକ୍ତ ଝାଡ଼ା ସମ୍ଭାବନା ଥାଏ।

**ଗୁହାଳକୁ ଥଣ୍ଡା ରଖିବା କୌଶଳ :** ବେଣାମୁଠା ଚେରର ପରଦା, ଛଣର ପରଦା, ବାଉଁଶ ପାଦ ପରଦା କିମ୍ବା ଅଖା ଓଦାକରି ସମସ୍ତ ଝରକା ବା ଦ୍ୱାରରେ ଟାଙ୍ଗିବା ଆବଶ୍ୟକ । ଆଜିକାଲି ଏୟାରକୁଲର, ପଙ୍ଖାର ବ୍ୟବହାର ସହରରେ ହେଲାଣି । ଗୁହାଳର ଛପର ଉପରେ ଛଣ, ଜାମୁଡାଳ ଇତ୍ୟାଦି ପକାଇବାର ବ୍ୟବସ୍ଥା କଲେ ସୁଫଳ ମିଳେ ।

**ଉତ୍ତମ ପୁଷ୍ଟିକର ଖାଦ୍ୟର ବ୍ୟବସ୍ଥା :** ଯଦି ସବୁଜ ଗୋଚର ବା ଘାସର ସୁବିଧା ଥାଏ, ତା'ହେଲେ ପ୍ରାତଃ ସକାଳେ ଚରାଇବା ଦରକାର। ଦିନବେଳା ଗୋରୁଙ୍କ ଖାଦ୍ୟ କମାଇ ରାତ୍ରର ଥଣ୍ଡା ସମୟରେ ସୁଷମ ଦାନାଯୁକ୍ତ ଖାଦ୍ୟ ଖୁଆଇବା ଆବଶ୍ୟକ। ଖରାଦିନେ ଗୋରୁମାନେ ସବୁଜଘାସ ପାଇବାରୁ ବଞ୍ଚିତ ହୋଇଥାନ୍ତି । ଫଳରେ ଶରୀରରେ ଧାତବଲବଣ ବା ଭିଟାମିନ୍‌ର ଅଭାବ ପରିଲକ୍ଷିତ ହୁଏ । ତେଣୁ ଧାତବ ଲବଣ ବା ମିନେରାଲ ମିକସ୍ଚର ୪ରୁ ୬ ଚାମଚ ଗୋରୁଙ୍କ ଖୁଆଇବା ଆବଶ୍ୟକ। ଖାଇବା ଲୁଣ ଦିନକୁ ୫୦ ଗ୍ରାମ ଦେଲେ ଭଲ । ସବୁଜ ଘାସ ୬-୮କେଜି ଏବଂ ନଡ଼ା ବା କୁଟା ୨କେଜି ପ୍ରତି ୧୦୦କେଜି ଶରୀରର ଓଜନ ହିସାବରେ ଖୁଆଯିବା ଆବଶ୍ୟକ। ଫାମଗୁଡ଼ିକରେ ଖଣିରେ ସାଇତା ହୋଇଥିବା ସାଇଲେଜ୍ ମଧ୍ୟ ଖାଇବାକୁ ଦିଆଯାଇଥାଏ ।

**ପ୍ରଜନନ ଶକ୍ତିହୀନତା ଏବଂ ବନ୍ଧ୍ୟାତ୍ୱ ଦୂରୀକରଣ ପାଇଁ ବ୍ୟବସ୍ଥା :** ରୌଦ୍ରତାପ ପ୍ରଭାବରୁ ରକ୍ଷାପାଇବା ପାଇଁ ଛଡ଼ା, ଦୁଗ୍ଧ ଦେଉଥିବା ଗାଈ, ପଡ଼ିଆ ଗାଈ ପ୍ରଜନନକ୍ଷମ ଷଣ୍ଢଙ୍କୁ ଉପଯୁକ୍ତ ସୁରକ୍ଷା ପ୍ରଦାନ କରିବା ଆବଶ । ନିକଟରୁ ପର୍ଯ୍ୟବେକ୍ଷଣ କରି ଗରମ ଗାଈର ଲକ୍ଷଣ ଜାଣି ଚିହ୍ନଟ କରିବା ସହିତ ଏହାର ନିର୍ଗତ ଲାଳ ପରୀକ୍ଷା ଏବଂ ଆବଶ୍ୟକ କୃତ୍ରିମ ପ୍ରଜନନ ବ୍ୟବସ୍ଥା । ନିୟମିତ ଗରମ ଚିହ୍ନଟର ପଦ୍ଧତି ଏବଂ କୃତ୍ରିମ ପ୍ରଜନନ ଦିନ ଓ ରାତ୍ରର ଥଣ୍ଡା ପ୍ରହରରେ କିମ୍ବା ପ୍ରାତଃକାଳ ବା ବିଳମ୍ବ ଅପରାହ୍ନରେ ଅଭ୍ୟାସ କରିବା ଉଚିତ । ଗରମ ହେବାର ଠିକ୍ ସମୟରେ କୃତ୍ରିମ ପ୍ରଜନନ ବା ଗରମ ଲକ୍ଷଣ ଆରମ୍ଭ ହେବାର ୧୨ ରୁ ୧୮ଘଣ୍ଟା ମଧ୍ୟରେ ଭଲଗୁଣ ଶୁକ୍ରାଣୁ ଦ୍ୱାରା କୃତ୍ରିମ ପ୍ରଜନନ କରାଇ ନେବା ଆବଶ୍ୟକ । ପ୍ରଜନନ ପରେ ଗାଈକୁ ଧୀରେ ସୁସ୍ଥେ ଘରକୁ ନେବା ଏବଂ ଗାଈକୁ ଥଣ୍ଡା ପାଣିରେ ଗାଧୋଇଦେବା ଦରକାର। ବୁଲା ଷଣ୍ଢଠାରୁ ସର୍ବଦା ଦୂରେଇ ରଖିବା ଆବଶ୍ୟକ। (କ୍ରମଶଃ..)

-ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ,
ଜଗତ୍‌ସିଂହପୁର
ମୋ : ୯୪୩୭୬୦୭୩୧୨

### ପ୍ରଜନନ ଶକ୍ତି ଉପରେ ଉତ୍ତାପର ପ୍ରଭାବ

ଉତ୍ତାପ ପ୍ରାଣୀଙ୍କର ଥାଇରଏଡ୍ ହରମୋନ୍ ଉପରେ ସିଧା ପ୍ରଭାବ ପକାଇଥାଏ। ଫଳରେ ଥାଇରଏଡ୍ ନିର୍ଗତ ହରମୋନ୍ ମସ୍ତିଷ୍କରେ ଥିବା ଆଣ୍ଟେରିଅର ପିଟ୍ୟୁଟାରି ଉପରେ ପ୍ରଭାବ ପଡ଼େ ଏବଂ ଏହା ଲିଙ୍ଗର କାର୍ଯ୍ୟଦକ୍ଷତା ନିୟନ୍ତ୍ରଣ କରିଥାଏ । ଗ୍ରୀଷ୍ମଋତୁରେ ଏଫ୍‌ଏସ୍‌ଏଚ୍ ଓ ଏଲ୍‌ଏଚ୍ ହରମୋନର ଅଭାବ ଦେଖାଦେଇଥାଏ। ଏଥିପାଇଁ ଡିମ୍ବାଣୁ ଡିମ୍ବକୋଷରୁ ଖସେ ନାହିଁ। ଗରମଦିନରେ ରକ୍ତରେ ପ୍ରୋଲାକ୍ଟିନ୍ ହରମୋନ୍ ଅଧିକ ଥାଏ, ଯାହାକି ହାଇପୋଥାଲାମସରୁ ବାହାରୁଥିବା ଗୋନାଡୋଟ୍ରଫିନ୍ ହରମୋନ୍ ଝରଣରେ ବାଧା ସୃଷ୍ଟି କରେ । ଫଳରେ ଗାଈ ପ୍ରଜନନ ଶକ୍ତି ଅସ୍ଥାୟୀ ଭାବେ ହରାଇ ବସନ୍ତି ।

## ମାଛଚାଷ ପ୍ରସ୍ତୁତି

ମାଛଚାଷ ପାଇଁ ଏବେଠୁ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତୁ । ଯେଉଁ ଚାଷୀଭାଇମାନେ ପୋଖରୀକୁ ମେ' ମାସ ଶେଷସୁଦ୍ଧା ଶୁଖାଇ ପାରିନାହାନ୍ତି ସେମାନେ ଜୁନ୍ ମାସ ପ୍ରଥମ ସପ୍ତାହ ମଧ୍ୟରେ ପୋଖରୀରୁ ପାଣି ବାହାର କରି ଶୁଖାଇ ଦିଅନ୍ତୁ । ଶୁଖାଇଥିବା ପୋଖରୀକୁ ଭଲଭାବେ ହଳ କରିଦିଅନ୍ତୁ । ମାଟିର ଅମ୍ଳତାର ମାତ୍ରା ଅନୁସାରେ ଚୂନ ପ୍ରୟୋଗ କରନ୍ତୁ। ଜୁନ୍ ମାସ ୧୫ ତାରିଖ ପରେ ବର୍ଷା ହେଲେ ପୋଖରୀରେ ପାଣି ରହିବ। ଏହି ସମୟରେ ଏକର ପ୍ରତି ଏକ ଟନ୍ ହିସାବରେ କଞ୍ଚା ଗୋବର ପାଣିରେ ମିଶାଇ ଦିଅନ୍ତୁ। ଏହା ମାଛର ପ୍ରାକୃତିକ ଖାଦ୍ୟ ପ୍ରସ୍ତୁତ କରିବାରେ ସାହାଯ୍ୟ କରେ ।



## ଜାଣିରଖନ୍ତୁ

- ଖରାଟିଆ ଚାଷ ନିଶ୍ଚିତ ଭାବେ କରନ୍ତୁ। ଏହାଦ୍ୱାରା ରୋଗପୋକ ଓ ଘାସ ଦମନ କରାଯାଇପାରିବ ଏବଂ ଫସଲ ଶୀଘ୍ର ବୁଣାଯାଇପାରିବ।
- ଧାନ ବଦଳରେ ଅଣଧାନ ଫସଲ ଯଥା ମକା-ବରଗୁଡି, ହରଡ଼, ବିରି, ମାଣ୍ଡିଆ, ଚିନାବାଦାମ, ଜଡ଼ା ଓ କନ୍ଦମୂଳ ଇତ୍ୟାଦି ଚାଷ କରନ୍ତୁ। ମରୁଡ଼ି ସହଣି ଥିବା ଗଭୀର ଚେର, ଶୀଘ୍ର ବୃଦ୍ଧି ଓ ସ୍ୱଳ୍ପ ଅବଧି କିସମ ଚୟନ କରନ୍ତୁ।
- ଅମ୍ଳ ମାଟିରେ ଚୂନ, କାଗଜକଲ ମଇଳା ଇତ୍ୟାଦି ମୃତ୍ତିକା ସଂଶୋଧନ ବ୍ୟବହାର କରନ୍ତୁ। ଫଳତଃ ଜମିରେ ଘାସ କମ୍ ହୋଇଥାଏ। ଅଧିକ ଜଳ ସଞ୍ଚିତ ହୁଏ ଓ ଅମଳ ଅଧିକ ହୋଇଥାଏ।
- ଏକକ ଫସଲ ପରିବର୍ତ୍ତେ ମିଶ୍ରିତ ବା ଅନ୍ତଃ ଫସଲ ଚାଷ କରନ୍ତୁ। ଢିପ ଜମିଗୁଡିକରେ କେବଳ ଧାନ ନ କରି ଅନ୍ୟ ଫସଲ ଯଥା-ମୁଗ, ବିରି, ହରଡ଼, ମାଣ୍ଡିଆ, ମକା ଆଦି ଫସଲ ଅନ୍ତଃଫସଲ ହିସାବରେ ନିଆଯାଇପାରେ। ବୁଣିବାବେଳେ ନାଳିରେ ଖତ ପ୍ରୟୋଗ କରନ୍ତୁ।
- ମରୁଡ଼ି ସହି ପାରୁଥିବା ଧାନ କିସମ ଯଥା-ଅନ୍ନଦା, ପଥରା, ଯୋଗେଶ, ଖଣ୍ଡଗିରି, କଳିଙ୍ଗ-୩, ହୀରା, ବନ୍ଦନା ଇତ୍ୟାଦି ବ୍ୟବହାର କରନ୍ତୁ।



## କୁଜିସାରୁ

ଜଳସେଚନର ସୁବିଧା ଥିଲେ ମେ'ରୁ ଜୁନ୍ ମାସରେ ସାରୁ ଲଗାନ୍ତୁ। ତେଲିଆ, ମୁକ୍ତାକେଶୀ,ଟୋପି,ସାତମୁଖ ଓ ଝାଙ୍କଡି ଆଦି କିସମ ଲଗାନ୍ତୁ। ସାଧାରଣତଃ ସାରୁ ପୁଆ ବିହନ ଆକାରରେ ବ୍ୟବହାର କରାଯାଏ। ପୁଆଗୁଡିକ ୧୫ରୁ ୨୦ଗ୍ରାମ୍ ଓଜନର ସୁସ୍ଥ ନୀରୋଗ ସାରୁ ଲଗାନ୍ତୁ। ଏକ ଏକର ପସଲ ପାଇଁ ୪କୁଇଣ୍ଟାଲ ବିହନ ବ୍ୟବହାର କରନ୍ତୁ। ପ୍ରତି କି.ଗ୍ରା. ସାରୁ ବିହନକୁ ୨ଗ୍ରାମ୍ ମେଟାଲାକ୍ସିଲ୍ ଓ ମାଙ୍କୋଜେବ୍ ମିଶ୍ରଣରେ ବିଶୋଧନ କରି ଲଗାନ୍ତୁ। ଜମିର ପ୍ରକାର ଅନୁସାରେ ୨-୩ଓଡ ଗଭୀର ଚାଷ କରି ମଇ ଦେଇ ମାଟି ଭଲ ଭାବରେ ଗୁଣ୍ଡକରି ସମତୁଲ କରନ୍ତୁ। ଶେଷ ଓଡ ଚାଷ ପୂର୍ବରୁ ଏକର ପ୍ରତି ୪ରୁ ୫ଟନ୍ ଶଢ଼ା ଗୋବର ଖତ ମାଟି ସହ ଭଲ ଭାବରେ ମିଶାଇ ଦିଅନ୍ତୁ। ବିହନ ଲଗାଇବା ପୂର୍ବରୁ ଏକର ପ୍ରତି ୧୬କି.ଗ୍ରା. ଯବକ୍ଷାରଜାନ, ୨୪କି.ଗ୍ରା. ଫସ୍‌ଫରସ, ୧୬କି.ଗ୍ରା. ପଟାସ ପ୍ରୟୋଗ କରନ୍ତୁ। ପରେ ଗଜା ବାହାରିବାର ୭ରୁ ୧୦ଦିନ ପରେ ୨୦କି.ଗ୍ରା. ଯବକ୍ଷାରଜାନ ,୨୦କି.ଗ୍ରା. ପଟାସ ସାର ପ୍ରୟୋଗ କରନ୍ତୁ।



## ଲୋଟଣୀ ଜାତୀୟ ଚିନାବାଦାମ ଚାଷ



ଲୋଟଣୀ ଜାତୀୟ ଚିନାବାଦାମ କରୁଥିଲେ ମଞ୍ଜିକୁ ମଞ୍ଜି ୧୫ ସେ.ମି. ବ୍ୟବଧାନ ରଖିବା ଆବଶ୍ୟକ। ହେକ୍ଟର ପ୍ରତି ୨୫ ଗାଡ଼ି ଶଢ଼ା ଗୋବର ଖତ ବା କମ୍ପୋଷ୍ଟ, ୫୦୦ କି.ଗ୍ରା. କାଗଜକଲ ମଇଳା ସହ ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ଶେଷଓଡ଼ ଚାଷ ସମୟରେ ପ୍ରୟୋଗ କରନ୍ତୁ । ଚିନାବାଦାମ ଗନ୍ଧକ ଓ ଚୂନ ଚାହିଦା ମେଣ୍ଟାଇବା ପାଇଁ ଫସ୍‌ଫରସ୍ ସାରକୁ ସିଙ୍ଗଲ୍ ସୁପର ଫସ୍‌ଫେଟ୍ ଆକାରରେ ପ୍ରୟୋଗ କରନ୍ତୁ ନଚେତ୍ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍ ପ୍ରୟୋଗ କରନ୍ତୁ । ଉଇ ଉପଦ୍ରୁତ ଅଞ୍ଚଳରେ ଶେଷଓଡ଼ ଚାଷବେଳେ ହେକ୍ଟର ପ୍ରତି ୨୫ କି.ଗ୍ରା. କ୍ଲୋରପାଇରିଫସ୍ ଗୁଣ୍ଡ ପ୍ରୟୋଗ କରି ମାଟିରେ ମିଶାଇ ଦିଅନ୍ତୁ । ପ୍ରଥମେ ଜମିକୁ ଗଭୀର ଚାଷ କରି ମାଟି ଗୁଣ୍ଡ କରନ୍ତୁ । ହେକ୍ଟର ପ୍ରତି ୧୨୦ କି.ଗ୍ରା. ମଞ୍ଜି ବ୍ୟବହାର କରନ୍ତୁ (୧୭୫ କି.ଗ୍ରା. ଚୋପାଲଗା ଚିନାବାଦାମ) । ଧାଡ଼ିକୁ ଧାଡ଼ି ୩୦ ସେ.ମି. ଓ ମଞ୍ଜିକୁ ମଞ୍ଜି ୧୦ ସେ.ମି. ବ୍ୟବଧାନ ରଖନ୍ତୁ ।

## ସଅଳ କିସମ ଧାନ ବୁଣିବା ସମୟରେ...

ସହଳ କିସମ ଧାନ ଧାଡ଼ିକୁ ଧାଡ଼ି ୧୫ ସେ.ମି. ଓ ବିଳମ୍ବ କିସମରେ ୨୦ ସେ.ମି. ବ୍ୟବଧାନ ରଖନ୍ତୁ। ହେକ୍ଟର ପ୍ରତି ୮୦ କି.ଗ୍ରା. ବିହନ ବିଶୋଧନ କରି ବୁଣନ୍ତୁ । ଯେଉଁଠାରେ ଜଳର ସୁବିଧା ଅଛି ରୋଇବା ନିମନ୍ତେ ତଳିଘରା ପ୍ରସ୍ତୁତ କରନ୍ତୁ । ୧ ହେକ୍ଟର ପାଇଁ ତଳି ଉତାରିବା ନିମନ୍ତେ ଆବଶ୍ୟକ ୨୫ ଡେସିମିଲି ତଳିଘରାରେ ୧ ମିଟର ଚଉଡ଼ାର ପଟି କରି ମଝିରେ ମଝିରେ ୩୦ ସେ.ମି. ଉଚ୍ଚତାର ନାଳି ଛାଡ଼ନ୍ତୁ । ତଳି ପଟିଗୁଡ଼ିକରେ ଆବଶ୍ୟକ ହେଉଥିବା ୫୦ କି.ଗ୍ରା. ଅଧିକ ଅମଳକ୍ଷମ ନଚେତ୍ ୧୫ କି.ଗ୍ରା. ସଙ୍କର କିସମ ଓଦା ତଳିଘରାରେ ଗଜା ଫିଟିଥିବା ବିହନ ବୁଣନ୍ତୁ । ଧାନ ଚାଷ ପୂର୍ବରୁ ଜମିକୁ ଗଭୀର ଚାଷ କରି ମାଟିକୁ ଗୁଣ୍ଡ କରନ୍ତୁ ଓ ମଇ ଦେଇ ସମତୁଲ କରନ୍ତୁ । ଶେଷ ଓଡ଼ ଚାଷ ବେଳେ ହେକ୍ଟର ପ୍ରତି ୧୦ ଗାଡ଼ି ଶଢ଼ା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ଛଟାବୁଣା ନ କରି ବିହନ ବୁଣା ଯନ୍ତ୍ର ସାହାଯ୍ୟରେ ଅଥବା ଲଙ୍ଗଳ ସିଆରରେ ୨-୩ ସେ.ମି. ଗଭୀରରେ ଓ ଧାଡ଼ିରେ ବିହନ ବୁଣନ୍ତୁ । ବୁଣିସାରି ଥରେ ମଇ ଦେଇ ଦିଅନ୍ତୁ ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ମେ ୧୦/୨୦୨୩ Bhubaneswar, Wednesday, May 10/ 2023

# ଷଷ୍ଠ ବିଜୟ ସହ ତୃତୀୟରେ ମୁମ୍ବାଇ

**ମୁମ୍ବାଇ, ୯।୫**

ଜାସନ ବେହେରନଡର୍ଫଙ୍କ ଚମତ୍କାର ବୋଲିଂ ଏବଂ ସୂର୍ଯ୍ୟକୁମାର ଯାଦବ ଓ ନେହାଲ ୱାଧେରାଙ୍କ ଦ୍ରୁତ ଶତକୀୟ ଭାଗୀଦାରି ବଳରେ ମୁମ୍ବାଇ ଇଣ୍ଡିଆନ୍ସ ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍‌ର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି)କୁ ୬ ଉଇକେଟରେ ହରାଇ ଦେଇଛି। ଆରସିବି ୨୦ ଓଭରରେ ୬ ଉଇକେଟ ହରାଇ ୧୯୯ ରନ କରିଥିଲା। ଜବାବରେ ମୁମ୍ବାଇ ୧୬.୩ ଓଭରରେ ୪ ଉଇକେଟ ହରାଇ ୨୦୦ ରନ ସଂଗ୍ରହ କରି ନେଇଥିଲା। ଚଳିତ ଲିଗ୍‌ରେ ଷଷ୍ଠ ବିଜୟ ସହ ମୁମ୍ବାଇ ଇଣ୍ଡିଆନ୍ସ ପଏଣ୍ଟ ଟେବୁଲର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଟପ୍ ଅର୍ଡରରେ ଅଧିନାୟକ ରୋହିତ ଶର୍ମା ବିଫଳ ହୋଇଥିଲେ ହେଁ ଇଶାନ କିଶନ ଆକ୍ରମଣାତ୍ମକ ବ୍ୟାଟିଂ କରି ବଢ଼ିଆ ଆରମ୍ଭ କରିଥିଲେ। ସେ ୨୧ ବଲ୍‌ରୁ ୪୨ (୪ ଚୌକା, ୪ ଛକା) ରନ ସଂଗ୍ରହ କରିଥିଲେ। ୫ମ ଓଭରରେ ୱାନିନ୍ଦୁ ହସରଙ୍ଗା ଉଭୟ କିଶନ ଓ ରୋହିତ ଶର୍ମାଙ୍କୁ ଆଉଟ କରି ଆରସିବି ପାଇଁ ଆଶା ସଞ୍ଚାର କରିଥିଲେ। ମାତ୍ର ଅନ୍ୟ ବୋଲରଙ୍କ ବିଫଳତା ଦଳପାଇଁ ମହଙ୍ଗା ପଡ଼ିଥିଲା। ସୂର୍ଯ୍ୟକୁମାର ଯାଦବ ୩୫ ବଲ୍‌ରୁ ୮୩ (୭ ଚୌକା, ୬ ଛକା) ଓ ନେହାଲ ୱାଧେରା ୩୪ ବଲ୍‌ରୁ ୫୨*(୪ ଚୌକା, ୩ ଛକା) ରନ ସ୍କୋର କରି ଆରସିବି ହାତରୁ ମ୍ୟାଚ ଛଡ଼ାଇ ଆଣିଥିଲେ। ଦୁହେଁ ତୃତୀୟ ଉଇକେଟରେ ୬୬ ବଲ୍‌ରୁ ୧୪୦ ରନ ସଂଗ୍ରହ କରିଥିଲେ। ୧୬ତମ ଓଭରରେ ବିଜୟ କୁମାର ବ୍ୟଶକ ୨ଟି ଉଇକେଟ ନେଇଥିଲେ ହେଁ ସେତେବେଳକୁ ବହୁ ବିଳମ୍ବ ହୋଇ ଯାଇଥିଲା। ବିଜୟ ଫଳରେ ମୁମ୍ବାଇର ପ୍ଲେ-ଅଫ୍ ଆଶା ଉଜ୍ଜୀବିତ ହୋଇଛି।

ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଆରସିବି ପ୍ରଥମ ଓଭରର ୫ମ ବଲ୍‌ରେ ବିରାଟ କୋହଲିଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ିଥିଲା। ତୃତୀୟ ଓଭରରେ ଅନୁଜ ରାୱତ ଆଉଟ ହୋଇଯିବାରୁ ୧୬ ରନରେ ଦଳର ଦ୍ୱିତୀୟ ଉଇକେଟର ପତନ ଘଟିଥିଲା। ତେବେ ଅଧିନାୟକ ଫାଫ୍ ଡୁପ୍ଲେସି ଓ ଗ୍ଲେନ ମ୍ୟାକ୍ସୱେଲ ତୃତୀୟ ଉଇକେଟରେ ୬୨ ବଲ୍‌ରୁ ୧୨୦ ରନ ସଂଗ୍ରହ କରି କେବଳ ଯେ ଇନିଂସ ସମ୍ଭାଳିଥିଲେ ତା' ନୁହେଁ ଦ୍ରୁତ ହାରରେ ରନ ସଂଗ୍ରହ କରି ଦଳକୁ ବଡ଼ ସ୍କୋର ଆଡ଼କୁ ନେଇ ଯାଇଥିଲେ। ଆରସିବିର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିବା ଜାସନ ବେହରେନ ଡର୍ଫ ୧୩ତମ ଓଭରର ତୃତୀୟ ବଲ୍‌ରେ ମ୍ୟାକ୍ସୱେଲଙ୍କୁ ଆଉଟ କରି ମୁମ୍ବାଇକୁ ବଡ଼ ବ୍ରେକ୍ ଥ୍ରୁ ଦେଇଥିଲେ। ମାତ୍ର ୩୩ଟି ବଲ୍‌ର ସମ୍ମୁଖୀନ ହୋଇଥିବା ମ୍ୟାକ୍ସୱେଲ ୮ ଚୌକା ଓ ୪ ଛକା ସହାୟତାରେ ୬୮ ରନ ସ୍କୋର କରିଥିଲେ। ଏକାଗ୍ରତା ହରାଇ ଡୁପ୍ଲେସି ମଧ୍ୟ ୬୫ ରନ କରିଥିବାବେଳେ କାମେରନ ଗ୍ରୀନ୍‌ଙ୍କ ବଲ୍‌ରେ ଆଉଟ ହୋଇ ଯାଇଥିଲେ। ସେ ୪୧ ବଲ୍‌ରୁ ୫ ଚୌକା ଓ ୩ ଛକା ସହାୟତାରେ ୬୫ ରନ କରିଥିଲେ। ଛୋଟ ଇନିଂସ ଖେଳିଥିଲେ ହେଁ ଦୀର୍ଘଦିନପରେ ପ୍ରଭାବୀ ବ୍ୟାଟିଂ କରିଥିଲେ ଦୀନେଶ କାର୍ତ୍ତିକ। ସେ ୧୮ ବଲ୍‌ରୁ ୩୦ (୪ ଚୌକା, ୧ ଛକା) ରନ ସ୍କୋର କରିଥିଲେ। ଇମ୍ପାକ୍ଟ ସବ୍‌ଷ୍ଟିଚ୍ୟୁଟଭାବେ ଆସିଥିବା କେଦାର ଯାଦବ ବିଶେଷ ପ୍ରଭାବ ପକାଇପାରି ନ ଥିଲେ। ସେ ୧୦ ବଲ୍‌ରୁ ମାତ୍ର ୧୨ ଏବଂ ୱାନିନ୍ଦୁ ହସରଙ୍ଗା ୮ ବଲ୍‌ରୁ ୧୨ ରନରେ ଅପରାଜିତ ରହିବାରୁ ଆରସିବି ସ୍କୋର ୧୯୯ରେ ସୀମିତ ରହିଥିଲା। ଶେଷ ଓଭରରୁ ମାତ୍ର ୬ ରନ ସଂଗ୍ରହ କରି ପାରିଥିଲା।




ଉଇକେଟ ନେବାପରେ ଜାସନ ବେହରେନଡର୍ଫ। ଶତକୀୟ ଭାଗୀଦାରି ଅବସରରେ ଫାଫ୍ ଡୁପ୍ଲେସି ଓ ଗ୍ଲେନ ମ୍ୟାକ୍ସୱେଲ।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**ଚେନ୍ନାଇ ବନାମ ଦିଲ୍ଲୀ**

ସ୍ଥାନ:ଚେନ୍ନାଇ,
ସମୟ: ରାତି ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୨୦ ଓଭରରେ ୧୯୯/୬ (ଗ୍ଲେନ ମ୍ୟାକ୍ସୱେଲ-୬୮, ଫାଫ୍ ଡୁପ୍ଲେସି-୬୫, ଦୀନେଶ କାର୍ତ୍ତିକ-୩୦, ଜାସନ ବେହରେନଡର୍ଫ-୩/୩୬, କାମେରନ ଗ୍ରୀନ୍-୧/୧୫, କ୍ରିସ୍ ଜୋର୍ଡାନ-୧/୪୮, କୁମାର କାର୍ତ୍ତିକେୟ-୧/୩୫)। ମୁମ୍ବାଇ ଇଣ୍ଡିଆନ୍ସ ୧୬.୩ ଓଭରରେ ୨୦୦/୪ (ସୂର୍ଯ୍ୟକୁମାର ଯାଦବ-୮୩, ନେହାଲ ୱାଧେରା-୫୨, ଇଶାନ କିଶନ-୪୨, ୱାନିନ୍ଦୁ ହସରଙ୍ଗା-୨/୫୩, ବିଜୟକୁମାର ବ୍ୟଶକ-୨/୩୭)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଗୁଜରାଟ ଟାଇଟନ୍ସ | ୧୧ | ୮ | ୩ | ୧୬ | +୦.୯୫୧ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୧ | ୬ | ୪ | ୧୩ | +୦.୪୦୯ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୧ | ୬ | ୫ | ୧୨ | -୦.୨୫୫ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୧ | ୫ | ୫ | ୧୧ | +୦.୨୯୪ |
| ରାଜସ୍ଥାନ ରୟାଲ୍ସ | ୧୧ | ୫ | ୬ | ୧୦ | +୦.୩୮୮ |
| କୋଲକାତା ନାଇଟ ରାଇଡର୍ସ | ୧୧ | ୫ | ୬ | ୧୦ | -୦.୦୭୯ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୧୧ | ୫ | ୬ | ୧୦ | -୦.୩୪୫ |
| ପଞ୍ଜାବ କିଙ୍ଗ୍ସ | ୧୧ | ୫ | ୬ | ୧୦ | -୦.୪୪୧ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୦ | ୪ | ୬ | ୮ | -୦.୪୭୨ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୦ | ୪ | ୬ | ୮ | -୦.୫୨୯ |

ବି.ଦ୍ର.: ମେ' ୩ରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଓ ଚେନ୍ନାଇ ସୁପର କିଙ୍ଗ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ ବର୍ଷା ଯୋଗୁ ବାଧାପ୍ରାପ୍ତ ହୋଇ ଫଳାଫଳ ବିହୀନ ରହିଥିଲା।

# ପଞ୍ଜାବ ୧୦-୧ରେ ବିଜୟୀ

**ଜାତୀୟ ସବ୍‌ଜୁନିୟର ମହିଳା ହକି**

**ରାଉରକେଲା ଅଫିସ/ଭୁବନେଶ୍ୱର, ୯।୫ (କ୍ରୀଡ଼ା ପ୍ରତିନିଧି)**

ରାଉରକେଲାର ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ଚାଲିଥିବା ୧୩ତମ ଜାତୀୟ ସବ୍‌ଜୁନିୟର ମହିଳା ହକି ଚାମ୍ପିୟନଶିପ୍‌ର ମଙ୍ଗଳବାର ଅନୁଷ୍ଠିତ ମ୍ୟାଚ ଗୁଡ଼ିକ ମଧ୍ୟରେ ପଞ୍ଜାବ, ଆନ୍ଧ୍ର ପ୍ରଦେଶ, ଚଣ୍ଡିଗଡ଼ ଓ ତେଲେଙ୍ଗାନା ଦଳ ବିଜୟ ହାସଲ କରିଛି। ଦିବସର ପ୍ରଥମ ମ୍ୟାଚରେ ପଞ୍ଜାବ ୧୦-୧ ଗୋଲରେ ମଣିପୁରକୁ ହରାଇ ଦେଇଛି। ବିଜୟୀ ଦ, ପକ୍ଷରୁ ତନୁ ରାଣୀ ୧୬, ୪୩ ଓ ୫୮ତମ ମିନିଟରେ ୩ ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିବାବେଳେ ହରଜୋତ କୌର ୪ ଓ ୫୩, ମସ୍କିନପ୍ରୀତ କୌର ୧୪ ଓ ୬୦ ଏବଂ ଶରନଜିତ କୌର ୧୯ ଓ ୫୦ତମ ମିନିଟରେ ୨ଟି ଲେଖାଏ ଏବଂ ସାନ୍ନା ୫୫ତମ ମିନିଟରେ ଗୋଟିଏ ଗୋଲ ଦେଇଥିଲେ। ମଣିପୁର ଅଧିନାୟିକା ମୁତୁମ ପ୍ରୀୟା ଦେବୀ ୧୫ତମ ମିନିଟରେ ଗୋଟିଏ ଗୋଲକ ପରିଶୋଧ କରିଥିଲେ। ଦ୍ୱିତୀୟ ଗେମ୍‌ରେ ଆନ୍ଧ୍ର ପ୍ରଦେଶ ୫-୦ ଗୋଲରେ ଗୁଜରାଟକୁ ହରାଇଛି। ଆନ୍ଧ୍ର ପ୍ରଦେଶ ପକ୍ଷରୁ କୁପ୍ପା ତୁଲସୀ ୧୨ ଓ ୫୮ ଏବଂ ଅଧିନାୟିକା ବୋମ୍ମୁ ଅଙ୍କିତା ୫୩ ଓ ୫୮ତମ ମିନିଟରେ ୨ଟି ଲେଖାଏ ଗୋଲ ଦେଇଥିବାବେଳେ ରଗୁଲା ନାଗମଣୀ ୪୩ତମ ମିନିଟରେ ଗୋଟିଏ ଗୋଲ ସ୍କୋର କରିଥିଲେ।

ତୃତୀୟ ମ୍ୟାଚଟି ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଏଥିରେ ଚଣ୍ଡିଗଡ଼ ୩-୨ ଗୋଲରେ ବିହାରକୁ ପରାସ୍ତ କରିଥିଲା। ଚଣ୍ଡିଗଡ଼ ପକ୍ଷରୁ ତମନ୍ନା ୮ ଓ ୨୦ତମ ମିନିଟରେ ୨ଟି, ପୂଜା ୧୩ତମ ମିନିଟରେ ଗୋଟିଏ ଏବଂ ବିହାରର ଶାନ୍ତି କୁମାର ୧୧ ଓ ୩୯ତମ ମିନିଟରେ ୨ଟି ଗୋଲ ଦେଇଥିଲେ। ୪ର୍ଥ ମ୍ୟାଚରେ ତେଲେଙ୍ଗାନା ୨-୦ରେ ଗୋଆକୁ ପରାସ୍ତ କରିଛି। ବିଜୟୀ ଦଳର କାଞ୍ଚାର୍ଲା ଅକ୍ଷୟା ୪୨ ଓ ଅଧିନାୟିକା କେଥବଥ ଅନିତା ୫୫ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ।




# ସ୍ପୋର୍ଟ୍ସ ଓଡ଼ିଶାର ଚତୁର୍ଥ ବିଜୟ

**ଇଣ୍ଡିଆନ ଓମେନ୍ସ ଲିଗ୍**

**ଅହମଦାବାଦ, ୯।୫**

ଇଣ୍ଡିଆନ ଓମେନ୍ସ ଲିଗ୍ (ଆଇଡବ୍ଲ୍ୟୁଏଲ୍)ରେ ସ୍ପୋର୍ଟ୍ସ ଓଡ଼ିଶା ଚତୁର୍ଥ ବିଜୟ ହାସଲ କରିଛି। ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ଦଳ ୨-୧ ଗୋଲରେ ଇଷ୍ଟବେଙ୍ଗଲ ଏଫ୍‌ସିକୁ ପରାସ୍ତ କରିଛି। ମ୍ୟାଚଟି ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲା। କଡ଼ା ଟକ୍କର ସତ୍ତ୍ୱେ ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲା। ମ୍ୟାଚର ୬୦ତମ ମିନିଟରେ ଏକ ଗୋଲ ଦେଇ ରେଖା ପୌଦେଲ ସ୍ପୋର୍ଟ୍ସ ଓଡ଼ିଶାକୁ ଅଗ୍ରଣୀ କରିଥିଲେ। ମାତ୍ର ଏହାର ୩ ମିନିଟ ପରେ ଇଷ୍ଟ ବେଙ୍ଗଲ୍‌ର ମୌସମୀ ମୁର୍ମୁ ଗୋଲଟି ପରିଶୋଧ କରିଦେବାରୁ ମ୍ୟାଚ ୧-୧ ସ୍ଥିତିକୁ ଚାଲି ଆସିଥିଲା। ମ୍ୟାଚଟି ଡ୍ର' ଆଡ଼କୁ ମୁହାଁଉଥିବାବେଳେ ଇଞ୍ଜୁରି ଟାଇମ୍ ଅର୍ଥାତ୍ ୯୦+୪ ମିନିଟରେ ରିତୁ ଦେବୀ ଏକ ଗୋଲ ସ୍କୋର କରି ସ୍ପୋର୍ଟ୍ସ ଓଡ଼ିଶାକୁ ବିଜୟୀ କରିଥିଲେ। ୬ ମ୍ୟାଚରୁ ୪ର୍ଥ ବିଜୟ ସହ ଓଡ଼ିଶା ଏଫ୍‌ସି ୧୨ ପଏଣ୍ଟ ପାଇଛି। ଫଳରେ ପଏଣ୍ଟ ଟେବୁଲର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଗୋକୁଲମ୍ କେରଳ ଏଫ୍‌ସି ୧୬ ଓ ହୋପ୍ସ ଫୁଟବଲ କ୍ଲବ ୧୨ ପଏଣ୍ଟ ପାଇ ପ୍ରଥମ ଦୁଇ ସ୍ଥାନରେ ରହିଛନ୍ତି। ଦିବସର ଅନ୍ୟ ମ୍ୟାଚ ଗୁଡ଼ିକ ମଧ୍ୟରେ ମିସାକା ୟୁନାଇଟେଡ ଏଫ୍‌ସି ୬-୦ ଗୋଲରେ କାହାନି ଫୁଟବଲ କ୍ଲବ୍‌କୁ ହରାଇଥିବାବେଳେ ଗୋକୁଲମ୍ କେରଳ ୯-୦ରେ ମାତା ରୁକ୍ମଣୀ ଫୁଟବଲ କ୍ଲବକୁ ଏବଂ ହୋପ୍ସ ଫୁଟବଲ କ୍ଲବ ୨-୦ରେ ମୁମ୍ବାଇ ନାଇଟ୍ସ ଏଫ୍‌ସିକୁ ପରାସ୍ତ କରିଛି।

# କେନ୍ଦ୍ରାପଡ଼ାରେ ରାଜ୍ୟ ମହିଳା ଚେସ୍

**ଗ୍ରୀଷ୍ମକାଳୀନ ଚେସ୍ ଶିବିର ୨୫ରୁ**

**ଭୁବନେଶ୍ୱର, ୯।୫ (କ୍ରୀଡ଼ା ପ୍ରତିନିଧି)**

ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ୍ ଓ କେନ୍ଦ୍ରାପଡା ଜିଲା ଚେସ୍ ଆସୋସିଏଶନ୍ ଆନୁକୂଲ୍ୟରେ ଆସନ୍ତା ୨୦ ଓ ୨୧ ତାରିଖ ଦୁଇଦିନଧରି ରାଜ୍ୟ ମହିଳା ଚେସ୍ ପ୍ରତିଯୋଗିତା କେନ୍ଦ୍ରାପଡାରେ ଅନୁଷ୍ଠିତ ହେବ। ଏହା ବ୍ୟତୀତ ସେଠାରେ ଚେସ୍ ଖେଳର ପ୍ରଚାର ପ୍ରସାର ଲକ୍ଷ୍ୟରେ ଆସନ୍ତା ୨୫ରୁ ୩୦ ପର୍ଯ୍ୟନ୍ତ ଏକ ଗ୍ରୀଷ୍ମକାଳୀନ ଚେସ୍ ଶିବିର ଅନୁଷ୍ଠିତ ହେବାକୁ ଯାଉଛି। ମହିଳା ଚେସ୍ ପାଇଁ ପିଙ୍କି ମହାପାତ୍ର ଏବଂ ସମରକ୍ୟାମ୍ପ ପାଇଁ ନାରାୟଣ ଦାସ, ଲଲାଟ କେଶରୀ ସାମଲଙ୍କ ସହ ଯୋଗାଯୋଗ କରାଯାଇ ପାରିବ ବୋଲି ଓଡ଼ିଶା ଚେସ୍ ଆସୋସିଏଶନ୍ ସମ୍ପାଦକ ଦେବବ୍ରତ ଭଞ୍ଜ ପ୍ରକାଶ କରିଛନ୍ତି।

# ଝାରସୁଗୁଡ଼ା ୩, ବୌଦ୍ଧ ୨

**ସାହାଣୀ କପ୍ ଫୁଟବଲ**

**ଭୁବନେଶ୍ୱର, ୯।୫(କ୍ରୀଡ଼ା ପ୍ରତିନିଧି)**

ସିନିୟର ପୁରୁଷ ଆନ୍ତଃ ଜିଲା ଫୁଟ୍‌ବଲ ଚାମ୍ପିୟନଶିପ୍ ସାହାଣୀ କପ୍‌ର ୨ଟି କ୍ୱାର୍ଟର ଫାଇନାଲ ଲିଗ୍ ମ୍ୟାଚ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ା ବିଜୟୀ ହୋଇଥିବାବେଳେ ସୁନ୍ଦରଗଡ଼ ଓ ବରଗଡ଼ ମଧ୍ୟରେ ଅନୁଷ୍ଠିତ ମ୍ୟାଚଟି ଗୋଲଶୂନ୍ୟ ଡ୍ର ରହିଛି। ସ୍ଥାନୀୟ କ୍ୟାପିଟାଲ ଫୁଟବଲ ଆରେନାରେ ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଝାରସୁଗୁଡ଼ା ୩-୨ ଗୋଲରେ ବୌଦ୍ଧକୁ ପରାସ୍ତ କରିଛି। ଝାରସୁଗୁଡ଼ା ପକ୍ଷରୁ ରୋମି ଓରାମ ୪୫+୧ ଓ ୮୬ତମ ମିନିଟରେ ୨ଟି ଏବଂ ଘାସିରାମ ମାଝି ୧୪ତମ ମିନିଟରେ ଗୋଟିଏ ଗୋଲ ଦେଇଥିଲେ। ବରଗଡ଼ ପକ୍ଷରୁ ଜୀତେନ୍ଦ୍ର ଦେହୁରୀ ୫୨ ଓ ସମୀର ପ୍ରଧାନ ୮୫ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ପରିଶୋଧ କରିଥିଲେ। ସୁନ୍ଦରଗଡ଼-ବରଗଡ଼ ମ୍ୟାଚ କଟକ ଚୌଦ୍ୱାରସ୍ଥିତ ଓଟିଏମ୍ ଗ୍ରାଉଣ୍ଡରେ ଅନୁଷ୍ଠିତ ହୋଇଥିଲା। ଯୁଗଳ କିଶୋର ଦାସ ଓ ସୁଦୀପ୍ତା ଦାଶ ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ